# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୦/୨୦୨୬ (୧୪ ପୃଷ୍ଠା) | Bhubaneswar, Friday, January 30/2026 | Page 14 | ₹ 7.00 | BALASORE

୫୨ଶ ଭାଗ ୬୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 67 | ମୂଲ୍ୟ₹୭/-






BEST EXCHANGE POLICY | CUSTOMIZATION AVAILABLE | FREE LIFETIME CLEANING | FOR MONEY BEST VALUE | TRY BEFORE YOU BUY | WIDEST RANGE OF SILVER PRODUCTS | HALLMARKED & QUALITY TESTED PRODUCTS

**Customer Care No. : +91 77358 15620**

**KHANDAGIRI**
*NEAR KHANDAGIRI SBI BANK*
***Call : +91 72055 17666***

**LINK ROAD**
*ARUNODAYA MARKET AREA, CUTTACK*
***Call : +91 91246 50261***

**BOLANGIR**
*BESIDE RAJKUMAR TAILOR, NEAR SAMALESWARI TEMPLE*
***Call : +91 91245 94683***

**KHURDHA**
*OLD BUS STAND NEAR FOREST RANGE OFFICE*
***Call : +91 91246 26682***

**BARGARH**
*PLOT NO-173/10972, NEAR BHATLI CHOWK*
***Call : +91 91245 87680***

**DHENKANAL**
*BESIDES SAI KRIPA PLUS 2 SCIENCE COLLEGE,*
***Call : +91 91245 87677***

**CUTTACK : CANTONMENT ROAD & CDA SEC-9 | ANGUL | BALASORE | BHADRAK | JAJPUR | BARIPADA | JHARSUGUDA | ROURKELA | SUNDARGARH | BERHAMPUR | TALCHER | NAYAGARH | BHUBANESWAR : SAHEED NAGAR | PATIA | SOUBHAGYA NAGAR | JANPATH | RASULGARH | NAYAPALLI | RAGHUNATHPUR | LEWIS ROAD**

ଦିଲ୍ଲୀରେ ଆଜି




ବଜେଟ ଅଧିବେଶନ ଆରମ୍ଭ ପୂର୍ବରୁ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପାର୍ଲାମେଣ୍ଟ ଭବନ ବାହାରେ ଗଣମାଧ୍ୟମକୁ ସମ୍ବୋଧନ କରୁଛନ୍ତି। (ଫଟୋ: ଚମନ ଗୌତମ)

# ଅଜିତଙ୍କ ଶେଷକୃତ୍ୟ ସମ୍ପନ୍ନ

ବାରାମତି,୨୯।୧

ବିମାନ ଦୁର୍ଘଟଣାରେ ପ୍ରାଣ ହରାଇଥିବା ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଶେଷକୃତ୍ୟ ଗୁରୁବାର ସମ୍ପନ୍ନ ହୋଇଛି। ବାରାମତିର ବିଦ୍ୟା ପ୍ରତିଷ୍ଠାନ ମଇଦାନରେ ତାଙ୍କର ହଜାର ହଜାର ସମର୍ଥକଙ୍କ ଉପସ୍ଥିତିରେ ଅଜିତଙ୍କ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କର ଦୁଇ ପୁତ୍ର ପାର୍ଥ ଏବଂ ଜୟ ପାୱାର ମୁଖାଗ୍ନି ଦେଇଥିଲେ। ପତ୍ନୀ ସୁନେତ୍ରା ପାୱାର ଅଜିତଙ୍କ ମରଶରୀରରେ ଗଙ୍ଗାଜଳ ଛିଞ୍ଚି ଅନ୍ତିମ ବିଦାୟ ଜଣାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ତାଙ୍କ ଚାଚା ତଥା ଏନ୍‌ସିପି ନେତା ଶରଦ ପାୱାର, ସୁପ୍ରିୟା ସୁଲେ ଏବଂ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ସମେତ ଅନ୍ୟ କିଛି ରାଜନୈତିକ ଦଳର ନେତା ମଧ୍ୟ ଉପସ୍ଥିତ ରହି ଅଜିତଙ୍କୁ ବିଦାୟ ଦେଇଥିଲେ। ମହାରାଷ୍ଟ୍ର ବ୍ୟତୀତ ଅନ୍ୟ ରାଜ୍ୟର ବହୁ ବ୍ୟକ୍ତିବିଶେଷ ମଧ୍ୟ ଏହି ଶେଷକୃତ୍ୟରେ ସାମିଲ ହୋଇଥିଲେ।



ପୁଣେ ଜିଲାର ବାରାମତୀସ୍ଥିତ ବିଦ୍ୟା ପ୍ରତିଷ୍ଠାନ ଗ୍ରାଉଣ୍ଡରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଶେଷକୃତ୍ୟ ସମ୍ପନ୍ନ ହେଉଛି। ପୁଅ ପାର୍ଥ ପାୱାର ଏବଂ ଜୟ ପାୱାର ବାପାଙ୍କ ଶେଷକୃତ୍ୟ ରୀତିନୀତି ସମ୍ପନ୍ନ କରୁଛନ୍ତି।

# ଉପମୁଖ୍ୟମନ୍ତ୍ରୀ ହୋଇପାରନ୍ତି ସୁନେତ୍ରା

## ପ୍ରସ୍ତାବ ଦେବ ଏନ୍‌ସିପି

ମୁମ୍ବାଇ,୨୯।୧

ବିମାନ ଦୁର୍ଘଟଣାରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ତଥା ଏନ୍‌ସିପି ନେତା ଅଜିତ ପାୱାରଙ୍କ ପରଲୋକ ପରେ ଦଳ ମଧ୍ୟରେ କ୍ଷମତା ଲଢ଼େଇ ଆରମ୍ଭ ହୋଇଛି। ଉପମୁଖ୍ୟମନ୍ତ୍ରୀ ପଦ ପାଇଁ ଅଜିତଙ୍କ ସ୍ତ୍ରୀ ସୁନେତ୍ରା ପାୱାରଙ୍କ ନାମ ପ୍ରସ୍ତାବ ଦେବାକୁ ଦଳ ବିଚାର କରୁଥିବା ଏକ ସୂତ୍ରରୁ ଜଣାପଡ଼ିଛି। ସୁନେତ୍ରା ଏବେ ରାଜ୍ୟ ସଭା ସଦସ୍ୟ ଅଛନ୍ତି। ସୁନେତ୍ରାଙ୍କୁ ରାଜ୍ୟ ମନ୍ତ୍ରିମଣ୍ଡଳକୁ ଆଣିବା ଲାଗି ଜନସାଧାରଣ ଚାହୁଁଥିବା ବରିଷ୍ଠ ନେତା ତଥା ମହାରାଷ୍ଟ୍ର ଏଫ୍‌ଡିଏ ମନ୍ତ୍ରୀ ନରହରି ଜିର୍‌ୱାଲ କହିଛନ୍ତି। ଆଭ୍ୟନ୍ତରୀଣ ପରାମର୍ଶ ନିମନ୍ତେ ବରିଷ୍ଠ ଏନ୍‌ସିପି ନେତା ପ୍ରଫୁଲ୍ଲ ପଟେଲ, ଛଗନ ଭୁଜବଳ, ଧନଞ୍ଜୟ ମୁଣ୍ଡେ ଏବଂ ସୁନିଲ ଟଟ୍‌କାରେ ସୁନେତ୍ରାଙ୍କୁ ଭେଟିଥିଲେ। ସମ୍ଭବତଃ ସୁନେତ୍ରା ଅଜିତଙ୍କ ଆସନରୁ ନିର୍ବାଚନ ଲଢ଼ିପାରନ୍ତି ବୋଲି କେତେକ ସୂତ୍ରରୁ କୁହାଯାଇଛି। ସୁନେତ୍ରାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଇବା ପ୍ରସ୍ତାବ ରହିଛି। ଏନେଇ ଏନ୍‌ସିପି ନେତାମାନେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ୍‌ଙ୍କୁ ଭେଟି ଆଲୋଚନା କରିବା ଆଶା କରାଯାଉଛି। କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ ପଟେଲ ବର୍ତ୍ତମାନ ପାଇଁ ଦଳର ମଙ୍ଗ ଧରିପାରନ୍ତି। ଏନ୍‌ସିପି ସହ ଏନ୍‌ସିପି(ଏସ୍‌ପି)ର ସମ୍ଭାବ୍ୟ ମିଶ୍ରଣ ନେଇ ଆଲୋଚନା ହୋଇପାରେ ବୋଲି କୁହାଯାଉଛି। ସୂଚନାଯୋଗ୍ୟ, ଗତ ବୁଧବାର ପୁଣେ ଜିଲାର ବାରାମତୀଠାରେ ଏକ ବିମାନ ଦୁର୍ଘଟଣାରେ ଅଜିତ ପାୱାର ଓ ଅନ୍ୟ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ୨୦୨୩ ଜୁଲାଇରେ ଅଜିତ ତତ୍କାଳୀନ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ମହାରାଷ୍ଟ୍ର ସରକାରରେ ସାମିଲ ହେବାରୁ ତାଙ୍କ ଦାଦା ଶରଦ ପାୱାରଙ୍କ ଦ୍ୱାରା ପ୍ରତିଷ୍ଠିତ ଏନ୍‌ସିପି ୨ ଭାଗ ହୋଇଯାଇଥିଲା।



ସୁନେତ୍ରା ପାୱାର

# ଶିଳ୍ପ ଅଭିବୃଦ୍ଧିରେ ସଂଘବାଦ ପ୍ରତିବନ୍ଧକ

## ଘରୋଇ ସହାୟକଙ୍କ ସର୍ବନିମ୍ନ ମଜୁରି ନିର୍ଦ୍ଧାରଣ

### ନିର୍ଦ୍ଦେଶନାମା ଜାରି କରିବାକୁ ମନାକଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୯।୧

ଘରୋଇ ସହାୟକମାନଙ୍କ ନିମନ୍ତେ ଏକ ବିସ୍ତୃତ ଆଇନଗତ ଢାଞ୍ଚା ପ୍ରସ୍ତୁତ କରିବା ସହ ସର୍ବନିମ୍ନ ମଜୁରି ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେବା ଲାଗି ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ଗୁରୁବାର ମନା କରିଦେଇଛନ୍ତି। ବର୍ତ୍ତମାନର ଆଇନରେ ସଂଶୋଧନ ନିମନ୍ତେ ବିଚାର କରିବାକୁ କେନ୍ଦ୍ର ଓ ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ଦେଶର ଶିଳ୍ପ ଅଭିବୃଦ୍ଧିକୁ ଅଟକାଇବାରେ ମୁଖ୍ୟତଃ ଟ୍ରେଡ୍ ୟୁନିୟନବାଦ୍ ଦାୟୀ। ଟ୍ରେଡ୍ ୟୁନିୟନ ପାଇଁ ଦେଶରେ ଅନେକ ଶିଳ୍ପସଂସ୍ଥା ବନ୍ଦ ହୋଇଯାଇଥିବା ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ କହିଛନ୍ତି। ଅବଶ୍ୟ ଅନେକ ସମୟରେ ଶ୍ରମିକ, କର୍ମଚାରୀମାନେ ଶୋଷଣର ଶିକାର ହୋଇଥାନ୍ତି। ତେବେ ଏହାକୁ ରୋକିବାରେ ଅନେକ ବ୍ୟବସ୍ଥା ରହିଛି। ଲୋକମାନଙ୍କୁ ସେମାନଙ୍କ ବ୍ୟକ୍ତିଗତ ଅଧିକାର ସମ୍ପର୍କରେ ଅଧିକ ସଚେତନ କରାଇବାକୁ ହେବ। ସେମାନଙ୍କୁ ଅଧିକ କୁଶଳୀ କରାଯିବା ଆବଶ୍ୟକ। ସେହିଭଳି ଅନେକ ସଂସ୍କାର ରହିଛି, ଯାହା କରାଯାଇପାରିବ ବୋଲି ସିଜେଆଇ କହିଛନ୍ତି।

ସାରା ଦେଶରେ ଅନେକ ଲକ୍ଷ ଘରୋଇ ସହାୟକ ଅସୁବିଧାର ସମ୍ମୁଖୀନ ହେଉଥିବା କଥାକୁ ସିଜେଆଇ ଏବଂ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠ ସ୍ୱୀକାର କରିଛନ୍ତି। ତେବେ ବ୍ୟବସ୍ଥାପିକାର ଆଇନ ପ୍ରଣୟନ କ୍ଷମତା ଉପରେ ନ୍ୟାୟପାଳିକା ହସ୍ତକ୍ଷେପ କରିପାରିବ ନାହିଁ। ତେଣୁ ଆବେଦନକାରୀମାନେ ଘରୋଇ ସହାୟକମାନଙ୍କ ସମସ୍ୟା ସମ୍ପର୍କରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବା ଆବଶ୍ୟକ, ଯେପରି ସେମାନେ ଏହା ଉପରେ ଉପଯୁକ୍ତ ନିଷ୍ପତ୍ତି ନେଇପାରିବେ ବୋଲି ଖଣ୍ଡପୀଠ କହିଛନ୍ତି।



# ୧୦ ଲକ୍ଷ ଲୋକଙ୍କ ପାଇଁ ୨୨ ବିଚାରପତି

ନୂଆଦିଲ୍ଲୀ,୨୯।୧

ଭାରତରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ମାତ୍ର ୨୨ ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି ବୋଲି କେନ୍ଦ୍ର ଆଇନମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ରାଜ୍ୟ ସଭାରେ ପ୍ରକାଶ କରିଛନ୍ତି। ୧୯୮୭ରେ ୧୨୦ତମ ଆଇନ ଆୟୋଗ ଦେଇଥିବା ସୁପାରିସ ଅନୁସାରେ ଦେଶରେ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ୫୦ ଜଣ ବିଚାରପତି ନିଯୁକ୍ତ ହେବା କଥା। କିନ୍ତୁ ବର୍ତ୍ତମାନ ସୁଦ୍ଧା ଏହାକୁ କାର୍ଯ୍ୟକାରୀ କରାଯାଇ ନାହିଁ। ତେବେ ଏ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଆଇନମନ୍ତ୍ରୀ ଅର୍ଜୁନ ରାମ ଏବେ ପ୍ରତି ୧୦ ଲକ୍ଷ ଜନସଂଖ୍ୟା ପାଇଁ ମାତ୍ର ୨୨ ଜଣ ବିଚାରପତି କାର୍ଯ୍ୟ କରୁଛନ୍ତି ବୋଲି କହିଛନ୍ତି। ୨୦୧୧ ଜନଗଣନା ରିପୋର୍ଟକୁ ଆଧାର କରି ଆଇନ ମନ୍ତ୍ରଣାଳୟ ପ୍ରତିବର୍ଷ ପ୍ରତି ୧୦ ଲକ୍ଷ ଲୋକଙ୍କ ପାଇଁ ସୁପ୍ରିମକୋର୍ଟ, ହାଇକୋର୍ଟ, ଜିଲାସ୍ତରୀୟ କୋର୍ଟ ଆଦିରେ ବିଚାରପତିଙ୍କ ସଂଖ୍ୟା ନିର୍ଦ୍ଧାରଣ କରାଯାଉଥିବା ସେ କହିଛନ୍ତି।

# ମହିଳା କମାଣ୍ଡୋଙ୍କୁ ହତ୍ୟା କଲେ ସ୍ୱାମୀ

ନୂଆଦିଲ୍ଲୀ ,୨୯।୧

ଦିଲ୍ଲୀ ପୁଲିସର ୨୭ ବର୍ଷୀୟା ଗର୍ଭବତୀ ମହିଳା କନଷ୍ଟେବଲଲ କାଜଲ ଚୌଧୁରୀଙ୍କୁ ତାଙ୍କ ସ୍ୱାମୀ ହତ୍ୟା କରିଛନ୍ତି। କାଜଲ ଦିଲ୍ଲୀ ପୋଲିସର ସ୍ପେଶାଲ ୱେପନ୍ସ ଆଣ୍ଡ ଟାକ୍‌ଟିକ୍ସ(ସ୍ୱାଟ୍)ରେ କମାଣ୍ଡୋ ଭାବେ ନିୟୋଜିତ ଥିଲେ। କିଛି ପାରିବାରିକ କାରଣକୁ ନେଇ ସ୍ୱାମୀଙ୍କ ସହିତ କାଜଲଙ୍କ କଳହ ଲାଗି ରହିଥିଲା। ତେବେ ଗତ ମଙ୍ଗଳବାର ଉଭୟଙ୍କ ମଧ୍ୟରେ କଳହ ଲାଗିଥିଲା ବେଳେ ସ୍ୱାମୀ ଅଙ୍କୁର ଚୌଧୁରୀ କାଜଲଙ୍କ ମୁଣ୍ଡକୁ ଏକ ଡମ୍ବେଲ୍‌ରେ ପିଟି ଦେଇଥିଲେ। କାଜଲଙ୍କୁ ତୁରନ୍ତ ଗାଜିଆବାଦସ୍ଥିତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତିକରାଯାଇଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଏକ ବିଳମ୍ବିତ ଖବର ଏବେ ସାମ୍ନାକୁ ଆସିଛି।

# ଚଣ୍ଡିଗଡ଼ ମେୟର ନିର୍ବାଚନରେ ଭାଜପାର ବାଜିମାତ୍

ନୂଆଦିଲ୍ଲୀ,୨୯।୧

ଚଣ୍ଡିଗଡ଼ ମେୟର ନିର୍ବାଚନରେ ଭାଜପା ବାଜି ମାରିଛି। ଦଳୀୟ ପ୍ରାର୍ଥୀ ସୌରଭ ଯୋଶୀ ସର୍ବାଧିକ ୧୮ଟି ଭୋଟ୍ ପାଇ ବିଜୟୀ ହୋଇଛନ୍ତି। ଏହି ନିର୍ବାଚନରେ ଅନ୍ୟ ଦୁଇ ପ୍ରମୁଖ ଦଳ କଂଗ୍ରେସ ଏବଂ ଆମ୍ ଆଦ୍‌ମୀ ପାର୍ଟିର ସମନ୍ୱୟ ଅଭାବରୁ ଭାଜପା ମେୟର ପଦବୀ ହାସଲ କରିନେଇଛି ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଚାଲିଛି।

# ବୁଲାକୁକୁର ନିୟନ୍ତ୍ରଣ ମାମଲାରେ ରାୟ ସଂରକ୍ଷିତ

ନୂଆଦିଲ୍ଲୀ,୨୯।୧

ବୁଲାକୁକୁର ନିୟନ୍ତ୍ରଣ ଏବଂ ବନ୍ଧ୍ୟାକରଣ ମାମଲାକୁ ନେଇ ପୂର୍ବରୁ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶନାମା ଉପରେ କିଛିଟା ପରିବର୍ତ୍ତନ କରିବାକୁ ଏକାଧିକ ଆବେଦନ କରାଯାଇଥିଲା। ଜଷ୍ଟିସ୍ ବିକ୍ରମ ନାଥ, ସନ୍ଦୀପ ମେହଟ୍ଟା ଏବଂ ଜଷ୍ଟିସ୍ ଏନ.ଭି ଅଞ୍ଜାରିଆଙ୍କ ଖଣ୍ଡପୀଠ ଏହି ଆବେଦନଗୁଡ଼ିକର ଶୁଣାଣି କରି ରାୟ ସଂରକ୍ଷିତ ରଖିଛନ୍ତି। ଏହାଛଡ଼ା ଏହି ମାମଲାରେ ସମ୍ପୃକ୍ତ ରହିଥିବା ସମସ୍ତ ପକ୍ଷଙ୍କୁ ସପ୍ତାହକ ମଧ୍ୟରେ ସମସ୍ତ ତଥ୍ୟ ଦାଖଲ କରିବାକୁ କହିଛନ୍ତି।

# ଇରାନ୍ ରିଭୋଲ୍ୟୁଶନାରି ଗାର୍ଡକୁ ଆତଙ୍କବାଦୀ ତାଲିକାଭୁକ୍ତ କରିବ ଇୟୁ

ନୂଆଦିଲ୍ଲୀ,୨୯।୧

ଇରାନ ସହ ପାଶ୍ଚାତ୍ୟ ଦେଶଗୁଡ଼ିକର ବିବାଦ ଥମିବାର ନାଁ ଧରୁନାହିଁ। ଗୋଟିଏ ପଟେ ଯେକୌଣସି ମୁହୂର୍ତ୍ତରେ ଆମେରିକା ଇରାନ ଉପରେ ଆକ୍ରମଣ କରିପାରେ ବୋଲି ଆଶଙ୍କା ପ୍ରକାଶ ପାଇଥିଲା ବେଳେ ଏବେ ୟୁରୋପୀୟ ସଂଘ(ଇୟୁ) ଇରାନର ରିଭୋଲ୍ୟୁଶନାରି ଗାର୍ଡ(ଆଇଆର୍‌ଜି)କୁ ଆତଙ୍କବାଦୀ ଗୋଷ୍ଠୀରେ ସାମିଲ କରିବାକୁ ପ୍ରସ୍ତୁତି ଚଳାଇଛି। ଅଲକାଏଦା, ଇସ୍‌ଲାମିକ୍ ଷ୍ଟେଟ, ଦାଏସ୍, ହମାସ୍ ଏବଂ ହୁଟି ଭଳି ବହୁ ଇସ୍‌ଲାମିକ୍ କଠୋରବାଦୀ ସଂଗଠନ ବିଶ୍ୱର ବିଭିନ୍ନ ଭାଗରେ ସକ୍ରିୟ ରହିଥିବା ବେଳେ ଆଇଆର୍‌ଜିକୁ ମଧ୍ୟ ଆତଙ୍କବାଦୀ ଗୋଷ୍ଠୀ ତାଲିକାରେ ସାମିଲ କରିବାକୁ ଇୟୁ ଜୋର୍‌ଦାର ଉଦ୍ୟମ ଚଳାଇଛି। ଏଥିପାଇଁ ୟୁରୋପୀୟ ସଂଘର ୨୭ ସଦସ୍ୟ ରାଷ୍ଟ୍ରଙ୍କ ଅନୁମୋଦନ ଆବଶ୍ୟକତା ରହିଛି। ତେବେ ଖୁବ୍‌ଶୀଘ୍ର ସମସ୍ତ ସଦସ୍ୟ ରାଷ୍ଟ୍ରଙ୍କ ଅନୁମୋଦନ ହାସଲ କରି ଏହି ପ୍ରକ୍ରିୟା ଶେଷ କରାଯିବ ବୋଲି ୟୁରୋପୀୟ କମିଶନ ଭାଇସ୍ ପ୍ରେସିଡେଣ୍ଟ କାଜା କାଲାସ୍ କହିଛନ୍ତି। ଇରାନର ସାଂପ୍ରତିକ ସାମାଜିକ ଏବଂ ଆର୍ଥିକ ସ୍ଥିତିକୁ ନେଇ ଦେଶବାସୀ ଖାମନେଇ ସରକାର ବିରୋଧରେ ରାଜରାସ୍ତାକୁ ଓହ୍ଲାଇଥିଲେ। କିନ୍ତୁ ଇରାନର ଆଇଆର୍‌ଜି ବିକ୍ଷୋଭକାରୀଙ୍କୁ ଅତ୍ୟନ୍ତ ଅମାନୁଷିକ ଭାବେ ଦମନ କରିଥିଲା। ଯେଉଁଥିରେ ପ୍ରାୟ ୬ ହଜାରରୁ ଅଧିକ ଲୋକ ପ୍ରାଣ ହରାଇବା ସହିତ ହଜାର ହଜାର ଲୋକ ଆହତ ହୋଇଥିଲେ। ଏହାକୁ ଦୃଷ୍ଟିରେ ରଖି ଆଇଆର୍‌ଜିକୁ ଆତଙ୍କବାଦୀ ଭାବେ ଘୋଷଣା କରିବାକୁ ଇୟୁ ନିଷ୍ପତ୍ତି ନେଇଛି ବୋଲି କାଲାସ୍ କହିଛନ୍ତି। ଯଦି କେହି ଆତଙ୍କବାଦୀ ଭଳି ଆଚରଣ ଦେଖାଏ,ତେବେ ତାକୁ ଆତଙ୍କବାଦୀ ମାନ୍ୟତା ଦିଆଯିବା ଉଚିତ ବୋଲି ସେ କହିଛନ୍ତି।

# ଆମାଜନ୍‌ରୁ ଆଉ ୧୬ ହଜାର ଛଟେଇ

ନ୍ୟୁୟର୍କ,୨୯।୧

୩ ମାସ ମଧ୍ୟରେ ସମୂହ ଛଟେଇ ପ୍ରକ୍ରିୟାରେ ଆମାଜନ ପୁଣି ୧୬ ହଜାର କର୍ମଚାରୀଙ୍କୁ ଛଟେଇ କରିଛି। କରୋନା କାଳରୁ ଛଟେଇ ଆରମ୍ଭ କରିଥିବା ବିଶ୍ୱର ସର୍ବବୃହତ୍ ଇ-କମର୍ସ କମ୍ପାନୀ ଆମାଜନ ଗତ ଅକ୍ଟୋବର ମାସରେ ୧୪ ହଜାର କର୍ମଚାରୀଙ୍କୁ ଛଟେଇ କରିଥିଲା। ଏହାପରେ ଏବେ ଆଉ ୧୬ ହଜାର କର୍ମଚାରୀଙ୍କ ଛଟେଇ ସମ୍ପର୍କରେ ଘୋଷଣା କରିଛି। ବର୍ତ୍ତମାନ କମ୍ପାନୀର ବିଭିନ୍ନ ବିଭାଗରେ ଏଆଇ (କୃତ୍ରିମ ବୁଦ୍ଧିମତ୍ତା) ଉପଯୋଗ କରାଯାଇ କାର୍ଯ୍ୟ କରିବାକୁ ଅଗ୍ରାଧିକାର ଦିଆଯାଉଛି ଏବଂ ଅଧିକ କର୍ମଚାରୀଙ୍କ ଆବଶ୍ୟକତା ପଡ଼ିବ ନାହିଁ ବୋଲି ଆମାଜନର ସିନିୟର ଭାଇସ୍ ପ୍ରେସିଡେଣ୍ଟ ବେଥ୍ ଗାଲେଟି କହିଛନ୍ତି।

# ଟ୍ରମ୍ପଙ୍କ 'ବୋର୍ଡ ଅଫ୍ ପିସ୍'ରେ ୨୬ ରାଷ୍ଟ୍ର

ନ୍ୟୁୟର୍କ,୨୯।୧

ଇସ୍ରାଏଲର ଯୁଦ୍ଧ ପ୍ରପୀଡ଼ିତ ଗାଜା ଅଞ୍ଚଳକୁ ଆତଙ୍କବାଦୀମୁକ୍ତ କରି ଏହାର ପୁନଃ ନିର୍ମାଣ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗଠନ କରିଛନ୍ତି ବୋର୍ଡ ଅଫ୍ ପିସ୍(ବିଓପି)। ଆନ୍ତର୍ଜାତିକ ସ୍ତରରେ ରାଜନୈତିକ କାରଣକୁ ନେଇ ଉପୁଜିଥିବା କୌଣସି ବିବାଦର ସମାଧାନ ଲାଗି ଜାତିସଂଘ ବ୍ୟବସ୍ଥା ରହିଥିଲେ ମଧ୍ୟ ରାଷ୍ଟ୍ରପତି ଟ୍ରମ୍ପ ବିଓପି ଭଳି ଏକ ପରିଷଦ ଗଠନ କରିଛନ୍ତି। ହେଲେ ବୁଧବାର ସୁଦ୍ଧା ଏହି ପରିଷଦରେ ମାତ୍ର ୨୬ଟି ରାଷ୍ଟ୍ର ସାମିଲ ହୋଇଥିବା ଜଣାପଡ଼ିଛି। ପାକିସ୍ତାନ ସମେତ ଆଉ କିଛି ଛୋଟ ଛୋଟ ରାଷ୍ଟ୍ର ଯୋଗଦେଇଥିଲେ ହେଁ ବ୍ରିଟେନ, ଫ୍ରାନ୍ସ, ଜର୍ମାନୀ,ଇଟାଲୀ, କାନାଡା, ୟୁରୋପୀୟ ସଂଘ, ଜାପାନ ଭଳି ଜି-୭ ରାଷ୍ଟ୍ର ଏବଂ ଅନ୍ୟ ପ୍ରମୁଖ ରାଷ୍ଟ୍ର ଏହି ପରିଷଦରେ ସାମିଲ ହୋଇନାହନ୍ତି।



ନୂଆଦିଲ୍ଲୀରେ ଗୁରୁବାର ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏବଂ ରାଜ୍ୟ ସଭାର ବିରୋଧୀ ଦଳ ନେତା ତଥା କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ଦଳୀୟ ନେତା ଶଶୀ ଥରୁର ଭେଟୁଛନ୍ତି।

# ୪ ଦିନିଆ ଚାଇନା ଗସ୍ତରେ ଷ୍ଟାର୍ମର

ବେଜିଂ/ଲଣ୍ଡନ,୨୯।୧

ଡୋନାଲ୍ଡ ଟ୍ରମ୍ପ ଦ୍ୱିତୀୟ ଥର ରାଷ୍ଟ୍ରପତି ହେବା ପରଠୁ ଆମେରିକା ସହ ପାଶ୍ଚାତ୍ୟର ସମ୍ପର୍କ ବିଗିଡ଼ିବାରେ ଲାଗିଥିବାବେଳେ ଏଥିରୁ ଚାଇନା ଲାଭ ଉଠାଇବାକୁ ଚାହୁଁଛି। ଏଭଳି ସ୍ଥଳେ ବ୍ରିଟେନ୍ ସମେତ ଅନ୍ୟ ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ବିକଳ୍ପ ସନ୍ଧାନ ଉଦ୍ୟମ ଚଳାଇଛନ୍ତି। ଏହିକ୍ରମେ ବ୍ରିଟେନ୍ ପ୍ରଧାନମନ୍ତ୍ରୀ କେର୍ ଷ୍ଟାର୍ମର ବୁଧବାର ସନ୍ଧ୍ୟାରେ ବେଜିଂରେ ପହଞ୍ଚିଛନ୍ତି। ୨୦୧୮ ପରେ କୌଣସି ବ୍ରିଟିଶ୍ ପ୍ରଧାନମନ୍ତ୍ରୀଙ୍କ ଏହା ହେଉଛି ପ୍ରଥମ ଚାଇନା ଗସ୍ତ। ସେ ଚାଇନା କମ୍ପାନୀଗୁଡ଼ିକୁ ବ୍ରିଟେନ୍‌ରେ ବ୍ୟବସାୟ କରିବାକୁ ନିମନ୍ତ୍ରଣ କରିଛନ୍ତି। ଷ୍ଟାର୍ମରଙ୍କ ୪ ଦିନିଆ ଗସ୍ତକାଳରେ ବାଣିଜ୍ୟିକ ଓ ସାଂସ୍କୃତିକ କ୍ଷେତ୍ରରେ କେତେକ ଚୁକ୍ତିନାମା ହୋଇପାରେ। ଚାଇନା ବୈଶ୍ୱିକସ୍ତରରେ ରାଜନୈତିକ, କୂଟନୈତିକ ଓ ଅର୍ଥନୈତିକ ପ୍ରଭାବ ବିସ୍ତାର ଉଦ୍ୟମ ଚଳାଇଥିବାବେଳେ ଷ୍ଟାର୍ମରଙ୍କ ସହ ପ୍ରତିନିଧି ଦଳରେ ୬୦ ସଦସ୍ୟ ବେଜିଂ ଯାଇଛନ୍ତି।

# ନୂଆ ଜାଲିଆତି କହିଲେ ସୁପ୍ରିମକୋର୍ଟ

## ହରିୟାଣାରେ ଉଚ୍ଚବର୍ଗଙ୍କୁ ଲଘୁ ସମ୍ପ୍ରଦାୟ ପ୍ରମାଣପତ୍ର

ନୂଆଦିଲ୍ଲୀ,୨୯।୧

ଜାତି ପ୍ରମାଣପତ୍ରକୁ ନେଇ ହରିୟାଣାରେ ଯେଭଳି ଚାଲ ଚାଲିଛି ତାହାକୁ ନେଇ ସୁପ୍ରିମକୋର୍ଟ ଉଦ୍‌ବେଗ ପ୍ରକଟ କରିଛନ୍ତି। ଏଠାକାର ପ୍ରଭାବଶାଳୀ ଏବଂ ଉଚ୍ଚ ଜାତିର ଲୋକଙ୍କୁ ଲଘୁ ସମ୍ପ୍ରଦାୟ ପ୍ରମାଣପତ୍ର ଦିଆଯାଉଥିବାରୁ ସର୍ବୋଚ୍ଚ ନ୍ୟାୟାଳୟ ଏହାକୁ ନୂଆ ଧରଣର ଜାଲିଆତି ବୋଲି କହିଛନ୍ତି। ହରିୟାଣାର ଉଚ୍ଚ ବର୍ଗର ଲୋକ ସେମାନଙ୍କ ଧର୍ମ ପରିବର୍ତ୍ତନ କରି ବୌଦ୍ଧ ଧର୍ମ ଗ୍ରହଣ କରୁଛନ୍ତି ଏବଂ ସେମାନଙ୍କୁ ସଂଖ୍ୟାଲଘୁ ପ୍ରମାଣପତ୍ର ମିଳିଯାଉଛି। ଏହାଦ୍ୱାରା ସେମାନେ ବିଭିନ୍ନ କ୍ଷେତ୍ରରେ ରହିଥିବା ସଂରକ୍ଷଣ ସୁବିଧା ହାସଲ କରିବାକୁ ଦାବି କରୁଛନ୍ତି ବୋଲି ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଏବଂ ଜଷ୍ଟିସ୍ ଜୟମାଲ୍ୟା ବାଗ୍‌ଚୀଙ୍କ ଦ୍ୱାରା ଗଠିତ ଖଣ୍ଡପୀଠ ଏସମ୍ପର୍କିତ ଏକ ମାମଲାର ବିଚାର ପରିପ୍ରେକ୍ଷୀରେ କହିଛନ୍ତି। ହରିୟାଣାର ହିସାର ଅଞ୍ଚଳର ନିଖିଲ କୁମାର ପୁନିଆ ନାମକ ଯୁବକ ନିଜକୁ ବୌଦ୍ଧ ଧର୍ମାବଲମ୍ବୀ ଦର୍ଶାଇ ସଂଖ୍ୟାଲଘୁ ସଂରକ୍ଷଣ ଆଧାରରେ କଲେଜରେ ନାମ ଲେଖାଇବାକୁ ଆବେଦନ କରିଥିଲେ। କିନ୍ତୁ ତାହା ହୋଇ ନପାରିବାରୁ ସେ ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏହି ମାମଲାର ଶୁଣାଣି ବେଳେ ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ନିଖିଲଙ୍କ ସାମାଜିକ ପୃଷ୍ଠଭୂମି ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ସେ ନିଜେ ଏହି ଅଞ୍ଚଳରୁ ଆସିଥିଲା ବେଳେ ପୁନିଆ ସାଙ୍ଗିଆ ଥିବା ବ୍ୟକ୍ତିବିଶେଷ କିଭଳି ଲଘୁ ସମ୍ପ୍ରଦାୟର ହୋଇପାରିବେ ବୋଲି ନିଖିଲଙ୍କ ଓକିଲଙ୍କୁ ପଚାରିଥିଲେ। ନିଖିଲ ଜାଠ ପୁନିଆ ସମ୍ପ୍ରଦାୟର ହୋଇଥିବା ତାଙ୍କ ଓକିଲ କହିବା ପରେ ସେ ନିଜକୁ କେମିତି ଲଘୁ ସମ୍ପ୍ରଦାୟର ଦାବି କରୁଛନ୍ତି ବୋଲି ସିଜେଆଇ ପୁଣି ପ୍ରଶ୍ନ ଉଠାଇଥିଲେ। ହରିୟାଣାରେ ଚାଲିଥିବା ଏଭଳି ବିଷୟକୁ ଖଣ୍ଡପୀଠ ନୂଆ ଧରଣର ଜାଲିଆତି କହିବା ସହିତ ଏହି ରାଜ୍ୟରେ କିଭଳି ସଂଖ୍ୟାଲଘୁ ପ୍ରମାଣପତ୍ର ଦିଆଯାଉଛି ସେଥିନେଇ ମୁଖ୍ୟ ସଚିବଙ୍କୁ ରିପୋର୍ଟ ତଲବ କରିଛନ୍ତି।

ଧରିତ୍ରୀ 52 Years

# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୦/୨୦୨୬ | Bhubaneswar, Friday, January 30/2026 | ପୃଷ୍ଠା-୧



ଭିବି - ଜି ରାମ ଜି ଅଧୀନରେ,
ଗାଁଗୁଡ଼ିକରେ ଗ୍ରାମୀଣ ହାଟ ବିକଶିତ ହେବ ।
କୃଷି ଓ କୁଶଳ ଆଧାରିତ କାର୍ଯ୍ୟଗୁଡ଼ିକୁ ପ୍ରୋତ୍ସାହନ ଦିଆଯିବ ।
ରୋଜଗାରର ନୂଆ ସୁଯୋଗ ସୃଷ୍ଟି ହେବ,
ଯାହା ୧୨୫ ଦିନର କର୍ମନିଯୁକ୍ତି ସୁନିଶ୍ଚିତ କରିବ ।

ବିକଶିତ ଭାରତ - ରୋଜଗାରର ଗ୍ୟାରେଣ୍ଟି
ଏବଂ ଆଜୀବିକା ମିଶନ (ଗ୍ରାମୀଣ): ଭିବି - ଜି ରାମ ଜି
(ବିକଶିତ ଭାରତ - ଜି ରାମ ଜି) ଅଧିନିୟମ, ୨୦୨୫
୧୨୫ ଦିନ
ରୋଜଗାରର ଗ୍ୟାରେଣ୍ଟି

GOVERNMENT OF INDIA
CBC 35101/13/0090/2526




ଭାରତ ଓ ୟୁରୋପୀୟ ସଂଘ(ଇୟୁ) ମଧ୍ୟରେ ମୁକ୍ତ ବ୍ୟାପାର ଚୁକ୍ତି ଅନୁଷ୍ଠିତ ହୋଇଥିବାବେଳେ ନୂଆଦିଲ୍ଲୀର ହାଇଦ୍ରାବାଦ ହାଉସ୍‌ରେ ଏକ ବିଶେଷ ମୁହୂର୍ତ୍ତରେ ୟୁରୋପୀୟ ପରିଷଦର ସଭାପତି ଆଣ୍ଟୋନିଓ କୋଷ୍ଟା, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ୟୁରୋପୀୟ କମିଶନ ସଭାପତି ଉର୍ସୁଲା ଭନ୍ ଡେର୍ ଲେଏନ।

## ଭାରତ-ଇୟୁ ଏଫ୍‌ଟିଏକୁ ବୈଶ୍ୱିକ ଗଣମାଧ୍ୟମ, ନେତାଙ୍କ ପ୍ରଶଂସା

ନୂଆଦିଲ୍ଲୀ,୨୯।୧

ଭାରତ ଏବଂ ୟୁରୋପୀୟ ସଂଘ (ଇୟୁ) ମଧ୍ୟରେ ମୁକ୍ତ ବାଣିଜ ଚୁକ୍ତିନାମାର ନିଷ୍କର୍ଷ ଉପରେ ବିଶ୍ୱବ୍ୟାପୀ ଦୃଢ଼ ତଥା ସକାରାତ୍ମକ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ତର୍ଜାତୀୟ ଗଣମାଧ୍ୟମଠାରୁ ଆରମ୍ଭ କରି ବିଦେଶୀ ରାଜନେତା, ବୈଶ୍ୱିକ ବ୍ୟବସାୟିକ ମୁଖ୍ୟ ଏବଂ ନୀତି ବିଶେଷଜ୍ଞମାନେ ଭାରତ-ଇୟୁ ବାଣିଜ୍ୟ ଚୁକ୍ତିନାମାକୁ ନେଇ ଉଚ୍ଚ ପ୍ରଶଂସା କରିଛନ୍ତି। ଉକ୍ତ ଚୁକ୍ତିନାମା ଉଭୟ ଅର୍ଥନୈତିକ ଏବଂ ଭୂରାଜନୈତିକ ଦୃଷ୍ଟିରୁ ଐତିହାସିକ, ରଣନୀତିକ ତଥା ସମୟୋପଯୋଗୀ ବୋଲି ସେମାନେ କହିଛନ୍ତି। ପ୍ରମୁଖ ଅନ୍ତର୍ଜାତୀୟ ଗଣମଧ୍ୟମ ମଧ୍ୟରୁ ଟେଲିଗ୍ରାଫ୍‌ରେ ପ୍ରକାଶିତ ଜେମ୍ସ କ୍ରିସ୍ପଙ୍କ ଲିଖିତ ନିବନ୍ଧ 'ମୋଦି ଇଜ୍ ରିଅଲ ୱିନର ☞ପୃଷ୍ଠା-୨

## ୟୁଜିସି ଜାତିଗତ ବୈଷମ୍ୟ ନିୟମ ଉପରେ ସୁପ୍ରିମକୋର୍ଟଙ୍କ ସ୍ଥଗିତାଦେଶ

ନୂଆଦିଲ୍ଲୀ,୨୯।୧(ପି.ଟି./ଲାଇଭ୍ ଲ)

ଆମେ ପଛକୁ ଫେରିପାରିବା ନାହିଁ। ଉଚ୍ଚଶିକ୍ଷାରେ ସଂସ୍କାର ସମୟର ଆବଶ୍ୟକତା। ତେଣୁ ପରିବର୍ତ୍ତନଶୀଳ ଶୈକ୍ଷିକ ପୃଷ୍ଠଭୂମି ସହ ଖାପ ଖୁଆଇ ନିୟାମକ ଢାଞ୍ଚାକୁ ଆଗକୁ ବଢ଼ାଇବାକୁ ପଡ଼ିବ ବୋଲି ଗୁରୁବାର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ଦେଇଛନ୍ତି। ଦେଶର ୟୁନିଭର୍ସିଟି ଓ ଉଚ୍ଚଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଛାତ୍ରଙ୍କ ପ୍ରତି ହେଉଥିବା ଜାତିଗତ ବୈଷମ୍ୟ ଦୂର ସକାଶେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ଙ୍କ ପକ୍ଷରୁ ଜାନୁଆରୀ ୧୩ରେ ପ୍ରମୋଶନ୍ ଅଫ୍ ଇକ୍ୱିଟି ଇନ୍ ହାୟର ଏଜୁକେଶନ୍ ଇନ୍‌ଷ୍ଟିଚ୍ୟୁଶନ୍ସ ରେଗୁଲେଶନ୍, ୨୦୨୬ ଶୀର୍ଷକ ନିୟାମକ ଜାରି କରାଯାଇଛି। ସାଧାରଣ ବର୍ଗର ଛାତ୍ରୀଛାତ୍ର ଏହି ନୂଆ ରେଗୁଲେଶନ୍‌କୁ ବିରୋଧକରି କ୍ୟାମ୍ପସଗୁଡ଼ିକରେ ବିକ୍ଷୋଭ କରିବା ସହ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୀର୍ଷ ଅଦାଲତ ସେମାନଙ୍କ ଆବେଦନଗୁଡ଼ିକର ଶୁଣାଣି କରି ୟୁଜିସି ନିୟାମକ ଉପରେ ରୋକ ଲଗାଇଛନ୍ତି। ନୂଆ ନିୟମ ସମ୍ପୂର୍ଣ୍ଣ ଅସ୍ପଷ୍ଟ ହୋଇଥିବାରୁ ଏହାର ଦୁରୁପଯୋଗ ହେବା ଆଶଙ୍କା ରହିଛି କହି ଏହାର ପୁନଃ ☞ପୃଷ୍ଠା-୨

# ସୁନା, ରୁପା ମୂଲ୍ୟରେ ଲମ୍ବା ଲମ୍ଫ

## ଭୁବନେଶ୍ୱର: ଦିନକରେ ରୁପା ୨୪ ହଜାର, ସୁନା ୧୧ ହଜାର ମହଙ୍ଗା

ବିଶ୍ୱବଜାରରେ ଅସ୍ଥିରତା, ମଧ୍ୟପ୍ରାଚ୍ୟରେ ବଢ଼ୁଥିବା ଉତ୍ତେଜନା କାରଣରୁ ସୁନା ଓ ରୁପା ମୂଲ୍ୟରେ ବଡ଼ ପରିବର୍ତ୍ତନ ଦେଖାଦେଇଛି। ପ୍ରତିଦିନ ଏହି ଦୁଇ ମୂଲ୍ୟବାନ ଧାତୁର ଦର ଅହେତୁକ ଭାବେ ବଢ଼ିଚାଲିଥିବାବେଳେ ଗୁରୁବାର ଲମ୍ବା ଲମ୍ଫ ମାରିଛି। ଭୁବନେଶ୍ୱରରେ ରୁପା ମୂଲ୍ୟ କିଲୋଗ୍ରାମ ପିଛା ପ୍ରାୟ ୨୪ ହଜାର ଟଙ୍କା ବୃଦ୍ଧି ପାଇ ୪ ଲକ୍ଷ ୧୭ ହଜାର ଟଙ୍କା ହୋଇଛି। ସେହିପରି ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ପିଛା ମୂଲ୍ୟରେ ପ୍ରାୟ ୧୧ ହଜାର ଟଙ୍କା ବଢ଼ି ୧ ଲକ୍ଷ ୭୭ ହଜାର ୫୯୦ ଟଙ୍କା ହୋଇଛି। ଫଳରେ ଏହି ଦୁଇ ଧାତୁ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ କିଣିବା ଏକପ୍ରକାର କଠିନ ବ୍ୟାପାର ହୋଇଯାଇଛି। ଆଗକୁ ବିବାହ ଋତୁ ଥିବାବେଳେ ଏହି ଦରବୃଦ୍ଧି ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇଛି।

**ରୁପା (୧କେ.ଜି.)**
୪ ଲକ୍ଷ ୧୭ ହଜାର

**ସୁନା (୧୦ ଗ୍ରାମ୍)**
୧,୭୭,୫୯୦/- (୨୪କେ.)

ଭୁବନେଶ୍ୱର/ନୂଆଦିଲ୍ଲୀ,୨୯।୧ (ଅନୁରାଧା ମହାରଣା/ପି.ଟି.)

ଦେଶର ରାଜଧାନୀ ନୂଆଦିଲ୍ଲୀରେ ଗୁରୁବାର ରୁପା ମୂଲ୍ୟ କିଲୋଗ୍ରାମ ପିଛା ୪ ଲକ୍ଷ ଟଙ୍କା ଅତିକ୍ରମ କରିଛି। ସେହିପରି ସୁନା ମୂଲ୍ୟ ମଧ୍ୟ ୧୦ ଗ୍ରାମ ପିଛା ୧.୮୩ଲକ୍ଷ ଟଙ୍କାର ସର୍ବକାଳୀନ ରେକର୍ଡ ସ୍ତରକୁ ଛୁଇଁଛି। ଅଲ ଇଣ୍ଡିଆ ସରାଫା ଆସୋସିଏଶନ ଅନୁଯାୟୀ, ରୁପା କ୍ରମାଗତ ଚତୁର୍ଥ ଦିନ ପାଇଁ ବୃଦ୍ଧି ପାଇଛି। ଏହା ୧୯,୫୦୦ ଟଙ୍କା (୫.୦୬ ପ୍ରତିଶତ) ବଢ଼ି କିଲୋଗ୍ରାମ ପିଛା ୪,୦୪,୫୦୦ ଟଙ୍କାର (ସମସ୍ତ ଟିକସ ସହିତ) ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବୁଧବାର ରୁପା କିଲୋ ପିଛା ୩,୮୫,୦୦୦ ଟଙ୍କାରେ ବନ୍ଦ ହୋଇଥିଲା। ଚଳିତବର୍ଷ ରୁପା ମୂଲ୍ୟ ୧,୬୫,୫୦୦ ଟଙ୍କା (୬୯.୨ ପ୍ରତିଶତ) ବୃଦ୍ଧି ପାଇଛି, ଯାହାକି ଗତବର୍ଷ ଶେଷ ସୁଦ୍ଧା ୨,୩୯,୦୦୦ ଟଙ୍କା ଥିଲା। ଭୁବନେଶ୍ୱରରେ ବୁଧବାର ରୁପା ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ନିର୍ଣ୍ଣାୟକ ମୁକାବିଲା**


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

B.TECH PROGRAMMES IN CORE ENGINEERING
- Civil Engineering
- Electrical Engineering
- Mechanical Engineering


APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 22nd Best in Engineering Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


## ୭.୨% ତଳେ ଅଭିବୃଦ୍ଧି ଅନୁମାନ




ନୂଆଦିଲ୍ଲୀ,୨୯।୧(ପି.ଟି.)

୨୦୨୬ ମାର୍ଚ୍ଚ ୩୧ରେ ଶେଷ ହେବାକୁ ଥିବା ଚଳିତ ଆର୍ଥିକବର୍ଷରେ ଦେଶର ଅଭିବୃଦ୍ଧି ହାର ୭.୪% କିମ୍ବା ତଦୂର୍ଦ୍ଧ୍ୱ ରହିବା ନେଇ ପୂର୍ବରୁ ଆକଳନ କରାଯାଇଥିଲା। ତେବେ ଏନେଇ ସଫଳତା ହାସଲ ହେବା ଆଶା ଦିଶୁ ନ ଥିବାରୁ ଏପ୍ରିଲ ୧ରେ ଆରମ୍ଭ ହେବାକୁ ଥିବା ନୂଆ ଆର୍ଥିକବର୍ଷ-୨୦୨୭ରେ ଅଭିବୃଦ୍ଧି ଅନୁମାନକୁ ୬.୮%ରୁ ୭.୨% ମଧ୍ୟରେ ରଖାଯାଇଛି।

କେନ୍ଦ୍ରୀୟ ବଜେଟ ୨୦୨୬-୨୭ ପୂର୍ବରୁ ପାର୍ଲାମେଣ୍ଟରେ ଗୁରୁବାର ପ୍ରାକ୍-ବଜେଟ ଇକୋନୋମିକ୍ ସର୍ଭେ ସରକାରଙ୍କ ପକ୍ଷରୁ ଉପସ୍ଥାପନ କରାଯାଇଛି। ଉକ୍ତ ସର୍ଭେ ରିପୋର୍ଟରେ କୁହାଯାଇଛି ଯେ ବୈଶ୍ୱିକ ଅନିଶ୍ଚିତତା ସତ୍ତ୍ୱେ ଭାରତ ସବୁଠୁ ଦ୍ରୁତତମ ବୃହତ୍ ଅର୍ଥନୀତି ରୂପେ ଯାତ୍ରା ଜାରି ରଖିଛି। ତେବେ ବ୍ୟବହାର ଓ ନିବେଶ ଯୋଗୁ ଆଗାମୀ ଆର୍ଥିକବର୍ଷର ଅଭିବୃଦ୍ଧି ହାର ୭.୨% ତଳେ ରହିବ ବୋଲି ସର୍ଭେ ରିପୋର୍ଟରେ ଅନୁମାନ କରାଯାଇଛି। କିଛିବର୍ଷ ଧରି ☞ପୃଷ୍ଠା-୨

### ମୁଖ୍ୟାଂଶ

**ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ଫେବୃଆରୀ ୧ରେ ସଂସଦରେ ୨୦୨୬-୨୭ ଆର୍ଥିକବର୍ଷର ବଜେଟ ଆଗତ କରିବା ପୂର୍ବରୁ ଗୁରୁବାର ଅର୍ଥନୈତିକ ସର୍ଭେ ୨୦୨୫-୨୬ ଉପସ୍ଥାପନ କରିଛନ୍ତି। ଉକ୍ତ ରିପୋର୍ଟର ମୁଖ୍ୟାଂଶଗୁଡ଼ିକ ହେଲା:**

- ଆସନ୍ତା ଆର୍ଥିକବର୍ଷରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ୬-୮ରୁ ୭.୨% ରହିବା ଅନୁମାନ କରାଯାଇଛି।
- ୨୦୨୭ ଆର୍ଥିକବର୍ଷରେ ଅଭିବୃଦ୍ଧି ହାର ଚଳିତ ଆର୍ଥିକବର୍ଷର ୭.୪% ତୁଳନାରେ କମ୍ ରହିବା ଆକଳନ କରାଯାଇଛି।
- କୋଭିଡ୍-୧୯ ବେଳେ ଶିକ୍ଷା କ୍ଷେତ୍ରରେ ଅନ୍‌ଲାଇନ ଉପକରଣଗୁଡ଼ିକ ଉପରେ ଜୋର୍ ଦିଆଯିବା ସହ ତାହା ଆଦୃତି ଲାଭ କରିଥିଲା। ବର୍ତ୍ତମାନ ଅଫ୍‌ଲାଇନ୍ ଉପରେ ଗୁରୁତ୍ୱ ସହ ଅନ୍‌ଲାଇନ ଟୁଲ୍ସ ଉପରୁ ନିର୍ଭରଶୀଳତା ହ୍ରାସ ପାଇଁ ପରାମର୍ଶ ☞ପୃଷ୍ଠା-୨


DSPL-498

ବାଣିଶ୍ରୀ
ଛାତ୍ରବୃତ୍ତି ଯୋଜନା

ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଭିନ୍ନକ୍ଷମ ଛାତ୍ରଛାତ୍ରୀଙ୍କ ପାଇଁ ଛାତ୍ରବୃତ୍ତି

| | |
|---|---|
| ପ୍ରାଥମିକ (ପ୍ରଥମରୁ ପଞ୍ଚମ ଶ୍ରେଣୀ) | ମାସିକ ୪୦୦ ଟଙ୍କା |
| ମାଧ୍ୟମିକ ଏବଂ ଉଚ୍ଚ ବିଦ୍ୟାଳୟ (ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଏବଂ ନବମ ଓ ଦଶମ ଶ୍ରେଣୀ) | ମାସିକ ୫୦୦ ଟଙ୍କା |
| ମହାବିଦ୍ୟାଳୟ (+୨ ଏବଂ +୩) | ମାସିକ ୭୦୦ ଟଙ୍କା |
| ବିଶ୍ୱବିଦ୍ୟାଳୟ (ସ୍ନାତକୋତ୍ତର ଶିକ୍ଷା) | ମାସିକ ୭୦୦ ଟଙ୍କା |
| ବୈଷୟିକ ଏବଂ ବୃତ୍ତିଗତ ତାଲିମ | ମାସିକ ୨୦୦ ଟଙ୍କା |
| ରାଜ୍ୟ ବାହାରେ ବିଭିନ୍ନ କ୍ଷେତ୍ରରେ ଶିକ୍ଷା ଗ୍ରହଣ କରୁଥିବା ଛାତ୍ରଛାତ୍ରୀ | ମାସିକ ୭୦୦ ଟଙ୍କା |
| ପାଠକ/ ସହାୟକ ଭତ୍ତା (ଦୃଷ୍ଟିହୀନ ଛାତ୍ରଛାତ୍ରୀଙ୍କ ପାଇଁ): ପ୍ରଥମରୁ ପଞ୍ଚମ ଶ୍ରେଣୀ ମାସିକ ୨୦୦ ଟଙ୍କା; ଷଷ୍ଠରୁ ଦଶମ ଶ୍ରେଣୀ ମାସିକ ୩୦୦ ଟଙ୍କା; ଅନ୍ୟାନ୍ୟ ଅଧ୍ୟୟନ ମାସିକ ୪୦୦ ଟଙ୍କା | |
| ଅସ୍ଥିଶଲ୍ୟ ଭିନ୍ନକ୍ଷମଙ୍କ ପାଇଁ ଅତିରିକ୍ତ ପରିବହନ ରାଶି | ମାସିକ ୨୦୦ ଟଙ୍କା |

ଆବେଦନର ଯୋଗ୍ୟତା ମାନଦଣ୍ଡ
UDID ପ୍ରମାଣପତ୍ର ବାଧ୍ୟତାମୂଳକ(ସମସ୍ତ ୨୧ଟି ବର୍ଗଭିନ୍ନକ୍ଷମ)
ରାଜ୍ୟ ସରକାରଙ୍କ ଠାରୁ ଅନ୍ୟ କୌଣସି ଛାତ୍ରବୃତ୍ତି ଲାଭ ଉଠାଉଥିଲେ ମଧ୍ୟ ଭିନ୍ନକ୍ଷମ ଛାତ୍ରଛାତ୍ରୀମାନେ ବାଣିଶ୍ରୀ ଛାତ୍ରବୃତ୍ତି ପାଇଁ ଯୋଗ୍ୟ
ଆଧାର ଲିଙ୍କ୍ ହୋଇଥିବା ଛାତ୍ରଛାତ୍ରୀଙ୍କ ବ୍ୟାଙ୍କ ଆକାଉଣ୍ଟ / ପିତାମାତା କିମ୍ବା ଅଭିଭାବକଙ୍କ ସହିତ ମିଳିତ ଆକାଉଣ୍ଟ ମାଧ୍ୟମରେ ଛାତ୍ରବୃତ୍ତି ପ୍ରଦାନ କରାଯିବ
ଅନଲାଇନ୍ ଆବେଦନର ମାଧ୍ୟମ
https://ssepd.odisha.gov.in/

ଆବେଦନର ସମୟସୀମା
ଅନଲାଇନ୍ ଆବେଦନର ଆରମ୍ଭ ତାରିଖ
୦୧.୧୨.୨୦୨୫
ଅନଲାଇନ୍ ଆବେଦନର ଶେଷ ତାରିଖ
୧୫.୦୨.୨୦୨୬
ଶିକ୍ଷା ଅନୁଷ୍ଠାନସ୍ତରୀୟ ଯାଞ୍ଚର ଶେଷ ତାରିଖ
୨୦.୦୨.୨୦୨୬
ସମ୍ପୃକ୍ତ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ (DSSO) ଦ୍ୱାରା ଆବେଦନପତ୍ର ପ୍ରେରଣର ଶେଷ ତାରିଖ
୨୫.୦୨.୨୦୨୬

ଅଧିକ ଜାଣିବା ପାଇଁ ସ୍କାନ୍ କରନ୍ତୁ

OIPR-

ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ, ଓଡ଼ିଶା ସରକାର

# ଆଜି କ'ଣ କେଉଁଠି

**ବାଲେଶ୍ୱର**
- ବନ୍ଦେ ମାତରମ୍ କୋଷ୍ଟାଲ ସାଇକ୍ଲୋଥୋନ୍-୨୦୨୬, ସ୍ଥାନ: ଲବଣ ସତ୍ୟାଗ୍ରହ ସ୍ମୃତି ନୋଡ଼ାଲ ବିଦ୍ୟାପୀଠ, ଇଞ୍ଚୁଡ଼ି, ବାଲେଶ୍ୱର, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଥାନାଛକ ହେଲିପ୍ୟାଡ ପଡ଼ିଆ, ଭୋଗରାଇ, ସମୟ: ସକାଳ ୯ଟା।
- ଯୁବମହୋତ୍ସବ 'ଉତ୍ସାହ ୨୦୨୬'ର ଚତୁର୍ଥ ଦିବସ, ସ୍ଥାନ: ଏଫ୍‌ଏମ୍‌ୟୁ ପରିସର, ବ୍ୟାସବିହାର, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ରାମ୍ପୋ, ସିମୁଳିଆ, ସମୟ: ପୂର୍ବାହ୍ନ ୧୧ଟା।
- ଭଗ୍ନୀ ନିବେଦିତା ଛାତ୍ରୀ ନିବାସ ରୌପ୍ୟଜୟନ୍ତୀ ସମାରୋହ ଉଦ୍‌ଘାଟନୀ ଦିବସ, ସ୍ଥାନ: କଲେଜ କ୍ୟାମ୍ପସ, ଖଇରା, ସମୟ: ପୂର୍ବାହ୍ନ ୧୧ଟା।
- ପ୍ରତିଭା ମହୋତ୍ସବର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ପଳସା ମିନି ଷ୍ଟାଡିୟମ୍, ଖଇରା, ସମୟ: ଅପରାହ୍ନ ୨ଟା।
- ରେମୁଣା ମହୋତ୍ସବର ସପ୍ତମ ସନ୍ଧ୍ୟା, ସ୍ଥାନ: ମହୋତ୍ସବ ପଡ଼ିଆ, ହାତୀଆଗଣ୍ଡ ଛକ, ରେମୁଣା, ସମୟ: ଅପରାହ୍ନ ୫ଟା।
- ସିଭିଲ୍ ସୋସାଇଟିର ଜରୁରୀ ବୈଠକ, ସ୍ଥାନ: ଉଠାଜଳସେଚନ କର୍ମଚାରୀ ଭବନ, ପତ୍ତୁଆଁପଦା, ବାଲେଶ୍ୱର, ସମୟ: ଅପରାହ୍ନ ୫ଟା ୩୦।

**ଭଦ୍ରକ**
- ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଗାନ୍ଧୀପଡ଼ିଆ, ଭଦ୍ରକ, ସମୟ: ସକାଳ ୯ଟା।
- ଜିଲାସ୍ତରୀୟ ରେଡ୍‌କ୍ରସ ପ୍ରଶିକ୍ଷଣ ଶିବିରର ୨ୟ ଦିବସ, ସ୍ଥାନ: ଆର୍‌ସିବିଏଲ୍ ହାଇସ୍କୁଲ, ଚରମ୍ପା, ସମୟ: ପୂର୍ବାହ୍ନ ୧୦ଟା।
- ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ୨ୟ ସେମିଫାଇନାଲ, ସ୍ଥାନ: ପୁରୁଷୋତ୍ତମପୁର, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ପିସିସି ସଭାପତିଙ୍କ ଦ୍ୱାରା 'ଗାନ୍ଧୀ ପଥେ ଓଡ଼ିଶା' ପଦଯାତ୍ରାର ଶୁଭାରମ୍ଭ, ସ୍ଥାନ: ଇରମ ଶହୀଦ ପୀଠ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- କୋହ୍ଲ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ, ସ୍ଥାନ: କୋହ୍ଲ ହାଇସ୍କୁଲ ପରିସର, ତିହିଡ଼ି, ସମୟ: ପୂର୍ବାହ୍ନ ୧୦ଟା।
- ଗାନ୍ଧିମେଳା ଉପଲକ୍ଷେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରତିଯୋଗିତା, ସ୍ଥାନ: ଖଡିମାହାରା, ଧୁଷୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଗାନ୍ଧିମେଳା ଉପଲକ୍ଷେ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ବେତାଳିଗାଁ ହାଟ, ଧୁଷୁରୀ, ସମୟ: ପୂର୍ବାହ୍ନ ୧୦ଟା।
- ଗାନ୍ଧିଜୀଙ୍କ ଶ୍ରାଦ୍ଧୋତ୍ସବ ପାଳନ ଓ ବିଦ୍ୟାଳୟସ୍ତରୀୟ ପ୍ରତିଯୋଗିତା, ସ୍ଥାନ: ଦୋହରାପାଟଣା ବାସନ୍ତୀ ପଡ଼ିଆ, ଆରଡ଼ି, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶୁକଦେବୀ ବାଳିକା ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଦେହୁଡ଼ି ଆନନ୍ଦପୁର, ସମୟ: ପୂର୍ବାହ୍ନ ୧୧ଟା।
- ବିଦାୟକାଳୀନ ସମ୍ବର୍ଦ୍ଧନା ସଭା, ସ୍ଥାନ: କଳାପାହାଡ଼ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଜୀବନଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ, ସ୍ଥାନ: ଚତୁର୍ଭୁଜପୁର, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୩ଟା।
- ଗାନ୍ଧିମେଳା ଉପଲକ୍ଷେ ସାଧାରଣ ସଭା, ସ୍ଥାନ: ଗାନ୍ଧୀଘାଟ ଶାସନ -ସାଆଁଳପୁର, ଧୁଷୁରୀ, ସମୟ: ଅପରାହ୍ନ ୩ଟା।

**କେନ୍ଦୁଝର**
- ଓଡ଼ିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: କେନ୍ଦେଇପୋଷି, ପାଟଣା, ସମୟ: ପୂର୍ବାହ୍ନ ୧୦ ଟା।
- କର୍ଣ୍ଣିପାଳ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର,ସମୟ: ପୂର୍ବାହ୍ନ ୧୧ ଟା।

**ମୟୂରଭଞ୍ଜ**
- ୨୭ତମ ଆନ୍ତଃକଲେଜ ସାଂସ୍କୃତିକ କାର୍ଯ୍ୟକ୍ରମ 'ୟୁଫୋରିଆ-୨୦୨୬', ସ୍ଥାନ: ଶହୀଦ ସ୍ମୃତି ଭବନ, ବାରିପଦା ସମୟ:ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିରର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ଖୁଣ୍ଟାସ୍ଥିତ ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଗୋପବନ୍ଧୁନଗର, ସମୟ:ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ:ଛଉ ପଡ଼ିଆ, ବାରିପଦା, ସମୟ:ପୂର୍ବାହ୍ନ ୧୦ଟା।
- ରୋଗୀ ସେବା ନିମନ୍ତେ ନୂତନ କ୍ୟାବିନ ଲୋକାର୍ପଣ, ସ୍ଥାନ: ଉଦଳା ଡାକ୍ତରଖାନା ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ଦ୍ୱାଦଶ ମୟୂରଭଞ୍ଜ ପୁସ୍ତକ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ଅପରାହ୍ନ ୨ଟା।
- ଗ୍ରାମବାସୀଙ୍କ ସହଯୋଗରେ ଭୀମଦେବଙ୍କର ୨୯ତମ ବାର୍ଷିକ ପୂଜାଉତ୍ସବ ଓ ଷୋହଳ ପ୍ରହର ଅଖଣ୍ଡ ନାମ ସଂକୀର୍ତ୍ତନ, ସ୍ଥାନ: ଧେଣ୍ଡଗାଁ ଗ୍ରାମ ଭୀମମେଳା ହରିମଣ୍ଡପ, ସାରସକଣା, ସମୟ: ସନ୍ଧ୍ୟା ୭ଟା।

**ବ୍ରହ୍ମପୁର**
- ଗୋପାଳପୁର ବେଳାଭୂମି ମହୋତ୍ସବ ଉଦଯାପନୀ, ସ୍ଥାନ: ଗୋପାଳପୁର ବେଳାଭୂମି, ସମୟ: ସନ୍ଧ୍ୟା ୫ଟା।

**ଗଞ୍ଜାମ**
- ଆସିକା ବିଜ୍ଞାନ କଲେଜର ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଆସିକା ସମବାୟ ଚିନିଶିଳ୍ପର ୬୩ତମ ଆଖୁପେଡା ଆରମ୍ଭ, ସ୍ଥାନ: ଚିନିଶିଳ୍ପ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।

**କନ୍ଧମାଳ**
- କୁଷ୍ଠ ନିବାରଣ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚକିତ୍ସାଳୟ ସଭା ଗୃହ, ସମୟ: ସକାଳ ୮ ଟା ୩୦।
- ଜଳ ବିଭାଜିକା ମହୋତ୍ସବ, ସ୍ଥାନ: ରାଇକିଆ ଗୁଡ଼ିଘାସି, କୋଟଗଡ-ସିନ୍ଧିଗୁଡା, ସମୟ: ସକାଳ ୯ ଟା।
- ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ସିଲା, ତୁମୁଡିବନ୍ଧ, ସମୟ: ପୂର୍ବାହ୍ନ ୧୧ଟା ୩୦।
- ପାଟଖଣ୍ଡା ପବ୍ଲିକ ସ୍କୁଲର ୨୮ ତମ ବାର୍ଷିକୋତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବାଲିଗୁଡ଼ା, ସମୟ: ଅପରାହ୍ନ ୪ ଟା।

**ଢେଙ୍କାନାଳ**
- ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ବିଦ୍ୟାଳୟ ପରିସର, ବନମାଳୀ ପ୍ରସାଦ, ସମୟ: ଅପରାହ୍ନ ୪ଟା।

**ଅନୁଗୋଳ**
- ସାମୂହିକ ବ୍ରତୋପନୟନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ସହର ଜଗନ୍ନାଥ ମନ୍ଦିର, ସମୟ: ସକାଳ ୬ଟା।
- ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ କାର୍ଯ୍ୟକ୍ରମ, ସ୍ଥାନ: ବ୍ଲକ ଡାଇମଣ୍ଡ ସମ୍ମିଳନୀ କକ୍ଷ, ସମୟ: ସକାଳ ୧୦ଟା।
- ଜିଲାସ୍ତରୀୟ ଆଶା ଓ ଗାଁ କଲ୍ୟାଣ ସମିତି ବାର୍ଷିକ ସମାବେଶ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୧୦ଟା।
- ଆଠମଲ୍ଲିକ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ମିନିଷ୍ଟାଡିୟମ ଖେଳପଡ଼ିଆ, ସମୟ: ଅପରାହ୍ନ ୫ଟା।
- ଶ୍ରୀମଦ୍ ଭାଗବତ ପାରାୟଣ ଜ୍ଞାନଯଜ୍ଞର ପଞ୍ଚମ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ସହରସ୍ଥିତ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

**ଜଗତ୍‌ସିଂହପୁର**
- ନୀଳଚକ୍ର ୟୁଥ ଟ୍ରଷ୍ଟ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଅଠରବାଙ୍କୀ, ଗୋଲେଇ ଛକ, ପାରାଦୀପ, ସମୟ: ସକାଳ ୧୦ଟା ୩୦।
- ଆଣ୍ଟି ଲେପ୍ରସି ଡେ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ଜାତୀୟ ସଡ଼କ ସୁରକ୍ଷା ମାସ ଉଦ୍‌ଯାପନୀ ସଭା, ସ୍ଥାନ: ସଂସ୍କୃତିଭବନ, ଉଦୟନଜର, ଡେରାବିଶ, ସମୟ: ସକାଳ ୯ଟା।
- ଶିବଶକ୍ତି ଯୁବକ ସଂଘ ପକ୍ଷରୁ ଗ୍ରାମାଞ୍ଚଳ ରାଜ୍ୟସ୍ତରୀୟ ଜମ୍ବୁଦ୍ୱୀପ କ୍ରିକେଟ କପ, ସ୍ଥାନ: ଶଙ୍ଖପଦା ଖେଳପଡିଆ, ମହାକାଳପଡ଼ା, ସମୟ: ମଧ୍ୟାହ୍ନ ୧୨ଟା।
- ଅବଦୁଲ କରିମ ଖାଁ ମୋମେରିଅଲ ଟ୍ରଫି ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ମା' ବନ୍ଧମଙ୍ଗଳାଙ୍କର ବାର୍ଷିକ ଉତ୍ସବ, ସ୍ଥାନ: ରାମନଗରପାଟଣା, ଗୁଲନଗର, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ରୌପ୍ୟ ଜୟନ୍ତୀ ଉତ୍ସବ, ସ୍ଥାନ: ଖେମେଶ୍ୱର, ବରୀ, ସମୟ: ପୂର୍ବାହ୍ନ ୧୧ଟା।
- ବ୍ୟାସ ସରୋବର ମହୋତ୍ସବର ଦ୍ୱିତୀୟ ଦିନରେ ଆଞ୍ଚଳିକ ନୃତ୍ୟ କାର୍ଯ୍ୟକ୍ରମ, ସ୍ଥାନ : ବ୍ୟାସ ସରୋବର ପୀଠ ପରିସର, ସମୟ: ସନ୍ଧ୍ୟା୭ଟା।

**ନୟାଗଡ଼**
- ଭୈମୀ ଏକାଦଶୀ ମେଳାର ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା।
- ଜାମାଲାଗି ବେଶର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ମା' ଭାନୁମତୀ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବର ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ବ୍ଲକ ଭାନୁମତୀ ପୀଠ, ହଟିଆପଲ୍ଲା, ସମୟ: ସକାଳ ୭ଟା ୩୦।
- ବଡରାଉଳୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ନୂଆଗାଁ ବ୍ଲକ ଗୁଡୁପାଙ୍ଗୀ, ସମୟ: ସକାଳ ୮ଟା।
- ମା' ସଞ୍ଜାଇ ଦେବୀ କ୍ରିକେଟ କ୍ଲବ ପକ୍ଷରୁ କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମି ଫାଇନାଲ, ସ୍ଥାନ:ବିଜିପୁର ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୧ଟା।
- କୃଷ୍ଣଚନ୍ଦ୍ର କ୍ଲବର ଶତ ବାର୍ଷିକୀ ଜୟନ୍ତୀ ସମାରୋହର ଉଦ୍‌ଯାପନ ଦିବସର ସଭା, ସ୍ଥାନ:ନୟାଗଡ଼ ଟ୍ରାଫିକ ଛକ କ୍ଲବ ପରିସର, ସମୟ: ସନ୍ଧ୍ୟା ୭ଟା।
- କୃଷ୍ଣଚନ୍ଦ୍ର କ୍ଲବର ଶତ ବାର୍ଷିକୀ ଜୟନ୍ତୀ ସମାରୋହର ଉଦ୍‌ଯାପନ ଦିବସରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ମେଲୋଡି, ସ୍ଥାନ:ନୟାଗଡ଼ ଟ୍ରାଫିକ ଛକ କ୍ଲବ ପରିସର, ସମୟ: ରାତି ୮ଟା।

**ରାୟଗଡ଼ା**
- ମେଗା ରକ୍ତଦାନ ଶିବିର, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣପୁର, ସମୟ: ସକାଳ ୮ଟା ୩୦।
- ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ସ୍ମୃତି ସଭା, ସ୍ଥାନ: ଜିଲା କଂଗ୍ରେସ ଭବନ, ରାୟଗଡା, ସମୟ: ସକାଳ ୯ଟା।
- ଅନୁବାଦ ଅନୁସନ୍ଧାନ, ନୂତନତ୍ୱ ଏବଂ ବାୟୋ ଉଦ୍ୟୋଗୀ ସମ୍ପର୍କରେ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଜିଆଇଇଟି ବିଶ୍ୱବିଦ୍ୟାଳୟ, ଗୁଣୁପୁର, ସମୟ: ସକାଳ ୯ଟା ୩୦।
- ପିଏମ୍‌ଶ୍ରୀ ଉତ୍ସବ, ସ୍ଥାନ: ଗୁଡାରି ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ହେପାଟାଇଟ୍ସ-ବି ଏବଂ ହେପାଟାଇଟ୍ସ-ସି ସ୍କ୍ରିନିଂ କ୍ୟାମ୍ପ, ସ୍ଥାନ: ଜେକେପୁର ମିଲ୍ କ୍ୟାମ୍ପସ, ଜେକେପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଶତାୟୁ ସରକାରୀ ଉଚ୍ଚ ବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା।

**ନବରଙ୍ଗପୁର**
- ସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ଖାତିଗୁଡ଼ା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସବୟ: ପୂର୍ବାହ୍ନ ୧୦ଟା।

**କୋରାପୁଟ**
- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: କାକିରିଗୁମ୍ମା ଜଗନ୍ନାଥ ମନ୍ଦିର, ସମୟ: ସକାଳ ୬ଟା।
- କୋରାପୁଟରେ ଶହୀଦ ଦିବସ ପାଳନ, ସ୍ଥାନ: କୋରାପୁଟ ଗାନ୍ଧୀ ପାର୍କ, ସମୟ: ସକାଳ ୯ ଟା ୩୦।
- ବାର୍ଷିକ କ୍ରୀଡା ଉତ୍ସବ, ସ୍ଥାନ: ବୈପାରୀଗୁଡ଼ା ଶହୀଦ ଲକ୍ଷ୍ମଣ ନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରେଣୀ କକ୍ଷ ଉଦ୍‌ଘାଟନ, ସ୍ଥାନ: ଲକ୍ଷ୍ମୀପୁର ୟୁଏନରାଜୁ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦପୁର ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ନନ୍ଦପୁରସ୍ଥିତ ସ୍କୁଲ ପରିସର, ସମୟ: ପୂର୍ବାହ୍ନ ୧୧ଟା। ଶହୀଦ ଦିବସ ନେଇ ନୀରବ ପ୍ରାର୍ଥନା, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ଆପଣଙ୍କ ଯାତ୍ରା, ବାଣିଜ୍ୟ, ପାରିବାରିକ ସୁଖ, ସମୃଦ୍ଧିକୁ ଋଦ୍ଧିମନ୍ତ କରିବ। ଏପରି କି ଏକାଧାରରେ ଅର୍ଥ, ସମ୍ମାନ, ସ୍ୱାଗତ, ସମ୍ବର୍ଦ୍ଧନା ପାଇବାର ଯୋଗ ରହିଛି। ପାରିବାରିକ ସମସ୍ୟାରେ ମନ ଭାରାକ୍ରାନ୍ତ ରହିପାରେ। ବନ୍ଧୁମିଳନ, ନୂତନ ବସ୍ତ୍ରାଭରଣ, ସୌଜନ୍ୟମୂଳକ ସାକ୍ଷାତାଲୋଚନା ମାନସିକ ସ୍ଥିତିକୁ ଦୃଢ଼ୀଭୂତ କରିପାରେ।

**ବୃଷ**
ବୃହସ୍ପତିଙ୍କ ପ୍ରଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ସଂସ୍ପର୍ଶରେ ଆସି ଉପକୃତ ହେବେ। ବାହାର ଲୋକମାନଙ୍କ ମାଧ୍ୟମରେ କାର୍ଯ୍ୟ ହାସଲ କରିବେ। ପ୍ରତିଯୋଗିତାରେ ସଫଳତା, ମାଲିମକଦ୍ଦମାରେ ବିଜୟ ପ୍ରାପ୍ତି, ନୂତନଗୃହ କ୍ରୟ ଯୋଗୁ ଖୁସି ରହିପାରନ୍ତି। ଉଚ୍ଚଶିକ୍ଷା, ସାଂସ୍କୃତିକ କାର୍ଯ୍ୟକ୍ରମ, ନୃତ୍ୟ ସଙ୍ଗୀତାଦି କ୍ଷେତ୍ରରୁ ଉଚ୍ଚ ପ୍ରଶଂସିତ ହୋଇପାରନ୍ତି।

**ମିଥୁନ**
ଦୂରଦର୍ଶିତା ଅଭାବରୁ ସମ୍ପର୍କୀୟଙ୍କ କାନକୁହା କଥାରେ ପାରିବାରିକ ଅସ୍ଥିରତାର ସୂଚନା ରହିଛି। ସକାଳୁ ବନ୍ଧୁଙ୍କ ଡାକରା ଚଳଚଞ୍ଚଳ କରାଇପାରେ। କର୍ମକ୍ଷେତ୍ରରେ ଆପଣଙ୍କ ଭୁଲ୍ ନିଷ୍ପତ୍ତି ଏକ ତରଫା ହୋଇଯାଇ ପାରେ ଯାହାକୁ ନେଇ ସମାଲୋଚିତ ହେବାର ଆଶଙ୍କା ରହିଛି। ବ୍ୟବସାୟିକ ସ୍ଥିତି ଓ କର୍ମକ୍ଷେତ୍ରର ବିବାଦୀୟ ପରିସ୍ଥିତି ଅମୀମାଂସିତ ରହିବ।

**କର୍କଟ**
ନୂଆ କାମ ଆରମ୍ଭର ବ୍ୟୟ ଅଟକଳ କରିପାରନ୍ତି। ସାମାଜିକ ସ୍ତରରେ ପ୍ରଗତି ମାନସିକ ସ୍ଥିତିକୁ ସୁଦୃଢ଼ କରିବ। ଗୃହାରମ୍ଭ, ଯାନବାହନ ନବୀକରଣ, ରପ୍ତାନୀବାଣିଜ୍ୟ ଏବଂ ପରିବହନ ବାଧାପ୍ରାପ୍ତ ହେବ ନାହିଁ। ତଥାପି ସାମୟିକ ଭାବରେ ଅତୀତ କଥା ଓ ଉପସ୍ଥିତ ସମସ୍ୟା ସମ୍ପର୍କିତ ଚିନ୍ତାରେ ମନ ଉଦ୍‌ବିଗ୍ନ ରହିପାରେ।

**ସିଂହ**
ବିଶିଷ୍ଟବ୍ୟକ୍ତିଙ୍କ ଅନୁକମ୍ପା ସାମାଜିକ ପ୍ରତିଷ୍ଠା ସହ ଲକ୍ଷ୍ୟପୂରଣରେ ସହାୟକ ହେବ। ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ସିପ୍ ଓ ସଭାସମିତିରେ ପ୍ରଶଂସିତ ହେବେ । ଇଚ୍ଛା ବିରୋଧରେ କୌଣସି କାମ କରି ଅନୁତପ୍ତ ହେବେ। କର୍ମକ୍ଷେତ୍ରରେ ସ୍ଥଗିତ କାର୍ଯ୍ୟ, ଜମିଜମା କ୍ରୟବିକ୍ରୟ ଏବଂ ମିଥ୍ୟାମକଦ୍ଦମାରେ ଜଡ଼ିତଜନିତ ଦୁଶ୍ଚିନ୍ତା ବୃଦ୍ଧି ପାଇବ।

**କନ୍ୟା**
ଅନୁକୂଳ ଗ୍ରହସ୍ଥିତି କାର୍ଯ୍ୟସିଦ୍ଧି, ଅର୍ଥଗୌରବ, ବନ୍ଧୁଙ୍କ ଆଦର ପ୍ରାପ୍ତି କରାଇପାରେ। ଭାବପ୍ରବଣତାଜନିତ ଆନମନା ରହିପାରନ୍ତି। ଆତ୍ମୀୟଙ୍କ ପରାମର୍ଶରେ ଆଗାମୀ ଆନୁଷ୍ଠାନିକ ଉତ୍ସବ ନିମନ୍ତେ ପ୍ରସ୍ତୁତି ଆରମ୍ଭ କରିବେ। ବୃତ୍ତି, ବାଣିଜ୍ୟ, କ୍ରୟବିକ୍ରୟ, ଯାତ୍ରା, ବିବାଦର ସମାଧାନ କ୍ଷେତ୍ରରେ ସଫଳତା ହାସଲ କରିବେ।

**ତୁଳା**
ଅନ୍ୟଦ୍ୱାରା ପ୍ରଭାବିତ ହୋଇ କର୍ମାରମ୍ଭ କଲେ ଭୁଲ୍ କରିବେ। ନିର୍ମାଣାଧୀନ କାମ, ଚୁକ୍ତିପତ୍ର, ବିବାଦୀୟ ଘଟଣା ଓ ଜମିଜମା କିଣା ବିକାରେ ସତର୍କତା ଅବଲମ୍ବନ କରିବା ଭଲ। ସଭାସମିତି, ଲେଖାପଢ଼ା, ସାହିତ୍ୟ, ବକ୍ତୃତା କ୍ଷେତ୍ରରୁ ପ୍ରଶଂସିତ ହେବେ। ଆଜିର ଯାତ୍ରା, କର୍ମାରମ୍ଭ ଓ ସରକାରୀ ସ୍ତରରେ ଦେଖାସାକ୍ଷାତରୁ ଉପକୃତ ହୋଇପାରନ୍ତି।

**ବିଛା**
ଦିନଟିରେ କିଛି କାମ ସନ୍ତୋଷଜନକ ହେବ। କର୍ମକ୍ଷେତ୍ରରେ, ପ୍ରଶାସନିକ ସ୍ତରରେ, ରାଜନୈତିକ ଆଲୋଚନାରେ ଟେନସନ୍ ଦୂର ହୋଇପାରେ। କୃତି ଓ କୃତିତ୍ୱର ପୃଷ୍ଠଭୂମିରେ ନୂତନ ବସ୍ତ୍ରଭୂଷଣ, ସମ୍ମାନ ପ୍ରାପ୍ତି ଯୋଗ ମଧ୍ୟ ରହିଛି। ପାରିବାରିକ ସମସ୍ୟା ସଜାଡିବାରେ ଯତ୍ନବାନ ହେବା ସାଙ୍ଗକୁ ଦୂରଯାତ୍ରା ପାଇଁ ପ୍ରସ୍ତୁତି କରିପାରନ୍ତି।

**ଧନୁ**
ଶନିଙ୍କ ପ୍ରଭାବ ନକାରାତ୍ମକ ଚିନ୍ତାଧାରାରେ ବିଷାଦିତ କରିପାରେ। ପ୍ରତ୍ୟେକ କାର୍ଯ୍ୟ ସକାଶେ ଧୈର୍ଯ୍ୟ ବୃଦ୍ଧି ପାଇବ। ପାରିବାରିକ କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ମିତ୍ର, ବନ୍ଧୁମାନଙ୍କ ପରାମର୍ଶ ମାନିବା ଭଲ। ସାଂସ୍କୃତିକ କାର୍ଯ୍ୟକ୍ରମରେ କଳା, ସଙ୍ଗୀତ, ସାହିତ୍ୟ ଓ ସାମ୍ବାଦିକତାରେ ସମ୍ମାନିତ ହୋଇପାରନ୍ତି।

**ମକର**
ଆଜି ବିବାଦୀୟ ଚିନ୍ତାଧାରା ସାଙ୍ଗକୁ ଦୁର୍ଭାବନା ଅସ୍ଥିରତାର କାରଣ ହେବ। ପାରିବାରିକ ସ୍ଥିତି ଭଲ ରହିବ ନାହିଁ। ଯାନବାହନ, ଯାନ୍ତ୍ରିକ ଜିନିଷ, ଧାତୁ ଅଳଙ୍କାରାଦି କ୍ରୟ କରିପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ ଲାଭକରି ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ସାମିଲ କରିପାରନ୍ତି। କର୍ମକ୍ଷେତ୍ରରେ ସହକର୍ମୀଙ୍କ ସୌହାର୍ଦ୍ଦ୍ୟରୁ ବିଶେଷ ଖୁସି ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ମାନସିକ ଦୁଶ୍ଚିନ୍ତାର କାରଣ ହେବ। ପଡ଼ୋଶୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇ ସମସ୍ୟାକୁ ଡାକି ଆଣିଲାପରି ପରିସ୍ଥିତି ସୃଷ୍ଟି ହେବ। ପ୍ରସ୍ତୁତିର ଅନ୍ତିମ ପର୍ଯ୍ୟାୟରେ ବ୍ୟତିକ୍ରମଜନିତ ଆଜିର ଯାତ୍ରାରେ ବ୍ୟସ୍ତତା ଅନୁଭବ କରିବେ। ଅର୍ଥନୈତିକ ସ୍ଥିତି ପ୍ରଗତି କ୍ଷେତ୍ରରେ ସହାୟକ ହୋଇପାରିବ।

**ମୀନ**
ଦୂରଦର୍ଶିତା ଏବଂ ସମୟୋପଯୋଗୀ ଚିନ୍ତାଧାରା ଯୋଗୁ କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି ଉତ୍ତମ ରହିବ। ପଡ଼ୋଶୀଙ୍କ କଥାରେ ଚିହ୍ନା ପଡି କୌଣସି କାମ କରିବା ଠିକ୍ ହେବ ନାହିଁ। ଗବେଷଣା, ସାହିତ୍ୟ, ସଙ୍ଗୀତରେ ସମସ୍ୟା ସମାଧାନ ହୋଇଯିବ। ଭ୍ରମଣ ରାଜନୀତି, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ପାଇଁ ଦିନଟି ବହୁତ ଭଲ।

ଆଜି ଜାନୁଆରୀ ୩୦ ତାରିଖ, ଜାତିରପିତା ମହାମାନବ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ, ଶହୀଦ ଦିବସ, ସର୍ବୋଦୟ ଦିବସ, ମାଘ ଶୁକ୍ଳ ଦ୍ୱାଦଶୀ ଯୁକ୍ତ ତ୍ରୟୋଦଶୀ ଶୁକ୍ରବାର, ରାଶିନକ୍ଷତ୍ର-ଆର୍ଦ୍ରା/ମିଥୁନ, ଦ୍ୱାଦଶୀର ଏକୋଦ୍ଦିଷ୍ଟ ଓ ତ୍ରୟୋଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ. ୦୬।୨୬ମି. ଗତେ ଘ. ୦୭।୧୦ ମି. ମଧ୍ୟେ, ଘ.୦୭।୫୫ମି. ଗତେ ଘ.୦୯।୧୯ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ଦିବା ଘ.୧୦।୩୬ ମି. ଗତେ, ଘ.୧୧।୫୯ମି. ମଧ୍ୟେ ରାହୁ କାଳ।

## ଭାରତ-ଇୟୁ ଏଫ୍‌ଟିଏକୁ...

ପ୍ରଥମ ପୃଷ୍ଠାରୁ...

ଇନ ମଦର ଅଫ୍ ଅଲ୍ ଟ୍ରେଡ୍ ଡିଲ୍ସ ଉଇଥ୍ ଇୟୁ'ରେ ଭାରତ-ଇୟୁ ବାଣିଜ୍ୟ ଚୁକ୍ତିନାମାକୁ ସମସ୍ତ ବାଣିଜ୍ୟ ଚୁକ୍ତିନାମାର ମା' ବୋଲି ବର୍ଣ୍ଣନା କରାଯାଇଛି। ଭାରତ ବାସ୍ତବରେ ରଣନୀତିକ ବିଜେତା ଭାବେ ଉଭା ହୋଇଥିବା ନେଇ ଏଥିରେ ଯୁକ୍ତି ଦର୍ଶାଯାଇଛି। ଉକ୍ତ ଡିଲ୍ ଯୋଗୁ ଭାରତକୁ ୟୁରୋପୀୟ ସଂଘ ରପ୍ତାନି କରୁଥିବା ୯୬.୬ ପ୍ରତିଶତ ସାମଗ୍ରୀ ଉପରୁ ଟାରିଫ ହଟାଇ ଦିଆଯିବ କିମ୍ବା ହ୍ରାସ ପାଇବାକୁ ଥିବାବେଳେ ୯୯.୫ ପ୍ରତିଶତ ଭାରତୀୟ ସାମଗ୍ରୀ ଉପରେ ଇୟୁ ୭ ବର୍ଷ ପାଇଁ ଟାରିଫ୍ ହ୍ରାସ କରିବ ବୋଲି ଉକ୍ତ ନିବନ୍ଧରେ ଉଲ୍ଲେଖ କରାଯାଇଛି।

ଡାନ୍ ଷ୍ଟ୍ରମ୍ପଙ୍କ ଦ୍ୱାରା ବ୍ଲୁମ୍‌ବର୍ଗରେ ଲିଖିତ ନିବନ୍ଧ 'ଅଲ୍ ରୋଡ୍ସ ଲିଡ୍ ଟୁ ମୋଦି ଆଜ୍ ୱାର୍ଲ୍ଡ ହେଜ୍‌ସ ଟ୍ରମ୍ପ'ରେ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ଡିଲ୍‌କୁ ନୂତନ ଉଦୟମାନ ପ୍ରବୃତ୍ତିର ସଦ୍ୟତମ ଦୃଷ୍ଟାନ୍ତ: ନୂଆଦିଲ୍ଲୀ ଏବେ ପ୍ରଥମ ପସନ୍ଦର ସହଭାଗୀ ଭାବେ ଉଭା ହୋଇଥିବା କୁହାଯାଇଛି। ସେହିପରି ୱାଲ ଷ୍ଟ୍ରିଟ୍ ଜର୍ନାଲ ଉକ୍ତ ଚୁକ୍ତିନାମାକୁ ବିଶ୍ୱ ଟାରିଫ୍ ପ୍ରତିବନ୍ଧକକୁ ମଧ୍ୟମ ଶକ୍ତିଗୁଡ଼ିକର ପ୍ରତିକ୍ରିୟା ଭାବେ ଅଭିହିତ କରିଛି, ଯେଉଁଥିରେ ଆମେରିକା ବାଣିଜ୍ୟ ନୀତି ଦ୍ୱାରା ସୃଷ୍ଟ ଅନିଶ୍ଚିତତା କିପରି ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ସହଯୋଗ ବୃଦ୍ଧି କରିଛି, ତାହା ବର୍ଣ୍ଣନା କରାଯାଇଛି। ନ୍ୟୁୟର୍କ ଟାଇମ୍ସ ମତରେ ପ୍ରାୟ ୨ ଦଶନ୍ଧିର ବୁଝାମଣା ପରେ ବିଶ୍ୱର ବୃହତ୍ ଅର୍ଥନୈତିକ ବ୍ଲକ୍ ଏବଂ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ୍ ଅର୍ଥନୀତିକୁ ଉକ୍ତ ଡିଲ୍ ଏକାଠି କରିଛି। ୱାଶିଂଟନ ପୋଷ୍ଟ ଭାରତ ଏବଂ ୟୁରୋପୀୟ ସଂଘ ମଧ୍ୟରେ ହୋଇଥିବା ମୁକ୍ତ ବାଣିଜ୍ୟ ଚୁକ୍ତିନାମାକୁ ଐତିହାସିକ ଡିଲ୍ ବୋଲି କହିଛି। ଦି ଗାର୍ଡିଆନ୍ ଏବଂ ବିବିସି ମଧ୍ୟ ଉକ୍ତ ଚୁକ୍ତିନାମାକୁ 'ମଦର ଅଫ୍ ଅଲ୍ ଡିଲ୍ସ' ଭାବେ ବର୍ଣ୍ଣନା କରିଛନ୍ତି।

ବ୍ଲୁମ୍‌ବର୍ଗର ଅନ୍ୟ ଏକ ନିବନ୍ଧରେ ଯୋଗାଣ ଶୃଙ୍ଖଳ ସମନ୍ୱୟକୁ ଏହା ଅଧିକ ନିବିଡ଼ କରିବ ବୋଲି କୁହାଯାଇଛି। ପୂର୍ବରୁ କାର୍ ଉପରେ ୧୦୦ ପ୍ରତିଶତରୁ ଉର୍ଦ୍ଧ୍ୱ ଶୁଳ୍କ ଲାଗୁଥିବାବେଳେ ଏହା ୧୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇବ। ଗାଡ଼ି ଯନ୍ତ୍ରାଂଶଗୁଡ଼ିକ ଉପରେ ଶୁଳ୍କ ସମ୍ପୂର୍ଣ୍ଣ ଛାଡ଼ ହେବ। ଭାରତ ଏବଂ ୟୁରୋପୀୟ ସଂଘ ମୁକ୍ତ ବାଣିଜ୍ୟ ଚୁକ୍ତିନାମାରେ ପହଞ୍ଚିଥିବାବେଳେ ଏହା ବିଶ୍ୱ ବାଣିଜ୍ୟର ଏକ ତୃତୀୟାଂଶର ପ୍ରତିନିଧିତ୍ୱ କରୁଥିବା ଆସୋସିଏଟେଡ୍ ପ୍ରେସ୍ କହିଛି। ରଏଟର୍ସ ଏହାକୁ ଐତିହାସିକ୍ ଡିଲ୍ କହିବା ସହ ଅଧିକାଂଶ ସାମଗ୍ରୀ ଉପରେ ଟାରିଫ୍ ହଟିବ ବୋଲି କହିଛି।

ୟୁରୋପୀୟ ନେତାମାନେ ବାଣିଜ୍ୟ ଚୁକ୍ତିନାମାକୁ ସର୍ବସାଧାରଣ ସ୍ୱାଗତ କରିଛନ୍ତି। ଜର୍ମାନୀ ଚାନ୍ସେଲର ଫ୍ରେଡରିକ୍ ମେର୍ଜ ଚୁକ୍ତିନାମାକୁ ଅତ୍ୟନ୍ତ ସକାରାତ୍ମକ ସଙ୍କେତ ବୋଲି କହିଛନ୍ତି। ଅଭିବୃଦ୍ଧି ଏବଂ ସମୃଦ୍ଧି ବଢ଼ାଇବା ନିମନ୍ତେ ତୁରନ୍ତ ଏହାକୁ କାର୍ଯ୍ୟକାରୀ କରିବା ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଫିନ୍‌ଲାଣ୍ଡ ରାଷ୍ଟ୍ରପତି ଆଲେକ୍‌ଜାଣ୍ଡାର ଷ୍ଟବ୍ ଭାରତ-ଇୟୁ ବାଣିଜ୍ୟ ଚୁକ୍ତିନାମାକୁ ଐତିହାସିକ ତଥା ସର୍ବବୃହତ ବାଣିଜ୍ୟ ଡିଲ୍ କହିଛନ୍ତି। ଏହା ଆର୍ଥିକ ଏବଂ ରାଜନୈତିକ ସମ୍ପର୍କକୁ ଉଲ୍ଲେଖନୀୟ ଭାବେ ବୃଦ୍ଧି କରିବ ବୋଲି ସେ ମତ ଦେଇଛନ୍ତି। ସୁଇଡେନ୍ ପ୍ରଧାନମନ୍ତ୍ରୀ ଉଲ୍‌ଫ କ୍ରିଷ୍ଟେର୍‌ସନ ଏହାକୁ ସହଯୋଗର ନୂତନ ଯୁଗର ଅଭ୍ୟାରମ୍ଭ ବୋଲି ବର୍ଣ୍ଣନା କରିବା ସହ ବାଣିଜ୍ୟ ଏବଂ ସହଭାଗିତା ଜରିଆରେ ଏହା ସମୃଦ୍ଧି, ପ୍ରତିଯୋଗିତା ଏବଂ ସୁରକ୍ଷାକୁ ସୁଦୃଢ଼ କରିବ ବୋଲି କହିଛନ୍ତି। ଫ୍ରାନ୍ସ ମନ୍ତ୍ରୀ ନିକୋଲାସ ଫୋରିସିଏର୍ ଭାରତ-ୟଇୟୁ ଡିଲ୍‌କୁ ଏକ ବଡ଼ ରାଜନୈତିକ ପଦକ୍ଷେପ କହିବା ସହ ଏହା ଅନ୍ୟ ଚୁକ୍ତିନାମା ଭଳି ନୁହେଁ ବୋଲି କହିଛନ୍ତି।

ୟୁରୋପୀୟ ସଂସଦୀୟ ସଦସ୍ୟ ସାଣ୍ଡ୍ରୋ ଗୋଜିକ୍ଷ ମତରେ ଏହି ଚୁକ୍ତି ସ୍ପଷ୍ଟ ଭାବେ ୟୁରୋପୀୟ ସଂଘର ସହଭାଗିତାକୁ ବିବିଧୀକରଣ କରିବା ଏବଂ ଏହାର ସ୍ୱୟଂକ୍ରିୟତା ଓ ସ୍ୱାଧୀନତା ବଢ଼ାଇବାକୁ ପ୍ରତିଫଳିତ କରେ। ସେ ଭାରତକୁ ଏକ ବୃହତ୍ ବୈଶ୍ୱିକ ଶକ୍ତି ଭାବେ ଅଭିହିତ କରିଛନ୍ତି। ଭୌଗୋଳିକ, ରାଜନୈତିକ ଓ କୂଟନୈତିକ ଦୃଷ୍ଟିରୁ ଏହି ଚୁକ୍ତି ଉଭୟ ୟୁରୋପୀୟ ଓ ଭାରତୀୟମାନଙ୍କ ପାଇଁ ଉଲ୍ଲେଖନୀୟ ସୁଯୋଗ ସୃଷ୍ଟି କରିବ।

୨୦ ବର୍ଷର ବିଚାରବିମର୍ଶ ପରେ ଏଫଟିଏ ଏକ ବଡ଼ ମୁହୂର୍ତ୍ତ ବୋଲି ଏୟାରବସ୍‌ର ଭାରତ ଏବଂ ଦକ୍ଷିଣ ଏସିଆ ପାଇଁ ଥିବା ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ତଥା ଭାରତରେ ଫେଡେରେଶନ ଅଫ୍ ୟୁରୋପୀୟ ବିଜନେସ୍‌ର ଅଧ୍ୟକ୍ଷ ଜୁର୍‌ଗେନ୍ ୱେଷ୍ଟରମେଇର୍ କହିଛନ୍ତି। ଉକ୍ତ ଚୁକ୍ତି ଉଭୟ ପକ୍ଷ ପାଇଁ ସୁଯୋଗ ବଢ଼ାଇବାରେ କାର୍ଯ୍ୟ କରିବ ବୋଲି ସେ ମତ ଦେଇଛନ୍ତି। ବାଣିଜ୍ୟ ଚୁକ୍ତିନାମା ମେକ୍ ଇନ୍ ଇଣ୍ଡିଆ, ପଦଯୁକ୍ତି ସ୍ଥାନାନ୍ତର, ପ୍ରତିରକ୍ଷା, ମହାକାଶ ଏବଂ ଅତ୍ୟାଧୁନିକ ଉତ୍ପାଦନ ପ୍ରତି ଏକ ଦୀର୍ଘମିଆଦି ପ୍ରତିଶ୍ରୁତି ବୋଲି ଏୟାରବସ୍ ଇଣ୍ଟରନ୍ୟାଶନାଲର ଅଧ୍ୟକ୍ଷ ୱୌଟର ଭାନ୍ ୱେର୍ଶ୍ଚ କହିଛନ୍ତି।

## ସୁନା, ରୁପା ମୂଲ୍ୟରେ...

କିଲୋଗ୍ରାମ ପିଛା ମୂଲ୍ୟ ୩ ଲକ୍ଷ ୯୩ ହଜାର ଟଙ୍କା ଥିବାବେଳେ ୨୪ କ୍ୟାରେଟ୍ ସୁନା ୧୦ ଗ୍ରାମ ମୂଲ୍ୟ ପ୍ରାୟ ୧ ଲକ୍ଷ ୬୭ ହଜାର ଥିଲା। ଲେମନ ମାର୍କେଟ ଡେସ୍କର ଗବେଷଣା ବିଶ୍ଳେଷକ ଗୌରବ ଗର୍ଗ କହିଛନ୍ତି ଯେ, ନିବେଶକଙ୍କ ପ୍ରବଳ ଚାହିଦା ଏବଂ ବିଶ୍ୱସ୍ତରରେ ମୂଲ୍ୟବାନ ଧାତୁର ଦରବୃଦ୍ଧି ଯୋଗୁ ରୁପା ୪ ଲକ୍ଷ ଟଙ୍କା ମାଇଲଖୁଣ୍ଟ ଅତିକ୍ରମ କରିଥିବାବେଳେ ସୁନା ମଧ୍ୟ ଏକ ନୂଆ ରେକର୍ଡ ସୃଷ୍ଟି କରିଛି। ବିଶ୍ୱ ଅର୍ଥନୈତିକ ଅନିଶ୍ଚିତତା ଏବଂ ବଢୁଥିବା ଭୂ-ରାଜନୈତିକ ଉତ୍ତେଜନା ମଧ୍ୟରେ ନିରାପଦ ନିବେଶ ପାଇଁ ଚାହିଦା ବଢ଼ିବା ଏହାର ମୁଖ୍ୟ କାରଣ ବୋଲି ସେ ଦର୍ଶାଇଛନ୍ତି। ସେ ଆହୁରି କହିଛନ୍ତି ଯେ, ଶିଳ୍ପ କ୍ଷେତ୍ରର ବୃହତ୍ ଚାହିଦା ଏବଂ ଦୁର୍ବଳ ଆମେରିକୀୟ ଡଲାର କାରଣରୁ ରୁପା ବିଶେଷ ଭାବେ ସୁନା ତୁଳନାରେ ଅଧିକ ଭଲ ପ୍ରଦର୍ଶନ କରୁଛି। ବୁଲିଅନ ମାର୍କେଟରେ ୯୯.୯ ପ୍ରତିଶତ ଶୁଦ୍ଧତା ଥିବା ସୁନା ମଧ୍ୟ ଦ୍ରୁତଗତିରେ ବଢ଼ିଛି। ନୂଆଦିଲ୍ଲୀରେ ସୁନା (୯୯.୯% ଶୁଦ୍ଧତା) ୧୦ ଗ୍ରାମ ପିଛା ୧୨,୦୦୦ ଟଙ୍କା ବୃଦ୍ଧିପାଇ ୧,୮୩,୦୦୦ ଟଙ୍କାରେ ପହଞ୍ଚିଛି। ଅନ୍ତର୍ଜାତୀୟ ବଜାରରେ ସୁନା ମୂଲ୍ୟ ଆଉନ୍ସ ପିଛା ୧୭୭.୧୪ ଡଲାର ବୃଦ୍ଧି ପାଇ ୫,୫୯୫.୦୨ ଡଲାରରେ ପହଞ୍ଚିଛି। ଆମେରିକୀୟ ଡଲାର ଦୁର୍ବଳ ହେବା, ଏକ୍ସଚେଞ୍ଜ ଟ୍ରେଡ୍ ଫଣ୍ଡ (ଇଟିଏଫ)ରେ ଅଧିକ ନିବେଶ ଏବଂ ଆମେରିକା-ଇରାନ ମଧ୍ୟରେ ଚାଲିଥିବା ରାଜନୈତିକ ଉତ୍ତେଜନା ଏହି ଦର ବୃଦ୍ଧିର ମୁଖ୍ୟ କାରଣ। ପିଏଲ୍ କ୍ୟାପିଟାଲର ନିର୍ଦ୍ଦେଶକ ସନ୍ଦୀପ ରାଇଚୁରାଙ୍କ ଅନୁଯାୟୀ, ବିଶ୍ୱରେ ଏବେ ଯେଉଁ ପରିସ୍ଥିତି ଦେଖାଦେଇଛି, ତାହା ଶତାବ୍ଦୀରେ ପ୍ରାୟତଃ ଥରେ ଘଟେ। ତେଣୁ ଆଗାମୀ ୨ ବର୍ଷ ମଧ୍ୟରେ ସୁନା ଦର ଆହୁରି ବଢ଼ିପାରେ ଏବଂ ୨୦୨୭ ସୁଦ୍ଧା ଏହା ୮,୦୦୦ ଡଲାର ଅତିକ୍ରମ କରିବାର ସମ୍ଭାବନା ରହିଛି।

## ୟୁଜିସି ଜାତିଗତ ବୈଷମ୍ୟ...

ଯାଞ୍ଚ ନିମନ୍ତେ ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟକାନ୍ତଙ୍କ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସମ୍ବିଧାନର ଅନୁଚ୍ଛେଦ ୧୫(୪) ତଫସିଲଭୁକ୍ତ ଜାତି (ଏସ୍‌ସି) ଏବଂ ତଫସିଲଭୁକ୍ତ ଜନଜାତି (ଏସ୍‌ଟି)ଙ୍କ ପାଇଁ ଆଇନ ପ୍ରଣୟନ କରିବାକୁ ଅନୁମତି ଦେଇଥାଏ, କିନ୍ତୁ ଏହାର ଦୁରୁପଯୋଗ ହେବା ଆଶଙ୍କା ରହିଥିବା କହି ଖଣ୍ଡପୀଠ ସତର୍କ କରାଇଛନ୍ତି।

ୟୁଜିସି ପକ୍ଷରୁ ଜାରି ନୂଆ ନିୟମରେ ପ୍ରତ୍ୟେକ ଉଚ୍ଚ ଶିକ୍ଷାନୁଷ୍ଠାନରେ ଇକ୍ୱାଲ ଅପର୍ଚୁନିଟି ସେଣ୍ଟର ଏବଂ କ୍ୟାମ୍ପସସ୍ତରୀୟ ଇକ୍ୱିଟି କମିଟି ଗଠନ ସହ ଜାତିଗତ ବୈଷମ୍ୟର ଶିକାର ହେଉଥିବା ଛାତ୍ରୀଛାତ୍ରଙ୍କୁ ସହାୟତା ପ୍ରଦାନ ପାଇଁ ୨୪X୭ ଅଭିଯୋଗ ଶୁଣାଣି ବ୍ୟବସ୍ଥା କରିବାକୁ କୁହାଯାଇଥିଲା। କୌଣସି ଛାତ୍ରୀଛାତ୍ରଙ୍କ ପ୍ରତି ଜାତିଗତ ଭେଦଭାବ ହେଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଏଥିରେ କୁହାଯାଇଥିଲା। ତେବେ ଉକ୍ତ ନିୟମର ଭାଷା ଅସ୍ପଷ୍ଟ ଥିବାରୁ ମିଥ୍ୟା ଅଭିଯୋଗ ବଳରେ ଏହାର ଦୁରୁପଯୋଗ ହେବା ଆଶଙ୍କା କରି କେତେଜଣ ଛାତ୍ରୀଛାତ୍ର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଦାଖଲ ହୋଇଥିବା ଏକାଧିକ ପିଟିଶନରେ ୟୁଜିସିର ନୂଆ ନିୟମକୁ ଚ୍ୟାଲେଞ୍ଜ କରାଯାଇଛି। ସିଜେଆଇ ସୂର୍ଯ୍ୟ କାନ୍ତ ଓ ଜଷ୍ଟିସ୍ ଜୟମାଲା ବାଗଚୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହାର ଶୁଣାଣି ବେଳେ କହିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ପରେ ମଧ୍ୟ ସମାଜରୁ ଜାତିଗତ ଭେଦଭାବ ଦୂର ହୋଇପାରି ନାହିଁ। ଏକ ଜାତିବିହୀନ ସମାଜ ହେବା ପରିବର୍ତ୍ତେ ଆମେ ସଂକୀର୍ଣ୍ଣ ଓ ରୁଢ଼ିବାଦୀ ହେବାରେ ଲାଗିଛେ। ଦେଶର ଉତ୍ତର ହେଉ କି ଦକ୍ଷିଣ ଭାଗ, ସବୁଠି ପିଲାମାନେ ରାଗିଂର ଶିକାର ହେଉଛନ୍ତି ବୋଲି ସିଜେଆଇ ଚିନ୍ତାବ୍ୟକ୍ତ କରିଛନ୍ତି। ୟୁଜିସି ନିୟମାବଳୀରେ ଥିବା ଭାଷାକୁ ଜଣେ ବିଶେଷଜ୍ଞ ସମୀକ୍ଷା କରିବା ଜରୁରୀ ବୋଲି କହିବା ସହ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ୟୁଜିସିକୁ ନୋଟିସ କରିଛନ୍ତି।

ଖଣ୍ଡପୀଠ ଆହୁରି କହିଛନ୍ତି, ଆମେରିକୀୟ ସ୍କୁଲଗୁଡ଼ିକରେ ଶ୍ୱେତାଙ୍ଗ ଓ କୃଷ୍ଣକାୟ ପିଲାଙ୍କ ପାଇଁ ଭିନ୍ନ ଭିନ୍ନ ସ୍କୁଲ ରହିଛି। ଆମେରିକା ଭଳି ଭାରତର ସ୍କୁଲଗୁଡ଼ିକୁ ପୃଥକ୍ କରାଯାଇପାରିବ ନାହିଁ। ଏଭଳି ବ୍ୟବସ୍ଥା ଶୋଷଣର ମାଧ୍ୟମ ହୋଇପାରେ। ତେଣୁ ୨୦୨୬ର ୟୁଜିସି ନିୟମ ଉପରେ ସୁପ୍ରିମକୋର୍ଟ ସ୍ଥଗିତାଦେଶ ଜାରି କରିବା ସହ ୨୦୧୨ରୁ ଏ ସଂକ୍ରାନ୍ତରେ ପ୍ରଚଳିତ ୟୁଜିସି (ଉଚ୍ଚଶିକ୍ଷାନୁଷ୍ଠାନ ସମାନତା ପ୍ରୋତ୍ସାହନ) ନିୟମକୁ ସମସ୍ତ ବିଶ୍ୱବିଦ୍ୟାଳୟ ଓ ଉଚ୍ଚଶିକ୍ଷାନୁଷ୍ଠାନ ଅନୁପାଳନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସୁପ୍ରିମକୋର୍ଟ ଏନେଇ ଜାରି କରିଥିବା ନୋଟିସକୁ ସଲିସିଟର ଜେନେରାଲ ଗ୍ରହଣ କରିଛନ୍ତି। ମାର୍ଚ୍ଚ ୧୯ରେ ଏହାର ପରବର୍ତ୍ତୀ ଶୁଣାଣି କରାଯିବ।

## ୭.୨% ତଳେ...

ଚାଲିଥିବା ନୀତିଗତ ସଂସ୍କାରର ସାମଗ୍ରିକ ପ୍ରଭାବ ଅର୍ଥନୀତିରେ ମଧ୍ୟମ-ଅବଧି ଅଭିବୃଦ୍ଧି ୭%ର ନିକଟତର ହୋଇପାରେ ବୋଲି ମନେହେଉଛି। ବୈଶ୍ୱିକ ଅନିଶ୍ଚିତତା ଯୋଗୁ ଅଭିବୃଦ୍ଧି ମନ୍ଥର ହୋଇପାରେ। ଏଥିପାଇଁ ନକାରାତ୍ମକତା ନୁହେଁ, ସତର୍କତା ଜରୁରୀ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି।

ଆମେରିକା ପକ୍ଷରୁ ଲଗାଯାଇଥିବା ଉଚ୍ଚ ଟାରିଫ୍ ଶ୍ରମଭିତ୍ତିକ କ୍ଷେତ୍ରଗୁଡ଼ିକୁ ପ୍ରଭାବିତ କରିଥିବାବେଳେ ମୋଦିସରକାରନୀତିଏବଂଜିଏସ୍‌ଟିହାରହ୍ରାସସମେତ ଟିକସରେ ସଂସ୍କାର ଆଣୁଛନ୍ତି। ବ୍ୟବସାୟ ଉପରେ ବୋଝ ହ୍ରାସ ପାଇଁ ୨୦୨୫ ମେ' ପରଠୁ ସରକାର ୪ଟି ମୁକ୍ତ ବାଣିଜ୍ୟ ଚୁକ୍ତି କରିସାରିଲେଣି। ସଦ୍ୟତମ ବୃହତ୍ ଚୁକ୍ତି ୟୁରୋପୀୟ ସଂଘ ସହ ସ୍ୱାକ୍ଷରିତ ହୋଇଛି।

ମୁଦ୍ରାସ୍ଫୀତି ନିମ୍ନ ରହିଥିବାବେଳେ କମ୍ପାନୀଗୁଡ଼ିକର ଲାଭକ୍ଷତି ବାଲାନ୍ସ ଶିଟ୍ ସନ୍ତୁଳିତ ଓ ଉପଭୋକ୍ତାଙ୍କ ଚାହିଦା ଅଧିକ ରହିଛି। ଆମେରିକାର ଟାରିଫ୍ ଯୋଗୁ ଡଲାର ତୁଳନାରେ ଟଙ୍କାର ବିନିମୟ ମୂଲ୍ୟ ୫% ହ୍ରାସ ପାଇଛି। ଟଙ୍କା ଦିନକୁ ଦିନ ଅବମୂଲ୍ୟାୟନର ରେକର୍ଡ ଭାଙ୍ଗୁଛି। ଏହି ପୃଷ୍ଠଭୂମିରେ ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରସ୍ତୁତ କରିଥିବା ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଭି.ଏ. ଅନନ୍ତ ନାଗେଶ୍ୱରନ୍ କହିଛନ୍ତି, ଆମେରିକା ସହ ବାଣିଜ୍ୟ ଚୁକ୍ତି ନେଇ ଆଲୋଚନା ଜାରି ରହିଛି, ଯାହାକି ଏବର୍ଷ ଶେଷ ହୋଇପାରେ। ଭାରତ-ଆମେରିକା ବାଣିଜ୍ୟ ଚୁକ୍ତି ସମ୍ପନ୍ନ ହେଲେ ବାହ୍ୟ କ୍ଷେତ୍ରରୁ ଆସୁଥିବା ଅନିଶ୍ଚିତତା ଦୂର ହେବାରେ ସହାୟକ ହୋଇପାରେ।

## ମୁଖ୍ୟାଂଶ...

- ଦିଆଯାଇଛି।
- ସାମାଜିକ ଗଣମାଧ୍ୟମରେ ସ୍ୱଳ୍ପବୟସ୍କ ପିଲାମାନେ ଛନ୍ଦି ହୋଇଯାଉଥିବାରୁ ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମଗୁଡ଼ିକର ଉପଲବ୍ଧତାକୁ ବୟସଭିତ୍ତିକ କରାଯିବାକୁ କୁହାଯାଇଛି। ଏପରି କି ଏଜ୍-ଭେରିଫିକେଶନ୍ ଓ ଏଜ୍-ଆପ୍ରୋପ୍ରିଏଟ୍ ତ୍ରୁଟି ହେଲେ ସମ୍ପୃକ୍ତ ପ୍ଲାଟ୍‌ଫର୍ମକୁ ଉତ୍ତରଦାୟୀ କରାଯିବ।
- ପିଲାଙ୍କ ପାଇଁ ବେସିକ୍ ଫୋନ୍ସ ଓ କେବଳ ଶିକ୍ଷାଭିତ୍ତିକ ଟାବ୍‌ଲେଟ ଭଳି ଅପେକ୍ଷାକୃତ ସରଳ ଉପକରଣକୁ ପ୍ରୋତ୍ସାହନ ଦିଆଯିବ।
- ସକାଳ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ଅତି-ପ୍ରକ୍ରିୟାକୃତ ଖାଦ୍ୟ (ୟୁପିଏଫ୍) ବିକ୍ରି ଉପରେ କଟକଣା ଜାରି କରାଯିବ।
- ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି)ରେ ଅଣାଯାଇଥିବା ପରିବର୍ତ୍ତନ ସହ ଦେଶର ଅର୍ଥନୀତି ଖାପ ଖୁଆଇ ଚଳିବାକୁ ଥିବାରୁ ୨୦୨୭ ଆର୍ଥିକବର୍ଷ ଏକ ଆଡ୍‌ଜଷ୍ଟମେଣ୍ଟର ବର୍ଷ ହେବ।
- ୟୁରୋପ ସହ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଭାରତର ବିନିର୍ମାଣ ପ୍ରତିଯୋଗିତାକୁ ସଶକ୍ତ କରାଇବା ସହ ରଣନୈତିକ ଦକ୍ଷତା ବଢ଼ାଇବ ବୋଲି ଉକ୍ତ ରିପୋର୍ଟରେ ଆଶାବ୍ୟକ୍ତ କରାଯାଇଛି।
- ସର୍ଭେ ରିପୋର୍ଟରେ ଏକ 'ଜାତୀୟ ଇନପୁଟ୍ କଷ୍ଟ ରିଡକ୍ସନ' ଷ୍ଟ୍ରାଟେଜି ବିକଶିତ କରିବାକୁ ପରାମର୍ଶ ଦିଆଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଘର ବୋଲୁଛି ଯା ଯା,**
**ମଶାଣି ବୋଲୁଛି ଆ ଆ ।**

ମିଛ ମାୟାର ଏହି ସଂସାରରେ କେହି କାହାର ନୁହନ୍ତି। ଏହା ଜାଣି ମଧ ଅନେକେ ସାଂସାରିକ ମୋହ ମାୟାରୁ ନିଜକୁ ମୁକ୍ତ ରଖି ପାରି ନ ଥାନ୍ତି। ବୟସ ଅତ୍ୟଧିକ ହେଲେ ବି ବହୁ ଲୋକଙ୍କର ଘର ସଂସାର ପ୍ରତି ମୋହ ମାୟା ତୁଟୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘର ଦେଖେ, ବାହାର ଦେଖେ**
**କାନ୍ଥ ଖୋଲି କୁଜ ଦେଖେ।**

ଝିଅଟିଏ ବିଭାଦେବା ପୂର୍ବରୁ ପୁଅ ଘରର ଖାନଦାନି, ଚାଲିଚଳନ, ପୁଅର ଗୁଣ, ସ୍ୱଭାବ, ରୂପ, ରୋଗ ବୈରାଗ ସବୁ ଜାଣି ଧୀର ସ୍ଥିର ଭାବରେ ନିଷ୍ପତ୍ତି ନେବା ଦରକାର। କୌଣସି ନିଷ୍ପତ୍ତି ନେବା ଆଗରୁ ଘଟଣାଟିକୁ ଭଲ ଭାବରେ ସବୁ ଦିଗରୁ ତର୍ଜମାକରି ବୁଝିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:



ଗୁରୁବାର ଅପରାହ୍ନ ୪ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୦/୨୦୨୬ | Bhubaneswar, Friday, January 30/2026 | ପୃଷ୍ଠା-୩



ଓଡ଼ିଶା ଗସ୍ତରେ ଆସିଥିବା ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ଅଜୟ ବାଙ୍ଗା ଗୁରୁବାର ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ ଅବସରରେ।

# ଓଡ଼ିଶା ବିକାଶକୁ ଗତିଶୀଳ କରିବ ବିଶ୍ୱବ୍ୟାଙ୍କ ସହାୟତା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୧ (ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ଓଡ଼ିଶା ଭିଜନ-୨୦୩୬କୁ ବିଶ୍ୱ ବ୍ୟାଙ୍କର ସହାୟତା ଅଧିକ ଗତିଶୀଳ କରିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗୁରୁବାର ବିଶ୍ୱବ୍ୟାଙ୍କ ପ୍ରେସିଡେଣ୍ଟ ଅଜୟ ବାଙ୍ଗା ଓ ପ୍ରତିନିଧି ଦଳଙ୍କ ସହିତ ଲୋକସେବା ଭବନରେ ଅନୁଷ୍ଠିତ ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆଜି ବିଶ୍ୱବ୍ୟାଙ୍କ ପ୍ରତିନିଧି ସହିତ ରାଜ୍ୟର ସ୍ଥାୟୀ ବିକାଶକୁ ତ୍ୱରାନ୍ୱିତ କରିବା, ଯୁବପିଢ଼ିଙ୍କୁ ଘରୋଇ କ୍ଷେତ୍ରରେ ଚାକିରି ପାଇଁ ଦକ୍ଷତା ପ୍ରଦାନ କରିବା, ଭିତ୍ତିଭୂମି ସୁଦୃଢ଼ କରିବା, ସାମାଜିକ କ୍ଷେତ୍ରର ଫଳାଫଳରେ ଉନ୍ନତି ଆଣିବା, ସ୍ଥିର ଏବଂ ପ୍ରଯୁକ୍ତିବିଦ୍ୟା ଆଧାରିତ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବା ଉପରେ ବିସ୍ତୃତ ଆଲୋଚନା ହୋଇଛି। ବିଶ୍ୱ ବ୍ୟାଙ୍କ ସହାୟତାରେ ସୂକ୍ଷ୍ମ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ଭିତ୍ତିଭୂମି ସୁଦୃଢ଼ କରାଯିବା ସହିତ କୃଷି, ଆନୁଷଙ୍ଗିକ କ୍ଷେତ୍ର ଏବଂ ପର୍ଯ୍ୟଟନରେ ନିବେଶ ବୃଦ୍ଧି କରି ଯୁବପିଢ଼ି ଏବଂ ମହିଳାମାନଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ। ମୁଖ୍ୟମନ୍ତ୍ରୀ କହିଥିଲେ, ଓଡ଼ିଶାକୁ ବ୍ୟବସାୟ ଅନୁକୂଳ କରିବା ପାଇଁ ଆଇନ ଏବଂ ନିୟମରେ ସଂସ୍କାର ଆସିଛି, ଯାହା କି ବିପୁଳ ନିବେଶ ଲାଗି ନିବେଶକଙ୍କୁ ଆକର୍ଷିତ କରୁଛି। ଡିସେମ୍ବର-୨୦୨୫ରେ ସିଏମ୍ଆଇ ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁଯାୟୀ ନିବେଶ କ୍ଷେତ୍ରରେ ଓଡ଼ିଶା ଦ୍ୱିତୀୟ ସ୍ଥାନ ହାସଲ କରିଛି। ରାଜ୍ୟରେ ୨.୫ଲକ୍ଷ କୋଟି ଟଙ୍କା ନିବେଶ ହେବା ସହିତ ଆନ୍ଧ୍ର ପ୍ରଦେଶ ପରେ ଓଡ଼ିଶା ଦ୍ୱିତୀୟରେ ରହିଛି।

ଏହି ଅବସରରେ ବିଶ୍ୱ ବ୍ୟାଙ୍କର ସଭାପତି ଅଜୟ ବାଙ୍ଗା ରାଜ୍ୟର ବିକାଶ ପ୍ରୟାସ ଏବଂ ସଂସ୍କାର ଆଭିମୁଖ୍ୟକୁ ପ୍ରଶଂସା କରିଛନ୍ତି। ରାଜ୍ୟର ଯୁବପିଢ଼ି ପାଇଁ ଅଧିକ ଘରୋଇ କ୍ଷେତ୍ରର ନିଯୁକ୍ତି ସୃଷ୍ଟି କରିବା ପାଇଁ ଦକ୍ଷତା ବିକାଶ ଉପରେ ଗୁରୁତ୍ୱ ଦିଆଯାଇ ଥିବାରୁ ସରକାରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଶ୍ୱ ବ୍ୟାଙ୍କ ଓଡ଼ିଶାରେ ବୈଷୟିକ ସହାୟତା, ନୀତି ପରାମର୍ଶ ଏବଂ ଆର୍ଥିକ ସହଯୋଗ ଯୋଗାଇବ ବୋଲି ବାଙ୍ଗା କହିଛନ୍ତି। ବିଶ୍ୱ ବ୍ୟାଙ୍କ ସଭାପତି ମଧ୍ୟ ସଂସ୍ଥାଗତ କ୍ଷମତାକୁ ସୁଦୃଢ଼ କରିବା ଏବଂ ସରକାରୀ-ବେସରକାରୀ ସହଭାଗିତାକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂ ଏବଂ ବିଶ୍ୱ ବ୍ୟାଙ୍କର ପ୍ରତିନିଧିଗଣ ସାମିଲ ଥିଲେ।




# ୨ ଯୋଜନାର ସମୀକ୍ଷାକଲେ କେନ୍ଦ୍ରମନ୍ତ୍ରୀ

**ଭୁବନେଶ୍ୱର,୨୯।୧କ (ସୁନିତ୍ ମିଶ୍ର)**

କେନ୍ଦ୍ରମନ୍ତ୍ରୀ ଶିବରାଜ ସିଂ ଚୌହ୍ୱାନ ଗୁରୁବାର ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଓ କୃଷୋନ୍ନତି ଯୋଜନାର ସମୀକ୍ଷା କରିଛନ୍ତି। ଆଭାସି ମାଧ୍ୟମରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ରାଜ୍ୟର ମନ୍ତ୍ରୀମାନେ ସାମିଲ ହୋଇଥିଲେ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଆଭାସି ଜରିଆରେ ଯୋଗଦେଇ କହିଛନ୍ତି, ଓଡ଼ିଶାରେ ଯୋଜନାଗୁଡିକର ସଫଳ ରୂପାୟନ ସମ୍ପର୍କରେ ତଥ୍ୟ ରଖିଛନ୍ତି। ସୂଚନାଯୋଗ୍ୟ, ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା ଅନ୍ତର୍ଗତ ପାଣ୍ଠିରୁ ଓଡ଼ିଶାର ୭୯ ପ୍ରତିଶତ ଏବଂ କୃଷି ଉନ୍ନତି ଯୋଜନା ଅଧୀନରେ ୮୦% ବ୍ୟବହାର କରିପାରିଛି। ଏହାଦ୍ୱାରା ରାଜ୍ୟର କୃଷି ପ୍ରଗତି ଆହୁରି ତ୍ୱରାନ୍ୱିତ ହେଉଛି। ବଳକା ପାଣ୍ଠିକୁ ଶୀଘ୍ର ପ୍ରଦାନ କଲେ ୬ଟି ନୂତନ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିବ ବୋଲି ସରକାରଙ୍କ ପକ୍ଷରୁ ତଥ୍ୟ ରଖାଯାଇଛି।

# ଆନ୍ଧ୍ର ସପକ୍ଷରେ ବାହାରିଲେ କୋଟିଆବାସୀ

**ପଟ୍ଟାଙ୍ଗି, ୨୯।୧ (ଶରତ କୁମାର ଧଳ)**

### ସୀମାନ୍ତ ଗ୍ରାମରେ କରୁଛନ୍ତି ଆଧାରକାର୍ଡ ଅପ୍‌ଡେଟ୍, ବାଣ୍ଟୁଛନ୍ତି ରାଶନକାର୍ଡ



କୋଟିଆ ପଞ୍ଚାୟତର ଉପରସେମ୍ଭି ଗ୍ରାମରେ କୋଟିଆ ପୋଲିସ ଆନ୍ଧ୍ର ଅଧିକାରୀଙ୍କୁ ବାରଣ କରୁଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ୍ କୋଟିଆ ପଞ୍ଚାୟତ ଉପରେ ଆନ୍ଧ୍ରର ଦୀର୍ଘଦିନର ନଜର। ଏହାକୁ ଅକ୍ତିଆର କରିବା ପାଇଁ ଆନ୍ଧ୍ର ଯଥାସମ୍ଭବ ଚେଷ୍ଟା ଚଳାଇଛି। ବାରମ୍ବାର କୋଟିଆରେ ଅନୁପ୍ରବେଶକରି ସେ ବିଭିନ୍ନ ଯୋଜନା ଆଳରେ ଏଠାକାର ଲୋକଙ୍କୁ ପ୍ରଲୋଭିତ କରୁଛି। କିନ୍ତୁ ସବୁଠାରୁ ବିଡ଼ମ୍ବନାର ବିଷୟ, ଏହାକୁ ରୋକିବାକୁ ଓଡ଼ିଶା ସରକାରଙ୍କ ପକ୍ଷରୁ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ; ଯାହାର ଲାଭ ଆନ୍ଧ୍ରକୁ ମିଳୁଛି। ଗୁରୁବାର ଏହାର ଏକ ଜ୍ୱଳନ୍ତ ଉଦାହରଣ ଉକ୍ତ କୋଟିଆ ପଞ୍ଚାୟତରୁ ସାମ୍ନାକୁ ଆସିଛି। ଆନ୍ଧ୍ର ପକ୍ଷରୁ କୋଟିଆ ପଞ୍ଚାୟତର ଉପରସେମ୍ଭି ଓ ଗଞ୍ଜେଇପଦରରେ ଆଧାରକାର୍ଡ ଅପ୍‌ଡେଟ୍ ଓ ରାଶନକାର୍ଡ ବଣ୍ଟାଯାଉଥିଲା। ଖବରପାଇ କୋଟିଆ ପୋଲିସ ସେଠାରେ ପହଞ୍ଚି ଏହାକୁ ଅଟକାଇବାକୁ ଚେଷ୍ଟା କରିଥିଲେ। କିନ୍ତୁ ସ୍ଥାନୀୟ ଲୋକେ ଆନ୍ଧ୍ର ସପକ୍ଷରେ ବାହାରି କୋଟିଆ ପୋଲିସକୁ ବିରୋଧ କରିଥିଲେ। ଆନ୍ଧ୍ର ପକ୍ଷରୁ ରାଶନ ସାମଗ୍ରୀ ଯୋଗାଇ ଦିଆଗଲେ କ'ଣ ଅସୁବିଧା ବୋଲି ସେମାନେ ପୋଲିସକୁ ପ୍ରଶ୍ନ କରିଥିଲେ। ଏହାପରେ ପୋଲିସ ସେଠାରୁ ନିରାଶ ହୋଇ ଫେରିଥିଲା।

ସୂଚନାନୁଯାୟୀ, ଗୁରୁବାର ଆନ୍ଧ୍ରର କେତେଜଣ ସରକାରୀ ଅଧିକାରୀ ଉପରସେମ୍ଭି ଓ ଗଞ୍ଜେଇପଦରରେ ପହଞ୍ଚି ନିଜ ରାଜ୍ୟର ରାଶନକାର୍ଡ ବାଣ୍ଟିବା ସହ ସେଠାକାର ଲୋକଙ୍କ ଆଧାରକାର୍ଡ ଅପ୍‌ଡେଟ୍ କରୁଥିଲେ। ଖବରପାଇ କୋଟିଆ ପୋଲିସ ସେଠାରେ ପହଞ୍ଚି ଆନ୍ଧ୍ରର ଅଧିକାରୀଙ୍କୁ ବାରଣକରିବା ସହ ଫେରିଯିବାକୁ କହିଥିଲେ। କିନ୍ତୁ ଏହି ସମୟରେ ଉପସ୍ଥିତ ଗ୍ରାମବାସୀ ଆନ୍ଧ୍ର ସପକ୍ଷରେ ବାହାରି ଏଥିରେ କ'ଣ ଅସୁବିଧା ବୋଲି କୋଟିଆ ପୋଲିସକୁ ପ୍ରଶ୍ନ କରିଥିଲେ। ଏଥିସହ ଆମେ ଆନ୍ଧ୍ର ସହ ରହିଛୁ, ଆନ୍ଧ୍ର ପକ୍ଷରୁ ଆମକୁ ରାଶନ କାର୍ଡ ଦିଆଗଲେ କିଛି ଅସୁବିଧା ନାହିଁ ବୋଲି ସେମାନେ କହିଥିଲେ। ଗ୍ରାମବାସୀଙ୍କ ଏତାଦୃଶ୍ୟ ପ୍ରତିକ୍ରିୟା ଦେଖି ପୋଲିସ ସେଠାରୁ ଫେରି ଆସିଥିଲା।

ତେବେ ଏହାକୁ ନେଇ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ନୀରବତା ଆନ୍ଧ୍ରକୁ ସୁହାଉଛି ବୋଲି ଆଲୋଚନା ହେଉଛି। ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ, କୋଟିଆବାସୀ ଆମ ସହ ଅଛନ୍ତି, ଆମ ସହ ରହିବେ। ଆନ୍ଧ୍ର ରାଜନୈତିକ ଗଣ୍ଡଗୋଳକରି ରୁଟି ସେକିବାକୁ ଚେଷ୍ଟା କରୁଛି। ଡରାଇ ଧମକାଇ ଆମ ଲୋକଙ୍କୁ ନେଇପାରିବ ନାହିଁ। କୋଟିଆର ସମ୍ପୂର୍ଣ୍ଣ ଅଞ୍ଚଳ ଆମ ସହ ରହିବ। କିନ୍ତୁ ତାଙ୍କର ଏ ପ୍ରତିକ୍ରିୟା ଏବେ ଭୁଲ୍ ପ୍ରମାଣିତ ହୋଇଗଲା ବୋଲି ସ୍ଥାନୀୟ ଅଞ୍ଚଳରେ ଆଲୋଚନା ହେଉଛି। ବିବାଦୀୟ କୋଟିଆ ପଞ୍ଚାୟତକୁ ପୂର୍ବରୁ ରାଜସ୍ୱ ମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀ କୋଟିଆ ୨ଥର ଲେଖାଏ ଓ ଯୋଗାଣ ମନ୍ତ୍ରୀ ଥରେ ଗସ୍ତ କରିଛନ୍ତି। ତଥାପି ମଧ୍ୟ କୋଟିଆବାସୀ ଏବେ ଆନ୍ଧ୍ର ସପକ୍ଷରେ ବାହାରିଛନ୍ତି। ୨୪ତାରିଖରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ କୋଟିଆ ପଞ୍ଚାୟତ ଗସ୍ତକରି ଫେରିଥିଲେ। ଏହାପରେ ମଙ୍ଗଳବାର ଆନ୍ଧ୍ରର ଉପମୁଖ୍ୟମନ୍ତ୍ରୀ ପବନ କଲ୍ୟାଣଙ୍କ ଜନସେନା ଦଳର କର୍ମକର୍ତ୍ତା ଓ କର୍ମୀ ଅନୁପ୍ରବେଶକରି ଓଡ଼ିଶା ସରକାର ଏବଂ ବ୍ଲକ୍ ପ୍ରଶାସନକୁ ଏକ ପ୍ରକାର ଖୋଲା ଚ୍ୟାଲେଞ୍ଜ ଦେଇଥିଲେ। ଓଡ଼ିଶା ସରକାର କେବଳ ବିବାଦୀୟ ପଞ୍ଚାୟତକୁ ବାରମ୍ବାର ଗସ୍ତକଲେ ଏହାର ସୁଫଳ ମିଳିବ ନାହିଁ। ବରଂ ଉକ୍ତ ଅଞ୍ଚଳବାସୀଙ୍କ ପାଇଁ ସେହିପରି ଆଖିଦୃଶିଆ କାର୍ଯ୍ୟ କରିବାକୁ ପଡ଼ିବ ବୋଲି ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

## କୋଟିଆ ଓଡ଼ିଶାର ଥିଲା, ରହିବ: ଆଇନମନ୍ତ୍ରୀ

**ଭୁବନେଶ୍ୱର,୨୯।୧ (ରବିନାରାୟଣ ଜେନା)**

କୋଟିଆ ଓଡ଼ିଶାର ଥିଲା ଏବଂ ରହିବ ବୋଲି ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି। କୋଟିଆର ୧୦ ଗ୍ରାମ ଆନ୍ଧ୍ରପ୍ରଦେଶ ସରକାରଙ୍କ ବୋଲି ଜନସେନା ପକ୍ଷରୁ କୁହାଯିବା ପରେ ଏହାକୁ ନେଇ ବିରୋଧୀଙ୍କ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଆନ୍ଧ୍ର, ଓଡ଼ିଶା ଏବଂ ଦେଶରେ ଟ୍ରିପଲ ଇଞ୍ଜିନ ସରକାର ଥାଇ ମଧ୍ୟ କୋଟିଆ ବିବାଦ ତୁଟୁ ନ ଥିବାରୁ ଏହାକୁ ନେଇ ବିରୋଧୀ ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଏହାର ଜବାବ ରଖି ଗୁରୁବାର ପୃଥ୍ୱୀରାଜ ଗଣମାଧ୍ୟମକୁ କହିଛନ୍ତି, କୋଟିଆକୁ କେହି ଓଡ଼ିଶାଠାରୁ ଅଲଗା କରିପାରିବେ ନାହିଁ। କୋଟିଆକୁ ନେଇ ରାଜନୈତିକ ରୋଟି ସେକିବାକୁ ବିରୋଧୀ ଚାହୁଁଛନ୍ତି। କୋଟିଆବାସୀ ଓଡ଼ିଶା ସହ ଅଛନ୍ତି ଏବଂ ରହିବେ। କେହି ଡରାଇଲେ କି ଧମକାଇଲେ ତାହାର ପ୍ରଭାବ ପଡ଼ିବ ନାହିଁ ବୋଲି ପୃଥ୍ୱୀରାଜ କହିଛନ୍ତି।




# ମହୁଲରୁ ହେବ ମୃଦୁପାନୀୟ

### ଏନ୍‌ଆଇଟି-ଓର୍‌ମାସ୍ ମଧ୍ୟରେ ଏମ୍‌ଓୟୁ


**ରାଉରକେଲା,୨୯।୧ (ସଙ୍ଗୀତା ଜେନା)**



ଉଭୟ ପକ୍ଷ ମଧ୍ୟରେ ଚୁକ୍ତିନାମା ସ୍ୱାକ୍ଷରିତ ହେଉଛି।

ଜଙ୍ଗଲଜାତ ଦ୍ରବ୍ୟ ମହୁଆ ବା ମହୁଲରୁ ଦେଶୀମଦ ତିଆରି ହେଉଥିଲା। ହେଲେ ଦିନକୁ ଦିନ ଜ୍ଞାନକୌଶଳ ବିକଶିତ ହେବା ପରେ ଏହି ଜଙ୍ଗଲଜାତ ଦ୍ରବ୍ୟରୁ ମୃଦୁପାନୀୟ ପ୍ରସ୍ତୁତ କରାଯିବ। ଏଥିପାଇଁ ଅତିଶୀଘ୍ର କୁଆଁରମୁଣ୍ଡାଠାରେ ମହୁଲ ପ୍ରକ୍ରିୟାକରଣ ପ୍ଲାଣ୍ଟ ପ୍ରତିଷ୍ଠା ହେବ। ଏହି ପରିପ୍ରେକ୍ଷୀରେ ଗୁରୁବାର ରାଉରକେଲା ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ଏବଂ ଓଡ଼ିଶା ରୁରାଲ୍ ଡେଭଲପ୍‌ମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି (ଓର୍‌ମାସ୍) ମଧ୍ୟରେ ଏକ ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଛି। ଏନ୍‌ଆଇଟି ନିର୍ଦ୍ଦେଶକ ପ୍ରଫେସର କେ. ଉମା ମହେଶ୍ୱର ରାଓ ଏବଂ ସୁନ୍ଦରଗଡ଼ ଜିଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କ ମଧ୍ୟରେ ଏହି ଏମ୍‌ଓୟୁ ସ୍ୱାକ୍ଷରିତ ହୋଇଥିଲା। ଏଥିରେ ଆଇଏଏସ୍ ଫାବି ରଶିଦ, ଅନିମେଶ ପ୍ରଧାନ, ସୁନ୍ଦରଗଡ଼ ମୁଖ୍ୟ ବିକାଶ ଅଧିକାରୀ ସୁରଞ୍ଜନ ସାହୁ ଓ ଏନ୍‌ଆଇଟିର ପ୍ରଫେସର ସ୍ୱଦେଶ କେ. ପ୍ରତିହାର, ରେଜିଷ୍ଟ୍ରାର ପ୍ରଫେସର ରୋହନ ଧୀମାନ୍ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଆଇଟି ଖାଦ୍ୟ ପ୍ରକ୍ରିୟାକରଣ ଇଞ୍ଜିନିୟରିଂ ବିଭାଗ ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନର ନେତୃତ୍ୱ ନେବ। ଏହି ଟିମ୍‌ରେ ପ୍ରଫେସର ରାମଚନ୍ଦ୍ର ପ୍ରଧାନ, ପ୍ରଫେସର ମଧୁରେଶ ଦ୍ୱିବେଦୀ ମାର୍ଗଦର୍ଶନ ଓ ଆବଶ୍ୟକ ସହାୟତା ପ୍ରଦାନ କରିବେ।

ଚୁକ୍ତିନାମା ଅନୁଯାୟୀ, ମହୁଲ ଆଧାରିତ ଅଣମଦ ଉତ୍ପାଦ ପାଇଁ ରାଉରକେଲା ଏନ୍‌ଆଇଟି ଆବଶ୍ୟକ ଯନ୍ତ୍ରପାତି, ଉପକରଣର କାର୍ଯ୍ୟାନ୍ୱୟନ, ସ୍ଥାପନ, କମିଶନିଂ ଏବଂ ବୈଷୟିକ ସହାୟତା ପ୍ରଦାନ କରିବ। ଏହି ପଦକ୍ଷେପ ଦ୍ୱାରା ସୁନ୍ଦରଗଡ଼ ଜିଲାର ଆଦିବାସୀ ଅଞ୍ଚଳରେ ଦୃଢ଼ ଜୀବିକା ସମ୍ଭାବନା ସହିତ ଜଙ୍ଗଲ ଆଧାରିତ ମହୁଲ ପ୍ରକ୍ରିୟାକରଣ ଦକ୍ଷତା, ଉତ୍ପାଦ ବିବିଧତା ଏବଂ ବଜାର ପ୍ରସ୍ତୁତି ବୃଦ୍ଧି କରିବାକୁ ପ୍ରୟାସ କରିବ। ପାଣ୍ଠି ପ୍ରକାଶନ, ହିତାଧିକାରୀଙ୍କ ସମ୍ପୃକ୍ତି, ତାଲିମ କାର୍ଯ୍ୟକ୍ରମ ଏବଂ ତଦାରଖ ସମେତ ପ୍ରକଳ୍ପ ସମନ୍ୱୟ ପାଇଁ ଓର୍‌ମାସ୍ ନୋଡାଲ୍ ଏଜେନ୍ସି ଭାବେ କାର୍ଯ୍ୟ କରିବ। ଏନ୍‌ଆଇଟି ଜିଲା ପ୍ରଶାସନ ସହାୟତାରେ ପ୍ରକ୍ରିୟା ପ୍ଲାଣ୍ଟ ଡିଜାଇନ୍, ମାନକ କାର୍ଯ୍ୟ ପ୍ରଣାଳୀ (ଏସ୍‌ଓପି) ବିକାଶ, ଗୁଣବତ୍ତା ନିୟନ୍ତ୍ରଣ ମାର୍ଗଦର୍ଶନ, ଖାଦ୍ୟ ସୁରକ୍ଷା ଅନୁପାଳନ ଏବଂ ସମ୍ପ୍ରଦାୟଭିତ୍ତିକ ଉତ୍ପାଦନ ୟୁନିଟ୍ ପାଇଁ ଉପଯୁକ୍ତ ପ୍ରଯୁକ୍ତିବିଦ୍ୟାର ଉନ୍ନତୀକରଣ କରିବ। ଏହି ପ୍ରକଳ୍ପ ଉତ୍ପାଦକ ଗୋଷ୍ଠୀ ଓ କମ୍ପାନୀଗୁଡ଼ିକ ପାଇଁ ପ୍ରଦର୍ଶନ ଓ ହାତଗଣତି ତାଲିମ ମାଧ୍ୟମରେ କ୍ଷମତା ନିର୍ମାଣ ଉପରେ ଧ୍ୟାନଦେବ। ମହୁଲଭିତ୍ତିକ ଉତ୍ପାଦଗୁଡ଼ିକର ବ୍ରାଣ୍ଡିଂ, ପ୍ୟାକେଜିଂ ଏବଂ ବଜାର ପ୍ରସ୍ତୁତି ପାଇଁ ସହାୟତା ଯୋଗାଇବ। ମହୁଲ ଗଛର ଫୁଲ, ଯାହା ଓଡ଼ିଶା ସମେତ କେନ୍ଦ୍ରୀୟ ଓ ପୂର୍ବ ଭାରତରେ ବିଶେଷକରି ଆଦିବାସୀବହୁଳ ଜିଲାଗୁଡ଼ିକରେ ପରିବାର ଆୟ, ଋତୁକାଳୀନ ନିଯୁକ୍ତି ଏବଂ ସ୍ଥାନୀୟ ବାଣିଜ୍ୟରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ। ମହୁଲ ବିହନ ସଂଗ୍ରହ, ପ୍ରକ୍ରିୟାକରଣ ଏବଂ ବିକ୍ରି ରାଜ୍ୟସାରା ବହୁସଂଖ୍ୟକ ସ୍ୱୟଂ ସହାୟକ ଗୋଷ୍ଠୀ (ଏସ୍‌ଏଚ୍‌ଜି), ପ୍ରାଥମିକ ଉତ୍ପାଦକ ଏବଂ କ୍ଷୁଦ୍ର ଉଦ୍ୟୋଗକୁ ସମର୍ଥନ କରିବ ବୋଲି ସୂଚନା ଦିଆଯାଇଛି।



ଅଜ୍ଞାନ ଦ୍ୱାରା ପ୍ରତାରିତ ହୁଅନାହିଁ। ଜ୍ଞାନ ଦ୍ୱାରା ମଧ୍ୟ ପ୍ରତାରିତ ହୁଅନାହିଁ। ଏଠି କେହି ପ୍ରକୃତରେ ବନ୍ଧନରେ ନାହାନ୍ତି– କି କେହି ମଧ୍ୟ ମୁକ୍ତ ନୁହନ୍ତି। କେହି ମଧ୍ୟ ମୁକ୍ତି ଖୋଜୁ ନାହାନ୍ତି। ଏଠାରେ କେବଳ ସ୍ୱୟଂ ଈଶ୍ୱର ହିଁ ତାଙ୍କର ଆତ୍ମା– ସଚେତନ ସତ୍ତାର ବିସ୍ତୃତି ଭିତରେ ନିଜ ସହିତ ନିଜେ ହିଁ ଖେଳ ଖେଳି ଚାଲିଛନ୍ତି। ତାଙ୍କର ଏହି ବିସ୍ତୃତ କ୍ରୀଡାଙ୍ଗନକୁ ଆମେ ବିଶ୍ୱ ବୋଲି କହୁଛୁ। **–ଶ୍ରୀଅରବିନ୍ଦ**



# ନିର୍ଣ୍ଣାୟକ ମୁକାବିଲା



ଡାରୋନ୍ ଆକେମୋଗ୍ଲୁ

ଆମେରିକା ଏବେ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଇଛି। ଏଭଳି ସ୍ଥିତିରେ ସେଠାରେ ଟ୍ରମ୍ପ ପ୍ରଶାସନର 'ଫ୍ଲଡ୍ ଦ ଜୋନ୍' ରଣନୀତି କେବେ ନିର୍ଣ୍ଣାୟକ ମୋଡ଼ ନେବ କିମ୍ବା ସେଥିରେ ଅନୁକୂଳ ପରିବର୍ତ୍ତନ ଆସିବ ତାହା ଦେଖିବା କଷ୍ଟକର ହୋଇପାରେ। କେତେକେ କହିପାରନ୍ତି, ଏକଚ୍ଛତ୍ରବାଦ ହେଉଛି ରଣନୀତିର ଉଦ୍ଦେଶ୍ୟ, ଯାହା ଧୀରେ ଧୀରେ ଲୋକଙ୍କ ଅଧିକାରରେ ହସ୍ତକ୍ଷେପ ଓ ସଂସ୍ଥାଗତ ବାଧାକୁ ଆଧାରକରି ଗଢ଼ିଉଠିଛି। କିନ୍ତୁ ଚଳିତ ମାସରେ ଇମିଗ୍ରେଶନ ଆଣ୍ଡ କଷ୍ଟମ୍ସ ଏନ୍‌ଫୋର୍ସମେଣ୍ଟ (ଆଇସିଇ)ଏଜେଣ୍ଟମାନେ ମିନିଆପଲିସ୍‌ରେ ୨ଜଣ ଆମେରିକୀୟ ନାଗରିକଙ୍କୁ ହତ୍ୟାକରିବା ସେହି ନିର୍ଣ୍ଣାୟକ ମୋଡ଼ ଆଣିପାରେ। ଏକଚ୍ଛତ୍ରବାଦୀ ସରକାରଗୁଡ଼ିକର ମୁଖ୍ୟ ତଥା ନିଆରା ବିଷୟ ହେଉଛି ସେମାନେ ବିରୋଧୀଙ୍କ ବିରୋଧରେ ଅତ୍ୟଧିକ ବଳ ପ୍ରୟୋଗକରିବାର କ୍ଷମତା ରଖିଥାନ୍ତି। ପ୍ରତ୍ୟେକ ସରକାର ପୋଲିସ କିମ୍ବା ସେହିଭଳି ସଂସ୍ଥାଗୁଡ଼ିକ ସହାୟତାରେ ବଳ ପ୍ରୟୋଗର ରଣନୀତି ଆପଣାଇଥାନ୍ତି, କିନ୍ତୁ ଏଥିରେ ସ୍ପଷ୍ଟତଃ ଏକ ସୀମା ଅଛି। ବ୍ରିଟେନ ସରକାର କେତେକ ସ୍ଥାନରୁ ପ୍ରତିବାଦକାରୀଙ୍କୁ ହଟାଇବା ସକାଶେ ବଳ ପ୍ରୟୋଗ କରିପାରନ୍ତି; କିନ୍ତୁ ବିଭିନ୍ନ ବ୍ୟବସ୍ଥାଗତ କଟକଣା ଏବଂ ଏକଚ୍ଛତ୍ରବାଦ ବିରୋଧରେ ଥିବା ଦୃଢ଼ ନିୟମକୁ ନେଇ ବ୍ରିଟେନ୍‌ରେ ପ୍ରତିବାଦକାରୀଙ୍କୁ ପୋଲିସ ହତ୍ୟାକରିବା କଥା ଚିନ୍ତା କରାଯାଇପାରେନା। ଅପରପଟେ, ଆରବ ସ୍ପ୍ରିଙ୍ଗ୍ ସମୟରେ ପ୍ରତିବାଦଗୁଡ଼ିକୁ ସେତେବେଳର ସିରିଆର ରାଷ୍ଟ୍ରପତି ବସର-ଅଲ୍ ଅସାଦ କିଭଳି ହିଂସାତ୍ମକ ଭାବେ ଦମନ କରିଥିଲେ । ଅଧିକାଂଶ ଲୋକ ହୃଦ୍‌ବୋଧ କରନ୍ତି ଯେ, ଏକଚ୍ଛତ୍ରବାଦ ସରକାରଗୁଡ଼ିକ ବିରୋଧୀ, ସ୍ୱାଧୀନ ଗଣମାଧ୍ୟମ ଏବଂ ସିଭିଲ ସୋସାଇଟି ବା ଭଦ୍ର ସମାଜର ଅନ୍ୟ ସ୍ତମ୍ଭଗୁଡ଼ିକ ବିରୋଧରେ ଏଭଳି ବଳ ପ୍ରୟୋଗ କରିପାରିବେ ଏବଂ କରିଚାଲିବେ ମଧ୍ୟ।

ଗଣତାନ୍ତ୍ରିକ କିମ୍ବା ସମ୍ପୂର୍ଣ୍ଣ ଅଣ ଏକଚ୍ଛତ୍ରବାଦୀ ସମାଜଗୁଡ଼ିକରେ ହିଂସାତ୍ମକ ଉପାୟରେ ବିରୋଧୀଙ୍କୁ ଦବାଇଦେବା ପାଇଁ ନିଆଯାଉଥିବା ପଦକ୍ଷେପ ଅନେକ ବାଧାର ସମ୍ମୁଖୀନ ହୋଇଥାଏ। ପ୍ରଥମତଃ ଏହିଭଳି ଏକ ବେଆଇନ ପଦକ୍ଷେପକୁ ନେଇ ଉଭୟ ସରକାରଙ୍କ ଅନ୍ୟ ସବୁ ଶାଖା ଏବଂ ନାଗରିକ ସମାଜରୁ ପ୍ରତିବାଦ ଓ ଆକ୍ରୋଶ ସୃଷ୍ଟିହେବ ଏବଂ ଏହା ଯୋଗୁ ପ୍ରତିକୂଳ ପରିଣାମ ମିଳିବା ସମ୍ଭାବନା ଅଛି। ଦ୍ୱିତୀୟରେ, ଏପରିକି ସରକାର ମଧ୍ୟ ନିଶ୍ଚିତ ହୋଇପାରିବେ ନାହିଁ ଯେ, ତାଙ୍କ ସୁରକ୍ଷାବଳଗୁଡ଼ିକ ଏଭଳି ଏକ ନିର୍ଦ୍ଦେଶକୁ ମାନିବେ। ଉଦାହାଣ ସ୍ୱରୂପ, ଟ୍ରମ୍ପଙ୍କ ପ୍ରଥମ ରାଷ୍ଟ୍ରପତିତ୍ୱ ସମୟରେ ଆମେରିକା ସେନାର ଅଧିକାରୀମାନେ ତାଙ୍କ ନିର୍ଦ୍ଦେଶକୁ ମାନିବେ ନାହିଁ ବୋଲି ସ୍ପଷ୍ଟ କରିଦେଇଥିଲେ।



ଆଇସିଇକୁ ୨୦୨୫ରେ ବ୍ୟାପକ ଭାବେ ବିସ୍ତାର କରାଯାଇଥିଲା। ସେ ସମୟରେ ଟ୍ରମ୍ପଙ୍କ ଅପ୍ରବାସୀ ବିରୋଧୀ ଏଜେଣ୍ଡାର ଚରମ ପଦକ୍ଷେପକୁ ଅଧିକ ସମର୍ଥନ କରୁଥିବା ଯୁବକମାନଙ୍କୁ ଆଇସିଇରେ ନିଯୁକ୍ତ କରାଯାଇଛି। ଏହାକୁ ଅତ୍ୟଧିକ ସମର୍ଥନ କରାଯାଇଛି ଏବଂ ରଣନୀତିକୁ ପ୍ରୟୋଗ କରିବାକୁ ଅନୁମତି ମଧ୍ୟ ଦିଆଯାଇଛି, ଯାହା ଅତୀତରେ କୌଣସି ଆମେରିକୀୟ ସଂସ୍ଥା ପାଇଁ ଅକଳ୍ପନୀୟ ବୋଲି ମନେହୁଏ। ଡିପାର୍ଟମେଣ୍ଟ ଅଫ୍ ଜଷ୍ଟିସ୍ ଆଇସିଇର ବେଆଇନ ପଦକ୍ଷେପଗୁଡ଼ିକୁ ଦୃଢ଼ ସମର୍ଥନ କରିଛି, ଏପରିକି ସେଗୁଡ଼ିକ ଉପରେ ତଦନ୍ତ କରିବା ସକାଶେ ମନା କରିଦେଇଛି।

ମିନେସୋଟାରେ ଘଟିଥିବା ଘଟଣା ସଙ୍କେତ ଦିଏ ଯେ ସେଥିରେ କୌଣସି ତ୍ରୁଟିନାହିଁ। ଆଇସିଇ ଏବେ ଦୁଇଜଣ ନାଗରିକଙ୍କୁ ହତ୍ୟା କରିଛି। ଜଣେ ହେଉଛନ୍ତି ୩ ସନ୍ତାନର ମା' ରିନି ଗୁଡ୍, ଯିଏ କି ତାଙ୍କ ପୁଅଙ୍କୁ ସ୍କୁଲରେ ଛାଡ଼ି ଆସୁଥିଲେ । ଅନ୍ୟ ଜଣେ ହେଉଛନ୍ତି ଇଣ୍ଟେନ୍‌ସିଭ କେୟାର ନର୍ସ ଆଲେକ୍ସ ପ୍ରେଟ୍ଟି, ଯିଏ ଆଇସିଇର ଏକ ଚଢ଼ାଉକୁ ନିରୀକ୍ଷଣ କରିବା ସହ ରେକର୍ଡ କରୁଥିଲେ। ଏହିସବୁ ଆମେରିକୀୟ ଏଜେଣ୍ଟଗୁଡ଼ିକ ନିୟମିତ ଭାବେ ଧମକଦେବା ସହ ସେମାନଙ୍କ କାର୍ଯ୍ୟକଳାପର ରେକର୍ଡ ରଖୁଥିବା ପ୍ରତିବାଦକାରୀଙ୍କ ବିରୋଧରେ ହିଂସାତ୍ମକ ରଣନୀତି ଆପଣାଉଛନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଆଇସିଇ ଏଜେଣ୍ଟମାନଙ୍କୁ ବେଆଇନ ଭାବେ କ୍ଷମତା ଦେଇ ସେମାନଙ୍କ ହିଂସକ ରଣନୀତି ବଢ଼ାଇବା ପାଇଁ ଟ୍ରମ୍ପ ପ୍ରଶାସନ ସବୁଜ ସଙ୍କେତ ଦେଇଛି। ଯଦି ଏହି ହିଂସା ଅନିୟନ୍ତ୍ରିତ ହୁଏ, ତେବେ ଏଥିରେ ଏକ ବଡ଼ ପରିବର୍ତ୍ତନ ଦରକାର ପଡ଼ିପାରେ; କାରଣ ବିରୋଧୀଙ୍କର କୌଣସି ଇସ୍ତାହାର ବିରୋଧରେ ବଳ ପ୍ରୟୋଗ କରିବା ପାଇଁ ଟ୍ରମ୍ପଙ୍କ ସହ ଅଧିକ ଏକମତ ହେବା ସକାଶେ ଅନ୍ୟ ସୁରକ୍ଷା ବଳଗୁଡ଼ିକ ପାଇଁ ଏହା ଏକ ମଡେଲ ସୃଷ୍ଟିକରିବ। ସେତେବେଳେ ଏକଚ୍ଛତ୍ରବାଦ ଆଡ଼କୁ ଅଗ୍ରସର ହେଉଥିବା ଏକ ଶାସନକୁ ବଦଳାଇବା କଷ୍ଟକର ହୋଇପାରେ। କାରଣ ସେଭଳି ସ୍ଥିତିରେ ଅଧିକ ଦମନ ଯୋଗୁ ନାଗରିକ ସମାଜ ନିଷ୍ଫଳ ହୋଇଥାଏ ଏବଂ ପ୍ରତିବାଦକୁ ରୋକିବାରେଏଭଳି ପଦକ୍ଷେପ ବିରୋଧରେ ନିୟମର କ୍ରମଶଃ ଅଧୋଗତି ଘଟିଥାଏ।

ରାଷ୍ଟ୍ରପତିଙ୍କ କାର୍ଯ୍ୟକୁ ରୋକିବା ପାଇଁ ସରକାରଙ୍କ ଦୁଇଟି ପ୍ରମୁଖ ଶାଖା (କଂଗ୍ରେସ ଓ ସୁପ୍ରିମକୋର୍ଟ) ଟ୍ରମ୍ପଙ୍କ ଏଜେଣ୍ଡାକୁ ଅଧିକ ସାହାଯ୍ୟ କରିବାକୁ ଆତୁର ଥିବା ସ୍ପଷ୍ଟ ହୋଇଗଲାଣି। ଏହା ସହ ସ୍ୱାଧୀନ ସଂସ୍ଥାଗୁଡ଼ିକରୁ ସମାନ ଭାବେ ବ୍ୟବସ୍ଥାଗତ କଟକଣା ମଧ୍ୟ ଦୁର୍ବଳ ହୋଇଯାଇଛି। ବିଶେଷକରି ପ୍ରମୁଖ ପଦବୀଗୁଡ଼ିକରେ ରାଷ୍ଟ୍ରପତି ତାଙ୍କ ସମର୍ଥକ ଓ ସମ୍ପର୍କୀୟଙ୍କୁ ନିଯୁକ୍ତ କରୁଥିବାରୁ ଏହା ଘଟୁଛି। ନିକଟରେ ମୁଁ ଯୁକ୍ତି ଉପସ୍ଥାପନ କରିଥିଲି ଯେ ଏକ ସ୍ୱାଧୀନ ରାଜକୀୟ ରାଷ୍ଟ୍ରପତି କାର୍ଯ୍ୟକାଳ ଗଢ଼ିବା ପାଇଁ ପ୍ରଶାସନର ବ୍ୟାପକ ଲକ୍ଷ୍ୟ ରହିଛି, ଯେଉଁଭଳି ହଙ୍ଗେରୀରୁ ଆରମ୍ଭକରି ଇକ୍ୱେଡର, ମେକ୍ସିକୋ, ନିକାରାଗୁଆ, ତୁର୍କୀ ଏବଂ ଭେନେଜୁଏଲାରେ ଏକଚ୍ଛତ୍ରବାଦ ସୃଷ୍ଟି ହୋଇଛି।

ଆଉ ଏକ ଦୃଷ୍ଟିକୋଣ ରହିଛି ଯେଉଁଥିରେ ଏହି ଅଭିଯାନକୁ ପରିବର୍ତ୍ତନ କରାଯାଇପାରେ। ଜାନୁଆରୀ ୨୦୧୭ରେ ମୁଁ ଯୁକ୍ତି ବାଢ଼ିଥିଲି ଯେ, କେବଳ ଶାନ୍ତିପୂର୍ଣ୍ଣ ପ୍ରତିବାଦ ବଳରେ ଟ୍ରମ୍ପଙ୍କ ପ୍ରଥମ ପ୍ରଶାସନକୁ ରୋକାଯାଇପାରିବ। ଏପରିକି ସେତେବେଳେ ଏହା ମଧ୍ୟ ସ୍ପଷ୍ଟ ଥିଲା ଯେ, ସରକାରଙ୍କ ଅନ୍ୟସବୁ ଶାଖା ଟ୍ରମ୍ପଙ୍କୁ ପ୍ରଭାବୀ ଢଙ୍ଗରେ ରୋକିପାରିବେ ନାହିଁ; ଏପରିକି ଯଦି ସେମାନେ ଚେଷ୍ଟା କରନ୍ତି, ତେବେ ଟ୍ରମ୍ପ୍ ତାଙ୍କ ସପକ୍ଷରେ ଆଇନ କରାଇନେବେ। କିନ୍ତୁ ଟ୍ରମ୍ପଙ୍କ ପ୍ରଥମ ପ୍ରଶାସନ ତାହାର କ୍ଷମତା ବୃଦ୍ଧି କରିବା ଓ ଏକଚ୍ଛତ୍ରବାଦ ଆଡ଼କୁ ମୁହାଁଇବା ପାଇଁ ନେଇଥିବା ପଦକ୍ଷେପଗୁଡ଼ିକ ବିରୋଧରେ ଦୃଢ଼ ତଥା ଶକ୍ତିଶାଳୀ ପ୍ରତିବାଦ ଦେଖାଦେଇଥିବାବେଳେ ୨୦୧୭ରେ ଯେଉଁ ଶକ୍ତି ସେମାନଙ୍କୁ ଆଗକୁ ବଢ଼ିବାକୁ ଶକ୍ତି ଦେଇଥିଲା ତାହା ୨୦୨୫ ବେଳକୁ ଚାଲିଯାଇଛି। ଏହାର କାରଣ ହେଉଛି, ଅନେକ ବିଶେଷଜ୍ଞ ଓ ସଂଖ୍ୟାଧିକ ନାଗରିକ ୨୦୨୪ ନିର୍ବାଚନର ପରିଣାମ ସମ୍ପର୍କରେ ସ୍ପଷ୍ଟ କରିଥିଲେ, ଯେଉଁଥିରେ ଟ୍ରମ୍ପ ପପୁଲାର ଭୋଟରେ ଜିତିଥିଲେ ଏବଂ ୨୦୧୬ ତୁଳନାରେ ଯେତିକି ଜନମତ ହାସଲକରି ନ ଥିଲେ ତା'ଠାରୁ ଯଥେଷ୍ଟ ବେଶି ପାଇଥିଲେ।

ଏହା ପଛରେ ମଧ୍ୟ ଆଉ ଏକ ଗୁରୁତ୍ୱପୂର୍ଣ୍ଣ କାରଣ ଥିଲା। ଡେମୋକ୍ରାଟିକ୍ ପାର୍ଟି କର୍ମକର୍ତ୍ତାମାନେ ବାଇଡେନ୍‌ଙ୍କ ଶାସନ ଉପରେ ଲୋକଙ୍କ ବିଶ୍ୱାସକୁ ତୁଟାଇ ଦେଇଥିଲେ। ସିଭିଲ ସର୍ଭିସ୍, ୟୁନିଭର୍ସିଟି, ଏନ୍‌ଜିଓ ଏବଂ ଘରୋଇ କ୍ଷେତ୍ରଗୁଡ଼ିକରେ ଡେମୋକ୍ରାଟିକ କର୍ମକର୍ତ୍ତାମାନେ ଆବଶ୍ୟକତାଠାରୁ ଅଧିକ ସେମାନଙ୍କ ସ୍ଥିତି ଜାହିର କରିଥିଲେ ଏବଂ ଈପ୍ସିତ ସାମାଜିକ ପରିବର୍ତ୍ତନ ସମ୍ପର୍କିତ ବୈଧ ଚିନ୍ତାଧାରକୁ ଅବଦମିତକରି ରଖିବା ଯୋଗୁ ବ୍ୟାପକ ସମର୍ଥନ ହରାଇଥିଲେ। ଏଣୁ ଜାନୁଆରୀ ୨୦୨୫ରେ, ଟ୍ରମ୍ପଙ୍କ ବିରୋଧରେ ସିଭିଲ ସୋସାଇଟିର ପ୍ରତିବାଦର ଅଧିକ ସାମାଜିକ ପରିବର୍ତ୍ତନକାରୀ ଏଜେଣ୍ଡା ରହିଥିଲେ ମଧ୍ୟ ତାହା ଅପରିପକ୍ୱ ଥିଲା। ମିନିଆପଲିସ୍ ଘଟଣା ଏହାକୁ ପରିବର୍ତ୍ତନ କରିପାରେ। ଅପ୍ରବାସୀ ପଡ଼ୋଶୀଙ୍କୁ ସମର୍ଥନ ଜଣାଇବା ଏବଂ ଆଇସିଇର କ୍ରୂର ରଣନୀତିକୁ ବିରୋଧକରିବା ପାଇଁ ଲୋକଙ୍କ ମଧ୍ୟରେ ଥିବା ଏକତା ଏବଂ ଶକ୍ତି ଏକ ନିର୍ଣ୍ଣାୟକ ମୁକାବିଲାର ଆରମ୍ଭ ମାତ୍ର। ତେବେ ଅନ୍ୟାୟ ଓ ସରକାରୀ ପ୍ରାୟୋଜିତ ହିଂସାକୁ କଂଗ୍ରେସରେ ଥିବା ଟ୍ରମ୍ପଙ୍କ ସମର୍ଥକ ଏବଂ ତାଙ୍କ ଚାରିପାଖରେ ଥିବା ସମାନ ମାନସିକତାର ଉପଦେଷ୍ଟାଙ୍କର ଦୃଢ଼ ଗୋଷ୍ଠୀ କିଭଳି ଗ୍ରହଣ କରୁଛନ୍ତି ତାହାକୁ ନେଇ କେତେକାଂଶରେ ପରିଣାମ ନିର୍ଣ୍ଣୟ ହେବ। କିନ୍ତୁ ସବୁଠୁ ବଡ଼ ବିଷୟ ହେବ ମିନେସୋଟାରେ ଆରମ୍ଭ ହୋଇଥିବା ସିଭିଲ ସୋସାଇଟିର ନିଜସ୍ୱ ସଂକଳ୍ପ।

**ନୋବେଲ ପୁରସ୍କାର ବିଜେତା(ଅର୍ଥନୀତି) ତଥା ଇନ୍‌ଷ୍ଟିଚ୍ୟୁଟ୍ ପ୍ରଫେସର, ମାସାଚ୍ୟୁସେଟ୍ସ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି**

# ଅଲୋଡ଼ା ଜୀବନର ସାଥୀ



ସଂଗ୍ରାମ କେଶରୀ ପୃଷ୍ଟି

ଏତେ ଜାଡ଼ରେ ବି ପ୍ରତ୍ୟହ ବୃଦ୍ଧବ୍ୟକ୍ତି ଜଣକ ମର୍ନିଂୱାକ୍ କରୁଥିବାର ଦେଖି ମୋତେ ଆଶ୍ଚର୍ଯ୍ୟ ଲାଗୁଥିଲା। ଅସୁସ୍ଥତା ଓ ଦୁର୍ବଳତା ସତ୍ତ୍ୱେ ସେ କରୁଥିବା କାର୍ଯ୍ୟକୁ ମୁଁ ସହଜରେ ଗ୍ରହଣ କରିପାରୁ ନ ଥିଲି। ସବୁଦିନ ସାଥିରେ ଆଣୁଥିଲେ କୁକୁରଟିଏ। ସମ୍ଭବତଃ ଏହା ତାଙ୍କ ସୁରକ୍ଷା ପାଇଁ। ସବୁଦିନ ପରି ସେଦିନ ତାଙ୍କ ସହ ଦେଖାହେଲା ବେଳକୁ ସେ ଶୀତରେ ଥରୁଥାନ୍ତି। ପୁଣି ଖୁଁ ଖୁଁ ହୋଇ କାଶୁଥାନ୍ତି। କୁକୁର ବନ୍ଧା ଚେନ୍‌କୁ ଧରି ବହୁ କଷ୍ଟରେ ତାକୁ ନିୟନ୍ତ୍ରଣ କରୁଥାନ୍ତି।

ତାଙ୍କର ଏ ଅବସ୍ଥା ଦେଖି ମୁଁ ପଚାରିଦେଲି– ''ଏତେ ଜାଡ଼ରେ ମର୍ନିଂୱାକ୍ କରିବାକୁ ଆସି ନ ଥିଲେ କ'ଣ ହୋଇ ନ ଥାନ୍ତା ମଉସା ? ଦେହ ବିତ ଆପଣଙ୍କର ଖରାପ ଜଣାପଡୁଛି।'' ମୋ କଥା ଶୁଣି ବୃଦ୍ଧବ୍ୟକ୍ତି ଜଣକ ଟିକିଏ ହଡ଼ବଡ଼େଇଗଲେ। ଠିକ୍ ଏତିକିବେଳେ ବାଜି ଉଠିଲା ତାଙ୍କ ଫୋନ୍। ସେ ଲାଉଡ୍‌ସ୍ପିକର ଅନ୍ କରି 'ହାଲୋ' କହିବା କ୍ଷଣି ସେପଟୁ ଭାସି ଆସିଲା ଏକ ରୁକ୍ଷ ନାରୀସ୍ୱର– ''ଏତେ ବେଳ ଯାଏଁ କ'ଣ କରୁଛନ୍ତି ବାପା ! ଖାଇବା ଡେରି ହେଲାଣି ପରା। ଭାରି ଭୋକ ଲାଗୁଥିବ। ଟିକେ ଶୀଘ୍ର ଆସନ୍ତୁ।'' ବୃଦ୍ଧ କିଛି ଉତ୍ତର ଦେବା ପୂର୍ବରୁ ସେପଟୁ ଧଡ୍‌କିନା କଟିଗଲା ଫୋନ୍।

ଏ ଫୋନ୍ କଲ୍‌ଟି ଯେ ତାଙ୍କ ବୋହୂର ଥିଲା, ଏକଥା ମୋତେ ବୁଝିବାକୁ ବାକି ରହିଲା ନାହିଁ। ସୁତରାଂ ମୁଁ ଏକ ଆଶ୍ୱସ୍ତି ଭାବ ପ୍ରକାଶ କରି କହିଲି – ''ଯା'ହେଉ, ଘରଲୋକ ଆପଣଙ୍କ କେତେ ଯତ୍ନ ନେଉଛନ୍ତି ସତରେ ! ଫେରିବାରେ ବିଳମ୍ବ ହେବାରୁ ଖାଇବାକୁ ଡାକିଲେଣି।'' ଏକଥା ଶୁଣି ବଡ଼ ବିକଳ ଦିଶିଲା ବୃଦ୍ଧଙ୍କ ମୁହଁ। କୋହକୁ ଚାପିଧରି ସେ ଉତ୍ତର ଦେଲେ – ''ଏ ଖାଇବା ମୋ ପାଇଁ ନୁହେଁ, ଏ କୁକୁର ପାଇଁ।''

ସତରେ ବାର୍ଦ୍ଧକ୍ୟରେ ପହଞ୍ଚିଗଲେ ମଣିଷ କେବେକେବେ ପରିବାର ପାଇଁ ଅଲୋଡ଼ା ପାଲଟିଯାଏ। ସେତେବେଳକୁ ଖସିଯାଇଥାଏ ବୟସ। ସରିସରି ଆସୁଥାଏ ଆୟୁଷ। ମାଡ଼ି ବସିଥାଏ ଯାବତୀୟ ବ୍ୟାଧି। ରୋଜଗାରରେ ମଧ୍ୟ ପଡ଼ିଯାଇଥାଏ ପୂର୍ଣ୍ଣଚ୍ଛେଦ। ଧିକାଂଶ କାମ ପାଇଁ ଅନ୍ୟ ଉପରେ ନିର୍ଭର କରିବାକୁ ପଡ଼ିଥାଏ। ସୁତରାଂ ପରିବାର ପାଖରେ ସେ ପାଲଟିଯାନ୍ତି ଅଲୋଡ଼ା ମଣିଷଟିଏ।

ଜୀବନ ସାରା ପ୍ରଚୁର ଅଭିଜ୍ଞତାକୁ ପାଥେୟକରି ସଂସାରରେ ପରିବାରର ଡଙ୍ଗାକୁ ବାହିଚାଲିଥିବା ମଣିଷଟିର ପ୍ରତ୍ୟେକଟି କଥା ଅନ୍ୟମାନଙ୍କୁ ପାଗଳର ପ୍ରଳାପ ପରି ମନେହୁଏ। ତାଙ୍କ ଉପଦେଶ ମାନିବା ତ ଦୂରର କଥା, ଶୁଣିବାକୁ ବି କାହା ପାଖରେ ସମୟ ନ ଥାଏ। ତାଙ୍କର ପଦୁଟିଏ କଥା ବିଷମୟ ମନେହୁଏ। ଏପରିକି ନିଜ ସ୍ୱାସ୍ଥ୍ୟ ସମସ୍ୟାକୁ ପରିବାର ଆଗରେ ଉପସ୍ଥାପନ କଲେ ମଧ୍ୟ ଏଥିପ୍ରତି ବିଶେଷ ଗୁରୁତ୍ୱ ଦିଆଯାଏ ନାହିଁ। ମନେହୁଏ ସତେଯେମିତି ସେ ପରିବାର ପାଇଁ ଅଲୋଡ଼ା ଜୀବଟିଏ।

ବାହାର ଲୋକଙ୍କ ପାଇଁ ଜଣେ ଅଲୋଡ଼ା ହେଲେ ସେଥିରେ କିଛି ଫରକ ପଡ଼େନି, କିନ୍ତୁ ଘରଲୋକ ଯେତେବେଳେ ଅଲୋଡ଼ା ବୋଲି ଭାବନ୍ତି ସେତେବେଳେ ଭାରି କଷ୍ଟ ଲାଗେ। ଉଚ୍ଚଶିକ୍ଷିତ ପୁଅ ଚାକିରି ପାଇଁ ଘରଛାଡ଼ି ଚାଲିଯାଏ ବାହାରକୁ। ତା' ଖାଇବାରେ ଅସୁବିଧା ନ ହେବା ପାଇଁ ସାଥିରେ ନେଇଯାଏ ସ୍ତ୍ରୀକୁ। ତା' ପିଲାମାନେ ବି ପାଠପଢ଼ିବା ପାଇଁ ସେଇଠି ଯାଇ ରହନ୍ତି। ଏବେ ଗାଁ ଘରେ କରମ ଆଦରି ପଡ଼ି ରହନ୍ତି ବୁଢ଼ାବୁଢ଼ୀ। ଏପରି ସ୍ଥିତିରେ ବଡ଼ ଦୁର୍ବିଷହ ହୋଇପଡ଼େ ଜୀବନ। ସ୍ନେହ, ଆଦର ମିଳେ ନାହିଁ। ଦୁନିଆଟା ଖାଁ ଖାଁ ଲାଗେ।

ଏହି ଅଲୋଡ଼ା ଜୀବନର ସାଥୀ ଆଉ କିଏ ହେବ ଯେ ! ସମସ୍ତେ ତ ଯେ ଯାହା କାମରେ ବ୍ୟସ୍ତ। କଥା ହେବାପାଇଁ ଫୁରୁସତ ଥିଲେ ତ ! ଏଣୁ ସାଥୀଟିଏ ପାଇଁ ବ୍ୟଗ୍ର ହୁଏ ମନ। ମନକଥା ଶୁଣାଇବା ପାଇଁ ଦରକାର ହୋଇଥାଏ ମଣିଷଟିଏ। ହେଲେ ହାୟ, ତାକୁ ନିରାଶ ହେବାକୁ ହିଁ ପଡ଼ିଥାଏ। ଏପରି ସ୍ଥିତିରେ ସେ ସାଥୀ ଭାବରେ ଯାହାକୁ ବାଛିନିଏ, ତାହା ହେଉଛି ନିର୍ଜୀବ ଟିଭି, ଖବରକାଗଜ ଓ ମୋବାଇଲ ଫୋନ୍। ଘର ଜଗିବା ପାଇଁ ପୁଅ ଦ୍ୱାରା ନିୟୋଜିତ କୁକୁର ବି ସାଥୀ ପାଲଟିଯାଏ। ପୁଣି ସାଥୀ ପାଲଟିଯାଏ ଅହରହ ରାମନାମ ଜପୁଥିବା ଶୁଆ ମିଟୁ। ଏମାନଙ୍କୁ ନେଇ ବଞ୍ଚିବାକୁ ବାଧ୍ୟ ହୁଏ ବିଚରା ଅଲୋଡ଼ା ମଣିଷ। ଅଲୋଡ଼ା ଜୀବନରେ ସମୟଟା ବି ସହଜରେ ସରେନାହିଁ। କଚ୍ଛପ ପରି ଚାଲୁଥାଏ ଧୀର ମନ୍ଥର ଗତିରେ। ଅଲୋଡ଼ା ମଣିଷ ପରକୁ ଆପଣାର କରିବସେ। ପଡ଼ୋଶୀଙ୍କ ସହ ଆଳାପ ଆଲୋଚନାରେ ମଗ୍ନ ରହେ। ଏକଲା ପଣିଆ ଦୂରେଇଯାଏ। ମିଳିଯାଏ ଅଫୁରନ୍ତ ଆନନ୍ଦ। ଚେଇଁଉଠେ ସୁପ୍ତ ଚେତନା। ନିରାଶା ମରୁଭୂମିରେ ପୁଣି ଥରେ ଖେଳିଯାଏ ଆଶା ସଞ୍ଜୀବନୀ। ଏଇତ ଜୀବନ !

**ଶିକ୍ଷକ, ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ରାଜକିଶୋରନଗର, ଅନୁଗୋଳ**
**ମୋ: ୯୪୩୭୫୪୭୧୪୬**

## ଏଇ ଭାରତରେ

ମେଘାଳୟର ଦୁର୍ଗମ ଅଞ୍ଚଳରେ ଥିବା ସିଏଜ୍ ଗାଁରେ ଗଛର ଜୀବନ୍ତ ଚେରରେ ଏକ ବ୍ରିଜ କରିଛନ୍ତି ହାଲି ୱାର। ଗାଁରେ ମୁଖ୍ୟତଃ ଖାସି ସମ୍ପ୍ରଦାୟର ଲୋକେ ରହୁଛନ୍ତି। ତାଙ୍କୁ ଯେତେବେଳେ ବୟସ ୧୦ ବର୍ଷ ହୋଇଥିଲା ସେତେବେଳେ ନଦୀ ପାର ହେବା ପାଇଁ ତାଙ୍କ ଗାଁର ଲୋକେ ଭୋଗୁଥିବା ସମସ୍ୟାକୁ ଦେଖିଥିଲେ। ପରେ ତାହାର ସମାଧାନ ପାଇଁ ସେ ଚେଷ୍ଟା ଆରମ୍ଭ କରିଦେଇଥିଲେ। ଏଥିପାଇଁ କିଭଳି ଗଛର ଚେରକୁ ଭଲ ଭାବେ ବଢାଯାଇ ବୁଣାଯାଇପାରିବ ସେ ସମ୍ପର୍କରେ ତାଙ୍କ ଜେଜେବାପା ହାଲିଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ହାଲି ଏହି ଜ୍ଞାନକୁ ଆଧାର କରି ଗଛର ଚେରକୁ ବଢାଇବା ସହ ଛନ୍ଦିବା ଆରମ୍ଭ କରିଥିଲେ । ପରେ ବର୍ଷକୁ ବର୍ଷ ସେହି ସବୁ ଚେର ମଜଭୁତ ହେବାକୁ ଲାଗିଥିଲା। ପ୍ରତ୍ୟେକ ପର୍ଯ୍ୟାୟରେ ତାଙ୍କ ଜେଜେବାପା ତାଙ୍କୁ ମାର୍ଗଦର୍ଶନ କରିଆସିଥିଲେ। ତେବେ ଏବେ ସେହି ପୋଲରେ ଲୋକେ ସୁରକ୍ଷିତ ଭାବେ ନଦୀ ପାର ହୋଇପାରୁଛନ୍ତି। ପ୍ରତିବର୍ଷ ଚେର ପୋଲକୁ ଦେଖିବା ପାଇଁ ସିଏଜ୍ ଗାଁକୁ ୧୦୦୦୦ରୁ ଊର୍ଦ୍ଧ୍ୱ ଲୋକ ଆସୁଛନ୍ତି। ଏହି ପୋଲଟିକୁ ସମ୍ପୂର୍ଣ୍ଣ ସୁରକ୍ଷିତ ଭାବେ ତିଆରି କାରିବା ପାଇଁ ୧୦ ବର୍ଷ ବୟସରୁ ହାଲି କାର୍ଯ୍ୟ ଆରମ୍ଭ କରି ସଫଳ ହୋଇଥିଲେ ମଧ୍ୟ ୫୦ ବର୍ଷ ପରେ ତାଙ୍କୁ ପଦ୍ମଶ୍ରୀ ମିଳିଥିଲା।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

### ୩୦ ଜାନୁଆରୀ ୧୯୭୭

- ଓଡ଼ିଶାର ରାଜ୍ୟପାଳ ରୂପେ ହରଚରଣ ସିଂହ ବ୍ରାର ଏବଂ ହିମାଚଳ ପ୍ରଦେଶର ରାଜ୍ୟପାଳ ରୂପେ ଅମିନୁଦ୍ଦିନ ଖାଁଙ୍କୁ ନିଯୁକ୍ତ କରାଯାଇଛି।
- ଜଷ୍ଟିସ ମିର୍ଜା ହମିଦୁଲ୍ଲା ବେଗ ଭାରତର ନୂଆ ପ୍ରଧାନ ବିଚାରପତି ରୂପେ ଶପଥ ନେଇଛନ୍ତି।
- ଲାଓସ ଓ ଭିଏତନାମର ପୁନଃ ନିର୍ମାଣ ପାଇଁ ପାଣି ସଂଗ୍ରହ କ୍ଷେତ୍ରରେ ୧୨ଟି ଗୋଷ୍ଠୀ ନିରପେକ୍ଷ ରାଷ୍ଟ୍ର ସହିତ ଭାରତ ସହଯୋଗ କରୁଛି।

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 2 | 7 | | | | 8 | |
| 8 | | | | 9 | | 3 | | |
| | | | | | 1 | | | 5 |
| | | | | | 5 | 2 | 6 | |
| | 5 | | | 2 | | | 9 | |
| | 6 | | | | | 7 | | |
| 9 | 3 | | | | | | 2 | |
| | | | | | 4 | | | |
| 7 | | | 1 | 5 | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 4 | 2 | 5 | 6 | 1 | 7 | 9 |
| 7 | 9 | 2 | 8 | 1 | 3 | 6 | 5 | 4 |
| 1 | 6 | 5 | 9 | 4 | 7 | 3 | 2 | 8 |
| 8 | 1 | 3 | 5 | 6 | 9 | 7 | 4 | 2 |
| 2 | 5 | 6 | 7 | 8 | 4 | 9 | 1 | 3 |
| 9 | 4 | 7 | 3 | 2 | 1 | 8 | 6 | 5 |
| 4 | 3 | 9 | 6 | 7 | 5 | 2 | 8 | 1 |
| 5 | 7 | 8 | 1 | 9 | 2 | 4 | 3 | 6 |
| 6 | 2 | 1 | 4 | 3 | 8 | 5 | 9 | 7 |

ଗତକାଲିର ଉତ୍ତର

# ଏକ ଜୀବନାଦର୍ଶ



ହରିହର ତ୍ରିପାଠୀ

ଏ ସଂସାରରେ ଯଦି କେବେ, କେଉଁଠି କିଏ ତା'ର ମାଆକୁ 'ବୋଉ' ବୋଲି ଡାକିବାର ଶୁଣାଯାଏ, ସେତେବେଳେ ଯେ କେହି ଆଖିବନ୍ଦ କରି କହିଦେବ ଲୋକଟି ଓଡ଼ିଆ। ମଣିଷର ଏହାଠାରୁ ବଳି ବଡ଼ ପରିଚୟପତ୍ର ଆଉ କିଛି ଅଛିକି ? ମାତ୍ର ଦୁର୍ଭାଗ୍ୟ, ଗାଁ ଛାଡ଼ି ସହରୀ ଜୀବନକୁ ଆପଣାଇବା କିମ୍ବା ଦେଶ ଛାଡ଼ି ବିଦେଶକୁ ଯିବା ଲୋଭର ବଶବର୍ତ୍ତୀ ହୋଇ ଆମେ ବୋଉକୁ ସବୁବେଳେ ଗାଁରେ ଛାଡ଼ିଦେଇ ଆସିଛୁ। ଏମିତିକି 'ବୋଉ' ଡାକଟିକୁ ଆମ ସହ ଆଗକୁ ନେବାରେ କାର୍ପଣ୍ୟ ଦେଖାଇଛୁ। ଆମ ପିଲାମାନେ ଏବେ ବୋଉର ପିଲା ନୁହନ୍ତି, ବରଂ ମାମା, ମମି, ମମ୍ ବା ମାଆଙ୍କ ପିଲା।

ତେବେ ମାଆ ସବୁରୂପରେ, ସବୁ ଡାକରେ, ସବୁ ଭାବନାରେ ସୁନ୍ଦର। ମମି, ମାଆ, ମାମା, ମମ୍ ଯାହାବି ଡାକ, ଜନନୀର ମମତା କେବେ ଊଣା ହୋଇପାରେନା। ବୋଉ ଡାକରେ ଭରି ରହିଥିବା ଶୀତଳ ସ୍ପର୍ଶ କାହିଁକି କେଜାଣି ଅନ୍ୟ ଡାକରେ ମିଳେନା। ଏ ଡାକ ଯିଏ ଡାକିଥିବ, ଆଉ ଏ ଡାକ ଯେଉଁ ମାଆ ଶୁଣିଥିବ, ସେ ହିଁ କେବଳ ଏକଥା ଅନୁଭବ କରିପାରିବ। ଓଡ଼ିଆ ଘରର ନିଜସ୍ୱ ସ୍ୱର ହେଉଛି ବୋଉ ଡାକ। ବୋଉ ଡାକ ସହିତ ବୋଉକୁ ବଞ୍ଚାଇ ରଖିବା ହେଉଛି ବର୍ତ୍ତମାନ ସମୟର ବଡ଼ ଆହ୍ୱାନ। କାରଣ ମାଆକୁ ଯେଉଁ ନାମରେ ଯିଏ ବି ଡାକୁ, ହେଲେ ବୋଉର ଜୀବନାଦର୍ଶ ଆଜିର ମାଆମାନଙ୍କ ଭିତରେ ବଞ୍ଚିରହିବା ଗୁରୁତ୍ୱପୂର୍ଣ୍ଣ।

ଆଜିର ଶିଶୁ ପିଲାଟି ଦିନରୁ ଅନାଥ କହିଲେ ଠିକ୍ ହେବ। କାରଣ ମା'ବାପା ଥାଇ ବି ନ ଥିଲା ପରି। ଆଣ୍ଠେଇବା ବା ଗୁରୁଣ୍ଡିବା ବେଳେ କର୍ମଜୀବୀ ମାଆଟିଏ ତାକୁ ପିଲାମାନଙ୍କ ଯତ୍ନନେବା ଲାଗି ରହିଥିବା କ୍ରେଚ୍‌ରେ ଛାଡ଼ିଦେଇ କାମକୁ ଚାଲିଯାଉଛି। ଏମିତିକି ଛୁଆର ଯତ୍ନ ନିଜେ ନ ନେଇ ଆଜିକାଲିର ମାଆ ଘରେ ଆୟାଟିଏ ରଖୁଛି। ପିଲାକୁ ଅଧିକ ଦିନ ମାତୃସ୍ତନ୍ୟପାନ କରିବାକୁ ଦେଉନାହିଁ। ଏସବୁ ଗୋଟେ 'ବୋଉ' କେବେ ବି କରିପାରିବ ନାହିଁ। ବୋଉ ଡାକ ଶୁଣିବା ପରେ ସେ ଯେତେ ଆଧୁନିକା ନାରୀଟିଏ ହୋଇଥାଏ ପଛେ, ତା' ଭିତରେ ବୋଉପଣିଆ ଜାଗି ଉଠିବ। ଶିଶୁକୁ ମଣିଷ କରିବାରେ ବୋଉର ତ୍ୟାଗ, ସମର୍ପଣଭାବ ଓ ବୁଦ୍ଧିମତ୍ତା ସଂସାରରେ ବୋଧହୁଏ ଆଉ କେଉଁଠି ମିଳିବ ନାହିଁ। ସବୁ ବୋଉ ଯେ ଅପାଠୁଆ, ଅଶିକ୍ଷିତ ଏହା ତ କଦାପି ନୁହେଁ। ଆଜିର ନାରୀମାନେ ଯେଉଁମାନେ ନିଜେ ନିଜେ ମାଆ, ମମି, ମାମା ବା ମମ୍ ଭୂମିକାରେ ଅବତୀର୍ଣ୍ଣା, ସେମାନେ ଜାଣିବା ଉଚିତ ଅନେକ ବୋଉ ମଧ୍ୟ ଜାଣିଥିଲେ ଇଂଲିଶ୍ ଭାଷା, ଇଂରାଜୀ ଗୀତ। ହେଲେ 'ଟୁଇଙ୍କିଲ ଟୁଇଙ୍କିଲ ଲିଟିଲ ଷ୍ଟାର...'ଠାରୁ 'ଆ ଜହ୍ନମାମୁ ଶରଦଶଶୀ...'ରେ ରହିଥିବା ମାଧୁର୍ଯ୍ୟକୁ ବୋଉ ଚିହ୍ନିଥିଲା। 'ବଉଳା ଗାଈ ଓ ବାଘ' ଗପ ଗୋଟିଏ ଶିଶୁପ୍ରାଣରେ ଯେଉଁଭଳି ଆବେଗ ଓ ମାନବିକତା ଭରିଦେବ, ତାହା କୌଣସି ବିଦେଶୀ ଭାଷାର ଗପରୁ ମିଳିବନାହିଁ ବୋଲି ବୋଉ ଜାଣିଥିଲା। ଜଳଖିଆରେ ପିଲାଙ୍କୁ ଫାଷ୍ଟଫୁଡ୍ ଦେଉଥିବା ନାରୀମାନେ ଜାଣିବା ଦରକାର; ବୋଉ ହାତର ସରୁ ଚକୁଳି, ମଣ୍ଡାପିଠା, ପାଣିଗଇଁଠା, ଚୁଡ଼ା ଉପମା, ମୁଢିନଡ଼ିଆରେ ରହିଥିଲା ପିଲାର ସ୍ୱାସ୍ଥ୍ୟଚିନ୍ତା। ଆଜିର ନାରୀ ବୋଉ ହୋଇଗଲେ ବୋଧହୁଏ ଦୁନିଆର ଅନେକ ସମସ୍ୟାର ସମାଧାନ ହୋଇଯିବ। ବୋଉ ହାତରନ୍ଧାରେ ପରିବାରର ସ୍ୱାସ୍ଥ୍ୟ ନିହିତ ରହୁଥିଲା। ଶହେ ବା ଦୁଇଶହ ଗ୍ରାମ ତେଲରେ ବୋଉ କେମିତି ପନ୍ଦରଦିନ ଚଳାଇ ନେଉଥିଲା ତାହା ଏବେ ବି ରହସ୍ୟ। ବୋଉ ରୋଷେଇରେ ମସଲା କହିଲେ ଜିରା ଓ ପଞ୍ଚଫୁଟଣ। ଆଜିଭଳି ମସଲାଗୁଣ୍ଡର ବ୍ୟବହାର ବୋଉ ଜାଣି ନ ଥିଲା। ନିଜେ ହାତରେ କାଟି, ବାଟି ରାନ୍ଧୁଥିଲା । ସେସବୁ ଖାଦ୍ୟର ସ୍ୱାଦ ଥିଲା ନିଆରା ଓ ଖାଇଲେ ରୋଗର ଭୟ ନଥିଲା। ବୋଉର ରୋଷେଇକୁ ଭୁଲିଯିବା ହେଉଛି ଆଜିକାଲି ଦେଖାଯାଉଥିବା ଅନେକ ଭୟାନକ ରୋଗର କାରଣ।



ବୋଉ ଥିଲା ପରିବାର ଭିତରେ ଏକତାର ସୂତ୍ର। ମୁଁ, ମୋ ସ୍ୱାମୀ ଓ ମୋ ପିଲାର ଭାବନା ବୋଉ ଭିତରେ ନ ଥିଲା। ଯୌଥ ପରିବାରକୁ କେମିତି ଏକତାସୂତ୍ରରେ ବାନ୍ଧିରଖିହେବ, ସେ କଳା କେବଳ ବୋଉ ପାଖରେ ଥିଲା। ଯାହାଫଳରେ ଶିଶୁଟିଏ ପାଉଥିଲା ଜେଜେବାପା, ଜେଜେମା'ଙ୍କ ସାନ୍ନିଧ, ବଡ଼ବାପା, ବଡ଼ବୋଉ, କକା, ଖୁଡ଼ୀଙ୍କ ସ୍ନେହ। ତା'ର ଜୀବନ ପରିପୂର୍ଣ୍ଣଭାବେ ଗଢଉଥିଲା।

ବୋଉ ଯେତେ ଶିକ୍ଷିତ ହେଲେ ବି ଓଡ଼ିଆଘରର ଢଗଢମାଳିକୁ ଭଲ ପାଉଥିଲା। ଭାଷା, ସାହିତ୍ୟ, ସଂସ୍କୃତିକୁ ବଞ୍ଚାଇ ରଖିବା ଲାଗି ବୋଉର ଅବଦାନକୁ ଭୁଲିହେବନି। କଥାକଥାକେ ଇଂଲିଶ୍ ଶବ୍ଦ କହୁଥିବା ଆଜିର ମାଆମାନେ ବୋଉର କଥା କହିବାର ଢଙ୍ଗ ଆପଣାଇଲେ ଭାଷା ସୁରକ୍ଷା ଲାଗି ଏତେ ଆନ୍ଦୋଳନର ଆବଶ୍ୟକତା ପଡ଼ନ୍ତା ନାହିଁ କି ଇଂଲିଶ୍ ମାଧ୍ୟମରେ ପାଠ ପଢୁଥିବା ପିଲାମାନେ ଓଡ଼ିଆ ଭାଷାଠାରୁ ଦୂରକୁ ଯାଆନ୍ତେ ନାହିଁ।

ବୋଉ ଯୋଗ ଜାଣି ନ ଥିଲା କି ସ୍ୱାସ୍ଥ୍ୟରକ୍ଷାର ବହି ପଢୁନଥିଲା। ହେଲେ ତା'ର କାମ କରିବାର ଢଙ୍ଗ, ଘରକାମର ନିପୁଣତା ଭିତରେ ସ୍ୱାସ୍ଥ୍ୟରକ୍ଷା ଆପଣାଛାଏଁ ହେଉଥିଲା। ଯୋଗଗୁରୁମାନେ ଏବେ କାଟିବା, ବାଟିବା, ଘର ଓଳାଇବାର କୃତ୍ରିମ ଅଙ୍ଗଭଙ୍ଗୀ କରି ପାର୍କରେ ମହିଳାମାନଙ୍କୁ ବ୍ୟାୟାମ କରିବା ଶିଖାଉଛନ୍ତି। ହେଲେ ବୋଉ ଏସବୁ ସତସତିକା କରୁଥିଲା ଓ ନିଜର ସ୍ୱାସ୍ଥ୍ୟରକ୍ଷା ସହିତ ପରିବାରର ସମସ୍ତ ସଦସ୍ୟଙ୍କ ଯତ୍ନ ନେବାରେ ନିଜକୁ ସମ୍ପୂର୍ଣ୍ଣ ସମର୍ପଣ କରିଦେଉଥିଲା।

ବୋଉ କେବଳ ଏକ ଡାକ ନୁହେଁ କି ଜଣେ ବ୍ୟକ୍ତି ନୁହେଁ। ବୋଉ ହେଉଛି ଆମର ଜୀବନ। ବୋଉ ହିଁ ଆମର ପ୍ରଗତିର ଉପଯୁକ୍ତ ପଥପ୍ରଦର୍ଶକ। ବୋଉ ଆମ ଘରର ଲକ୍ଷ୍ମୀ, ଆମ ପିଲାମାନଙ୍କ ଲାଗି ସରସ୍ୱତୀ ଆଉ ବୋଉ ପୁଣି ଆମ ପରିବାରର ରକ୍ଷାକର୍ତ୍ତ୍ରୀ। ତେଣୁ ବୋଉ ଆଡ଼କୁ ଥରେ ଫେରି ଚାହଁନା !

**ବଡ଼ବେତରା, କୁଦାନଗରୀ, କେନ୍ଦ୍ରାପଡ଼ା**
**ମୋ: ୯୪୩୯୯୦୩୨୨୦**

## ପାଠକ ଶ୍ରେଷ୍ଠ ବିଚାରକ

### ନିଶାମୁକ୍ତ ରାଜ୍ୟ ଗଠନ ପାଇଁ ଆନ୍ତରିକ ଉଦ୍ୟମ ଲୋଡ଼ା

ମହାଶୟ,

ଆମ ରାଜ୍ୟରେ ନିଶା ନିବାରଣ ନିମନ୍ତେ ଆହ୍ୱାନ ଓ ଆନ୍ଦୋଳନ ହୋଇଆସୁଛି। କିନ୍ତୁ ଅନ୍ୟପଟେ ନିଶା ସାମଗ୍ରୀ ଯଥା – ବିଡି, ସିଗାରେଟ, ଗଞ୍ଜେଇ, ଗୁଟ୍‌ଖା ଓ ମୁଖ୍ୟତଃ ମଦ ଗାଁର ଯେକୌଣସି ଦୋକାନରେ ଅବାଧରେ ବିକ୍ରି ଚାଲିଛି। ରାଜସ୍ୱର ସିଂହଭାଗ ଅବକାରୀରୁ ମିଳିଥିବାରୁ ଏହା ବନ୍ଦ ପାଇଁ ସରକାରଙ୍କ ଆନ୍ତରିକତା ନାହିଁ। ଏସବୁର ଉତ୍ପାଦନ ବନ୍ଦ ନ କରି ବିକ୍ରେତାଙ୍କ ଉପରେ ଚଢ଼ାଉ କରିବାର ଅର୍ଥ କ'ଣ ? ନିଶାସକ୍ତ ଆମ ଯୁବ ପିଢ଼ି। ସାମାନ୍ୟ କଥାକୁ କେନ୍ଦ୍ରକରି ରାସ୍ତାଘାଟରେ ଗଣ୍ଡଗୋଳ। ନିଶାସକ୍ତ ଯୁବକମାନେ ହିତାହିତ ଜ୍ଞାନ ଭୁଲି ଚୋରି, ଡକାୟତି, ହତ୍ୟା, ଦୁଷ୍କର୍ମ କରୁଛନ୍ତି। ମଦ୍ୟପଙ୍କ ଯୋଗୁ ଝିଅ ବୋହୂ ରାସ୍ତାରେ ଯିବାକୁ ଡରୁଛନ୍ତି। ଦିନ ମଜୁରିଆଙ୍କ ଘରେ ଦିନରେ ଦି'ଓଳି ଚୁଲି ଜଳିବା ସମ୍ଭବ ହେଉନି। ନିଶା ପାଇଁ ଯେତେ ରୋଗ ବ୍ୟାଧି ବ୍ୟାପୁଛି, ଆଉ ରୋଗରୁ ଆରୋଗ୍ୟ ପାଇଁ ଯେତେ ଖର୍ଚ୍ଚ ହେଉଛି, ସେ ତୁଳନାରେ ନିଶାରୁ ମିଳୁଥିବା ରାଜସ୍ୱ ବହୁତ କମ୍। ନିଶାମୁକ୍ତ ସମାଜ ଗଠନ ପାଇଁ ଆନ୍ତରିକ ଉଦ୍ୟମ ହେଉ।

**–ପ୍ରାଧ୍ୟାପକ ଶ୍ରୀକାନ୍ତ ନାୟକ, ଖରସ୍ରୋତା ମହାବିଦ୍ୟାଳୟ, ସିଂହପୁର, ଯାଜପୁର**

## ଚିରନ୍ତନୀ

ଚଉଦିଗେ ଛୁଟେ କୁହୁ
ଛୁଟେ ଦୂରେ ଦୂରେ
ସୁରଧୂନୀ ବହିଯାଏ
ତପତ ମରୁରେ । –(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଯୁବପିଢ଼ି କଳିକେଶଙ୍କୁ ରୋଲ୍ ମଡେଲ୍ ଭାବି ବଢ଼ିପାରିବେ: ଦିବ୍ୟଶଙ୍କର



ଖବରଦାତା ସମ୍ମିଳନୀରେ ବିଧାୟକ ମିଶ୍ର ସ୍ପଷ୍ଟୀକରଣ ଦେଉଛନ୍ତି।

**ଭବାନୀପାଟଣା,୨୯।୧ (ଉତ୍ତମ କୁମାର ଦାଶ)**

ପୂର୍ବତନ ଏମ୍‌ପି ତଥା ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ସମ୍ପର୍କରେ ଦେଇଥିବା ମତାମତ ସମ୍ପର୍କରେ ଗୁରୁବାର ଭବାନୀପାଟଣା ମିଡ଼ିଆଉନଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର ସ୍ପଷ୍ଟୀକରଣ ଦେଇଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳର ସଭାପତି ନବୀନ ପଟ୍ଟନାୟକ ଆମର ସର୍ବମାନ୍ୟ ଓ ଅଦ୍ୱିତୀୟ ନେତା। ଓଡ଼ିଶାବାସୀ ତାଙ୍କୁ ବହୁତ ଭଲପାଇବା ଦେଇଛନ୍ତି। ଏବେ ଭାରତୀୟ ଜନତା ପାର୍ଟିର ସରକାର ଓଡ଼ିଶାରେ ଆସିଲା ପରେ ନାରୀ ଓ ଶିଶୁ ନିର୍ଯାତନା ବଢ଼ିଛି, ଯୁବକ ଓ ଚାଷୀଙ୍କୁ ନ୍ୟାୟ ଦେବାରେ ଏ ସରକାର ବିଫଳ ହୋଇଛି। ଏଣୁ ୨୦୨୯ରେ ପୁଣି ଥରେ ଲୋକଙ୍କ ଆଶୀର୍ବାଦ ପାଇ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ବିଧାୟକ ହିସାବରେ ଅନେକ ଜାଗାକୁ ଅତିଥି ହିସାବରେ ଆମେ ଯାଇଥାଉ। ଗତ ୨୭ ତାରିଖ ବଲାଙ୍ଗୀର ଗାନ୍ଧୀ ଷ୍ଟାଡ଼ିୟମରେ ଅନୁଷ୍ଠିତ ମହାରାଜା ରାଜେନ୍ଦ୍ର ସିଂଦେଓ ମେମୋରିଆଲ ସର୍ବଭାରତୀୟ ପୁରୁଷ ଫୁଟବଲ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ସମାରୋହକୁ ମୁଁ ଅତିଥି ଭାବରେ ଯାଇଥିଲି। ସେଠାରେ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ପ୍ରଶଂସା କରି ମଞ୍ଚ ଓ ମଞ୍ଚ ତଳେ ବାଇଟ୍ ଦେବା ସମୟରେ ଉଲ୍ଲେଖ କରିଥିଲି ଯେ, କଳିକେଶ ଜଣେ ଜାତୀୟ ସ୍ତରର ରାଇଫଲ ଖେଳାଳି ଏବଂ ଜାତୀୟ ରାଇଫଲ ଆସୋସିଏସନର ସଭାପତି ଅଛନ୍ତି। ସେ ଜଣେ ଭଲ ସ୍ପୋର୍ଟ୍ସ ମ୍ୟାନ, ପୂର୍ବତନ ଏମ୍‌ପି ଓ ବର୍ତ୍ତମାନର ଯୁବ ବିଧାୟକ। ତେଣୁ ଆଗାମୀ ଯୁବପିଢ଼ି ତାଙ୍କୁ ଜଣେ ରୋଲ ମଡେଲ ଭାବରେ ଗ୍ରହଣ କରି ଆଗକୁ ବଢ଼ିପାରିବେ ବୋଲି ମତାମତ ଦେଇଥିଲି। ରାଜ୍ୟସ୍ତରରେ ଯୁବକମାନଙ୍କ ନେତୃତ୍ୱ ନେବା ପାଇଁ ତାଙ୍କର ଯଥେଷ୍ଟ ଦକ୍ଷତା ରହିଛି ବୋଲି ପ୍ରଶଂସା କରିବା ସହିତ ତାଙ୍କ ଜେଜେବାପା ମଧ୍ୟ ମୁଖ୍ୟମନ୍ତ୍ରୀ ଥିଲେ ବୋଲି ଉଲ୍ଲେଖ କରିଥିଲି। ବଲାଙ୍ଗୀରରେ ଦେଇଥିବା ମୋ ବାଇଟ୍ ଓ ଅଭିଭାଷଣକୁ କିଛି ଗଣମାଧ୍ୟମ କଟ୍ କରି ଉପସ୍ଥାପନା କରୁଛନ୍ତି। ତେଣୁ ଏ ସମ୍ପର୍କରେ ମୁଁ ସ୍ପଷ୍ଟ କରିବାକୁ ଚାହେଁ ଯେ, ଓଡ଼ିଶାର ସର୍ବମାନ୍ୟ ନେତା ଏବଂ ମୋର ନେତା ହେଉଛନ୍ତି ନବୀନ ପଟ୍ଟନାୟକ। ସେ ଅଦ୍ୱିତୀୟ ଏବଂ ତାଙ୍କର ମାର୍ଗଦର୍ଶନରେ ଆମେ ସମସ୍ତେ ବିଧାୟକ, ଏମ୍‌ପି, ନେତୃମଣ୍ଡଳୀ ତଥା କର୍ମକର୍ତ୍ତା କାମ କରୁଛୁ। ସାମ୍ପ୍ରତିକ ସ୍ଥିତିରେ ଚାଷୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମଣ୍ଡିରେ ଧାନ ଉଠାଉ ନାହାଁନ୍ତି। ମହିଳା ଓ ଯୁବକଙ୍କୁ ରାଜ୍ୟରେ ନିଯୁକ୍ତିର ସୁଯୋଗ ନାହିଁ। ତେଣୁ ତୃଣମୂଳ ସ୍ତରରେ ଜନ ଆକ୍ରୋଶ ଦିନକୁଦିନ ବଢ଼ିବାରେ ଲାଗିଛି। ଲୋକ ମନସ୍ଥ କଲେଣି ଆଗାମୀ ପଞ୍ଚାୟତ ନିର୍ବାଚନରେ ଜନମତ ବିଜେଡି ସପକ୍ଷରେ ଯିବା ସହ ୨୦୨୯ ନିର୍ବାଚନରେ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରି ଭାଜପା ସରକାରକୁ ଜବାବ ଦେବେ। କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷ ଆମେ ଯାହା କହିଲେ ବି ଅନ୍ୟ ପ୍ରକାର ଉପସ୍ଥାପନା କରିବାକୁ ଚେଷ୍ଟା କରୁଛନ୍ତି। ସେମାନେ ଏଥିରୁ କ୍ଷାନ୍ତ ରହିବାକୁ ଅନୁରୋଧ କରୁଛି ବୋଲି ବିଧାୟକ ମିଶ୍ର କହିଛନ୍ତି। ଖବରଦାତା ସମ୍ମିଳନୀରେ ବିଧାୟକଙ୍କ ସହ ଯୁବ ନେତା ମହେଶ ସାହୁ, ଅବିନାଶ ଠାକୁର, ଦିନେଶ ବଗର୍ତ୍ତି ଉପସ୍ଥିତ ଥିଲେ।




# ସବୁ ଜିଲାରେ ହେବ କାର୍ଯ୍ୟକ୍ରମ
## ଅନ୍ତର୍ଜାତୀୟ ମହିଳା ଦିବସ

**ଭୁବନେଶ୍ୱର,୨୯।୧ (ସୁଚିସ୍ମିତା ସାହୁ)**

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସମସ୍ତ ଜିଲାରେ କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ଅନୁଷ୍ଠିତ ହେବ। ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରରେ ପ୍ରତିଯୋଗିତା ଆୟୋଜନ କରାଯିବ। ସେହିପରି ଅଙ୍ଗନୱାଡ଼ି କର୍ମୀ ଓ ସହାୟିକାଙ୍କ ମଧ୍ୟରେ ପ୍ରତିଯୋଗିତା କରାଯିବ। ଏଥିସହ ମହିଳା ଓ କନ୍ୟାମାନଙ୍କ ସମସ୍ୟା ସମ୍ପର୍କରେ ସାମୁଦାୟିକ ସଚେତନତା ସୃଷ୍ଟି ପାଇଁ ବିଶେଷ ଗ୍ରାମସଭା ଆୟୋଜନ କରାଯିବ। ପ୍ରଜ୍ଞାସ୍ତରରୁ ଆରମ୍ଭ ହୋଇ ରାଜ୍ୟସ୍ତରରେ ଅନ୍ତର୍ଜାତୀୟ ମହିଳା ଦିବସ ଉତ୍ସବ ଶେଷ ହେବ। ଏହି କାର୍ଯ୍ୟକ୍ରମ ଓ ପ୍ରତିଯୋଗିତା ପାଇଁ ପ୍ରତ୍ୟେକ ଜିଲାକୁ ଦେଢ଼ଲକ୍ଷ ଟଙ୍କା ଦିଆଯିବ। ଆବଶ୍ୟକ ପଡିଲେ ଜିଲାମାନେ ଅନ୍ୟ ଯୋଜନାରୁ ଅର୍ଥ ଖର୍ଚ୍ଚ କରିପାରିବେ। ତେବେ ବିଶେଷ ଗ୍ରାମସଭା ଲାଗି କୌଣସି ଅର୍ଥ ଦିଆଯିବ ନାହିଁ। ସମସ୍ତ ଜିଲାସ୍ତରୀୟ ପ୍ରତିଯୋଗିତା ଫେବୃଆରୀ ୨୦ ସୁଦ୍ଧା ଶେଷ କରି ୨୫ ମଧ୍ୟରେ ବିଜେତାଙ୍କ ତାଲିକା ଦାଖଲ କରିବାକୁ ବୁଧବାର ମହିଳା ଓ ଶିଶୁ ବିକାଶ ବିଭାଗର ଅତିରିକ୍ତ ଶାସନ ସଚିବ ସୁମିତ୍ରା ପଟ୍ଟନାୟକ ସମସ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ୬ ଡିଇଓଙ୍କ ପାଇଁ ପଦୋନ୍ନତିରୁ ବଞ୍ଚିତ ୨୩,୪୩୨ ଶିକ୍ଷକ

## ତୁରନ୍ତ ପଦୋନ୍ନତି ପ୍ରକ୍ରିୟା ଶେଷ କରିବାକୁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୨୯।୧ (ସୁଚିସ୍ମିତା ସାହୁ)**

ରାଜ୍ୟରେ ହଜାର ହଜାର ଶିକ୍ଷକ ପଦୋନ୍ନତି ପାଇବାକୁ ଯୋଗ୍ୟ ହୋଇଥିଲେ ମଧ୍ୟ ଉଚ୍ଚ ଅଧିକାରୀଙ୍କ ଅବହେଳା ଓ ଖାମଖିଆଲ ପାଇଁ ଏହି ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି। ଇତିମଧ୍ୟରେ ବହୁ ଯୋଗ୍ୟ ଶିକ୍ଷକ ବିନା ପଦୋନ୍ନତିରେ ଅବସର ଗ୍ରହଣ କରିଥିବାବେଳେ ଆଉ କେତେଜଣ ଅପେକ୍ଷା କରି ନିରାଶ ହୋଇପଡ଼ିଛନ୍ତି। ଏପଟେ ରାଜ୍ୟରେ ଶତାଧିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ନ ଥିବାବେଳେ ଭାରପ୍ରାପ୍ତ ସହାୟକ ଶିକ୍ଷକ ଶିକ୍ଷାନୁଷ୍ଠାନ ଚଳାଉଛନ୍ତି। ଯେଉଁଥିପାଇଁ ପାଠପଢ଼ା ବାଧାପ୍ରାପ୍ତ ହେବା ସହ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରୁ ନାହିଁ ବୋଲି ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ପ୍ରାୟ ୯ମାସ ହେବ ୨୩,୪୩୨ ଜୁନିଅର ଏସ୍‌ଇଏସ୍ ଶିକ୍ଷକଙ୍କୁ ବରିଷ୍ଠ ପାହ୍ୟାକୁ ପଦୋନ୍ନତି ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ଶିକ୍ଷକମାନଙ୍କ ଗ୍ରେଡେସନ ତାଲିକା ମଧ୍ୟ ପ୍ରସ୍ତୁତ ହୋଇଛି। ହେଲେ ୬ ଜିଲ୍ଲା ଶିକ୍ଷା ଅଧିକାରୀ(ଡିଇଓ)ଙ୍କ ପାଇଁ ଏସବୁ ପ୍ରକ୍ରିୟା ବାଧାପ୍ରାପ୍ତ ହେଉଥିବା ଜଣାପଡ଼ିଛି। ବାଲେଶ୍ୱର, ବରଗଡ଼, କଳାହାଣ୍ଡି, କୋରାପୁଟ, ବରଗଡ଼ ଓ ମାଲକାନଗିରି ଜିଲା ଶିକ୍ଷା ଅଧିକାରୀମାନେ ସେମାନଙ୍କ ଜିଲାର ଯୋଗ୍ୟ ଶିକ୍ଷକଙ୍କ ତାଲିକା ଦେଇ ପାରୁ ନ ଥିବାରୁ ଶତାଧିକ ଶିକ୍ଷକ ସେମାନଙ୍କ ହକ୍ ପାଇବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଏଥିପାଇଁ ମଧ୍ୟ ପୂରା ପଦୋନ୍ନତି ପ୍ରକ୍ରିୟା ଅଟକି ରହିଥିବା ସୂଚନା ମିଳିଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ନିକଟରେ ଏଭଳି ଅଭିଯୋଗ ପହଞ୍ଚିଛି। ଏନେଇ ମନ୍ତ୍ରୀ ବିରକ୍ତି ପ୍ରକାଶ କରିବା ସହ ଏହି ପଦୋନ୍ନତି ପ୍ରକ୍ରିୟା ତୁରନ୍ତ ଶେଷ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।


## NOTIFIED AREA COUNCIL, DIGAPAHANDI

GANJAM, ODISHA, PIN - 761012, PH : 06814-295053, E-MAIL : dgp_nac@yahoo.com

Letter No. : 358/DIGNAC — TENDER CALL NOTICE — Date : 28.01.2026

No.13001/6/2526 : The Executive Officer, NAC Digapahandi, Ganjam invites sealed quotation in prescribed form from the Reputed firms / agencies / contractors having experience in stone carving, sculpture installation, temple art work, heritage or cultural structure work for **"Supply, fitting, fixing and installation of sculptures (statues & temple structures) with stone carving under Digapahandi NAC."**

| SL. NO | Name and Nature of Work | Cost of Tender Paper | EMD Cost |
|---|---|---|---|
| 1 | "Supply, fitting, fixing and installation of sculptures (statues & temple structures) with stone carving under Digapahandi NAC." | Rs.10,000/- (by Cash at Counter) | 1% of the Rate Quoted (Through BD / DD in favour of Executive Officer, NAC Digapahandi) |

The quotationers are essentially required to furnish self-attested copies of the **PAN Card, GST Registration Certficate, IT Returns (Last 3 Financial Years) along with copies of previous work experience or work completion certficates (Experience in stone careving and sculpture installation)** etc., as per the terms and conditions of the Tender Schedule.

**Important Dates**

1. Start date for sale of quotation paper : Dtd.30.01.2026, 10:00 A.M. onwards (during office hour, except Govt. Holidays)
2. Last date for sale of quotation paper : Dtd.17.02.2026 up to 05.30 P.M. (except Govt. Holidays)
3. Last date for receipt of quotation paper : Dtd.19.02.2026 up to 05:30 P.M. (Through **Speed Post/Drop Box** except Govt. Holidays)
4. Date of opening of sealed quotations : Dtd.20.02.2026 at 11:00 A.M. by the Chairperson, Tender Committee / Undersigned in NAC, Digapahandi

OIPR-13001/13117/1/25-26/0006 — Sd./- Executive Officer, NAC, Digapahandi, Ganjam

## OFFICE OF THE NOTIFIED AREA COUNCIL : CHANDBALI

No.13001/7/2526

Pin : 756133 (Odisha), E.Mail : chandbali.nac@gmail.com

Letter No.297 — DT. 29.01.2026

**INVITATION FOR BIDS**

Tender Reference No. CNB-San-01/2026-27
Tender Call Notice No.297 Dated. 29.01.2026

1. Name of the Work : SUPPLYING OF CLEANING & SANITATION Manpower AND EXECUTION OF ROAD SWEEPING, CLEANING & OTHER SANITATION WORKS OF CHANDBALI NAC
2. Estimated Cost : Rs.1,61,87,006.16
3. Period of completion : For 1 Year (One Year)
4. Date and time of availability of Bid Document in the Portal : From 10:00 A.M of Dt.30.01.2026 to 5.30 P.M. of Dt.17.02.2026
5. Last date/Time for receipt of Bid in the portal : 5.30 P.M. of Dt.17.02.2026
6. Date and time of opening of bid : 11:00 A.M. of Dt.18.02.2026
7. Name and address of the Officer Inviting Bid : Executive Officer, Chandbali NAC

Further details can be seen from the e-procurement portal https://tenderodisha.gov.in

Sd./- Executive Officer, Chandbali NAC

OIPR-13001/13129/1/25-26/0007

## ଆଜି ଶହୀଦ ଦିବସ


ଭାରତ ପ୍ରତି ମହାତ୍ମା ଗାନ୍ଧୀଙ୍କ ଅବଦାନ ଏବଂ ସ୍ୱାଧୀନତା ସଂଗ୍ରାମ ସମୟରେ ତାଙ୍କ ବଳିଦାନକୁ ସ୍ମରଣ କରିବା ପାଇଁ ପ୍ରତିବର୍ଷ ଜାନୁଆରୀ ୩୦ରେ ପାଳିତ ହୋଇଆସୁଛି ଶହୀଦ ଦିବସ। ୧୯୪୮ରେ ଏହି ଦିନ ମହାତ୍ମା ଗାନ୍ଧୀଙ୍କୁ ହତ୍ୟା କରାଯାଇଥିଲା। ଏହି ଦିନଟିକୁ ଭାରତର ସ୍ୱାଧୀନତା ସଂଗ୍ରାମ ଇତିହାସରେ ସବୁଠାରୁ ଦୁଃଖଦ ଦିନ ଭାବେ ବିବେଚନା କରାଯାଏ। ଗାନ୍ଧୀଙ୍କ ଶ୍ରାଦ୍ଧ ଦିବସଟି ଶହୀଦ ଦିବସ ଭାବେ ସାରା ଦେଶରେ ପାଳନ କରାଯାଇଥାଏ। ଏହି ଅବସରରେ ଶୁକ୍ରବାର ଭୁବନେଶ୍ୱରସ୍ଥିତ ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ରାଜ୍ୟସ୍ତରୀୟ ଶହୀଦ ଦିବସ ପାଳନ କରାଯିବା ଲାଗି ସରକାରୀ ଭାବେ ଘୋଷଣା କରାଯାଇଛି।


## ପୂର୍ବ ତଟ ରେଳପଥ

**(1) ଟେଣ୍ଡର ସଂ.ELOP-T-01-2026**

**କାର୍ଯ୍ୟର ନାମ :** 02(ଦୁଇ) ବର୍ଷ ଅବଧି ପାଇଁ ବାହାର ଏଜେନ୍ସି ଜରିଆରେ SLAM ଡାଟା ଏଣ୍ଟ୍ରି ନିମନ୍ତେ ଭୁବନେଶ୍ୱର ଏବଂ ପୁରୀ ଠାରେ ଟ୍ରିପ୍ ସେଡ୍ ଏବଂ ଖୋର୍ଦ୍ଧା ରୋଡ୍, ଭଦ୍ରକ, କଟକ, ହରିଦାସପୁର/ଚଣ୍ଡିଖୋଲ, କେନ୍ଦୁଝରଗଡ଼, ଛତ୍ରପୁର, ମେରାମଣ୍ଡଳୀ, ଅନୁଗୁଳ ଠାରେ କ୍ରିଉ ବୁକିଙ୍ଗ୍ ପଏଣ୍ଟ, ଖୋର୍ଦ୍ଧା ରୋଡ୍ ସ୍ଥିତ TLC କାର୍ଯ୍ୟାଳୟ ଠାରେ ଡାଟା ଏଣ୍ଟ୍ରି ପରିଚାଳନା ସେବା ପ୍ରଦାନ ନିମନ୍ତେ ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 2,68,60,280.34, EMD (ଟଙ୍କାରେ) : 2,84,300/-।

**(2) ଟେଣ୍ଡର ସଂ.ELOP-T-02-2026**

**କାର୍ଯ୍ୟର ନାମ :** 02(ଦୁଇ) ବର୍ଷ ଅବଧି ପାଇଁ ବାହାର ଏଜେନ୍ସି ଜରିଆରେ ପଲାସା, ତାଳଚେର, ପାରାଦ୍ୱୀପ, ପୁରୀ, ଭୁବନେଶ୍ୱର, ଜଖପୁରା, ଯାଜପୁର କେନ୍ଦୁଝର ରୋଡ୍, ଢେଙ୍କାନାଳ, ରାଜଆଠଗଡ଼, ଟମକା ଏବଂ କାମାକ୍ଷା ସ୍ଥିତ କ୍ରିଉ ବୁକିଙ୍ଗ୍ ପଏଣ୍ଟ ଠାରେ ଡାଟା ଏଣ୍ଟ୍ରି ପରିଚାଳନା ସେବା ପ୍ରଦାନ ନିମନ୍ତେ ବ୍ୟବସ୍ଥା।

**ବିଜ୍ଞାପିତ ମୂଲ୍ୟ(ଟଙ୍କାରେ):** 3,00,19,033.91, EMD (ଟଙ୍କାରେ) : 3,00,100/-।

ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ) : 11,800/- (ଉଭୟ ଟେଣ୍ଡର ନିମନ୍ତେ), ଶେଷ ହେବା ଅବଧି : 730 ଦିନ (ଉଭୟ ଟେଣ୍ଡର ନିମନ୍ତେ)।

ବିଡ୍ ଆରମ୍ଭ ହେବା ତାରିଖ : ତା.30.01.2026 ରିଖ (ଉଭୟ ଟେଣ୍ଡର ନିମନ୍ତେ), **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.02.2026 ରିଖ 1730 ଘଟିକାରେ (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ www.ireps.gov.in ରେ ଉପଲବ୍ଧ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (OP), ଖୋର୍ଦ୍ଧା ରୋଡ୍

PR-1059/Q/25-26

## ପୂର୍ବ ତଟ ରେଳପଥ

ବିଜ୍ଞପ୍ତି ସଂ. eT-WAT-DCM-02-2026, ତା.22.01.2026ରିଖ

**କାର୍ଯ୍ୟର ନାମ :** ୱାଲ୍ଟିୟର ମଣ୍ଡଳରେ ABSS ଷ୍ଟେସନଗୁଡ଼ିକ-ସିହ୍ମାଚଳମ୍ (SCM), ଦୁବାଡ଼ା (DVD), ବୋବିଲ୍ଲି (VBL), ଜୟପୁର (JYP) ଏବଂ ଜଗଦଲପୁର (JDB) ଠାରେ ଆର୍ଟ କାର୍ଯ୍ୟ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ):** 99,95,870/-, EMD (ଟଙ୍କାରେ) : 1,99,900/-, କାର୍ଯ୍ୟ ଶେଷ ହେବା ଅବଧି: 12 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.13.02.2026 ରିଖ 1500 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ବାଣିଜ୍ୟ ପ୍ରବନ୍ଧକ, ୱାଲ୍ଟିୟର

PR-1057/Q/25-26

## GOVERNMENT OF ODISHA
## DEPARTMENT OF WATER RESOURCES
## OFFICE OF THE ADDITIONAL CHIEF ENGINEER, ANGUL IRRIGATION CIRCLE, ANGUL, ODISHA

PIN - 759143, email: aceangulirrigationcircle@gmail.com

No. A-1331

**Government of Odisha "e" Procurement Notice**
**Bid Identification No. ACEAIC-01/2025-26**

| Sl. No. | Name of Work | Estimated Cost | Class of Contractor | Period of Completion | Date and time of availability of bid document in the portal | Last date/ time for receipt of bid in the portal | Name & address of the Officer Inviting Bid |
|---|---|---|---|---|---|---|---|
| 01 | Improvement to Canal Service Road of Gohira Right Main Canal from RD 00 to 8800m (Bank Widening, extension of old structure with metalling) of GIP under Deogarh Irrigation Division | Rs.249.92 lakh | "A" & "B" | 6 (Six) Calendar Months including rainy season | 31.01.2026 at 10.00 A.M. | 16.02.2026 upto 5.30 P.M. | Additional Chief Engineer, Angul Irrigation Circle, Angul |
| 02 | Improvement to Canal Servie Road of Gohira Right Main Canal from RD 14200m to 20600m (Bank Widening, extension of old structure with metalling) of GIP under Deogarh Irrigation Division | Rs.249.29 lakh | "A" & "B" | 6 (Six) Calendar Months including rainy season | 31.01.2026 at 10.00 A.M. | 16.02.2026 upto 5.30 P.M. | |
| 03 | Improvement to Colony road from NH to Division office at Rengalbeda & PWD office to Sub-Division office at Dam site under Deogarh Irrigation Division | Rs.245.99 lakh | "A" & "B" | 6 (Six) Calendar Months including rainy season | 31.01.2026 at 10.00 A.M. | 16.02.2026 upto 5.30 P.M. | |

Further details can be seen from the e-Procurement Portal **http://tendersodisha.gov.in**.
Any Corrigendum/Addendum/Cancellation will be displayed in the Govt. Website only.

OIPR: — Sd./- Additional Chief Engineer, Angul Irrigation Circle, Angul

## Government of Odisha "e" Procurement Notice

No. B-1008

## OFFICE OF THE SUPERINTENDING ENGINEER RAYAGADA (R&B) DIVISION NO.-I, RAYAGADA

E-mail ID: sepwdrgda1@gmail.com

Bid Identification No. RC (RANDB) RGD 21/2025-2026 (Single Cover - Online Tender)

File No. E-II-C8-28/2025 No. 198 — Date: 19.01.2026

1. No. of the Works : 08 (Eight) Electrical Works only
2. Estimated Cost : Rs.0.64 Lakhs to 21.17 Lakhs
3. Cost of Document : Rs.400/- & Rs.6,000/-
4. Bid Security : Rs.700/- to Rs.21,200/-
5. Class of Contractor : MV / above
6. The bid documents will be available in the website : **www.tendersodisha.gov.in from 11.00 hrs. of dated 31.01.2026 to 17.00 hrs. of dated 10.02.2026 for online bidding**.
7. Last date/time for receipt of bids in the portal : Upto 17.00 hrs. of Dated: 10.02.2026
8. Bids received **"Online"** shall be **opened at 11.30 hours on dated 11.02.2026 in the Office of the Superintending Engineer, Rayagada (R&B) Division No. I**.
9. Further details can be seen from the e-Procurement portal: **www.tendersodisha.gov.in"**. Any Addendum/Corrigendum/Cancellation of tender can also be seen in the said website only.

OIPR: — Sd./- Superintending Engineer, Rayagada (R&B) Division No. I

## ଭାରତୀୟ କପା ନିଗମ ଲିମିଟେଡ୍
ଶାଖା କାର୍ଯ୍ୟାଳୟ, ରାୟଗଡ଼ା

ଭା.କ.ନି. C.C.I. — ମୋବାଇଲ ଆପ୍ — कपास किसान

ପ୍ଲଟ ନଂ. ୧୩୮/୨୦୩୦/୨୫/୮ ପ୍ରଥମ ମହଲା
ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ନିକଟ, ରିଙ୍ଗ୍ ରୋଡ୍, ରାୟଗଡ଼ା – ୭୬୫୦୦୧ (ଓଡ଼ିଶା)

ସଂଖ୍ୟା: ଭାକନି/ରାୟଗଡ଼ା/୨୦୨୫–୨୬ — ତାରିଖ: ୨୯।୦୧।୨୦୨୬

### କପା ଚାଷୀମାନଙ୍କୁ ଆହ୍ୱାନ

ସମସ୍ତ କପାସ କିଷାନ ଆପ୍ (Kapas Kisan App)ରେ ପଞ୍ଜୀକୃତ କପା ଚାଷୀଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ଦୟାକରି ୨୮ ଫେବୃଆରୀ ୨୦୨୬ ମଧ୍ୟରେ ସ୍ଲଟ୍ ବୁକ୍ କରି ନିଜ କପା ବିକ୍ରୟ କରନ୍ତୁ, ଯାହା ଦ୍ୱାରା ସେମାନେ ଚଳିତ ୨୦୨୫–୨୬ କପା ଋତୁରେ ସର୍ବନିମ୍ନ ସହାୟକ ମୂଲ୍ୟ (MSP) ଯୋଜନାର ଲାଭ ଉଠାଇ ପାରିବେ।

ଅଧିକ ସୂଚନା କିମ୍ବା ସହାୟତା ପାଇଁ ଚାଷୀମାନେ ଶାଖା କାର୍ଯ୍ୟାଳୟ ରାୟଗଡ଼ାର ହ୍ୱାଟ୍‌ସଆପ୍ ହେଲ୍ପଲାଇନ ନମ୍ବର: ୬୩୭୦୦୧୧୯୨୦ରେ ଯୋଗାଯୋଗ କରିପାରିବେ।

ସ୍ୱା./– ଶାଖା ପ୍ରମୁଖ

## OFFICE OF THE DIVISIONAL FOREST OFFICER, DHENKANAL DIVISION

Tele Fax No.: 06762-226717, e-mail Id: dfo.dhenkanal@gmail.com

### TENDER FOR SUPPLY OF ANIMAL FEED TO KAPILASH ZOO FOR THE YEAR 2026-27 OF DHENKANAL DIVISION

No. 8001/3/2526: The tender for supply of Animal Feed Items to Kapilash Zoo for the year 2026-27 is invited from intending persons/firms. The tender will be received till 5.00 P.M. of 09.02.2026 by post and to be opened on 10.02.2026 at 11.30 P.M. in Divisional Forest Office, Dhenkanal. For detail particulars, the undersigned may be contacted during office hours.

Sd./- Divisional Forest Officer, Dhenkanal Division

OIPR-8001/8037/1/25-26/0003

## OFFICE OF THE SUPERINTENDING ENGINEER BHUBANESWAR (R&B) DIVISION NO. III, BHUBANESWAR

bbsrrandb03@yahoo.com

60Estg. No. 812 — Date: 27.01.2026

**Government of Odisha "e" - Procurement Notice No. (70) of 2025-26**

No. 34001/7/2526 — **Bid Identification No.: C.C. (R&B) 03**

| | | |
|---|---|---|
| 1 | Name of the Work | Road Work |
| 2 | Total No. of Works | 1 No. Work |
| 3 | Estimated Cost | Rs.60,62,000.00 |
| 4 | Class of Contractor | "B" Class Contractor |
| 5 | Period of Completion | 1 (One) Calendar Month |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From 29.01.2026 at 4.30 P.M. to 07.02.2026 at 11.30 A.M. |
| 8 | Last date & time for receipt of bids in the portal | 07.02.2026 upto 11.30 A.M. |
| 9 | Name & address of the Officer Inviting Bid | Er. Narendra Kumar Ghadai, Superintending Engineer, Bhubaneswar (R&B) Division No. III, Bhubaneswar |

Further details can be seen from the e-procurement portal **https://tendersorissa.gov.in**
**N.B.:** Subsequent corrigendum/addendum if required shall be available in the website as indicated above.

Sd./- Superintending Engineer, BBSR (R&B) Division No. III, BBSR

OIPR-34001/34185/1/25-26/0007

## ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ର ଲିଜିଂ ନିମନ୍ତେ ଇ-ନିଲାମ ବିଜ୍ଞପ୍ତି

**ଇ-ନିଲାମ ବିଜ୍ଞପ୍ତି ନଂ.: ଲିଜ୍-କେଜିପି-୨୬-୦୨ — ତାରିଖ: ୨୮।୦୧।୨୦୨୬**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ୍‌ଗପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ, ଟ୍ରେନ୍ ଯୋଗେ ପାର୍ସଲଗୁଡ଼ିକର ପରିବହନ ପାଇଁ ୦୩ (ତିନି) ବର୍ଷ ଅବଧି ଲାଗି ଏସ୍‌ଏଲ୍‌ଆର୍/ଏଲ୍‌ଭିପିଏଚ୍‌ଗୁଡ଼ିକର ଲିଜିଂ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି, ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି ।

| ବର୍ଗ | କାଟାଲଗ୍ ନଂ. | ଇ-ନିଲାମ ତାରିଖ | ନିଲାମ ଆରମ୍ଭ ସମୟ | ନିଲାମ ସମାପ୍ତିର ସମୟ |
|---|---|---|---|---|
| ପାର୍ସଲ | ଲିଜ୍–କେଜିପି–୨୬–୦୨ | ୧୦।୦୨।୨୦୨୬ | ୧୧.୦୦ ଘ. | ୧୭.୧୦ ଘ. |

ଆଗ୍ରହୀ ପକ୍ଷ ଏବଂ ଠିକାଦାରମାନେ ଏଥିପ୍ରତି ଧ୍ୟାନଦେବା ଏବଂ ଟ୍ରେନ୍‌ଗୁଡ଼ିକର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ବିବରଣୀ ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । କୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ଦୟାକରି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1114) — ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଖଡ୍‌ଗପୁର

ଦକ୍ଷିଣ ପୂର୍ବ ରେଳପଥ
ହର୍ଷର ସହିତ ଆମେ ସେବାରତ

## GOVERNMENT OF ODISHA
## OFFICE OF THE CHIEF CONSTRUCTION ENGINEER, EASTERN CIRCLE (R&B), BALASORE

Order No. 853 Date. 28.01.2026

**Quotation Call Notice No. CCEEC-02/2025-26**

**No.34001/8/2526** : The Chief Construction Engineer, Eastern Circle (R&B), Balasore on behalf of the Governor of Odisha invites quotation in single cover (online mode) from the eligible reputed firms/ agencies/ Proprietor for the **District level Subhadra Shakti Mela along with Meghasani Music Festival 2026** to be held at Chhau Ground, Baripada **from 06.02.2026 to 12.02.2026 ( for 7 days)**. The interested organizations can download in the e- procurement website i.e.: https://tendersodisha.gov.in and submit their bid documents through online mode only. The details of bid documents will be available in the above website from **11.00 A.M. of 30.01.2026 to 4.00 P.M of 03.02.2026**. The bidders must possess compatible Digital Signature Certificate of Class II or III. Quotations received online shall be opened at **4.30 PM of 03.02.2026** in the Office of the Chief Construction Engineer, Eastern Circle (R&B), Balasore. Further details can be seen from the e-procurement portal **www.tendersodisha.gov.in**.
Any addendum / corrigendum / cancelation of tender can also be seen in the said website only.
The authority reserves the right to cancel the tender/quotation at any time without assigning any reason.

Sd./- Chief Construction Engineer, Eastern Circle (R&B), Balasore

OIPR-34001/34026/1/25-26/0008

## OFFICE OF THE SUPERINTENDING ENGINEER, MINOR IRRIGATION DIVISION, SUNDARGARH

Email - eemisundargarh@yahoo.co.in

No. : 378 — dt. 27.01.2026

**QUOTATION CALL NOTICE No.01/2025-26, Dated:27.01.2026**

**No.32001/8/2526** : Sealed quotations are invited from interested reputed Travel agencies/Tour operators/ Private individuals having valid GST,PAN Card etc. for providing one number AC Petrol/Diesel driven vehicle of BS-VI compliant diesel vehicle (TUV 300/Bolero/ Scorpio/Ertiga) having seating capacity not more than 8(Eight) including Driver(which shall confirm to the terms & conditions of the quotation call notice) for official use by Asst. Executive Engineer, Minor Irrigation Sub-Division, Sundargarh for inspection of the project work & official work on monthly rent basis for the period of one year from the date of engagement of the vehicles.

Please visit website https://dowrodisha.gov.in or https://sundargarh.nic.in for details date & time of available of Quotation Document from 27.01.2026 of 10.00 AM to 06.02.2026 of 3.00 PM. The last date & time of sale and receipt of Quotation is 06.02.2026 and 3.00PM respectably and to be opened on 06.02.2026 and 3.30 PM.

Sd./- Superintending Engineer, M.I. Division, Sundargarh

OIPR-32001/32124/1/25-26/0008

## पुलिस अधीक्षक का कार्यालय, सिमडेगा

### (सर्वसाधारण के लिए सूचना)

गुमशुदा महिला पुनीता देवी, उम्र–करीब 27 वर्ष, पति–बुधेश्वर सिंह, पे0–स्व0 रघुनाथ सिंह, सा0–टोनिया, पो0–गेनमेर, थाना–बानो (गिरदा ओ0पी0) थाना, जिला–सिमडेगा, राज्य–झारखण्ड, जो दिनांक–08.01.2026 को सुबह 04:00 बजे बिना किसी को बताये घर से निकल गयी है, परन्तु अभी तक अपने घर वापस नहीं लौटी है। लापता महिला की बरामदगी अभी तक नहीं हो पायी है, जिसका विवरणी निम्नवत् है:–

हुलिया की विवरणी :–
लिंग :–स्त्रीलिंग
उम्र :–करीब 27 वर्ष।
रंग :–साँवला
उँचाई :–05 फीट।
भाषा :–मुण्डारी, सादरी एवं हिन्दी ।
बाल :–काला रंग
पहनावा :–सफेद रंग का साड़ी एवं लाल रंग का स्वेटर।



अतः सर्व साधारण को सूचित किया जाता है कि उक्त लापता बालिका के बारे में पता चलता है तो नीचे अंकित दूरभाष नं0 पर अविलंब सूचित करेंगे।

पुलिस अधीक्षक, सिमडेगा —मोबाइल नं0–9431116444
पुलिस उपाधीक्षक, (मु0) सिमडेगा —मोबाइल नं0–9431706227
थाना प्रभारी, गिरदा —मोबाइल नं0–9608015593पुलिस
नियंत्रण कक्ष, सिमडेगा —मोबाइल नं0–9262998531
मानव तस्करी संबंधी टोल फ्री नं0 —मोबाइल नं0–1800–3456–256

पुलिस अधीक्षक, सिमडेगा

PR 371962 (Simdega)25-26*D

## GOVT. OF ODISHA
## ST & SC DEVELOPMENT DEPARTMENT
## INTEGRATED TRIBAL DEVELOPMENT AGENCY, KARANJIA

DIST - MAYURBHANJ

**E-PROCUREMENT NOTICE**
**BID IDENTIFICATION NO. - 05/2025-26**

e-mail : itdakja@nic.in / itdakaranjia@gmail.com

No.169 — Dated. 28.01.2026

**No.19001/4/2526** : Bid documents consisting of work, Estimated Costs, Cost of Tender Papers, EMD, Time of completion, Class of Contractors and the set of terms and conditions of contract and other necessary documents can be seen/ downloaded from Govt. website i.e. www.tendersorissa.gov.in.

1. No. of works : 12 (Twelve) Nos.
2. Estimated Cost : Varies from 20.00 lakh to 71.00 Lakh
3. Period of completion : Varies from 3 calendar months to 6 Calendar months
4. Date & Time of availability of the bid documents : From 10 A.M. of 29th Day of January 2026 to 13th Day of February 2026 upto 5 P.M.
5. Last date & time of receipt of Bids in the portal : Dt.13th Day of February 2026 upto 5 P.M.
6. Last date & time of receipt of Bids through Tender Box : Dt.16th Day of February 2026 upto 3.00 P.M.
7. Bids received through Tender Box shall be opened on : Dt.16th Day of February, 2026-3.30 P.M. onwards
8. Name and address of the Officer inviting Bids : **Project Administrator, ITDA, Karanjia**

Further details can be seen / downloaded from the procurement portal i.e www.tendersorissa.gov.in

Sd./- Project Administrator, I.T.D.A., Karanjia

OIPR-19001/19007/1/25-26/0004

## Government of Odisha "e" Procurement Notice

No.34001/8/2526

GOVT. OF ODISHA

**Bid Identification No. PWDK - 35/2025-26**
**No. G2/960 Dt. 27.01.2026**

e-mail : eepwdkeonjhar@yahoo.com

1. No. of the work : 01 No. Building Work, 03 Nos. Electrical Works
2. Estimated cost : From Rs. 7.29 Lakh to Rs. 82.29 Lakh
3. Period of completion : From 01 (One) to 12 (Twelve) Calendar Month
4. Date and Time of availability of Bid document in the portal : From 10.00 Hr 03.02.2026 to 17.00 Hr of 18.02.2026
5. Last date / Time for receipt of bids in the portal : 17.00 Hr of 18.02.2026
6. Date of opening of Bid from Portal : 10.30 Hr of 19.02.2026
7. Name and address of the officer inviting Bid : Superintending Engineer, Keonjhar (R&B) Division, Keonjhar

Further details can be seen from the e-procurement portal "http://tendersodisha.gov.in".

Sd./- S.Mohanty, Superintending Engineer, Keonjhar (R&B) Division

OIPR-34001/34004/1/25-26/0008

## ତହସିଲଦାର ତଥା କ୍ଷମତାପନ୍ନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଡମପଡ଼ା

### ସର୍ବସାଧାରଣ ବିଜ୍ଞପ୍ତି

ବିଜ୍ଞପ୍ତି ସଂଖ୍ୟା 187 — ତା.20.01.2026

**ପ୍ରକଳ୍ପର ନାମ:– କ୍ୟାପିଟାଲ ରିଜନ ରିଙ୍ଗ ରୋଡ, ପ୍ୟାକେଜ–୧**
**ଜମି ଅଧିଗ୍ରହଣ ଲାଗି ଜମି ମାଲିକ/ସେଥିରେ ଆଗ୍ରହୀ ବ୍ୟକ୍ତିଙ୍କ ପାଇଁ ଆୱାର୍ଡ ଘୋଷଣା ।**
**ମୌଜା–ତାଳବସ୍ତ, ବିଲିପଡାସରଧାପୁର, ମକୁନ୍ଦପୁର ଚାରିଘରିଆ, ବରପଦନପୁର ।**

ଏଥିସହିତ ସମସ୍ତ ଜମି ମାଲିକ/ଆଗ୍ରହୀ ବ୍ୟକ୍ତିଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି ଯେ, କ୍ୟାପିଟାଲ ରିଜନ ରିଙ୍ଗ ରୋଡ, ପ୍ୟାକେଜ–୧ର ନିର୍ମାଣ ପାଇଁ ୩୩.୫ କିଲୋମିଟରରୁ –୪୭.୫ କିଲୋମିଟର ପର୍ଯ୍ୟନ୍ତ ଜମି ଅଧିଗ୍ରହଣ ନିମନ୍ତେ ଜାତୀୟ ରାଜପଥ ଅଧିନିୟମ, ୧୯୫୬ର ଧାରା 3A ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା ୩୧୦୨ ତା.୦୬.୦୭.୨୦୨୨ ରିଖରେ ଏବଂ ଧାରା 3(D) ଅନୁଯାୟୀ ବିଜ୍ଞପ୍ତି ୫୭୦୯, ତା.୧୨.୧୨.୨୦୨୨ ରିଖରେ ଜାରି କରାଯାଇଅଛି ଏବଂ ନିମ୍ନଲିଖିତ ଖବରକାଗଜରେ ପ୍ରକାଶିତ ହୋଇଅଛି ।

| Sl. No. | Notification | Names of newspaper in which published | Date of Publication | Language |
|---|---|---|---|---|
| 1 | Section 3A | ସମ୍ବାଦ | ୧୩.୦୮.୨୦୨୨ | ଓଡ଼ିଆ |
| | | ପ୍ରମେୟ | ୧୩.୦୮.୨୦୨୨ | ଓଡ଼ିଆ |
| 2 | Section 3D | ସମ୍ବାଦ | ୩୧.୧୨.୨୦୨୨ | ଓଡ଼ିଆ |
| | | ପ୍ରମେୟ | ୩୦.୧୨.୨୦୨୨ | ଓଡ଼ିଆ |

ଏତଦ୍ୱାରା ସୂଚନା ଦିଆଯାଉଅଛି ଯେ ଉକ୍ତ ବିଜ୍ଞପ୍ତି ମୁତାବକ ମୌଜା ତାଳବସ୍ତ, ବିଲିପଡାସରଧାପୁର, ମକୁନ୍ଦପୁର ଚାରିଘରିଆ, ବରପଦନପୁର ଅଧିଗ୍ରହଣ ନିମନ୍ତେ ଅଧିସୂଚିତ ଜମିର କ୍ଷତିପୂରଣ ରାଶିର ଆକଳନ ଜାତୀୟ ରାଜପଥ ଅଧିନିୟମ, ୧୯୫୬ର ଧାରା 3G ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ତା. ଯଥାକ୍ରମେ ତା.୧୦.୧୦.୨୦୨୩, ୧୦.୦୮.୨୦୨୩ ଓ ତା.୨୩.୧୧.୨୦୨୩ ରିଖରେ ପ୍ରସ୍ତୁତ କରାଯାଇଅଛି । ଜମି ଆବଶ୍ୟକ କରୁଥିବା ଏଜେନ୍ସି (MoRTH) ଏହି ଆକଳନକୁ ଅନୁମୋଦନ କରିଛି । ଜାତୀୟ ରାଜପଥ ଆଇନ, ୧୯୫୬ର ଧାରା 3E ଅନୁଯାୟୀ ସମ୍ପୃକ୍ତ ଜମି ମାଲିକ, ଆଗ୍ରହୀ ବ୍ୟକ୍ତିଙ୍କୁ ମଧ୍ୟ ବିଜ୍ଞପ୍ତି ଜାରି କରାଯାଇଅଛି ।


ତଦନୁସାରେ ସମସ୍ତ ସମ୍ପୃକ୍ତ ଜମି ମାଲିକ/ଆଗ୍ରହୀ ବ୍ୟକ୍ତିମାନଙ୍କୁ ଏହି ଅତିରିକ୍ତ ସର୍ବସାଧାରଣ ବିଜ୍ଞପ୍ତି ମାଧ୍ୟମରେ ସୂଚିତ/ଅଧିସୂଚିତ କରାଯାଉଅଛି ଯେ "ଭୂମିରାଶି ପୋର୍ଟାଲ" ମାଧ୍ୟମରେ କ୍ଷତିପୂରଣ ରାଶି ସ୍ଥାନାନ୍ତର ପାଇଁ କ୍ଷତିପୂରଣ ରାଶି ପାଇବା ନିମନ୍ତେ ଦାବିଦାରମାନେ ଏହି ବିଜ୍ଞପ୍ତି ପ୍ରକାଶନର ୬୦ ଦିନ ମଧ୍ୟରେ ପୂର୍ବାହ୍ନ ୧୦ ଟାରୁ ଅପରାହ୍ନ ୫.୩୦ ମଧ୍ୟରେ ଯେକୌଣସି କାର୍ଯ୍ୟ ଦିବସରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଆବଶ୍ୟକୀୟ କାଗଜାତ୍ ଜମା କରିପାରିବେ । ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟରେ ଆବଶ୍ୟକୀୟ କାଗଜାତ୍/ଦସ୍ତାବିଜ ଜମା କରି କ୍ଷତିପୂରଣ ରାଶି ସଂଗ୍ରହ କରିବାରେ ବିଫଳ ହେଲେ, ଏହି ବିଜ୍ଞପ୍ତି ପ୍ରକାଶନ ତାରିଖଠାରୁ ୬୦ (ଷାଠିଏ) ଦିନର ଏହି ଅବଧି ସମାପ୍ତ ହେବା ପରେ ଏହି ରାଶି ପ୍ରଦାନ କରାଯାଇଥିବା ବିବେଚନା କରାଯିବ ।

ଏଥିସହିତ ସମ୍ପୃକ୍ତ ଜମି ମାଲିକ/ଆଗ୍ରହୀ ବ୍ୟକ୍ତିମାନଙ୍କୁ ସମ୍ପୃକ୍ତ ଜମିର ଦଖଲ ନିମ୍ନ ସ୍ୱାକ୍ଷରକାରୀଙ୍କୁ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦିଆଯାଉଅଛି । ଏଥିରେ ବିଫଳ ହେଲେ, ୬୦ ଦିନର ଅବଧି ସମାପ୍ତ ହେବା ପରେ ପୋଲିସ୍ ସହାୟତାରେ ସମ୍ପୃକ୍ତ ଜମିର ଦଖଲ ନିଆଯିବ ।

ସ୍ୱା./–ତହସିଲଦାର ତଥା କ୍ଷମତାପନ୍ନ ପ୍ରାଧିକାରୀ, ଡମପଡ଼ା

# ଦେବରକୁଣ୍ଡରେ ବୁଡ଼ ପକାଇଲେ ୧୦ ହଜାର ଶ୍ରଦ୍ଧାଳୁ

ଭଦ୍ରକ,୨୯।୧(ସନାତନ ରାଉତ)



ସାଳନ୍ଦୀ ନଦୀର ଦେବରକୁଣ୍ଡରେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁଙ୍କ ଭିଡ଼।

ମାଘ ମାସର ପବିତ୍ର ଭୈମ ଏକାଦଶୀ ତିଥିରେ ଗୁରୁବାର ଭଦ୍ରକ ଜିଲାର ପୌରାଣିକ କ୍ଷେତ୍ର ସାଳନ୍ଦୀ ନଦୀର ଦେବରକୁଣ୍ଡରେ ୧୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ଭଦ୍ରକ ବ୍ଲକ କାଉପୁର ପଞ୍ଚାୟତର ଭୀମପୁରଠାରେ ଥିବା ଏହି ପୀଠରେ ସକାଳୁ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗିଥିଲା। ପୌରାଣିକ କିମ୍ବଦନ୍ତୀ ଅନୁଯାୟୀ ତ୍ରେତୟା ଯୁଗରେ ବନବାସ ସମୟରେ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ ଓ ମାତା ସୀତା ଏହି ରାସ୍ତାରେ ଯାଉଥିଲେ। ଏକାଦଶୀ ତିଥିରେ ମାତା ସୀତା ସାଳନ୍ଦୀ ନଦୀରେ ସ୍ନାନ କରିବା ପାଇଁ ଇଚ୍ଛା କରିଥିଲେ। ନଦୀ ଶୁଖିଲା ଥିବାରୁ ଲକ୍ଷ୍ମଣ ତୀର ମାରି ପାଣି ବାହାର କରିଥିଲେ। ଲକ୍ଷ୍ମଣଙ୍କ ତୀରରେ ଏହା ସୃଷ୍ଟି ହୋଇଥିବାରୁ କେତେକ ଏହାକୁ ଦେବରକୁଣ୍ଡ କହୁଥିବା ବେଳେ ମାତା ସୀତା ସ୍ନାନ କରିଥିବାରୁ ଆଉ କେତେକ ଏହାକୁ ସୀତାକୁଣ୍ଡ କହିଥାନ୍ତି। ଭୈମ ଏକାଦଶୀ ତିଥିରେ ଏଠାକୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ ଆସି ବୁଡ଼ ପକାଇ ନଦୀତଟରେ ଥିବା ସୂର୍ଯ୍ୟ ମନ୍ଦିରରେ ଜଳ ତର୍ପଣ କରନ୍ତି। ନଦୀର ଗୋଟିଏ ପଟେ ବିରଞ୍ଚି ନାରାୟଣ, ବଟେଶ୍ୱର ଓ ସୂର୍ଯ୍ୟମନ୍ଦିର ଅବସ୍ଥିତ ଥିବାବେଳେ ଅନ୍ୟପଟେ ରାମ ମନ୍ଦିର ରହିଛି। ସୀତାକୁଣ୍ଡରେ ସ୍ନାନ ପରେ ଶ୍ରଦ୍ଧାଳୁମାନେ ରାମ ମନ୍ଦିରରେ ଦର୍ଶନ କରିଥିଲେ। ଶୀତଦିନ ହୋଇଥିବା ବେଳେ ଏହି ଦିନରେ କୁଣ୍ଡର ଜଳ ଉଷ୍ମ ରହେ ବୋଲି ଶ୍ରଦ୍ଧାଳୁମାନେ କହିଛନ୍ତି। ରାତି ୩ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଶ୍ରଦ୍ଧାଳୁମାନେ ବୁଡ଼ ପକାଉଥିବା ପରିଲକ୍ଷିତ ହୋଇଛି। ଏଠାରେ ୭ଦିନ ଧରି ଦେବରକୁଣ୍ଡ ମେଳା ହେଉଥିବା ବେଳେ ଭଦ୍ରକ, କେନ୍ଦୁଝର, ବାଲେଶ୍ୱର, ମୟୂରଭଞ୍ଜ ଓ ଯାଜପୁର ଜିଲାର ବ୍ୟବସାୟୀମାନେ ବିଭିନ୍ନ ପ୍ରକାର ଦୋକାନ ଖୋଲିଛନ୍ତି। ମୃଦଙ୍ଗ, କଂସା, ପିତ୍ତଳ, ବାଉଁଶ ବେତରେ ତିଆରି ଘରକରଣା ସାମଗ୍ରୀ ଏଠାରୁ କିଣିବା ପାଇଁ ଲୋକେ ଏହି ମେଳାକୁ ଅପେକ୍ଷା କରିଥାନ୍ତି ବୋଲି କେତେଜଣ ଗ୍ରାହକ ମତପ୍ରକାଶ କରିଛନ୍ତି। କୁଣ୍ଡରେ ବୁଡ଼ ପକାଇବା ସହ ବିବାହ ସମୟରେ ବ୍ୟବହାର ହୋଇଥିବା ଲୁଗା ଓ ଅନ୍ୟାନ୍ୟ ସାମଗ୍ରୀ ଏହି କୁଣ୍ଡରେ ଭସାଇଥାନ୍ତି। ଏହି କୁଣ୍ଡରେ ସ୍ନାନ କଲେ ରୋଗ ଶୋକ ଓ ପାପ ଦୂର ହୁଏ ବୋଲି ଲୋକଙ୍କ ବିଶ୍ୱାସ ରହିଥିବା କମିଟି ସଦସ୍ୟ ଲକ୍ଷ୍ମୀଧର ସାହୁ କହିଛନ୍ତି।

# ସଡ଼କ ସୁରକ୍ଷାରେ ପ୍ରଯୁକ୍ତି ପ୍ରଦର୍ଶନୀ



ଭଦ୍ରକ,୨୯।୧(ରବିନାରାୟଣ ଖିଲାର)

ଭଦ୍ରକ ସହର ଗାନ୍ଧୀପଡ଼ିଆଠାରେ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ମଙ୍ଗଳବାର ସଡ଼କ ସୁରକ୍ଷାରେ ପ୍ରଯୁକ୍ତି ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ସହରର ବିଭିନ୍ନ ବିଦ୍ୟାଳୟର କୁନିବୈଜ୍ଞାନିକମାନଙ୍କର ମଡେଲ ମାଧ୍ୟମରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଅତିଥି ଭାବେ ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ ଓ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସମ୍ବିତ ମାଝୀ ଯୋଗ ଦେଇଥିଲେ। ରାସ୍ତାରେ ଗାଡ଼ି ଚଲାଇବା ବେଳେ ଟ୍ରାଫିକ ନିୟନ୍ତ୍ରଣ, ଗାଡ଼ି ଚଲାଇବା ସମୟରେ ଜନଗହଳି ରାସ୍ତାରେ ସେନ୍ସର ମାଧ୍ୟମରେ ସଚେତନତା ନେଇ ପ୍ରଦର୍ଶିତ କରାଯାଇଥିଲା। ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ, ଏମ୍‌ଭିଆଇ ବାମଦେବ ସାହୁ, ଜିଲା ସଡ଼କ ସୁରକ୍ଷା କମିଟି ସଭ୍ୟ ରୋଟାରିଆନ ଅତିସ ବେହେରା, ରମେଶ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# 'ଏକାଗ୍ରତା, କଠିନ ପରିଶ୍ରମ ସଫଳତାର ଚାବିକାଠି'

ଚାନ୍ଦବାଲି,୨୯।୧
(କିଷାନ ପାତ୍ର/ରତିକାନ୍ତ ବାରିକ)

ଚାନ୍ଦବାଲି ଭେଙ୍କଟେଶ୍ୱର ସ୍କୁଲର ୧୫ତମ ବାର୍ଷିକୋତ୍ସବ ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ଚେୟାରମ୍ୟାନ ସୁଧୀର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏସ୍‌ଏନ୍ କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଉପେନ୍ଦ୍ର କୁମାର ପଣ୍ଡା, ମୁଖ୍ୟବକ୍ତା ଘଣ୍ଟେଶ୍ୱର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଗୋପାଳ ପ୍ରସାଦ ମହାପାତ୍ର ଏବଂ ଅନ୍ୟତମ ଅତିଥି ଭାବେ ଶିକ୍ଷାବିତ୍ ବିଶ୍ୱନାଥ ନାୟକ ଯୋଗ ଦେଇଥିଲେ। ଏକାଗ୍ରତା ଓ କଠିନ ପରିଶ୍ରମ ହିଁ ସଫଳତାର ଚାବିକାଠି ବୋଲି ଅତିଥିମାନେ କହିବା ସହ ଶିକ୍ଷା ବିଶ୍ୱ କଲ୍ୟାଣ ପାଇଁ ଉଦ୍ଦିଷ୍ଟ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍କୁଲର ଅଧ୍ୟକ୍ଷ ସେକ ମହମ୍ମଦ ଏର୍ସାଦ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ଛାତ୍ରୀ ହର୍ଷିତା ରେଡ୍ଡୀ ଓ ଛାତ୍ର ପ୍ରୀତମ ପ୍ରିୟଦର୍ଶନ ସଭା ସଞ୍ଚାଳନ କରିଥିଲେ। ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ଶିକ୍ଷୟିତ୍ରୀ ଇତିଶ୍ରୀ ଦାଶ ଧନ୍ୟବାଦ ଦେଇଥିଲେ। ଏହାପରେ ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଶିବ ତାଣ୍ଡବ ନୃତ୍ୟ ଦର୍ଶକଙ୍କ ମନ ମୋହିଥିଲା। ସ୍କୁଲର ନିର୍ଦ୍ଦେଶକ ବ୍ରଜ କିଶୋର ପଣ୍ଡା, ଲଳିତ ମୋହନ ମହାନ୍ତି, ଅତିଥି ଅଧ୍ୟାପକ ସୁବାସ ନାୟକ, ଧନେଶ୍ୱର ବାରିକ ଓ ଅମର ମହାରଣାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଶିକ୍ଷୟିତ୍ରୀ ଅଭିଲିପ୍ସା ବଳ, ସ୍ନିଗ୍ଧା ଦାସ, ସୁପ୍ରୀତି ନାୟକ, ପୁଷ୍ପା ଦାସ, ଉପାସନା ସେନ, ଶ୍ରଦ୍ଧାଞ୍ଜଳି ନାୟକ, ଉର୍ମିଳା ଦଳାଇ, ସନ୍ଧ୍ୟା ସାହୁ, ଶିକ୍ଷକ ରାଜେନ୍ଦ୍ର ପାତ୍ର, ସେକ କାର୍ଦି, ଅୟସକାନ୍ତ ମହାନ୍ତି, ବୀରକିଶୋର ରାଉତଙ୍କ ସହ ସ୍କୁଲର ସମସ୍ତ ଶିକ୍ଷାକର୍ମୀ ଏବଂ ଅଣ ଶିକ୍ଷାକର୍ମୀ ସହଯୋଗ କରିଥିଲେ।

# ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ



ପିଏମ୍‌ଶ୍ରୀ ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ,୨୯।୧(ସନାତନ ରାଉତ)

ଭଦ୍ରକ ବ୍ଲକ ବାଗୁରାଇ ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଦ୍ୱିଦିବସୀୟ ଜିଲାସ୍ତରୀୟ ପିଏମ୍‌ଶ୍ରୀ ଉତ୍ସବ ୨୦୨୫-୨୬ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ନୂତନ ଶିକ୍ଷାନୀତିର ମୂଳ ଲକ୍ଷ୍ୟ ଉତ୍କର୍ଷତା ଓ ଆଗ୍ରହପୂର୍ଣ୍ଣ ଶିକ୍ଷା ମାଧ୍ୟମରେ ନିଜର ପରିଚୟ ପ୍ରତିପାଦନ କରିବା ନେଇ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ବରେଣ୍ୟ ଅତିଥି ଜିଲାପାଳ ଦିଲୀପ କୁମାର ରାଉତରାଏ, ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲାପାଳ ସରୋଜ କୁମାର ଦତ୍ତ, ଡିଏସ୍‌ଡିଓ ଅନୀତା ନାୟକ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁ ଓ ତୃପ୍ତିମୟୀ ପାତ୍ର ଯୋଗ ଦେଇଥିଲେ। ଜିଲା ଶିକ୍ଷାଧିକାରୀ ଡ. ଜଗବନ୍ଧୁ ସାହୁ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ବନ୍ତ ବିଇଓ ସୁକୀର୍ତ୍ତିକର, ଭଦ୍ରକ ବିଇଓ ଚକ୍ରଧର ମଲ୍ଲିକ, ବିନ୍ଦୁମାଧବ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଶାନ୍ତ କୁମାର ସାହୁ ସଂଯୋଜନା କରିଥିବା ବେଳେ ୧୧ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସହଯୋଗ କରିଥିଲେ। ଜିଲାର ୧୧ଟି ପିଏମ୍‌ଶ୍ରୀ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

# ଫାଇନାଲରେ ଜଗନ୍ନାଥପ୍ରସାଦ ଟିମ୍

ଭଣ୍ଡାରିପୋଖରୀ,୨୯।୧(ରାଜେନ୍ଦ୍ର ଶତପଥୀ)

**ଜୀବନଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟ**

ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ଚତୁର୍ଭୁଜପୁରଠାରେ ଚାଲିଥିବା ଜୀବନଜ୍ୟୋତି କ୍ରିକେଟ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମ ମ୍ୟାଚ୍‌ରେ ଜଗନ୍ନାଥପ୍ରସାଦ ଟିମ୍ ନିର୍ଦ୍ଧାରିତ ୧୦ ଓଭରରେ ୫ ଉଇକେଟ୍ ହରାଇ ୧୦୮ ରନ୍ କରିଥିଲା। କାଇତିରା ଟିମ୍ ସମସ୍ତ ଉଇକେଟ୍ ହରାଇ ୩୭ ରନ୍ କରିବାରେ ସକ୍ଷମ ହୋଇଥିଲା। ଦ୍ୱିତୀୟ ମ୍ୟାଚ୍‌ରେ ପାଳଦା ଟସ୍ ଜିତି ନିର୍ଦ୍ଧାରିତ ୮ ଓଭରରେ ୫ ଉଇକେଟ୍ ହରାଇ ୯୭ ରନ୍ କରିଥିଲା। ଚତୁର୍ଭୁଜପୁର ୭ ଓଭରରେ ସମସ୍ତ ଉଇକେଟ୍ ହରାଇ ୬୪ ରନ୍ କରି ହାରି ହୋଇଥିଲା। ଜଗନ୍ନାଥପ୍ରସାଦ ଓ ପାଳଦା ମଧ୍ୟରେ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଜଗନ୍ନାଥପ୍ରସାଦ ଟିମ୍ ନିର୍ଦ୍ଧାରିତ ୮ ଓଭରରେ ୧ ଉଇକେଟ୍ ହରାଇ ୧୩୫ ରନ୍ ସଂଗ୍ରହ କରିଥିଲା। ପାଳଦା ସମସ୍ତ ଉଇକେଟ୍ ହରାଇ ମାତ୍ର ୩୧ ରନ୍ ସଂଗ୍ରହ କରିଥିଲା। ଫଳରେ ଜଗନ୍ନାଥପ୍ରସାଦ ଟିମ୍ ଫାଇନାଲରେ ପ୍ରବେଶ କରିଛି। ଅଖଣ୍ଡ ଶତପଥୀ ଓ ବିକାଶ ପରିଡ଼ା ମ୍ୟାଚ୍ ପରିଚାଳନା କରିଥିଲେ।

# ସାମାଜିକ କର୍ମୀଙ୍କ ପ୍ରତିମୂର୍ତ୍ତି ଅନାବରଣ



ଦିବଂଗତ ସାମାଜିକ କର୍ମୀ ଭଗବାନ ସାବତଙ୍କ ପ୍ରତିମୂର୍ତ୍ତି ଅନାବରଣ କରୁଛନ୍ତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

ତିହିଡ଼ି,୨୯।୧(ସଞ୍ଜିତ ବଳ)

ତିହିଡ଼ି ବଜାର ବ୍ଲକଛକସ୍ଥିତ ମନ୍ଦୋଦରୀ ମାର୍କେଟ କମ୍ପ୍ଲେକ୍ସରେ ଗୁରୁବାର ମଙ୍ଗରାଜପୁର ଗ୍ରାମର ସାମାଜିକ କର୍ମୀ ସ୍ୱର୍ଗତ ଭଗବାନ ସାବତଙ୍କ ପ୍ରତିମୂର୍ତ୍ତି ଅନାବରଣ କରାଯାଇଛି। ମୁଖ୍ୟ ଅତିଥି ଭାବେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ପ୍ରତିମୂର୍ତ୍ତି ଅନାବରଣ କରିଥିଲେ। ମନ୍ତ୍ରୀଙ୍କ ସହ ଏମ୍‌ପିଙ୍କ ପ୍ରତିନିଧି ସୀତାକାନ୍ତ ନାୟକ ଓ ଭାଜପାର ବରିଷ୍ଠ ନେତା ରଘୁନାଥ ପାତ୍ର ଉପସ୍ଥିତ ଥିଲେ। ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶୁକଦେବ ମଲିକ, ସରପଞ୍ଚ ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ଶିକ୍ଷାବିତ୍ ସୋମନାଥ ପାଢ଼ୀ, ଚନ୍ଦ୍ରକାନ୍ତ ମହାନ୍ତି, ବଳରାମ ପାଢ଼ୀ, ବରିଷ୍ଠ ଭାଜପା ନେତା ଦେବେନ୍ଦ୍ର ପୁହାଣ, ପ୍ରମୋଦ ଦାସ, ରାଜାରାମ ମହାକୁଡ଼, ଭରତ ଚନ୍ଦ୍ର ସାହୁ, ରଘୁନାଥ ମଲିକ, ମୁକ୍ତିକାନ୍ତ ନାୟକ, ସୁବାସ ସେଠୀ, ସୁବୋଧ ବଳ, ସୂର୍ଯ୍ୟନାରାୟଣ ଭୋଇ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। କୁଳମଣି ସାବତ, ନୀଳମଣି ସାବତ, ସେଲିନା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କବିତା ପୁସ୍ତକ 'ମଇଁଷି ପିଠିରେ ସଞ୍ଜ' ଉନ୍ମୋଚିତ



ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

ଚାନ୍ଦବାଲି,୨୯।୧(ଅଶୋକ ପଣ୍ଡା)

ଚାନ୍ଦବାଲି ବ୍ଲକର ନାଲଗୁଣ୍ଡାଠାରେ କବି ମନୋଜ ଭଳଙ୍କ ରଚିତ ଦ୍ୱିତୀୟ କବିତା ପୁସ୍ତକ 'ମଇଁଷି ପିଠିରେ ସଞ୍ଜ' ବୁଧବାର ସନ୍ଧ୍ୟାରେ ଉନ୍ମୋଚିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଯୋଗଦେଇ ପୁସ୍ତକଟି ରୁଚିସମ୍ପନ୍ନ ହୋଇଥିବା ବେଳେ କବିତାଗୁଡ଼ିକ ଉଚ୍ଚକୋଟୀର ଓ ପାଠକଙ୍କ ହୃଦୟକୁ ଛୁଇଁପାରିବ ବୋଲି ମତବ୍ୟକ୍ତ କରିଥିଲେ। ବରେଣ୍ୟ ଅତିଥି ଭାବେ ପ୍ରାବନ୍ଧିକ ଅଶୋକ ପଣ୍ଡା, ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପୋଲିସ କର୍ମଚାରୀ ଘନଶ୍ୟାମ ଦାସ, ସମିତିସଭ୍ୟ ଅଭୟ ବଳ, ଶିବନାଥ ନାୟକ, ନୃସିଂହ ଚରଣ ରାଉତ, ରବୀନ୍ଦ୍ର ରାଉତ, ଉମାକାନ୍ତ ବିଶ୍ୱାଳ, ଦୈତାରୀ ଦାସ, ଗୋବର୍ଦ୍ଧନ ବିଶ୍ୱାଳ, ଗଦାଧର ଦାସ, ହରିହର ବିଶ୍ୱାଳ ଯୋଗ ଦେଇଥିଲେ। ନାଲଗୁଣ୍ଡା ସରପଞ୍ଚ ଭାରତୀ ବିଶ୍ୱାଳ ସଭା ପରିଚାଳନା କରିଥିଲେ।

# ବାଲି ବୋଝେଇ ହାଇୱା ଚଳାଚଳକୁ ନେଇ ଉତ୍ତେଜନା

ଧାମନଗର,୨୯।୧(ଦେବେନ୍ଦ୍ର ଆଦିଆ)

ଭଦ୍ରକ ଜିଲାର ବୈତରଣୀ ନଦୀ ସମେତ ଯାଜପୁର ଜିଲାର ବିଭିନ୍ନ ନଦୀରୁ ଦୈନିକ ଶତାଧିକ ଟ୍ରିପ୍ ବାଲି ବୋଝେଇ ଭାରିଯାନ ଚଳାଚଳ କରିବା ନେଇ ଗୁରୁବାର ଧାମନଗର ବ୍ଲକ ଦେହୁଡ଼ି ଆନନ୍ଦପୁର ପଞ୍ଚାୟତର ଶିଶୁ ମନ୍ଦିର ଛକଠାରେ ଉତ୍ତେଜନା ଦେଖାଦେଇଛି। ବୁଧବାର ବିଳମ୍ବିତ ରାତିରେ ଏହି ଛକଠାରେ ଏକ ହାଇୱା ଧକ୍କା ଯୋଗୁ ବିଧୁଭୂଷଣ ମିଶ୍ରଙ୍କ ଦୋକାନ ଗୃହ ଛାତ ଭାଙ୍ଗିଯାଇଛି। ଗୁରୁବାର ସକାଳେ ଦୋକାନ ମାଲିକ ଏହା ଦେଖିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ପରେ ସ୍ଥାନୀୟ ଲୋକେ ବାଲି ବୋଝେଇ ହାଇୱାଗୁଡ଼ିକୁ ଅଟକାଇଥିଲେ। ଏହି ରାସ୍ତାରେ ଭାରିଯାନ ଚଳାଚଳ ଯୋଗୁ ରାସ୍ତା ନଷ୍ଟ ହେଉଛି। ରାସ୍ତା ଅଣଓସାରିଆ ଯୋଗୁ ହାଇୱା ଚଳାଚଳ ପାଇଁ ଅନ୍ୟ ଗାଡ଼ି, ସ୍କୁଲ କଲେଜ ଛାତ୍ରୀଛାତ୍ର ସାଇକେଲରେ ଯିବା ଆସିବା କରିବା କଷ୍ଟକର ହେଉଛି। ଏପରିକି ବାଲି ବୋଝେଇ ଗାଡ଼ିରୁ ବାଲି ଝଡ଼ି ରାସ୍ତାର ଉଭୟପାର୍ଶ୍ୱରେ ପଡୁଥିବାରୁ ବାଇକ୍ ଓ ସାଇକେଲ ଆରୋହୀ ବିଭିନ୍ନ ସମୟରେ ଦୁର୍ଘଟଣାର ସମ୍ମୁଖୀନ ହେଉଛନ୍ତି। ଛାତ୍ରୀଛାତ୍ରଙ୍କ ସମେତ ପଥଚାରୀମାନେ ଯିବା ଆସିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଣୁ ଏହି ରାସ୍ତାରେ ବାଲି ବୋଝେଇ ହାଇୱା ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ଦାବି କରି ସ୍ଥାନୀୟ ଜନସାଧାରଣ ଗାଡ଼ିଗୁଡ଼ିକୁ ଅଟକାଇଥିଲେ। ଧାମନଗର ପୋଲିସ ପହଞ୍ଚି ଆଲୋଚନା କରିବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

# ଆଶାକର୍ମୀଙ୍କ ଆନ୍ଦୋଳନ ପ୍ରତ୍ୟାହୃତ

ଭଣ୍ଡାରିପୋଖରୀ,୨୯।୧
(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର କାର୍ଯ୍ୟରତ ଆଶାକର୍ମୀମାନଙ୍କ ଆନ୍ଦୋଳନ ଗୁରୁବାର ପ୍ରତ୍ୟାହୃତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରମୋଦ କୁମାର ପ୍ରହରାଜ, ଅତିରିକ୍ତ ମୁଖ୍ୟ ଚିକିତ୍ସାଧିକାରୀ ଜୟନ୍ତ କୁମାର ପଣ୍ଡା, କନକଲତା ସାହୁ, ଜିଲା କାର୍ଯ୍ୟକ୍ରମ ପରିଚାଳକ ବନବିହାରୀ ମିଶ୍ର, ଆଶାକର୍ମୀ ସଂଯୋଜିକା କଳ୍ପନା ସାମଲ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀକ୍ଷକ ଡା. ସରୋଜ କୁମାର ରାଉଳ ଆସନ୍ତା ଏପ୍ରିଲରେ ଦାବି ପୂରଣ ପାଇଁ ପ୍ରତିଶ୍ରୁତି ଦେବା ପରେ ଆଶାକର୍ମୀମାନେ ଆନ୍ଦୋଳନରୁ ଉଠିଛନ୍ତି।

# ଶିକ୍ଷକ ବଦଳି ନେଇ ବିଜେଡିର ପ୍ରତିବାଦ

ଚାନ୍ଦବାଲି,୨୯।୧(କିଷାନ ପାତ୍ର)




ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିଜେଡି ପକ୍ଷରୁ ପ୍ରତିବାଦ କରାଯାଉଛି।

ଚାନ୍ଦବାଲି ବ୍ଲକରେ ଶିକ୍ଷକ ବଦଳିକୁ ନେଇ ବିଜେଡି ପକ୍ଷରୁ ଗୁରୁବାର ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରାଯାଇଛି। ବ୍ଲକ ଓ ଜିଲା ଶିକ୍ଷାଧିକାରୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ଆୟୋଜିତ ପ୍ରତିବାଦ ସଭାରେ ଜିଲା ପରିଷଦ ସଭ୍ୟ ପ୍ରିନ୍ସ ରାକେଶ ନାୟକ, ଜିତେନ୍ଦ୍ର ବିଶ୍ୱାଳ, ବିଷ୍ଣୁ ବିଶ୍ୱାଳ, ଜିତେନ୍ଦ୍ର ପାଣି, ପ୍ରଦୀପ ପଲାଇ, ପ୍ରଭାସ ନାୟକ, ଦୀପକ ରାଉତ, ସେକ ଫିରୋଜ, ବିରେନ ସାହୁ ପ୍ରମୁଖ ନେତୃବୃନ୍ଦ କହିଥିଲେ, ବ୍ଲକର ୨୮୬ଟି ସ୍କୁଲରେ ପ୍ରାୟ୧୬୦ଟି ଶିକ୍ଷକ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଛି। ଏହା ସତ୍ତ୍ୱେ କେତେଜଣ ଶିକ୍ଷକଙ୍କୁ ବେଆଇନ ଭାବେ ଜିଲା ଓ ଜିଲା ବାହାରକୁ ବଦଳି କରାଯାଇଛି। ଏହାଦ୍ୱାରା ବ୍ଲକର ଶିକ୍ଷା ବ୍ୟବସ୍ଥା ପ୍ରଭାବିତ ହେଉଛି ବୋଲି ବିଜେଡି ନେତାମାନେ ଅଭିଯୋଗ କରିଥିଲେ। ଅନ୍ୟପକ୍ଷେ ବ୍ଲକ ଶିକ୍ଷାଧିକାରୀ ଶୁଭେନ୍ଦୁ ମହାରାଜ କହିଛନ୍ତି, ଜିଲାସ୍ତରୀୟ ବଦଳି କମିଟି ପକ୍ଷରୁ ୧୨ ଓ ରାଜ୍ୟସ୍ତରୀୟ ବଦଳି କମିଟି ପକ୍ଷରୁ ଚାନ୍ଦବାଲି ବ୍ଲକରୁ ୩ଜଣ ଶିକ୍ଷକଙ୍କ ବଦଳି ଲିଷ୍ଟ ଆସିଥିଲା। ଏଥିରୁ ଜିଲାସ୍ତରୀୟ କମିଟି ଅନୁସାରେ ୧୦ଜଣଙ୍କୁ ବଦଳି କରାଯାଇଛି ଏବଂ ସେହି ସ୍ଥାନରେ ୧୦ଜଣଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ୨ଜଣ ଶିକ୍ଷକଙ୍କୁ ଏପର୍ଯ୍ୟନ୍ତ ରିଲିଭ୍ କରାଯାଇ ନାହିଁ। ରାଜ୍ୟସ୍ତରୀୟ ବଦଳି ପାଇଁ ଯେଉଁ ୩ ଜଣଙ୍କ ନାଁ ଆସିଥିଲା, ସେମାନଙ୍କୁ ଏଯାଏ ରିଲିଭ୍ କରାଯାଇ ନାହିଁ। ଏଣୁ ବିଜେଡି ଉଠାଇଥିବା ଅଭିଯୋଗର କୌଣସି ସତ୍ୟତା ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

# ଧାମନଗର ଶୀତ ମହୋତ୍ସବ

ଧୁଷୁରୀ, ୨୯।୧(ଦୀପ୍ତିରଞ୍ଜନ ନାୟକ)




ମହୋତ୍ସବରେ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସଂସ୍କୃତି ଗବେଷକ ପୁଷ୍ପେନ୍ଦ୍ର କୁଳଶ୍ରେଷ୍ଠଙ୍କ ସହ ଅନ୍ୟ ଅତିଥି।

ଧାମନଗର ବ୍ଲକର ଅସୁରାଳିସ୍ଥିତ ଶହୀଦ ଷ୍ଟାଡିୟମ୍‌ଠାରେ ବୁଧବାର ସନ୍ଧ୍ୟାରେ ଧାମନଗର ଶୀତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ଉଚ୍ଚଶିକ୍ଷା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବର ଶୁଭାରମ୍ଭ କରିଥିଲେ। ଉଦ୍‌ଘାଟନୀ ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ସଂସ୍କୃତି ଗବେଷକ ପୁଷ୍ପେନ୍ଦ୍ର କୁଳଶ୍ରେଷ୍ଠ, ସମ୍ମାନିତ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସମ୍ପାଦକ ଚନ୍ଦ୍ରଶେଖର ହୋତା, ଅମୃତ ଦର୍ଶନ ଆଧ୍ୟାତ୍ମିକ ପତ୍ରିକାର ସମ୍ପାଦକ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ସ୍ତମ୍ଭକାର ଅଭୟ ଦ୍ୱିବେଦୀ ପ୍ରମୁଖ ଯୋଗ ଦେଇଥିଲେ। ଶୀତ ମହୋତ୍ସବ କେବଳ ଧାମନଗର ସଂସ୍କୃତି ନୁହେଁ, ସାରା ଓଡ଼ିଶାର ଐତିହ୍ୟ ଓ ସଂସ୍କୃତି ଉପରେ ଆଧାରିତ। ଏହାକୁ ଉଜ୍ଜୀବିତ କରିବାକୁ ପଡ଼ିବ ବୋଲି ଅତିଥିମାନେ କହିଥିଲେ। ଜିଲାପାଳ ଦିଲୀପ ରାଉତରାଏ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ନାଟ୍ୟ ନିର୍ଦ୍ଦେଶକ ଧୀରେନ୍ଦ୍ର ନାଥ ମଲ୍ଲିକ, ସାମାଜିକ କର୍ମୀ ହେମେନ୍ଦ୍ର ସାହୁ, ନାରାୟଣ ସାହୁ, ନାଟ୍ୟକାର ବିଜୟ ଦାସ, ବିବିସିସି ବ୍ୟାଙ୍କର ପୂର୍ବତନ ସଭାପତି ରଘୁନାଥ ଲେଙ୍କା, ଶିକ୍ଷାବିତ୍ ରାଜକିଶୋର ନାୟକ, କବି କିଶୋର ପାଣିଗ୍ରାହୀ, ଡାକ୍ତର ସୁବାସ ବାରିକ, ଅଧ୍ୟାପକ ଚିତ୍ତରଞ୍ଜନ ଦାସ ଏବଂ କଣ୍ଠଶିଳ୍ପୀ ବାମନ ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଜିଲାପାଳ ତଥା ମହୋତ୍ସବ ସମ୍ପାଦକ ସୌରଭ ଚକ୍ରବର୍ତ୍ତୀ ଧନ୍ୟବାଦ ଅର୍ପଣ କରିଥିଲେ। ସୋମା ମହାପାତ୍ର ଏବଂ ଶୁଭମ ବେହେରା ଉତ୍ସବ ସଞ୍ଚାଳନ କରିଥିଲେ। କଣ୍ଠଶିଳ୍ପୀ ଦୀପ୍ତିରେଖା ପାଢ଼ୀଙ୍କ ଦ୍ୱାରା ସଙ୍ଗୀତ, ଗୋଟିପୁଅ, ରାଜସ୍ଥାନ ନୃତ୍ୟ ପରିବେଷଣ ହୋଇଥିଲା। ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣ, ଏମ୍‌ପିଙ୍କ ପ୍ରତିନିଧି ମନୋଜ ମଲ୍ଲିକ, ଆଇନଜୀବୀ ଦୀପ୍ତିରଞ୍ଜନ ଜେନା, ସାମାଜିକ କର୍ମୀ ଚତୁର୍ଭୁଜ ନାୟକ, ଅନ୍ତର୍ଯ୍ୟାମୀ ପତି, ରାମଚନ୍ଦ୍ର ମିଶ୍ର, ଅରବିନ୍ଦ ପତି, ରାଜେନ୍ଦ୍ର ସାହୁ, ଶ୍ରୀକାନ୍ତ ନାୟକ, ପ୍ରଶାନ୍ତ ନାୟକ, ସୁରଜ ସାହୁ, ଗଣେଶ ଦାଶ, କବିତା ସାହୁ, ନମିତା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ଅସୁରକ୍ଷିତ ସଂରକ୍ଷିତ ଜଙ୍ଗଲ

- ବେଆଇନ ବିଦ୍ୟୁତ୍ ସଂଯୋଗ
- ଦୋଷ ଲୁଚାଇବାକୁ ପ୍ରଚେଷ୍ଟା
- କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ ଦେଲେ ଆର୍‌ସିସିଏଫ୍

ବାରିପଦା,୨୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ବିଦ୍ୟୁତ୍ ସଂଯୋଗକୁ ବିରୋଧ କରୁଥିବା ଗ୍ରାମବାସୀ।

ମୟୂରଭଞ୍ଜ ଜିଲାରେ ଜଙ୍ଗଲଜମି ଜବରଦଖଲ ଓ ଉଚ୍ଛେଦ ଘଟଣାକୁ ନେଇ ବିଭାଗୀୟ କାର୍ଯ୍ୟକଳାପ ପଦାରେ ପଡ଼ିଛି। ବ୍ୟକ୍ତିଗତ ସ୍ୱାର୍ଥ ହାସଲ ପାଇଁ ଜଙ୍ଗଲ ଜମିକୁ ହଡ଼ପ କରାଯାଇ ବ୍ୟବସାୟୀକରଣ କରାଯାଉଛି। ଫଳରେ ସଂରକ୍ଷିତ ଜଙ୍ଗଲ, ପାହାଡ ପର୍ବତ ଏବେ ଅସୁରକ୍ଷିତ ହୋଇପଡ଼ିଛି। ବେଆଇନ ଖଣି ଖନନ, ଗଛକଟା, ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ ରାଜନେତାଙ୍କଠାରୁ ଆରମ୍ଭ କରି ବିଭାଗୀୟ ଅଧିକାରୀମାନେ ନୀରବଦ୍ରଷ୍ଟା ସାଜିଛନ୍ତି।

ସୂଚନାଯୋଗ୍ୟ, ବାରିପଦା ବନଖଣ୍ଡ ତଥା ରେଞ୍ଜ ଅଧୀନ ଭାଗବତଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଟସରଡା ମୌଜା ସଂରକ୍ଷିତ ଜଙ୍ଗଲରୁ ଶତାଧିକ ଶାଳଗଛ କାଟି ବେଆଇନ ରାସ୍ତା ନିର୍ମାଣ କରାଯାଇଥିଲା। ଏହି ରାସ୍ତାଟି ଏକ ନବନିର୍ମିତ ଘରୋଇ ହସ୍ପିଟାଲକୁ ସଂଯୋଗ କରୁଥିବା ବେଳେ ବେଆଇନ ଗଛକଟା ଓ ଉଚ୍ଚ କ୍ଷମତା ସମ୍ପନ୍ନ ବିଦ୍ୟୁତ୍ ସଂଯୋଗକୁ ନେଇ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ ଜଙ୍ଗଲ ଦେଇ ହାତୀ କରିଡର ରହିଥିବା ବେଳେ ବନ ବିଭାଗର ବିନା ଅନୁମତିରେ ଟିପିଏନ୍‌ଓଡିଏଲ ପକ୍ଷରୁ ୧୧କେଭି ଉଚ୍ଚ ଶକ୍ତି ସମ୍ପନ୍ନ ବିଦ୍ୟୁତ ସଂଯୋଗ କରାଯାଇଛି। ତେବେ ଏନେଇ ଧରିତ୍ରୀରେ ବାରମ୍ବାର ଖବର ପ୍ରକାଶ ପାଇବା ପରେ ବନ ବିଭାଗ ପକ୍ଷରୁ ନୂତନ ରାସ୍ତାରେ ଟ୍ରେଞ୍ଚ ଖୋଳାଯାଇ ପରବର୍ତ୍ତୀ ସମୟରେ ଉକ୍ତ ସ୍ଥାନରେ ନୂତନ ଭାବେ ଚାରାରୋପଣ କରାଯାଇଛି। ଏ.୦.୪୭ଡେସିମିଲ ସଂରକ୍ଷିତ ଜଙ୍ଗଲକୁ କାଟିବା ଏବଂ ହସ୍ପିଟାଲ ପରିସରରୁ ମାଟିତଳେ ପୋତା ଯାଇଥିବା କଟାଗଛ ଜବତ ହୋଇଥିଲା। ତେବେ ଲକ୍ଷାଧିକ ଟଙ୍କାର ଗଛ କାଟି ନେଇଥିବା ବ୍ୟକ୍ତିଙ୍କ ବିରୋଧରେ କେବଳ ମାମଲା ରୁଜୁ କରି ବିଭାଗ ଚୁପ ବସିଛି। ଏ ନେଇ ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ଚିଠି ନଂ୧୦୪୦୪/୧୯ ଡିସେମ୍ବର ୨୦୨୫ରେ ଅବଗତ କରାଯାଇଥିଲା। ମାତ୍ର ଗଛକାଟିଥିବା ବ୍ୟକ୍ତିଙ୍କୁ ଗିରଫ କରିବା ପରିବର୍ତ୍ତେ ଛାଡ଼ି ଦିଆଯାଇଛି। ଯାହାକୁ ନେଇ ଅଞ୍ଚଳବାସୀ କ୍ଷୋଭ ପ୍ରକାଶ କରିବା ସହ ଜଙ୍ଗଲ ବିଭାଗର ଏପରି କାର୍ଯ୍ୟକୁ ସମାଲୋଚନା କରିଛନ୍ତି। ଗରିବ ଲୋକେ ଶାଳପତ୍ର କିମ୍ବା ଶୁଖିଲା କାଠ ଜଙ୍ଗଲରୁ ଆଣିବା ସମୟରେ ବନ ବିଭାଗର କର୍ମଚାରୀମାନେ ଫାଇନ ନେବା ସହ ମାମଲା ରୁଜୁ କରି କୋର୍ଟ ଚାଲାଣ କରୁଛନ୍ତି। ମାତ୍ର ଏଭଳି କ୍ଷେତ୍ରରେ ପ୍ରଭାବଶାଳୀ ଲୋକଙ୍କ ପାଇଁ ଆଇନକୁ ଫାଇଲ ତଳେ ଚାପି ଦିଆଯାଇଥିବା ଗ୍ରାମର ପାଲୁ ହେମ୍ବ୍ରମ, ହେମେନ୍ଦ୍ର ମୁର୍ମୁ, ରବୀନ୍ଦ୍ର ମୁର୍ମୁ, ସୀତା ମୁର୍ମୁ ଓ ଦୀପ୍ତି ମହାକୁଡ କହିଛନ୍ତି। ସଂରକ୍ଷିତ ଜଙ୍ଗଲରେ ବିଦ୍ୟୁତ୍ ଖୁଣ୍ଟ ପୋତିବା ପୂର୍ବରୁ ବିଭାଗୀୟ ଅନୁମୋଦନର ଆବଶ୍ୟକତା ରହିଛି । ମାତ୍ର ଏହାକୁ ଅବମାନନା କରି ବିଦ୍ୟୁତ ବିଭାଗର କାର୍ଯ୍ୟ ନେଇ ବନଖଣ୍ଡ ଅଧିକାରୀ ନୋଟିସ କରିଥିଲେ। ଯାହାକୁ ନେଇ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ପକ୍ଷରୁ ଏକ ପ୍ରତିନିଧି ଦଳ ତଦନ୍ତ ପୂର୍ବକ ସମୀକ୍ଷା କରି ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏ ସଂକ୍ରାନ୍ତରେ ଅଧୀକ୍ଷଣଯନ୍ତ୍ରୀ ଦେବଦତ୍ତ ପଣ୍ଡା କହନ୍ତି, ତଦନ୍ତ ରିପୋର୍ଟ ବାଲେଶ୍ୱରସ୍ଥିତ କର୍ପୋରେଟ ଅଫିସକୁ ପ୍ରଦାନ କରାଯାଇଛି । ତେବେ ବନ ବିଭାଗର ଅନୁମତି ସମ୍ପର୍କରେ ସେ ମୁହଁ ଖୋଲି ନ ଥିବା ବେଳେ ବିସ୍ତୃତ ରିପୋର୍ଟ ପ୍ରଦାନ କରାଯିବ ବୋଲି କହିଥିଲେ। ଏ ନେଇ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ ଡ.ପ୍ରକାଶ ଚାନ୍ଦ ଗୋଗିନେନୀ ଘଟଣାକୁ ଗୁରୁତର ସହ ନେଇ ଅଧିକାରୀଙ୍କୁ ତାଗିଦ କରିଛନ୍ତି। ୭ଦିନ ମଧ୍ୟରେ ବିଦ୍ୟୁତ୍ ବିଭାଗ ବିରୋଧରେ ଆଇନ ଅନୁଯାୟୀ ମାମଲା ରୁଜୁ କରିବାକୁ ବାରିପଦା ବନଖଣ୍ଡ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବନ୍ୟଜନ୍ତୁଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

# ପର୍ଯ୍ୟଟକଙ୍କ ପାଇଁ ଗୋଟିଏ ଗେଟ୍ ୩ ଦିନ ବନ୍ଦ

ବାରିପଦା,୨୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ରାଷ୍ଟ୍ରପତିଙ୍କ ଶିମିଳିପାଳ ଗସ୍ତ ନେଇ କଟକଣା

ମୟୂରଭଞ୍ଜ ଜିଲା ଶିମିଳିପାଳ ଜାତୀୟ ଉଦ୍ୟାନ ପରିଦର୍ଶନରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆସୁଥିବାରୁ ବନ ବିଭାଗ ପକ୍ଷରୁ ଜୋର୍‌ଦାର ପ୍ରସ୍ତୁତି ଚାଲିଛି। ଶିମିଳିପାଳ ପ୍ରବେଶପଥ ଯଶୀପୁରସ୍ଥିତ କାଳିକାପ୍ରସାଦ ଗେଟ୍ ଦେଇ ପର୍ଯ୍ୟଟକଙ୍କ ଯାତାୟାତ ୩ ଦିନ ବନ୍ଦ ରଖାଯାଇଛି। ଯଶୀପୁର ପଟୁ ୪ରୁ ୬ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକଙ୍କ ପ୍ରବେଶକୁ ବାରଣ କରାଯାଇଛି । ସେହିପରି ଗୁଡୁଗୁଡ଼ିଆ ପର୍ଯ୍ୟଟନସ୍ଥଳୀ ଜୋନ୍‌କୁ ମଧ୍ୟ ବନ୍ଦ ରଖାଯାଇଛି। ଗୁଡୁଗୁଡ଼ିଆ ମୁଖ୍ୟ ଜୋନ୍‌ରୁ ୫ତାରିଖ ଅପରାହ୍ନଠାରୁ କଳାବାଘ ସଫାରିକୁ ୬ ତାରିଖ ସକାଳ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ତେବେ ଶିମିଳିପାଳ ପ୍ରବେଶ ପଥର ପିଠାବଟା ପଟ ଗେଟ୍ ପର୍ଯ୍ୟଟକଙ୍କ ପାଇଁ ଖୋଲା ରହିବ ବୋଲି ସୂଚନା ମିଳିଛି।

ଶିମିଳିପାଳ ଅଭୟାରଣ୍ୟ ଭିତରେ ସମସ୍ତ ମରାମତି ଓ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟ ବନ୍ଦ କରାଯାଇଥିବା ନେଇ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣର କ୍ଷେତ୍ର ନିର୍ଦ୍ଦେଶକ ତଥା ଆଞ୍ଚଳିକ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକଙ୍କ କାର୍ଯ୍ୟାଳୟ ଚିଠି ନଂ.୩୯/୨୯।୧।୨୦୨୬ରେ ପ୍ରକାଶ ପାଇଛି। ସୂଚନାଯୋଗ୍ୟ, ଆସନ୍ତା ଫେବୃଆରୀ ୫ତାରିଖ ଅପରାହ୍ନରେ ରାଷ୍ଟ୍ରପତି ଶିମିଳିପାଳ ଅଭୟାରଣ୍ୟକୁ ଗସ୍ତରେ ଆସିବେ। ସେଠାରେ ରହି ଅଧିକାରୀଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା କାର୍ଯ୍ୟକ୍ରମ ରହିଛି। ୬ତାରିଖ ସକାଳେ ବିଭିନ୍ନ କମ୍ୟୁନିଟିର ମହିଳା ଓ ଯୁବକମାନଙ୍କ ସହ ଭାବବିନିମୟ କରିବେ। ଏନେଇ ବନ ବିଭାଗ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବା ସହ ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପ୍ରୟାସ ଜାରି ରହିଛି। ରାଷ୍ଟ୍ରପତିଙ୍କ ସହ ଆସୁଥିବା ଭିଭିଆଇପିଙ୍କ ଖାଦ୍ୟପେୟ ଓ ରହଣିକୁ ନେଇ ସୁବ୍ୟବସ୍ଥା କରାଯାଇଛି।

# ସରିଲା ଚିତ୍ରଡ଼ା ଉତ୍ସବ



ଜଣେ ଗାୟିକା ଗୀତ ଗାଉଛନ୍ତି।

ମୋରଡ଼ା,୨୯।୧ (ସ୍ମାରକ ମାଜୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ ଅଧୀନ ଚିତ୍ରଡା ମାର୍କେଟସାହିସ୍ଥିତ ମା' ତାରିଣୀ ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା ଚିତ୍ରଡ଼ା ଉତ୍ସବ-୨୦୨୬ ଉଦ୍‌ଯାପିତ ହୋଇଯାଇଛି। ଜାନୁୟାରୀ ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ଉକ୍ତ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ପ୍ରଥମ ଦିନରେ ବିଭିନ୍ନ ପ୍ରକାର ଜିମ୍ନାଷ୍ଟିକ ଖେଳ ଅନୁଷ୍ଠିତ ହୋଇଥିଲା। ଦ୍ୱିତୀୟ ଦିନ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ସମିତି ସଭ୍ୟ ତନୟ ଦାସ, ମୁଖ୍ୟ ବକ୍ତା ସରପଞ୍ଚ ମାଳତୀ ମାଣ୍ଡି, କମିଟିର ବରିଷ୍ଠ ସଦସ୍ୟ ଅମରେନ୍ଦ୍ର ସିଂବାବୁ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହାପରେ ଝୁମର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଉଦଯାପନୀ ସନ୍ଧ୍ୟାରେ ମୁଖ୍ୟ ଅତିଥି ମୋରଡା ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତ, ମୁଖ୍ୟ ବକ୍ତା ବରିଷ୍ଠ କଂଗ୍ରେସ ନେତା ମୋହନ ଦାସ, ସମ୍ମାନିତ ଅତିଥି ମୋରଡ଼ା ମା' ଶୀତଳା ଡ୍ରେସର ମୁଖ୍ୟ, କମିଟିର ବରିଷ୍ଠ ସଦସ୍ୟ ଭୁବନ କୁମାର ଜିତବାବୁ, ଲିପ୍ସା ଦେହୁରୀ, ଅମରେନ୍ଦ୍ର ସିଂବାବୁ ପ୍ରମୁଖ ଯୋଗଦେଇ ଚିତ୍ରଡା ମାଟି ସ୍ୱାଭିମାନର ମାଟି ଏବଂ ଏମାଟିରୁ କିଭଳି ପ୍ରତିଭାଧାରୀ ଖେଳାଳିମାନେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ସୁନାମ ଅର୍ଜନ କରି ପାରିବେ ସେ ନେଇ ପରାମର୍ଶ ଦେଇଥିଲେ। ସଭା କାର୍ଯ୍ୟ ପରେ ଓଲିଉଡ୍ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# କପ୍ତିପଦାରେ ଜବରଦଖଲ ଉଚ୍ଛେଦ

ଉଦଳା,୨୯।୧ (ସନ୍ତୋଷ କୁମାର ବାଛିନୀ)

## ନୂତନ ଏନ୍‌ଏସି ପାଇଁ ଆରମ୍ଭ ହେଲା ପ୍ରକ୍ରିୟା



ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ କରାଯାଉଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଘୋଷଣା ହୋଇଥିବା ନୂଆ ଏନ୍‌ଏସି ତାଲିକାରେ କପ୍ତିପଦା ସ୍ଥାନ ପାଇଛି। ଏନଏସି ମାନ୍ୟତା ପାଇବା ପରେ ଗୁରୁବାର ପ୍ରଶାସନ ପକ୍ଷରୁ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି। କପ୍ତିପଦା ବ୍ଲକଠାରୁ ଗୋଲେଇ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ଜବରଦଖଲ ଉଚ୍ଛେଦ ଆରମ୍ଭ ହୋଇଛି। ଏହା ସହିତ ଦ୍ୱିତୀୟ ପର୍ଯ୍ୟାୟ ମାର୍ଚ୍ଚ ମାସରେ ପୁନର୍ବାର ଜବରଦଖଲ ଉଚ୍ଛେଦ ହେବ। ପ୍ରଥମ ପର୍ଯ୍ୟାୟ ଉଚ୍ଛେଦ ସମୟରେ ୧୮୭ ଦୋକାନୀ କରିଥିବା ଜବରଦଖଲ ଉଚ୍ଛେଦ କରାଯାଇଛି। ଉଚ୍ଛେଦବେଳେ ଦୁଇ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ଥିଲେ। କପ୍ତିପଦା ତହସିଲଦାର ଆଶିଷ କୁମାର ମହାପାତ୍ରଙ୍କ ସମେତ ଦୁଇ ଜଣ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଉଚ୍ଛେଦ କରାଯାଇଥିଲା। ଏନ୍‌ଏସି ପାଇଁ ଆବଶ୍ୟକ ସମସ୍ତ ସରକାରୀ ଜାଗାକୁ ଖାଲି କରିବା ସହିତ ବିଶେଷ କରି ରାସ୍ତା ସମ୍ପ୍ରସାରଣ କରାଯିବାକୁ ପ୍ରାଧାନ୍ୟ ଦିଆଯାଇଥିବା ତହସିଲଦାର କହିଛନ୍ତି। ତେବେ ଉଚ୍ଛେଦ ହୋଇଥିବା ଦୋକାନୀଙ୍କୁ ଭେଣ୍ଡିଂ ଜୋନରେ ଥଇଥାନ କରାଯିବ ବୋଲି ତହସିଲଦାର ସୂଚନା ଦେଇଛନ୍ତି।

# ପାଣିରେ ବୁଡ଼ି ମହିଳାଙ୍କ ମୃତ୍ୟୁ

ବୈଶିଙ୍ଗା,୨୯।୧ (ରତନ ଦାଶ)

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ରଘୁପୁର ପଞ୍ଚାୟତର ଖୁଣ୍ଟାପୁର ଗ୍ରାମର ଜଣେ ମହିଳା ପାଣିରେ ବୁଡ଼ି ପ୍ରାଣ ହରାଇଛନ୍ତି। ସେ ହେଲେ ବୀରେନ୍ଦ୍ର ମହାନ୍ତଙ୍କ ସ୍ତ୍ରୀ ଜଲି(୩୦)। ସେ କଳମା ପଞ୍ଚାୟତର ବାଲିଚିତିରି ଗ୍ରାମରେ ଥିବା ତାଙ୍କ ବାପ ଘରକୁ ଯାଇଥିଲେ। ବୁଧବାର ସନ୍ଧ୍ୟା ସମୟରେ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡି ଯାଇଥିଲେ। କିଛି ସମୟ ପରେ ସେ ଘରକୁ ନ ଫେରିବାରୁ ପାଣିରେ ବୁଡ଼ି ଯାଇଥିବା ସନ୍ଦେହ କରି ପରିବାର ଲୋକେ ପଡୋଶୀଙ୍କ ସହାୟତାରେ ଖୋଜାଖୋଜି ଆରମ୍ଭ କରିଥିଲେ। କିଛି ସମୟ ପରେ ପାଣିରୁ ଉଦ୍ଧାର କରି ବୈଶିଙ୍ଗା ଡାକ୍ତରଖାନାକୁ ନେଇଥିଲେ ହେଁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ବୈଶିଙ୍ଗା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମକର ମିଳନ ଉଦ୍‌ଯାପିତ

ଝାରପୋଖରିଆ,୨୯।୧ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଉମାଦେଇପୁର ପଞ୍ଚାୟତ ଅନ୍ତର୍ଗତ କେଣ୍ଡୁମୁଣ୍ଡି (ଝରଣ ସାହି)ସ୍ଥିତ ଶଙ୍କର ଶିବାନୀ ଯୁବ ପରିଷଦର ୪୮ତମ ତିନିଦିନିଆ ବାର୍ଷିକ କ୍ରୀଡା ପ୍ରତିଯୋଗିତା 'ମକର ମିଳନ' ବୁଧବାର ଉଦଯାପିତ ହୋଇଯାଇଛି। ସଭାପତି ଅଲିଭ ରଞ୍ଜନ ମହାନ୍ତ ଓ ସମ୍ପାଦକ ପିନାକୀ ମହାନ୍ତଙ୍କ ଉଦ୍ୟମରେ ଯୁବ ଗୋଷ୍ଠୀ ଚଳିତ ବର୍ଷ ୪୮ ତମ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଓ ମକର ମିଳନ ଉତ୍ସବ ପାଳନ କରିଛନ୍ତି। ଉକ୍ତ ମେଳାରେ ଆଖପାଖ ୧୦/୧୨ଟି ଗ୍ରାମର ମହିଳା ପୁରୁଷ ଯୋଗ ଦେଇଥିଲେ। ମୋଟ ୨୭ ପ୍ରକାରର ବିଭିନ୍ନ କ୍ରୀଡ଼ାକୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପରିଷଦର ସଦସ୍ୟ ସୌମ୍ୟରଞ୍ଜନ ମହାନ୍ତ,ଲୋହିତ ଲୋଚନ ମହାନ୍ତ,ସନ୍ଦୀପ ମହାନ୍ତ,ପ୍ରଦୀପ ମହାନ୍ତ,ଅନନ୍ତ କୁମାର ମହାନ୍ତ,ସପନ ମହାନ୍ତ,ପ୍ରେମ ଚାନ୍ଦ ମହାନ୍ତ କ୍ରୀଡ଼ା ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ସାରସକଣା ବିଧାୟକ ଭାଦବ ହାଁସଦା ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜୟୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଶେଷରେ ବେତନଟୀ ରେମିକ୍ସ ମେଲୋଡି ଗ୍ରୁପ ଦ୍ୱାରା ଝୁମର ସଙ୍ଗୀତ ଓ ନୃତ୍ୟ ପରିବେଷିତ ହୋଇଥିଲା। ଝୁମର ନୃତ୍ୟ ଓ ଗୀତର ତାଳେତାଳେ ବିଧାୟକ ନାଚିଥିଲେ।

# ଏମ୍‌ପିସି କଲେଜରେ କ୍ୟାରିୟର କାଉନ୍‌ସେଲିଂ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

ବାରିପଦା,୨୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ତକତପୁରସ୍ଥିତ ଏମ୍‌ପିସି ସ୍ୱୟଂଶାସିତ କଲେଜରେ 'ଭାବା ପରମାଣୁ ଗବେଷଣା କେନ୍ଦ୍ର ତାଲିମ ବିଦ୍ୟାଳୟ ମାଧ୍ୟମରେ ପରମାଣୁ ଶକ୍ତି ବିଭାଗରେ କ୍ୟାରିଅର ସୁଯୋଗ' ବିଷୟରେ ଏକ କ୍ୟାରିୟର କାଉନସେଲିଂ କାର୍ଯ୍ୟକ୍ରମ ଅୟୋଜିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ନାରାୟଣ ପ୍ରସାଦ ବେହେରାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଷୟ ବିଶାରଦ ଭାବେ ପରମାଣୁ ଶକ୍ତି ବିଭାଗ କୋଲକାତା ଅଧୀନରେ ଥିବା (ଭିଇସିସି)ର ପରମାଣୁ ବୈଜ୍ଞାନିକ ଡ. ଜଯାତି କେଶରୀ ନାୟକ ଏବଂ ଡ. ଅରିନ୍ଦମ ଶିକ୍ଦାର ଯୋଗଦେଇ ବିଜ୍ଞାନର ଛାତ୍ର ସର୍ବଦା ଯୁକ୍ତି ସିଦ୍ଧ ହେବା ସହ କ୍ୟାରିୟର ପ୍ରତି ଯଥେଷ୍ଟ ସଜାଗ ରହିବା ଆବଶ୍ୟକ ବୋଲି କହିଥିଲେ। ସଂଯୋଜକ ଭାବେ ପଦାର୍ଥ ବିଜ୍ଞାନ ବିଭାଗର ମୁଖ୍ୟ ଡ. ସରୋଜ କୁମାର ପାତ୍ର ଦାୟିତ୍ୱ ସମ୍ପାଦନ କରିଥିବା ବେଳେ ଆନୁଷ୍ଠାନିକ ଭାବେ ରସାୟନ ବିଜ୍ଞାନ ବିଭାଗର ସହକାରୀ ପ୍ରଫେସର ଡ. ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଜ୍ଞାନ ବିଭାଗର ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ।

# ଅଭିଯୁକ୍ତ,ସହଯୋଗୀ ଗିରଫ

ବାରିପଦା,୨୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ନାବାଳିକାଙ୍କୁ ବଳାତ୍କାର

ବାରିପଦା ଟାଉନ ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାରେ ପୋଲିସ ଅଭିଯୁକ୍ତ ସମେତ ତାଙ୍କ ସହଯୋଗୀକୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ପୀତମ ସେନାପତି ଓ ସହଯୋଗୀ ଜଣକ ହେଲେ ବିକ୍ରମ ଦାଶ । ଏ ସଂକ୍ରାନ୍ତରେ ପୋଲିସ ଏକ ମାମଲା (ନଂ.୬୮/୨୬) ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ, ଦଶମ ଶ୍ରେଣୀରେ ପଢୁଥିବା ନାବାଳିକାଙ୍କୁ ପୀତମ ପ୍ରେମ ନିବେଦନ କରି ଆସୁଥିଲେ। ଏଥିରେ ବିଫଳ ହେବା ପରେ ସେ କଥା ହେବାକୁ ନାବାଳିକାଙ୍କୁ ଏକ ମେସ୍‌କୁ ଡାକିଥିଲେ। ସେଠାରେ ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ବଳାତ୍କାର କରିଥିଲେ। ଏଥିରେ ବିକ୍ରମ ସହଯୋଗ କରିଥିଲେ। ଏ ସମ୍ପର୍କରେ ପୀଡ଼ିତାଙ୍କ ବାପା ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ଉଭୟଙ୍କୁ ଗିରଫ କରି ଡାକ୍ତରୀ ମାଇନା କରିଛି।

# ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା

ଝାରପୋଖରିଆ,୨୯।୧ (ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ପଠାଣି ସାମନ୍ତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ମହାଲିଙ୍କ ସୁପରିଚାଳନାରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଉକ୍ତ ପରୀକ୍ଷା କେନ୍ଦ୍ରରେ ସାରସକଣା ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଦୁଇଟି ବର୍ଗରେ ସର୍ବମୋଟ ୧୫୨ ଜଣ ବିଦ୍ୟାର୍ଥୀଙ୍କ ପରୀକ୍ଷା ନିମନ୍ତେ ସୁବନ୍ଦୋବସ୍ତ କରାଯାଇଥିଲା। ମାତ୍ର ଏଥିରେ ଷଷ୍ଠ ଶ୍ରେଣୀ ବର୍ଗ ୧ରେ ୭୬ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୭୦ ଜଣ ପରୀକ୍ଷା ଦେଇଥିବାବେଳେ ୬ ଜଣ ଅନୁପସ୍ଥିତ ରହିଛନ୍ତି। ସେହିପରି ନବମ ଶ୍ରେଣୀ ବର୍ଗ ୨ରେ ୭୬ ଜଣ ପରୀକ୍ଷାର୍ଥୀ ଥିବାବେଳେ ସେଥିମଧ୍ୟରୁ ୬୩ ଜଣ ପରୀକ୍ଷା ଦେଇ ଥିଲେ ଓ ୧୩ ଜଣ ଅନୁପସ୍ଥିତ ଅଛନ୍ତି। ଅନୁପସ୍ଥିତର କାରଣ କଣ ଜଣାପଡିନାହିଁ। ପରୀକ୍ଷା କେନ୍ଦ୍ରରେ ପରିଚାଳିତ ପରୀକ୍ଷାକୁ ସାରସକଣା ତହସିଲଦାର ତଥା ମାଜିଷ୍ଟ୍ରେଟ ମନୋଜ କୁମାର କାର୍ଜୀ ପରିଦର୍ଶକ ଭାବେ ଆସି ପରିଦର୍ଶନ କରି ଫେରିଯାଇଥିଲେ।

# ଅବକାରୀ ଚଢ଼ାଉ, ୩ ଗିରଫ

ଠାକୁରମୁଣ୍ଡା,୨୯।୧ (ତାରାକାନ୍ତ ପଟ୍ଟନାୟକ)

ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଅବକାରୀ ଥାନା ଅଧିକାରିଣୀ ଭାରତୀ ନାଏକଙ୍କ ନେତୃତ୍ୱରେ ଶୁକ୍ଲି ଅବକାରୀ ଜାମାଦାର ପୂର୍ଣ୍ଣଚନ୍ଦ୍ର ନାଏକ ଏବଂ ଅନ୍ୟ କର୍ମଚାରୀ ଗୁରବାର ଚଢ଼ାଉ କରି ଠାକୁରମୁଣ୍ଡା ଅବକାରୀ ଥାନା ଅଞ୍ଚଳର ଦୁଇଟି ସ୍ଥାନରୁ ତିନି ଚୋରା ଦେଶୀ ମହୁଲି ମଦ ବେପାରୀଙ୍କୁ ଗିରଫ କରିଛନ୍ତି। ଭୋର ସମୟରେ ଅବକାରୀ ବିଭାଗର ଅଧିକାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଜରକ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଘଣ୍ଟିଆଦର ଗ୍ରାମର ରଶ୍ମିତା ମହାନ୍ତ (୩୦) ବିକ୍ରି କରିବାକୁ ରଖିଥିବା ୧୭ ଲିଟର ମହୁଲି ମଦ ଓ ସେହି ଗ୍ରାମର ଦୁର୍ଯ୍ୟୋଧନ ତନ୍ତି (୩୮)ଙ୍କ ପାଖରୁ ୨୦ ଲିଟର ମହୁଲି ମଦକୁ ଜବତ କରିବା ସହ ୨ ଜଣ ମଦ ବିକ୍ରେତାଙ୍କୁ ଗିରଫ କରିଥିଲେ। ଖଣ୍ଡବନ୍ଧ ଗ୍ରାମ ପଞ୍ଚାୟତ କେଲପୋଷି ଗ୍ରାମର ଗୋକୁଳ ମହାନ୍ତ (୫୧)ଙ୍କ ପାଖରୁ ୧୬ ଲିଟର ମହୁଲି ମଦ ଜବତ କରି ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଶ୍ରଦ୍ଧାଳୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

## ମାଣତ୍ରୀ ମହାଶିବରାତ୍ରି ମେଳା ପ୍ରସ୍ତୁତି ବୈଠକ

ବାରିପଦା,୨୯।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅଧିକାରୀମାନେ।

ଉତ୍ତର ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଶୈବପୀଠ ବଡ଼ସାହି ବ୍ଲକ ଅଧୀନ ମାଣତ୍ରୀସ୍ଥିତ ବାବା କଖାରୁଆ ବୈଦ୍ୟନାଥ ମନ୍ଦିରରେ ଆସନ୍ତା ଫେବୃୟାରୀ ୧୫ ତାରିଖ ପ୍ରସିଦ୍ଧ ମହାଶିବରାତ୍ରି ମେଳା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଦର ଉପ ଜିଲାପାଳ ଡ. ଦୟାସିନ୍ଧୁ ପରିଡ଼ା, ତହସିଲଦାର କରୁଣାକର ଧିନ୍ଦା, ଉପଖଣ୍ଡ ପୋଲିସ ଅଧିକାରିଣୀ ମିନତୀ ବିଶ୍ୱାଳ, ମାଣତ୍ରୀ ଡାକ୍ତରଖାନାର ଭାରପ୍ରାପ୍ତ ଚିକିତ୍ସାଧିକାରୀ,ସହକାରୀ ଯନ୍ତ୍ରୀ, ବିଦ୍ୟୁତ୍ ବିଭାଗର ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭଗର ଅଧିକାରୀ, ପିଡବ୍ଲୁଡି, ଗ୍ରାମ୍ୟ ଉନ୍ନୟନ, ଆରଡବ୍ଲୁଏସଏସ ଯନ୍ତ୍ରୀ, ଅବକାରୀ, ଅଗ୍ନିଶମ ଅଧିକାରୀ, ସ୍ଥାନୀୟ ସରପଞ୍ଚ, ନାଏବ ସରପଞ୍ଚ, ପଚ୍ଛାଦାର ଓ ସେବାୟତମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ପ୍ରାରମ୍ଭରେ ମନ୍ଦିର ପରିଛା ପ୍ରଦୀପ କୁମାର ପଣ୍ଡା ପୂର୍ବ ବର୍ଷର ବିବରଣୀ ପାଠ କରିଥିଲେ। ମେଳାକୁ କିପରି ସରସ ସୁନ୍ଦର କରାଯାଇ ପାରିବ ତାହା ଉପରେ ଗୁରୁତ୍ୱାରୋପ କରାଯାଇଥିଲା' ଏକବାରଠାରୁ ଶିବରାତ୍ରି ମହାଦୀପ ଉଠିବା ପର୍ଯ୍ୟନ୍ତ ବ୍ରତୀମାନଙ୍କର ସୁରକ୍ଷା, ନିଃଶୁଳ୍କ ସ୍ଥାନ ନିରୂପଣ, ଅପରାଧ ନିୟନ୍ତ୍ରଣ ପାଇଁ ମନ୍ଦିର ପରିସରରେ ସିସି ଟିଭି କ୍ୟାମେରା ଲଗାଇବା, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା, ପୋଲିସ, ସ୍ୱେଚ୍ଛାସେବୀଙ୍କ ସେବା, ପିଇବା ପାଣି, ମନ୍ଦିର, ମେଳା ପଡିଆ ଓ ବଗିଚା ସଫେଇ, ବ୍ୟାରିକେଡ ନିର୍ମାଣ, ପଞ୍ଚାୟତରେ ଥିବା ସମସ୍ତ କୂପ ଓ ନଳକୂପ ମରାମତି, ବ୍ଲିଚିଂ ଶୋଧନ ସହିତ ଅସ୍ଥାୟୀ ପାଇଖାନା ଓ ପରିଶ୍ରାଗାର ନିର୍ମାଣ ସ୍ୱାସ୍ଥ୍ୟ ଶିବିର, ଆମ୍ବୁଲାନ୍ସ ଓ ଦମକଳ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ସେହିପରି ଟ୍ରାଫିକ ବ୍ୟବସ୍ଥା ପାଇଁ ମାଣତ୍ରୀଛକରୁ ଚମ୍ପାନାଞ୍ଜି ମଧ୍ୟରେ ସମସ୍ତ ଯାନ ଚଳାଚଳ ନିଷିଦ୍ଧ କରାଯିବା ସହିତ ପାର୍କିଂ ବ୍ୟବସ୍ଥା କରାଯାଇଛି ଶିବରାତ୍ରିରେ ଶତାଧିକ ଦଣ୍ଡବତୀ ଦଣ୍ଡ ପଡ଼ି ରାସ୍ତାରେ ଆସୁଥିବାରୁ ଭକ୍ତଙ୍କ ଭାବାବେଗକୁ ଆଖିରେ ରଖି ମନ୍ଦିରକୁ ସଂଯୋଗ କରୁଥିବା ବେତନଟୀ-ମାଣତ୍ରୀ ଆରଡି ରାସ୍ତାର ଦୁର୍ଗାପୁରଠାରୁ ଚମ୍ପାନାଞ୍ଜି ପର୍ଯ୍ୟନ୍ତ ତୁରନ୍ତ ମରାମତି ପାଇଁ ଉପଜିଲାପାଳ ଉଦଳା ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।ମେଳା କମିଟି ପକ୍ଷରୁ ସ୍ଥାନଆବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି।

**୧ରେ ଧୃତୀପାଳି ମହୋତ୍ସବ**

ପାଟଣା(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ମୁଖ୍ୟାଳୟ ସତସଙ୍ଗ କେନ୍ଦ୍ର, ସାମ ପାଟଣା ତତଫରୁ ଫେବୃଆରୀ ୧ରେ ଧୃତିପାଳି ମହୋତ୍ସବ ପାଳନ ହେବ। ଏ ନେଇ ପାଟଣା ସତସଙ୍ଗ କେନ୍ଦ୍ରରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଧୃତିପାଳି ମହୋତ୍ସବକୁ ସରସ ସୁନ୍ଦର କରିବା ପାଇଁ ବୈଠକରେ ବ୍ୟାପକ ଆଲୋଚନା ହୋଇଥିଲା। ଉଷା କୀର୍ତ୍ତନ, ସଙ୍ଗୀତାଞ୍ଜଳି, ଶୋଭାଯାତ୍ରା, ସାଧାରଣସଭା, କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧନା, ଚିକିତ୍ସକ ସମ୍ମିଳନୀ, ସାଂସ୍କୃତିକ ସମ୍ମିଳନୀ ଆଦି କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

## ଶାଳୀକୋଠାରେ ବିଶାଳ ହିନ୍ଦୁ ସମ୍ମିଳନୀ

ଜଳେଶ୍ୱର, ୨୯।୧(ନବୀନ ସାହୁ): ସୃଷ୍ଟିର ଆରମ୍ଭରୁ ହିନ୍ଦୁ ସମାଜ ସମଗ୍ର ବିଶ୍ୱରେ ଶାନ୍ତି ପ୍ରତିଷ୍ଠା କରିଆସିଛନ୍ତି। ଏହି ମହାନ ପରମ୍ପରାକୁ ଆଗକୁ ନେବା ପାଇଁ ଗୋପୀମୋହନପୁର ମଣ୍ଡଳ ପକ୍ଷରୁ ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତ ଶାଳୀକୋଠା କାଳୀ ମନ୍ଦିର ପଡ଼ିଆରେ ଗୁରୁବାର ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ ମୁଖ୍ୟ ଗଣେଶ ଚନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଏହି ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ବିଶ୍ୱ ହିନ୍ଦୁ ପରିଷଦର କ୍ଷେତ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ପ୍ରସାଦ ରଥ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ବାଲେଶ୍ୱର ଜିଲାର ଆରଏସଏସ୍ ଜିଲା ଚାଳକ ଶୁଭ୍ରାଂଶୁ ଶେଖର ଦାସ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଗୋପୀମୋହନପୁର ମଣ୍ଡଳ ପ୍ରମୁଖ ଆଇନଜୀବୀ ନିଗମାନନ୍ଦ ପାତ୍ର ଧନ୍ୟବାଦ ଦେଇଥିଲେ।

# ‘ଯୁଦ୍ଧ, ସତ୍ୟାଗ୍ରହ ଉତ୍ତର ଓଡ଼ିଶାର ଇତିହାସକୁ ମହିମାନ୍ୱିତ କରିଛି’

### ବିଏନ୍ଏମ୍ଏ କଲେଜରେ ଜାତୀୟ ଆଲୋଚନାଚକ୍ର

ତିହିଡ଼ି,୨୯।୧(ସଞ୍ଜିତ ବଳ)

ବ୍ରିଟିଶ ଶାସନ ସମୟରେ ସ୍ୱାଧୀନତା ଆନ୍ଦୋଳନରେ ଉତ୍ତର ଓଡ଼ିଶାରେ ଯୁଦ୍ଧ ଓ ସତ୍ୟାଗ୍ରହ ଇତିହାସକୁ ମହିମାନ୍ୱିତ କରିଛି। ବିଶେଷତଃ ଗୋହିରାଟିକିରି ଯୁଦ୍ଧ, ଇଞ୍ଚୁଡ଼ିରେ ସତ୍ୟାଗ୍ରହ, ଲୁଣିଆ ଓ ରକ୍ତତୀର୍ଥ ଇରମରେ ଆନ୍ଦୋଳନ ଗୁରୁତ୍ୱ ବହନ କରିଛି। ତିହିଡ଼ି ବ୍ଲକ ଅଧୀନ ପାଳିଆବିନ୍ଧାସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜ୍ଜୁନ(ବିଏନ୍ଏମ୍ଏ) କଲେଜରେ ବୁଧବାର ଅନୁଷ୍ଠିତ ‘ଉତ୍ତର ଓଡ଼ିଶାର ଇତିହାସ, ସଂସ୍କୃତି ଏବଂ ପ୍ରତ୍ନତତ୍ତ୍ୱ’ ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଉତ୍କଳ ବିଶ୍ୱବିଦ୍ୟାଳୟର ପୂର୍ବତନ ଇତିହାସ ବିଭାଗ ମୁଖ୍ୟ ପ୍ରାଧ୍ୟାପକ ଅଶୋକ କୁମାର ପଟ୍ଟନାୟକ ଏହି ମତବ୍ୟକ୍ତ କରିଛନ୍ତି। କଲେଜର ଇତିହାସ ବିଭାଗ ଓ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପ୍ରାଚୀନ ଭାରତୀୟ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଆଲୋଚନାଚକ୍ରରେ ସାଉଥ୍ ଇଷ୍ଟ ଏସିଆନ ଷ୍ଟଡିଜ୍‌ର ନିର୍ଦ୍ଦେଶକ ଡ. ସୁନୀଲ କୁମାର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଉତ୍ତର ଓଡ଼ିଶାର ସମୃଦ୍ଧ ଐତିହ୍ୟ ଉପରେ କହିଥିଲେ। ଅନ୍ୟତମ ଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରାଚୀନ ଭାରତ ଇତିହାସ, ସଂସ୍କୃତି ଓ ପ୍ରତ୍ନତତ୍ତ୍ୱ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସଞ୍ଜୟ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ା ଏଥିରେ ପୌରୋହିତ୍ୟ କରିଥିବା ବେଳେ ସହକାରୀ ପ୍ରାଧ୍ୟାପକ ଡ. ଅନାମ ବେହେରା ଆଲୋଚନାଚକ୍ରର ଆଭିମୁଖ୍ୟ ଓ ବିଷୟବସ୍ତୁ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ଜାତୀୟ ପାଠଚକ୍ର ବିବରଣୀ ପୁସ୍ତିକା ଉନ୍ମୋଚନ କରାଯାଇଥିଲା। ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ଡ. ନିରଞ୍ଜନ ରାଉତ ସ୍ୱାଗତ ଭାଷଣ ପ୍ରଦାନ ଓ ଅଧ୍ୟାପକ ଡ. ସୁଶାନ୍ତ କୁମାର ଦାସ ଭିତ୍ତି ପ୍ରବନ୍ଧ ପାଠ କରିଥିଲେ। ଛାତ୍ରୀ ବର୍ଷାରାଣୀ ମଲ୍ଲିକ, ଆରାଧନା ମାଝୀ, ପ୍ରମିଳା ମଲ୍ଲିକ, ଝିଲି ପାଣିଗ୍ରାହୀ, ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ‘ବନ୍ଦେ ଉତ୍କଳ ଜନନୀ’ ଗାନ କରିଥିଲେ। ଅଧ୍ୟାପକ ଅଶୋକ କୁମାର ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବା ବେଳେ ଅଧ୍ୟାପକ ସରୋଜ କୁମାର ମହାପାତ୍ର, ଡ. ମାରୁତି ତ୍ରିପାଠୀ, ଡ. ସାନ୍ଦ୍ରା ରୋଜାରିଓଙ୍କ ସମେତ ବିଭାଗର ଛାତ୍ର ରାଜେଶ ବେହେରା, ହରମୋହନ ମାଝୀ, ରୋହିତ କୁମାର ବେହେରା, ଜୀବନଜ୍ୟୋତି ପାଢ଼ୀ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପକ ଲୋକେଶ୍ୱର ବର୍ଗର୍ତ୍ତୀ ଧନ୍ୟବାଦ ଦେଇଥିଲେ।




ଅତିଥିମାନେ ଆଲୋଚନା ଚକ୍ର ବିବରଣୀ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

## ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ବର୍ଦ୍ଧିତ ଛାତ୍ରଙ୍କୁ ବିଦ୍ୟାଳୟରେ ସମ୍ବର୍ଦ୍ଧନା



ପୁରାତନ ଛାତ୍ର ପ୍ରିୟରଞ୍ଜନ ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ବାହାନଗା, ୨୯।୧(ଅରୂପ କୁମାର ଦାସ)

ଗୋପାଳପୁର ଥାନା ରେମୁଣା ବ୍ଲକର ତାଳପଦା ପଞ୍ଚାୟତ ତାଳପଦା ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ପ୍ରିୟରଞ୍ଜନ ରାଉତଙ୍କୁ ଜାନୁୟାରୀ ୨୬ରେ ଦିଲ୍ଲୀ ରାଷ୍ଟ୍ରପତି ଭବନରେ ନିଜର ସାହାସିକତା ପାଇଁ ସମ୍ବର୍ଦ୍ଧନା ଦିଆଯାଇଥିଲା। ତାଙ୍କୁ ନିଜ ଗାଁ ବିଦ୍ୟାଳୟ ତରଫରୁ ଗୁରୁବାର ସମ୍ବର୍ଦ୍ଧିତ କରାଯାଇଛି। ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶିକ୍ଷକ ରତ୍ନାକର ଗୋଛାୟତ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ତଥା ପୂର୍ବତନ ତାଳପଦା ସରପଞ୍ଚ ବିପିନ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସମ୍ବର୍ଦ୍ଧିତ ହେଉଥିବା ଛାତ୍ରଙ୍କ ବାପା ତଥା ପୁରାତନ ଛାତ୍ର ସଂସଦ ସଭାପତି ଗଣେଶ୍ୱର ରାଉତଙ୍କ ସମେତ ଶିକ୍ଷକ ନରେନ୍ଦ୍ର ଦାସ,ବିଦ୍ୟାଳୟ ଶିକ୍ଷୟିତ୍ରୀ ନିକିତା ସେନାପତି, ଉଚ୍ଚ ବିଦ୍ୟାମନ୍ଦିର ଶିକ୍ଷକ ବିଜୟ କୁମାର ମାହାନ୍ତ ଓ ସମ୍ବର୍ଦ୍ଧିତ ପ୍ରତିଭା ପ୍ରିୟରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ରହି କିପରି ସଫଳତା ପାଇଥିଲେ ସେନେଇ କହିଥିଲେ। ବାଲେଶ୍ୱର ଜିଲା ରେମୁଣା ବ୍ଲକ ତାଳପଦା ଗ୍ରାମର ଯୁବକ ପ୍ରିୟରଞ୍ଜନ ରାଉତ ସମସ୍ତ ଛାତ୍ରୀଛାତ୍ରଙ୍କ ଉଦାହରଣ ହେବା ପାଇଁ ଉପସ୍ଥିତ ଅତିଥି ପରାମର୍ଶ ଦେଇଥିଲେ। ଏହି ଅବସରରେ ପ୍ରିୟରଞ୍ଜନଙ୍କୁ ଉତ୍ତରୀୟ ଓ ଫୁଲତୋଡ଼ା ଦେଇ ଶିକ୍ଷୟିତ୍ରୀ ଶିକ୍ଷକ ଓ ଛାତ୍ରୀଛାତ୍ରମାନେ ସମ୍ବର୍ଦ୍ଧିତ କରିଥିଲେ। ସେ ନବରଙ୍ଗପୁର ଠାରେ ଏକ ବିଦ୍ୟାଳୟରେ ପିଇଟି ଶିକ୍ଷକ ଭାବେ ଜାନୁଆରୀରେ ଚାକିରି ପାଇଛନ୍ତି।

## ଗୋଠନାହାକାଣୀ ଉଚ୍ଚ ବିଦ୍ୟାଳୟରେ ବିଦାୟ ସମ୍ବର୍ଦ୍ଧନା

### ସରକାରୀ ଅବହେଳାକୁ ନେଇ କ୍ଷୋଭ

ବଞ୍ଜ,୨୯।୧(ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ଅନ୍ତର୍ଗତ ଗୋଠନାହାକାଣୀ ଉଚ୍ଚ ବିଦ୍ୟାଳୟରେ ଦଶମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ବିଦାୟ ସମ୍ବର୍ଦ୍ଧନା ସଭା ବୁଧବାର ଦିନ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବ ଖୁସି ଓ ବିଦାୟର ଦୁଃଖ ମଧ୍ୟରେ ସରକାରୀ ବ୍ୟବସ୍ଥା ପ୍ରତି ଶାଣିତ ଅସନ୍ତୋଷ ପ୍ରକାଶ ପାଇଥିଲା। ବିଦ୍ୟାଳୟର କର୍ମଚାରୀ, ଅଭିଭାବକ ଓ ଛାତ୍ରୀଛାତ୍ର ବିଦ୍ୟାଳୟ ସରକାରୀ ଅବହେଳାର ଶିକାର ହେଉଥିବା ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଉନ୍ନତିକରଣ ଓ ଆନୁଷଙ୍ଗିକ ସୁବିଧା ପାଇଁ ସରକାରଙ୍କ ତରଫରୁ କୌଣସି ଆର୍ଥିକ ଅନୁଦାନ ମିଳୁ ନ ଥିବା ବେଳେ, ଅବହେଳିତ ଅବସ୍ଥାରେ ପଡ଼ି ରହିଥିବା କହିଥିଲେ।

ଦୀର୍ଘ ୩୪ ବର୍ଷରୁ ଉର୍ଦ୍ଧ୍ୱ ହେବ ଏହି ବିଦ୍ୟାଳୟ ଚାଲି ଆସୁଥିବା ବେଳେ ଚଳିତ ଥର ପାଖାପାଖି ୮୪ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ପୂର୍ବତନ ବିଧାୟକଙ୍କ ଅନୁଦାନ ପାଣ୍ଠିରୁ ବିଦ୍ୟାଳୟ ପରିସରରେ ୨ଟି ମାତ୍ର ଛୋଟ ଶ୍ରେଣୀଗୃହ ନିର୍ମାଣ ହୋଇଛି। ବିଦ୍ୟାଳୟ ପାଚେରି ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ। ଗ୍ରାମରୁ ଅନ୍ୟ ଉଚ୍ଚବିଦ୍ୟାଳୟର ଦୂରତା ଅଧିକ ରହୁଥିବା ହେତୁ ଗ୍ରାମର ଅଧିକାଂଶ ଛାତ୍ରୀଛାତ୍ର ଏହା ଉପରେ ନିର୍ଭର କରିଥାନ୍ତି। ଏପରି କି ପିଲା ଅଧିକ ହେବା କାରଣରୁ ୮ ଶ୍ରେଣୀ ପାଇଁ ପୁରାତନ ଭଙ୍ଗା ଶ୍ରେଣୀଗୃହ ବ୍ୟବହାର କରାଯାଉଥିବା ପ୍ରଧାନଶିକ୍ଷକ ପ୍ରକାଶ ବିଶ୍ୱାଳ ପ୍ରକାଶ କରିଛନ୍ତି। ବିଦ୍ୟାଳୟ ପ୍ରତି ଥିବା ବୈମାତୃକ ମନୋଭାବ ନେଇ ଶିକ୍ଷକ ଓ ଅଭିଭାବକ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସହକାରୀ ଶିକ୍ଷକ ଗଦାଧର ମହାପାତ୍ର, ଶିକ୍ଷୟିତ୍ରୀ ପ୍ରିୟଙ୍କା ରାଉତ, ଶିକ୍ଷକ ବିଶ୍ୱଭୂଷଣ ପାତ୍ର, ଦୀପକ ନାୟକ, ବିଶ୍ୱମ୍ବର ବେହେରା, ଭାଗୀରଥି ପାଢ଼ୀ, କିରାଣୀ ରତ୍ନାକର ସେନାପତି ପ୍ରମୁଖ ପରିଚାଳନା କରିଥିଲେ।

# ଆରମ୍ଭ ହେଲା ସିମୁଳିଆ ମହୋତ୍ସବ



ବିଭିନ୍ନ ଅତିଥିମାନଙ୍କ ଗହଣରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ସୂଚନା ପ୍ରଦାନ କରୁଛନ୍ତି।

### ଏନ୍ଏସି କାର୍ଯ୍ୟାଳୟ ଉଦ୍‌ଘାଟନ କଲେ ମନ୍ତ୍ରୀ

ସିମୁଳିଆ, ୨୯।୧(ସନ୍ତୋଷ ନାୟକ): ୧୨ତମ ସିମୁଳିଆ ମହୋତ୍ସବ ମାର୍ଗୋଣା ରାବଣପୋଡି ପଡିଆରେ ଉଦ୍‌ଘାଟିତ ହୋଇଛି। ବୁଧବାର ରାତି ୮ଟା ୩୦ରେ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଘୋଡାଗାଡି ଓ ବିବିଧ ଶୋଭାଯାତ୍ରାରେ ଆସି ମହୋତ୍ସବ ପଡିଆରେ ପହଞ୍ଚି ଉତ୍ସବର ଉଦଘାଟନ କରିଥିଲେ। ବିଭିନ୍ନ ଅତିଥିଙ୍କ ମଧ୍ୟରେ ମହୋତ୍ସବ ସଭାପତି ଗୋକୁଳାନନ୍ଦ ମିଶ୍ର, ସମ୍ପାଦକ କମଳଶ୍ରୀ ମହାନ୍ତ, ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲିକ, ବିଡିଓ ସୁନୀଲ କୁମାର ଟୁଡୁ, ଭାରପ୍ରାପ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ରାଧାରମଣ ପଟ୍ଟନାୟକ, ରମେଶ ଚନ୍ଦ୍ର ସାହୁ, ଭାରତୀ ମଲିକ ପ୍ରମୁଖ ଯୋଗ ଦେଇଥିଲେ। କବି କଥାକାର ସୂର୍ଯ୍ୟମଣୀ ବୋଇତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ସିମୁଳିଆ ବ୍ଲକ ପରିସରରେ ନୂଆ ରୂପରେ ଏନଏସି ମାନ୍ୟତା ପାଇଥିବା ସିମୁଳିଆ ବ୍ଲକ ପରିସରରେ ନୂତନ କାର୍ଯ୍ୟାଳୟ ଉଦ୍‌ଘାଟନ କରିବା ସହିତ ସିମୁଳିଆବାସୀଙ୍କୁ ସମସ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି କହିଥିଲେ। ବିଭିନ୍ନ କଳାକାରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୨ ଜଣଙ୍କ ଘରୁ ଚୋରି

ବୈଶିଙ୍ଗା,୨୯।୧(ରତନ ଦାଶ)

ବୈଶିଙ୍ଗା ଥାନା ଅଞ୍ଚଳରେ ବୁଧବାର ରାତିରେ କ୍ରମାଗତ ଦୁଇଟି ସ୍ଥାନରୁ ଚୋରି ଘଟଣାରେ ଜନସାଧାରଣଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି ହୋଇଛି। ବିଗନଗର ଗ୍ରାମର ସେବା ନିବୃତ୍ତ ପ୍ରଧାନଶିକ୍ଷକ ଶତ୍ରୁଘ୍ନ ପରିଡ଼ା ପରିବାର ସହ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଇ ପରଦିନ ସକାଳେ ଘରେ ପହଞ୍ଚି କବାଟ ତାଲା ଭଙ୍ଗା ଯାଇ ସୁନାଗହଣା ଚୋରି ହୋଇଯାଇଥିବା ଦେଖିବାକୁ ପାଇଥିଲେ। ସେହିଭଳି ବିନ୍ଦା ଗ୍ରାମର ଛବିନ୍ଦ୍ର ଦଣ୍ଡପାଟ ବୁଧବାର ରାତିରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ବାହାଘର ଉତ୍ସବରେ ଯୋଗଦେବାକୁ ଯାଇଥିଲେ। ଗୁରୁବାର ସକାଳେ ଘରେ ପହଞ୍ଚି ଘର ତାଲା ଭଙ୍ଗା ଯାଇଥିବା ସହ ଲୁହା ଆଲମିରା ଭଙ୍ଗା ଯାଇ ସୁନାଗହଣା ସହ ଧାନ ବିକ୍ରି ବାବଦ ନଗଦ ୩ ଲକ୍ଷ ଟଙ୍କା ଚୋରି ହୋଇଯାଇଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉଭୟ ଘଟଣାର ତଦନ୍ତ ଜାରି ରଖିଛି।

## ଶିକ୍ଷାବିତ୍‌ଙ୍କ ସ୍ମୃତିଚାରଣ ସଭା

ଆନନ୍ଦପୁର,୨୯।୧
(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ଅଞ୍ଚଳର ବିଶିଷ୍ଟ କବି ତଥା ଶିକ୍ଷାବିତ୍ ଅନଙ୍ଗ ଚରଣ ଦାସଙ୍କ ତୃତୀୟ ଶ୍ରାଦ୍ଧ ବାର୍ଷିକୀ ପାଳନ କରାଯାଇଛି। ଏହି ଅବସରରେ ଫକୀରପୁର ସାହିତ୍ୟ ସଂସଦର ସଭାପତି ତଥା ଶିକ୍ଷାବିତ୍ ଓ ଲେଖକ ସରୋଜ କୁମାର ସାହୁଙ୍କ ସଭାପତିତ୍ୱରେ ମଙ୍ଗଳବାର ଅପରାହ୍ନରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି। ସଂସଦର ସଦସ୍ୟ ହରମୋହନ ପାଢ଼ୀ ପ୍ରଦୀପ ପ୍ରଜ୍ୱଳନ ମନ୍ତ୍ର ଗାନ କରିଥିଲେ। ସଂସଦର ସମ୍ପାଦକ ଅନୀଲ ସାହୁ ମଞ୍ଚ ପରିଚାଳନା ପୂର୍ବକ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ବକ୍ତାଭାବେ ବିଶିଷ୍ଟ ବେଦବିତ୍ ନରୋତ୍ତମ ଦାସ, ମୁଖ୍ୟ ଅତିଥିଭାବେ ପ୍ରାକ୍ତନ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥିଭାବେ ଶିଶୁ ସାହିତ୍ୟିକ ରତ୍ନାକର ଦାସ, ଅନ୍ୟତମ ସମ୍ମାନିତ ଅତିଥିଭାବେ କଣ୍ଟିପାଳ ହାଇସ୍କୁଲର ପ୍ରାକ୍ତନ ପ୍ରଧାନଶିକ୍ଷକ ବିଜୟ କୁମାର ସୁର ଯୋଗଦେଇଥିଲେ। ଶିକ୍ଷାବିତ୍ ନୃସିଂହ ଚରଣ ଦତ୍ତ, ବନମାଳୀ ସେଠୀ ଯୋଗଦେଇ ତାଙ୍କ ବ୍ୟକ୍ତିଗତ ଜୀବନ ଉପରେ ଆଲୋକପାତ କରିଥିଲେ। କନ୍ୟା ବିଶ୍ୱମାୟା ଦାସ ଓ ଭଉଣୀ କବି ଜ୍ୟୋସ୍ନାରାଣୀ ଦାସ ତାଙ୍କ ରଚିତ କବିତା ସଂକଳନରୁ କବିତା ପାଠ କରିଥିଲେ। କାମଦେବ ଗୁଇଁ, ହରିହର ସାହୁ, କୁନିଆ ରଥ, ବସନ୍ତ ସାହୁ, ଚିନ୍ତାମଣି ଦାସ, ଘନଶ୍ୟାମ ରଣା, ନାରାୟଣ ବାରିକ ପ୍ରମୁଖ ଉପସ୍ଥିତ ହୋଇ ସ୍ମୃତି ସଭାକୁ ସାଫଲ୍ୟ ମଣ୍ଡିତ କରିଥିଲେ। ଏହି ଉପଲକ୍ଷେ ତାଙ୍କ ସୁପୁତ୍ର ଡା. ପ୍ରଶାନ୍ତ ଦାସ ଓ କୃଷି ଅଧିକାରୀ ଜୟନ୍ତ କୁମାର ଦାସ ପିତାଙ୍କ ପଦାଙ୍କ ଅନୁସରଣ କରି ଫକୀର ପୁର ହାଇସ୍କୁଲ ଓ ପ୍ରାକ୍ଟିସିଂ ଗାର୍ଲ୍ସ ହାଇସ୍କୁଲର ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ ଓ ଡିବେଟ ପ୍ରତିଯୋଗିତା କରିଥିଲେ। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରିଥିଲେ। ଅନଙ୍ଗ ଚରଣ ଦାସଙ୍କ ପତ୍ନୀ ମଧ୍ୟ ସହଯୋଗ କରିଥିଲେ।

## ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର

ଗୋପବନ୍ଧୁ ନଗର,୨୯।୧(ଶାନ୍ତନୁ କୁମାର ମଦ୍ଧୁଆଳ)– ମୟୂରଭଞ୍ଜ ଜିଲା ଜୁନିୟର ରେଡକ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଗୋପବନ୍ଧୁ ନଗର ବ୍ଲକ ଖୁଣ୍ଟା ପିଏମଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାରୁ ମୋଟ ୧୩୬ଟି ବିଦ୍ୟାଳୟ ଯୋଗ ଦେଇଥିବା ବେଳେ ୬୦୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ପଞ୍ଜୀକରଣ କରିଛନ୍ତି। ଅତିରିକ୍ତ ଶିକ୍ଷା ଅଧିକାରୀ ଶଶୀଧର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଜିଲ ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ମୁଖ୍ୟ ବକ୍ତା ରାଜ୍ୟ ସମ୍ପାଦକ ଗଣେଶ ଚନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ବ୍ଲକ ଶିକ୍ଷା ଅଧିକାରୀ ଡ. ଅଭିମନ୍ୟୁ ସେଠୀ, ପିଏମଶ୍ରୀ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ମଦନମୋହନ ମୁର୍ମୁ, ଜିଲା ଜୁନିୟର ରେଡ୍‌କ୍ରସ ଅଧିକାରୀ ସ୍ମୃତି ରଞ୍ଜନ ପାଣି, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକ, ସାଂଗଠନିକ ସମ୍ପାଦକ ତଥା ପ୍ରଧାନ ଶିକ୍ଷୟିତ୍ରୀ ସାବିତ୍ରୀ ପାତ୍ର, ବରିଷ୍ଠ ସାଧନ କର୍ମୀ ଶଶୀଧର ବିଶ୍ୱାଳ, ବାମନ ଚରଣ ମହାନ୍ତି, ସୋମନାଥ ନାୟକ, ଅଶୋକ କୁମାର ମହାନ୍ତି, ସତ୍ୟନାରାୟଣ ଦାସ, ଚିତ୍ତରଞ୍ଜନ ପଳତା ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ ସେବା ଓ ବିଶ୍ୱ ବନ୍ଧୁତା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଖେଳ ଶିକ୍ଷକ ନିର୍ମଳ ଚନ୍ଦ୍ର ଦାସବାବୁ ପ୍ରାରମ୍ଭରେ ଶ୍ଳୋକ ପାଠ କରିଥିବା ବେଳେ ପ୍ରୋଗ୍ରାମ ଅଫିସର ଉମାକାନ୍ତ ବେହେରା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା

ଚମ୍ପୁଆ,୨୯।୧(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଉପଖଣ୍ଡ ରିମୁଳିଠାରେ ଥିବା ସରକାରୀ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନର ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଚମ୍ପୁଆ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରଶ୍ମିରଞ୍ଜନ ସାହୁ ଉଦ୍‌ଘାଟନ କରିଥିଲେ। କ୍ରୀଡ଼ା ପ୍ରଶିକ୍ଷିକା ଲୋଟସ ମହାନ୍ତ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପ୍ରଧାନଶିକ୍ଷକ ରମାକାନ୍ତ ପ୍ରଧାନ, ଶିକ୍ଷକ ପ୍ରଶିକ୍ଷକ ଗୁରୁଚରଣ ସାହୁ ପ୍ରମୁଖ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କୁ ଖେଳୁଆଡ଼ ମନୋଭାବ, ଶୃଙ୍ଖଳିତଭାବେ ଖେଳ ପ୍ରଦର୍ଶନ ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି କ୍ରୀଡ଼ା ପତାକା ଉତ୍ତୋଳନ କରିବା ସହ ପ୍ରତିଯୋଗୀଙ୍କୁ ସପଥପାଠ କରାଇଥିଲେ।


**यूनियन बैंक ऑफ इंडिया Union Bank of India**

**କ୍ଷେତ୍ରୀୟ କାର୍ଯ୍ୟାଳୟ: କଟକ**
୧ମ ମହଲା, କେ କେ ଭଡ୍ରସିଙ୍କ କମ୍ପାଉଣ୍ଡ, ଶ୍ରୀଜି କମ୍ପ୍ଲେକ୍ସ, ମାଛୁଆ ବଜାର, କ୍ୟାଣ୍ଟନମେଣ୍ଟ ରୋଡ଼, କଟକ-୭୫୩୦୦୧

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ନିମ୍ନଲିଖିତ ବ୍ୟକ୍ତିମାନଙ୍କୁ ଅବଗତ କରାଇଦିଆଯାଉଛି କି, ସେମାନେ ସେମାନଙ୍କର ଋଣ ଆକାଉଣ୍ଟର ବକେୟା ପରିଶୋଧ କରିବାରେ ଖିଲାପ କରିଛନ୍ତି। ତେଣୁ ସେମାନଙ୍କୁ ଅନୁରୋଧ କରାଯାଉଛି କି ସେମାନେ **ନିଲାମ** ପୂର୍ବରୁ ସେମାନଙ୍କର ବକେୟା ଦେୟ ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପ୍ରଦାନ କରି ସ୍ୱର୍ଣ୍ଣ ଅଳଙ୍କାରଗୁଡ଼ିକୁ ବନ୍ଧକମୁକ୍ତ କରନ୍ତୁ ଅନ୍ୟଥା **ଆମର ସମ୍ପୃକ୍ତ ଶାଖା ପରିସରରେ ତା.୩୧.୦୧.୨୦୨୬ରିଖ ଅପରାହ୍ନ ୧.୦୦ ଘଟିକା ସମୟରେ** କିମ୍ବା ପରେ ଅନ୍ୟ ସୁବିଧାଜନକ ତାରିଖରେ କୌଣସି ପରବର୍ତ୍ତୀ ନୋଟିସ୍ ନଦେଇ ବ୍ୟାଙ୍କର ସ୍ୱତନ୍ତ୍ର କ୍ଷମତା ବଳରେ ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଋଣ ନଂ | ଋଣ ତାରିଖ |
|---|---|---|
| | **ଚାଇଁପାଳ ଶାଖା** | |
| ୧. | **ହେମନ୍ତ ବେହେରା,** ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୩୦୦୦୦୨୩୧ | ୨୧.୧୦.୨୦୨୩ |
| ୨. | **ହେମନ୍ତ ବେହେରା,** ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୪୦୦୦୦୦୪୦ | ୨୯.୦୭.୨୦୨୨ |
| ୩. | **ହେମନ୍ତ ବେହେରା,** ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୪୦୦୦୦୦୪୧ | ୩୦.୦୭.୨୦୨୨ |
| ୪. | **ଚାରୁ ନାଏକ,** ଜଗନ୍ନାଥପୁର, ଚାଇଁପାଳ, ଜିଲ୍ଲା: ଅନୁଗୁଳ / ୦୭୮୦୧୬୫୪୦୦୦୦୨୯୯ | ୦୫.୦୪.୨୦୨୪ |
| | **ଶର୍ମା ଛକ ତାଳଚେର ଶାଖା** | |
| ୧. | **ଜରିନା ବିବି,** ୱାର୍ଡ ନଂ.: ୧୭, ଦେଉଳବେଡା, ତାଳଚେର, ଜିଲ୍ଲା: ଅନୁଗୁଳ, ଓଡ଼ିଶା - ୭୫୯୧୦୨ / ୧୯୯୪୨୬୬୩୦୦୦୦୦୭୬ | ୩୧.୧୨.୨୦୨୪ |
| | **ବଡହାଟ କେନ୍ଦ୍ରାପଡା ଶାଖା** | |
| ୧. | **ପ୍ରେମାନନ୍ଦ ସାହୁ,** ବାଲିଆ, ବିଭୂତିପଡା, ଜିଲ୍ଲା: କେନ୍ଦ୍ରାପଡା / ୧୪୦୭୧୬୬୩୦୦୦୦୦୮୭ | ୨୪.୦୨.୨୦୨୫ |
| ୨. | **ସ୍ମୃତି ରଞ୍ଜନ ମହାନ୍ତି,** ବାଲିସୁଆଁ, ଜିଲ୍ଲା:କେନ୍ଦ୍ରାପଡା / ୧୪୦୭୧୬୫୪୦୦୦୨୨୩୯ | ୩୧.୦୫.୨୦୨୫ |

ଦ୍ରଷ୍ଟବ୍ୟ: ବକେୟା ଦେୟ ମଧ୍ୟରେ ସୁନା ଋଣ ସହିତ ଅନ୍ୟ ଋଣ / ଋଣ ସୁବିଧା ଅଧିନରେ ଥିବା ପକ୍ଷଙ୍କର ସମସ୍ତ ବକେୟା ଦେୟ ଅନ୍ତର୍ଭୁକ୍ତ ହେବା ଆବଶ୍ୟକ।

ସ୍ଥାନ: କଟକ
ତାରିଖ: ୨୯.୦୧.୨୦୨୬
ଶାଖା ପ୍ରବନ୍ଧକ
ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ



**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 175 of 2018**

**Odisha Grameen Bank** .....Plaintiff
**Versus**
**Gobind Charan Barik & others** .....Defendants

To,
1. **Sri Gobind Charan Barik,** aged about 47 years, son of Sridhar Barik, Occupation- Working in NIT (National Institute of Technology), Rourkela as Attendant, bearing Employee Code-599750, PAN- AIUPB0660K, at present resident Qr. No.- G-63, NIT Campus, Rourkela-769008, P.S- Sector-3, District-Sundargarh, Odisha, Permanent resident At Village- Resho, P.O-Gunthi, Via- Alva, PIN-754217, District- Kendrapara, Odisha.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.2,32,098.00** (Rupees Two Lakh Thirty Two Thousand Ninety Eight) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **06th day of April, 2026 at 7:30 AM** in the forenoon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **05th day of January of 2026.**
Sd/-
**Senior Civil Judge, Rourkela**



**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 265 of 2017**

**Odisha Grameen Bank** .....Plaintiff
**Versus**
**Budhadev Sethi & others** .....Defendants

To,
1. **Budhadev Sethi,** aged about 40 years, son of Rashananda Sethi, Prop.:- M/s Sigma Electrical, Resident of near Tarini Mandir, Shakti Nagar, Rourkela-769042, P.S- Jhirpani, District- Sundargarh, Occupation: Business, PAN-BHHPS7609Q.
2. **Shri Dharani Das,** aged about 42 years, son of Madan Das, Prop.:- M/s Dharani Shoe Repairing, At- CK-32, VSS Market, Chhend, Rourkela-769015, At/PS- Chhend, District- Sundargarh resident of Ambedkar Nagar, Basanti Colony, P.O- Rourkela-12, P.S- Uditnagar, District- Sundargarh, PAN-AOVPD2205D, Occupation: Business.
3. **Santosh Prusti,** aged about 51 years, son of Loknath Prusti, resident of Jhirpani, Near Hanuman Mandir, Rourkela-769042, PS-Jhirpani, District- Sundargarh, Occupation- Business.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.88,722.00** (Rupees Eighty Eight Thousand Seven Hundred Twenty Two) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **09th day of April, 2026** at **7:30 AM** in the morning, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **07th day of January of 2026.**
Sd/-
**Senior Civil Judge, Rourkela**



**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 268 of 2017**

**Odisha Grameen Bank** .....Plaintiff
**Versus**
**Ramakanta Sahoo & others** .....Defendants

To,
1. **Shri Ramakanta Sahoo,** aged about 53 years, son of Shri Brundaban Sahoo, Prop.:- M/s Sahoo Garments, Shop No.-11, VSS Market, Chhend, P.S- Chhend, Rourkela-769015, District-Sundargarh, resident of Durgapur, Orampara, P.S- Uditnagar, Rourkela-769012, District- Sundargarh, Odisha, Permanent resident at Village- Sarasada, P.O- Barundai, District- Jajpur, Odisha, Occupation: Business, PAN-AGCPS1773Q.
2. **Niranjan Acharya,** aged about 60 years, son of Late Bhagirathi Acharya, resident of Lucy Emporium NAC Market, Koelnagar, Rourkela-769014, PS- Jhirpani, District- Sundargarh, Odisha, Permanent resident Village At- Kalimegha, P.O/PS- Tihidi, District-Bhadrak, Odisha, Occupation: Business, PAN- ACVPA7063L.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.87,946.00** (Rupees Eighty Seven Thousand Nine Hundred Forty Six) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **08th day of April, 2026** at **7:30 AM** in the morning, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **06th day of January of 2026.**
Sd/-
**Senior Civil Judge, Rourkela**



**Summon for settlement of issues**
**(Order 5, Rule 20 CPC)**
**In the Court of Senior Civil Judge, Rourkela**
**C.S. No. 182 of 2018**

**Odisha Grameen Bank** .....Plaintiff
**Versus**
**Chandan Das & others** .....Defendants

To,
1. **Chandan Das,** aged about 45 years, son of Rabi Das, Occupation- Khalasi in Railway, at present resident of L/67/2, Diesel Colony, At/PO/PS- Bondamunda, District- Sundargarh, Odisha, PIN-770032.
2. **Prakash Rao,** aged about 44 years, son of P.R.C. Rao, resident of QR. No. L/160/3, Railway Driver Colony, Bondamunda, P.S-Bondamunda, District- Sundargarh, Odisha, PIN-770032, Occupation- Service in Railway.
3. **Sekhar Kumar Dora,** aged about 45 years, son of Chandra Mani Dora, Occupation- Service in Railway, resident of Qr. No. L/211/1, Driver Colony, At/PS- Bondamunda, District- Sundargarh, Odisha, PIN-770032.

Whereas, Utkal Grameen Bank now Odisha Grameen Bank, Koelnagar Branch, Koelnagar, Rourkela-14, has instituted a suit against you for **Rs.81,259.00** (Rupees Eighty-One Thousand Two Hundred Fifty-Nine) only. You are hereby summoned to appear in this Court in the person, or by a pleader duly instructed and able to answer all material questions relating to the suit, or who shall be accompanied by some person able to answer all such questions, on the **18th day of March, 2026** at **10:30 AM** in the forenoon, to answer the claims [and further you hereby directed to file on that day a written statement of your defence and to produce on the said day all documents in your possession or power upon which you base your defence or claim for set off or counter-claim, and where you rely on any other document whether in your possession or power or not, as evidence in support of your defence or claim for set-off or counter-claim, you shall enter such documents in a list to be annexed to the written statement].

Take notice, that, in default of your appearance on the day before mentioned, the suit will be heard and determined in your absence.

Given under my hand and the seal of the Court, this **19th day of December of 2025.**
Sd/-
**Senior Civil Judge, Rourkela**

## ସୋର ପୌରପାଳିକା କାର୍ଯ୍ୟାଳୟରେ ପାରିଷଦଙ୍କ ଧାରଣା

ସୋର, ୨୯।୧ (ଜନ୍ମେଜୟ ମିଶ୍ର)

ସୋର ପୌରପାଳିକା କାର୍ଯ୍ୟାଳୟ ପରିସରରେ ଗୁରୁବାର ବିଭିନ୍ନ ୱାର୍ଡର ପାରିଷଦମାନେ ଧାରଣା ଦେଇଥିଲେ। ୪ ଦଫା ଦାବି ଦୀର୍ଘ ୩ମାସ ହେଲା ପାରିଷଦ ବୈଠକ ନ ହେବା, ଟେଣ୍ଡର ପ୍ରକ୍ରିୟାରେ ଅହେତୁକ ବିଳମ୍ବ, କାର୍ଯ୍ୟାଦେଶ ପ୍ରଦାନରେ ବିଳମ୍ବ ଓ ରାସ୍ତାରେ ଆଲୋକର ଅବ୍ୟବସ୍ଥା ନେଇ ଏହି ଧାରଣା ଦିଆଯାଇଥିଲା। ଆଗାମୀ ୭ ଦିନ ମଧ୍ୟରେ ଏହି ସମସ୍ୟାର ସମାଧାନ ନ ହେଲେ ଆସନ୍ତା ୫ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି ପରିଷଦମାନେ ଚେତାବନୀ ଦେବା ସହିତ ଏନେଇ ଜିଲାପାଳଙ୍କଠାରେ ଲିଖିତ ଅଭିଯୋଗ କରାଯାଇଛି।

## ସରସ୍ୱତୀ ପୂଜା, ସାଧାରଣତନ୍ତ୍ର ଦିବସ ପାଳିତ

ବାହାନଗା, ୨୯।୧ (ଅରୂପ କୁମାର ଦାସ)

ବାହାନଗା ବ୍ଲକ ଅଧୀନସ୍ଥ ଅଭଣା ଗ୍ରାମରେ ସାଇଶ୍ରୀ କଳାକାର ସଂଘ ପକ୍ଷରୁ ମା' ସରସ୍ୱତୀଙ୍କ ପୂଜା ଭକ୍ତିମୟ ପରିବେଶ ମଧ୍ୟରେ ପାଳିତ ହୋଇଛି। ଏହାସହିତ କଳାକାର ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ମଧ୍ୟ ଅନୁଷ୍ଠିତ ହୋଇଛି। ପୂଜାଦିନ ବିଧିବିଧାନ ସହ ପୂଜା, ପୁଷ୍ପାଞ୍ଜଳି ଓ ଆରାଧନା କରାଯାଇ ସମସ୍ତଙ୍କ ଜୀବନରେ ଜ୍ଞାନ, ସଦ୍‌ବୁଦ୍ଧି ଓ ସଫଳତା ପାଇଁ ପ୍ରାର୍ଥନା କରାଯାଇଥିଲା। ଏହାସହିତ ସଂଘ ତରଫରୁ ସାଧାରଣତନ୍ତ୍ର ଦିବସ ମଧ୍ୟ ପାଳନ କରାଯାଇଥିଲା। ଜାତୀୟ ପତାକା ଉତ୍ତୋଳନ ପରେ ଦେଶର ସମ୍ବିଧାନ, ଲୋକତନ୍ତ୍ର, ସ୍ୱାଧୀନତା ଓ ସମାନ ଅଧିକାରର ମୂଲ୍ୟବୋଧ ଉପରେ ଆଲୋଚନା କରାଯାଇଥିଲା। ବକ୍ତାମାନେ ଭାରତୀୟ ସମ୍ବିଧାନର ଗୁରୁତ୍ୱ, ନାଗରିକଙ୍କ ଅଧିକାର ସହ କର୍ତ୍ତବ୍ୟ ଓ ଦେଶଗଠନରେ ଯୁବପିଢ଼ିର ଭୂମିକା ବିଷୟରେ ଆଲୋକପାତ କରିଥିଲେ। ଏହି ପରିପ୍ରେକ୍ଷୀରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ନୀଳାମ୍ବର ମାଝୀ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଦେଶର ସ୍ୱାଧୀନତା ସେନାନୀମାନଙ୍କୁ ସ୍ମରଣ କରାଯାଇ ସମ୍ବିଧାନ ପ୍ରତି ନିଷ୍ଠା ପ୍ରକାଶ କରାଯାଇଥିଲା। କାର୍ଯ୍ୟକ୍ରମରେ ଶୀତିକଣ୍ଠ ପଣ୍ଡା, ଶ୍ରୀନାଥ ପଣ୍ଡା, ବିକର୍ତ୍ତନ ରାୟ, ଅଭିମନ୍ୟୁ ଜେନା, ସୁଲୋଚନା ମାଝି, ରାଜେଶ କୁମାର ଦାସ, ବିଦ୍ୟାଧର ମାଝି, ଜଗବନ୍ଧୁ ମାଝି, କାଶୀନାଥ ମାଝି, ପଦ୍ମଲୋଚନ ଦାସ, ଶଶିକାନ୍ତ ମହାଲିକ, ନିରଞ୍ଜନ ପଣ୍ଡା, ମହେଶ୍ୱର ପଣ୍ଡା, ନିରଞ୍ଜନ ପଲ୍ଲୀ, ବାଞ୍ଛାନିଧି ମହାରଣା, ସୀତାନାଥ ପରିଡ଼ା, ଦାମୋଦର ଦଳେଇ, ଗୋବର୍ଦ୍ଧନ ସାହୁ, ମୁରଲୀଧର ମହାଲିକ ଓ ଉମେଶ ଚନ୍ଦ୍ର ପୁହାଣ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

# ବଢ଼ୁଛି ଅତ୍ୟାଚାର, ତେଜୁଛି ଆଦିବାସୀ ମେଳି

### ଆନ୍ଦୋଳନ ଚେତାବନୀ ଦେଲା ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ

ନୀଳଗିରି, ୨୯।୧ (ପ୍ରଶାନ୍ତ ବିଶ୍ୱାଳ)



ବୈଠକରେ ଉପସ୍ଥିତ ଅଞ୍ଚଳବାସୀ।

ବାଲେଶ୍ୱର ଜିଲା ନୀଳଗିରି ବ୍ଲକ କୁଲଡିହା ଅଭୟାରଣ୍ୟ ସୁରକ୍ଷା ନାମରେ ନିରୀହ ଅଧିବାସୀମାନଙ୍କ ଉପରେ ବିନା କାରଣରେ ଅକଥନୀୟ ଅତ୍ୟାଚାର, ମକଦ୍ଦମା ରୁଜୁ, ମାନବିକତାର ହତ୍ୟା କରିବା, ବିଦ୍ୟୁତ୍ ସକ୍ ଲଗାଇ ଭୟଭୀତ କରିବା ଆଦି ଯୋଗୁ ସ୍ଥାନୀୟ ଅଞ୍ଚଳରେ କୋକୁଆ ଭୟ ସୃଷ୍ଟି ହୋଇଛି। ଆଗାମୀ ଦିନରେ ଏହାର ଦୃଢ଼ ଜବାବ ଦେବା ପାଇଁ ଆଦିବାସୀମାନେ ଏକାଠି ହୋଇ ମେଳି କରିବାକୁ ସଜବାଜ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗୁରୁବାର ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ କାଣ୍ଡଗରଡିହି ପଞ୍ଚାୟତ ଖୋଲିଆଠାରେ ଆଦିବାସୀମାନଙ୍କର ଆଗାମୀ ଦିନର ବିରାଟ ଆନ୍ଦୋଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଭିଟାମାଟି ଓ ଜୀବନଜୀବିକା ସୁରକ୍ଷା ମଞ୍ଚର ଆବାହକ ବିଜୟ କୁମାର ପାତ୍ର ଉପସ୍ଥିତ ରହି ରେଞ୍ଜରଙ୍କ ମନମାନୀ ବିରୋଧରେ ଦୃଢ଼ ପ୍ରତିବାଦ ପାଇଁ ସଜାଗ ରହିବାକୁ ବକ୍ତବ୍ୟ ଦେଇଥିଲେ। ସଭାରେ କାଣ୍ଡଗରଡିହି ପୂର୍ବତନ ସରପଞ୍ଚ ଯୋଗାନନ୍ଦ ଦାଶ, ସତ୍ୟଜିତ ଦାସ, ଜ୍ୟୋତିର୍ମୟ ରାଉତ, ନିହାର ରଞ୍ଜନ ଜେନା ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ। କୁଲଡିହା ରେଞ୍ଜର ଯଦି ନିଜର ଆଭିମୁଖ୍ୟ ପରିବର୍ତ୍ତନ ନ କରନ୍ତି ତା'ହେଲେ ଭିଟାମାଟି ଓ ଜୀବନ ଜୀବିକା ସୁରକ୍ଷା ମଞ୍ଚ ପକ୍ଷରୁ ଆସନ୍ତା ଫେବୃଆରୀ ମାସ ଦ୍ୱିତୀୟ ସପ୍ତାହରୁ କୁଲଡିହା ରେଞ୍ଜ ଅଫିସ ଆଗରେ ଗଣଧାରଣା ଦିଆଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ତେବେ ଉକ୍ତ ଆନ୍ଦୋଳନ ପ୍ରସ୍ତୁତି ପରିପ୍ରେକ୍ଷୀରେ ଆଦିବାସୀମାନେ ଗାଁକୁ ଗାଁ ପ୍ରଚାର ବୁଲାଇବା ଆରମ୍ଭ କରିଦେଇଛନ୍ତି। ଏ ଦିଗରେ ଗୁରୁତ୍ୱ ଦିଆ ନ ଗଲେ ଆଗାମୀ ଦିନରେ ରାଷ୍ଟ୍ରପତିଙ୍କ ବାଲେଶ୍ୱର ଗସ୍ତ ଅବସରରେ ତାଙ୍କୁ ସାକ୍ଷାତ କରି ଦୁଃଖ ଜଣାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ବିଷୟରେ କୁଲଡିହା ରେଞ୍ଜର ସୁବ୍ରତ କୁମାର ବେହେରାଙ୍କୁ ପଚରାଯିବାରୁ ସେ ଏହାକୁ ଖଣ୍ଡନ କରିବା ସହ ଯଥେଷ୍ଟ ପ୍ରମାଣ ମୁତାବକ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି, ନିର୍ଦ୍ଦୋଷୀଙ୍କ ବିରୋଧରେ ନୁହେଁ।

## ସୀମାନ୍ତ ୨ ପଞ୍ଚାୟତରେ ନିର୍ବାଚନୀ ବିଗୁଲ ବଜାଇଲା ବିଜେଡି

ଭୋଗରାଇ, ୨୯।୧ (ପ୍ରଦୀପ ଦାସ)

ବିଜୁ ଜନତା ଦଳ କେବଳ ଏକ ରାଜନୈତିକ ଦଳରେ ସୀମିତ ନୁହେଁ। ଏହା ଏକ ସାମାଜିକ ଗଣ ଆନ୍ଦୋଳନରେ ପରିଣତ ହୋଇଛି। ଓଡ଼ିଶାବାସୀ ନବୀନ ପଟ୍ଟନାୟକଙ୍କୁ ବିଶ୍ୱାସ କରି ୨୪ବର୍ଷ ଧରି ଯେଉଁ ପ୍ରଶାସନ କ୍ଷମତାର ଡୋରିରେ ଓଡ଼ିଶାକୁ ସଶକ୍ତ ଓ ସମୃଦ୍ଧ କରିଥିଲେ ଏବେ ଭାଜପା ସରକାର ୧୯ମାସ ମଧ୍ୟରେ ଓଡ଼ିଶାବାସୀଙ୍କୁ ପ୍ରତାରଣା କରୁଥିବା ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ପଞ୍ଚାୟତ ସୋହରିଆ ଓ ଅନଳିଆ ପଞ୍ଚାୟତ ବିଜେଡିର କର୍ମୀ ସମ୍ମିଳନୀରେ ମଙ୍ଗଳବାର ଓ ବୁଧବାର ନେତାମାନେ କହିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନ ବିଗୁଲ ବଜାଇଛନ୍ତି। ବ୍ଲକ ବିଜେଡି ସଭାପତି ରମାକାନ୍ତ କରଣଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ବିଧାୟକ ଗୌତମବୁଦ୍ଧ ଦାସ ଯୋଗଦେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ଅସ୍ମିତା ଏବଂ ଗାଁକୁ କାମ ଓ ମା'କୁ ସମ୍ମାନ ଦେଇଆସିଥିବା ବେଳେ ଭାଜପା ସରକାର ଏବେ ମିଥ୍ୟା ଓ ରଙ୍ଗ ବଦଳାଇବାର ସରକାର ବୋଲି ତୀବ୍ର ସମାଲୋଚନା କରିଛନ୍ତି। ଆଗାମୀ ଦିନରେ ଭୋଗରାଇ ଜନସାଧାରଣ ଏଣିକି ଚୁପ୍ ହୋଇ ନ ବସି ବିଜେଡି ନେତା ଓ କର୍ମୀମାନେ ବିଜେଡି ପତାକା ତଳେ ଏକ ହୋଇ ଆଗାମୀ ପଞ୍ଚାୟତ ନିର୍ବାଚନ ନିମନ୍ତେ ଏବେଠୁ ଅଣ୍ଟାଭିଡନ୍ତୁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସୋହରିଆ ପଞ୍ଚାୟତ ନରସିଂହପୁର ସ୍କୁଲ ପାଖ ପଡ଼ିଆରେ ପଞ୍ଚାୟତ ବିଜେଡି ଉପସଭାପତି ସରୋଜ କୁମାର ବେହେରା ମଞ୍ଚ ପରିଚାଳନା କରିଥିବା ବେଳେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମାମାରାଣୀ ସାସମଲ, ଜିଲା ପରିଷଦ ପୂର୍ବତନ ଅଧ୍ୟକ୍ଷା ନିବେଦିତା ମହାନ୍ତି, ଜିଲାପରିଷଦ ସଦସ୍ୟା ପ୍ରତିମା ଦାସ, ଦମୟନ୍ତୀ ସାହୁ କବିତା ମହାନ୍ତି, ବ୍ଲକ କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ସରପଞ୍ଚ ଜଗନ୍ନାଥ ସେଠୀ, ସମିତି ସଦସ୍ୟା ସବିତା ସାହୁ, ପୂର୍ବତନ ସରପଞ୍ଚ ଶେଖ ଅବ୍ଦୁଲ ମସ୍‌ଜିଦ୍, ପଞ୍ଚାୟତ ପର୍ଯ୍ୟବେକ୍ଷକ ଶ୍ରୀପତି ସେଠୀ, ନାଏବ ସରପଞ୍ଚ ବାସନ୍ତୀ ବେଜ ପ୍ରମୁଖ ଉପସ୍ଥିତ ହୋଇ ବିଜେଡି ସଙ୍ଗଠନକୁ ଶକ୍ତିଶାଳୀ କରି ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଥିଲେ। ସୁବାସ ଚନ୍ଦ୍ର ଦେ ଧନ୍ୟବାଦ ଦେଇଥିଲେ। ଅପରପକ୍ଷରେ ବୁଧବାର ପୂର୍ବାହ୍ନରେ ଅନଳିଆ ପଞ୍ଚାୟତ ହାଟ ନିକଟରେ ବିଜେଡିର କର୍ମୀ ସମ୍ମିଳନୀରେ ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ସେଠୀ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତପ୍ରକାଶ କରିଥିଲେ। ମୁଖ୍ୟଅତିଥି ଭାବେ ଗୌତମବୁଦ୍ଧ ଦାସ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରିଙ୍କ ସମେତ ଉପରୋକ୍ତ ବିଜେଡି ନେତ୍ରୀ/ନେତା, ବରିଷ୍ଠ ବିଜେଡି ନେତା ହରେନ୍ଦ୍ର ଦାସ, ତପନ କୁମାର ପାଢ଼ୀ, ତାପସ ଦାସ ମହାପାତ୍ର, ସମିତି ସଦସ୍ୟା ଅଞ୍ଜଳି ପାଢ଼ୀ, ପୂର୍ବତନ ସମିତି ସଦସ୍ୟା ନମିତା ପାଳ, ପୂର୍ବତନ ସମିତି ସଦସ୍ୟ ପୂର୍ଣ୍ଣଚନ୍ଦ୍ର ପାଳ, ପଞ୍ଚାୟତ କାର୍ଯ୍ୟକାରୀ ସଭାପତି ତପନ କୁମାର ପାତ୍ର ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

## ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା




ପିଲାମାନଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା।

ଖଇରା, ୨୯।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଅନ୍ତରାଷ୍ଟିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଗତ ୨୦ତାରିଖରେ ଆରମ୍ଭ ହୋଇଥିବା ଜାତୀୟ ସେବା ଶିବିର ୨୬ ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ଦାସମହାପାତ୍ର ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଗୋପୀନାଥ ପୃଷ୍ଟିଙ୍କ ତତ୍ତ୍ୱାବଧାନରେ ୭ ଦିନ ଧରି ସ୍ୱେଚ୍ଛାସେବୀମାନଙ୍କ ଦ୍ୱାରା ବୃକ୍ଷରୋପଣ, ନିଶାନିବାରଣ, ସାଇବର ଅପରାଧ, ସଡକ ସୁରକ୍ଷା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ବାଲ୍ୟବିବାହ ଆଦି ବିଷୟରେ ନିକଟସ୍ଥ ଗ୍ରାମର ଅଧିବାସୀଙ୍କୁ ସଚେତନ କରାଯାଇଥିଲା। ବରିଷ୍ଠ ଅଧ୍ୟାପକ ବନମାଳୀ ଉପାଧ୍ୟାୟଙ୍କ ସମେତ ସମସ୍ତ ଅଧ୍ୟାପିକା ଓ ଅଧ୍ୟାପକ ସହଯୋଗ କରିଥିଲେ।

## ଔପଦା ଡିଗ୍ରୀ କଲେଜର ବାର୍ଷିକ ଉତ୍ସବ

ଔପଦା, ୨୯।୧ (ଧରିତ୍ରୀ ପଣ୍ଡା)

ବାଲେଶ୍ୱର ଜିଲା ଔପଦା ବ୍ଲକ ମୁଖ୍ୟାଳୟରେ ଅବସ୍ଥିତ ଔପଦା ଡିଗ୍ରୀ କଲେଜରେ ଗୁରୁବାର କଲେଜ ପରିସରରେ ୩୪ତମ ବାର୍ଷିକ ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଡିଗ୍ରୀ କଲେଜ ଅଧ୍ୟକ୍ଷ ମୋହନ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଯୋଗ ଦେଇ ଛାତ୍ରୀଛାତ୍ରଙ୍କର ଚରିତ୍ର ଗଠନ ପାଇଁ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନନୀୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ବିସିବିମ୍ବା ପାତ୍ର, ଖବରଦାତା ଅଶୋକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ସଂସ୍କୃତ ଅଧ୍ୟାପକ ଦ୍ୱାରିକା ନାଥ ଶତପଥୀ ବେଦ ପାଠ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ରାଜନୀତି ବିଭାଗର ଅଧ୍ୟାପକ ହରିହର ପଣ୍ଡା ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତଙ୍କୁ କଲେଜ ପକ୍ଷରୁ ପୁରସ୍କୃତ କରାଯାଇଛି। ପୂର୍ବାହ୍ନରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଂଲିଶ ଅଧ୍ୟାପକ ମଳୟ କୁମାର ବେହେରା ମଞ୍ଚ ଆହ୍ୱାନ କରିଥିଲେ। ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରୀଛାତ୍ର ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ।

## ଅତୀତର ଅନୁଭୂତି କଥା କହେ



ବନ୍ଧୁମିଳନ ଉତ୍ସବରେ ଯୋଗଦେଇଥିବା ପୁରାତନ ଛାତ୍ରୀଛାତ୍ର।

### ୧୯୭୯ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ବନ୍ଧୁମିଳନ

କାଳିପଦା, ୨୯।୧ (ରାଜଶ୍ରୀ ପାଣିଗ୍ରାହୀ)

ସ୍ନେହ, ପ୍ରେମ, ଭଲପାଇବାର ଏକ ସୁତ୍ରରେ ସମସ୍ତଙ୍କୁ ବାନ୍ଧି ରଖିଥାଏ ବନ୍ଧୁମିଳନ ଉତ୍ସବ। ଅତୀତର ଅଭୁଲା ଅନୁଭୂତି ସହିତ ବ୍ୟସ୍ତମୟ କର୍ମକ୍ଷେତ୍ରରୁ କିଛି ସମୟ ବାହାର କରି ଜୀବନର ପାଠପଢ଼ା ସମୟର ସହପାଠୀଙ୍କ ସହିତ ବାର୍ତ୍ତାଳାପ ଏକ ନିଆରା ସମ୍ପର୍କରେ ଯୋଡ଼ି ଦେଇଥାଏ ବୋଲି ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଚଉମୁଖ ବେଳାଭୂମିଠାରେ ବୁଧବାର ଯୋଗାଇସ୍ଥିତ ପଦ୍ମଲୋଚନ ଉଚ୍ଚ ବିଦ୍ୟାଳୟର ୧୯୭୯ ବ୍ୟାଚର ବନ୍ଧୁମିଳନ ଉତ୍ସବରେ ଛାତ୍ରୀଛାତ୍ରମାନେ ଉପରୋକ୍ତ ମତବ୍ୟକ୍ତ କରିଥିଲେ। ଉକ୍ତ ବ୍ୟାଚ ସମୟରେ ଶିକ୍ଷକଙ୍କର ସୁସ୍ଥ ନିରାମୟ ଜୀବନ ପାଇଁ ଜଗନ୍ନାଥଙ୍କଠାରେ ପ୍ରାର୍ଥନା କରିବା ସହିତ ଦିବଂଗତ ଶିକ୍ଷୟିତ୍ରୀଶିକ୍ଷକଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ସୁଧାଂଶୁ କୁମାର ନାୟକ, ଦୁର୍ଗା ଦାସ ହାଜିରା, ସୁବଳ ଚନ୍ଦ୍ର ଦାସ, ଭବାନୀ ଜେନା, ସମୀର ଚୌଧୁରୀ, ଅଜୟ ଖଣ୍ଡା, ଉମେଶ ଚନ୍ଦ୍ର ପାତ୍ର, ଚତୁର୍ଭୁଜ ପାତ୍ର, ମୃତ୍ୟୁଞ୍ଜୟ ରଣସିଂହ, ଗୌରାଙ୍ଗ ଗିରି ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରେବତୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

## ଆଞ୍ଚଳିକ ବ୍ରାହ୍ମଣ ସମିତିର ପ୍ରତିଷ୍ଠା ଦିବସ

ଖଇରା, ୨୯।୧ (ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବିଦ୍ୟାଧରପୁର ଶାସନସ୍ଥିତ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ଆଞ୍ଚଳିକ ବ୍ରାହ୍ମଣ ସମିତିର ୧୭ତମ ପ୍ରତିଷ୍ଠା ଦିବସ ତଥା ପଣ୍ଡିତ ଶ୍ୟାମସୁନ୍ଦର ଶତପଥୀଙ୍କ ଶ୍ରାଦ୍ଧବାର୍ଷିକୀ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ପାଳିତ ହୋଇଯାଇଛି। ଜଳଧର ମିଶ୍ରଙ୍କ ପୌରୋହିତ୍ୟରେ ଆୟୋଜିତ ସଭାରେ ଆକାଶ ପଣ୍ଡା ବେଦ ପାଠ, ଦ୍ୱାରିକାନାଥ ଶତପଥୀ ସ୍ୱାଗତ ଭାଷଣ, ରମାକାନ୍ତ ଶତପଥୀ ବିବରଣୀ ପାଠ କରିଥିଲେ। ରାଜ୍ୟ ଉପସଭାପତି କୃଷ୍ଣଚନ୍ଦ୍ର ପତ୍ରୀ, ଗୌରଚନ୍ଦ୍ର ପାଠୀ, ବୁଦ୍ଧିରାମ ପାଣିଗ୍ରାହୀ, ଦୈତାରୀ ପାଢ଼ୀ, ବିଷ୍ଣୁମୋହନ ଶତପଥୀ, ରାମଚନ୍ଦ୍ର ପଣ୍ଡା, କୃଷ୍ଣଚନ୍ଦ୍ର ଦାଶ, ମଧୁସୂଦନ ଆଚାର୍ଯ୍ୟ, ଯଦୁନାଥ ନନ୍ଦ ଓ କରୁଣାକର ପଣ୍ଡା ପ୍ରମୁଖ ସୁସ୍ଥ ସମାଜ ଗଠନ ଦିଗରେ ବ୍ରାହ୍ମଣମାନଙ୍କ ଗୁରୁଦାୟିତ୍ୱ ରହିଛି ବୋଲି ପ୍ରକାଶ କରିଥିଲେ। ଏହି ଅବସରରେ ମାଣିତ୍ରୀ ଶାସନରେ ବ୍ରହ୍ମଯଜ୍ଞ ଆୟୋଜନ ଏବଂ ସେହିଦିନ ସାମ୍ବିଧାନିକ ସମ୍ମିଳନୀ ପାଇଁ ତାରିଖ ସ୍ଥିର କରିବା ଉପରେ ଆଲୋଚନା କରାଯାଇଥିଲା।

## ଟିପିଏନ୍‌ଓଡିଏଲ୍ ପକ୍ଷରୁ ଗ୍ରୀନ୍ ଚାମ୍ପିୟନଙ୍କୁ ସମ୍ବର୍ଦ୍ଧନା

ବାଲେଶ୍ୱର, ୨୯।୧ (ବାଞ୍ଛାନିଧି ଦେ)

ବାଲେଶ୍ୱର ଟିପି ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନଓଡିଏଲ୍) ପକ୍ଷରୁ ୭୭ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାର କର୍ପୋରେଟ୍ କାର୍ଯ୍ୟାଳୟରେ ଇଞ୍ଜିନିୟର-ଇନ୍-ଚିଫ୍ ଶରତ ଚନ୍ଦ୍ର ମହାଳିକ ଜାତୀୟ ପତାକା ଉତ୍ତୋଳନ କରି ଗଣତନ୍ତ୍ର ଦିବସର ମହତ୍ତ୍ୱ ତଥା ସମ୍ବିଧାନ ଏବଂ ଜାତୀୟତା ମୂଲ୍ୟବୋଧକୁ ସ୍ମରଣ କରିଥିଲେ। ରାଜ୍ୟ ତଥା ରାଷ୍ଟ୍ରର ବିକାଶରେ ସଂସ୍ଥାର ଭୂମିକା ନେଇ ସେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଟିପିଏନଓଡିଏଲ୍‌ର ବହୁ ବରିଷ୍ଠ ଅଧିକାରୀ ତଥା କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ଟିପିଏନଓଡିଏଲ୍‌ର ସମସ୍ତ ଡିଭିଜନ ଓ ବୈଦ୍ୟୁତିକ ମଣ୍ଡଳସ୍ତରରେ ମଧ୍ୟ ଗଣତନ୍ତ୍ର ଦିବସ ଉତ୍ସାହର ସହ ପାଳନ କରାଯାଇଥିଲା। ବାଲେଶ୍ୱର, ଭଦ୍ରକ, କେନ୍ଦୁଝର, ଯାଜପୁର ଓ ବାରିପଦା ବୈଦ୍ୟୁତିକ ମଣ୍ଡଳ ଅଧୀନରେ ପିଏମ୍ ସୂର୍ଯ୍ୟ ଘର ମୁଫ୍‌ତ ବିଜୁଳି ଯୋଜନାରେ ୟୁଏଲଏ ମଡେଲ ଆପଣାଇ ସୌର ପ୍ୟାନେଲ୍ ସ୍ଥାପନ କରିଥିବା ଉପଭୋକ୍ତାମାନଙ୍କୁ 'ଗ୍ରୀନ୍ ଚାମ୍ପିୟନ' ଭାବେ ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ମାଧ୍ୟମରେ ସବୁଜ ଓ ଅକ୍ଷୟ ଶକ୍ତି ବ୍ୟବହାର ପ୍ରତି ଜନସାଧାରଣଙ୍କୁ ପ୍ରେରିତ କରିବା ସହିତ ସରକାରଙ୍କ ସବୁଜ ଶକ୍ତି ପ୍ରୋତ୍ସାହନ ମିଶନରେ ଟିପିଏନଓଡିଏଲ୍‌ର ସକ୍ରିୟ ଭୂମିକା ନେଇ ବିଶେଷ ଆଲୋଚନା ହୋଇଥିଲା। ଏହି ଅବସରରେ ସବୁଜ ଶକ୍ତିକୁ ପ୍ରୋତ୍ସାହନ ତଥା ଉପଭୋକ୍ତାଙ୍କ ସଶକ୍ତିକରଣ ସହ ଆତ୍ମନିର୍ଭର ଭାରତ ଏବଂ ସବୁଜ ଭବିଷ୍ୟତ ଗଠନ ଦିଗରେ ନିଜ ପ୍ରତିବଦ୍ଧତା ଜାରି ରଖିବ ବୋଲି ଟିପିଏନଓଡିଏଲ୍ ଅଧିକାରୀମାନେ ଦର୍ଶାଇଥିଲେ।

## ମଧୁସୂଦନ ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ସୋର, ୨୮।୧ (ଜନ୍ମେଜୟ ମିଶ୍ର)

ସୋର ବ୍ଲକ କେଦାରପୁରସ୍ଥିତ ମଧୁସୂଦନ ସଂସ୍କୃତ ମହାବିଦ୍ୟାଳୟର ୪୨ତମ ବାର୍ଷିକ ଉତ୍ସବ ବୁଧବାର ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ରାଜେନ୍ଦ୍ର ନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୋର ବିଧାୟକ ମାଧବ ଧଡା ଯୋଗଦେଇ ସଂସ୍କୃତ ଭାଷା ହିଁ ଭାରତୀୟ ସଂସ୍କୃତିର ପରିଚାୟକ ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ମହାବିଦ୍ୟାଳୟ ପୂର୍ବତନ ଅଧ୍ୟକ୍ଷ ବୈଲୋଚନ ପଣ୍ଡା, ଅଟଳ ବିହାରୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଉଦ୍ଧବ ଚରଣ ବିଶାଳ, କେଦାରପୁର ସରପଞ୍ଚ ସୁପ୍ରିୟା ଜେନା, ମୁଖ୍ୟବକ୍ତା ଭାବେ ହିନ୍ଦୀ ଶିକ୍ଷକ ପ୍ରଶିକ୍ଷଣ ସଂସ୍ଥାନର ଅଧ୍ୟକ୍ଷ ପ୍ରଫେସର ଡ. ସତ୍ୟ ନାରାୟଣ ପଣ୍ଡା ଯୋଗ ଦେଇଥିଲେ। ସମ୍ମାନିତ ବକ୍ତା ଭାବେ ସୋର କେମ୍ବ୍ରିଜ ବିଦ୍ୟାଳୟ ଅଧ୍ୟକ୍ଷ ମଦନମୋହନ ବେହେରା ଯୋଗଦେଇଥିଲେ। ବିଭିନ୍ନ ବିଭାଗର କୃତିତ୍ୱ ଅର୍ଜନ କରିଥିବା କୃତୀ ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନେ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ଦେବେନ୍ଦ୍ର କୁମାର ପଣ୍ଡା ପରିଚୟ ପ୍ରଦାନ ଓ ଅଧ୍ୟାପିକା ବୀଣାପାଣି ଜେନା ଧନ୍ୟ ବାଦ ଅର୍ପଣ କରିଥିଲେ।

## 'ଶିକ୍ଷା ସବୁଠାରୁ ଶକ୍ତିଶାଳୀ ସମ୍ବଳ'

### ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିରର ବାର୍ଷିକ ଉତ୍ସବ

ବାଲିଆପାଳ, ୨୯।୧ (ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ସରସ୍ୱତୀ ଶିଶୁ ମନ୍ଦିର ମାଳତୀ ମଞ୍ଜରୀ ବିହାର ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଶିକ୍ଷା ସବୁଠାରୁ ଶକ୍ତିଶାଳୀ ସମ୍ବଳ। ଏହା ପିଲାମାନଙ୍କ ଜୀବନକୁ ସହଜ ଏବଂ ମଣିଷର ମଣିଷତ୍ୱ ଗଠନରେ ସାହାଯ୍ୟ କରେ ବୋଲି ବକ୍ତବ୍ୟରେ କହିଥିଲେ।

ଶିଶୁ ମନ୍ଦିର ପରିଚାଳନା କମିଟି ସଭାପତି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପଞ୍ଚାନନ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟବକ୍ତା ଭାବେ ରତାଇ ସରକାରୀ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଶୁକଦେବ ମହାନ୍ତି, ସମ୍ମାନିତ ଅତିଥି ବାଲିଆପାଳ ଥାନା ଆଇଆଇସି ସାଲଖାନ ମୁର୍ମୁ ଯୋଗଦେଇଥିଲେ। ସ୍କୁଲ କମିଟି ସମ୍ପାଦକ ଡା. ଦେବବ୍ରତ ଦଣ୍ଡପାଟ ସମ୍ପାଦକୀୟ ବିବରଣୀ ପାଠ କରିଥିବା ବେଳେ ପ୍ରଧାନ ଆଚାର୍ଯ୍ୟା ସନ୍ଧ୍ୟାରାଣୀ ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ବିଦ୍ୟାଳୟ ଶିକ୍ଷକ ଶୁଭ୍ରାଂଶୁ ଶେଖର ଦେ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବିଦ୍ୟାଳୟର ସାଂସ୍କୃତିକ ପ୍ରମୁଖ ଶିକ୍ଷୟିତ୍ରୀ ଅର୍ଚ୍ଚନା ଉପାଧ୍ୟାୟଙ୍କ ସହିତ ସଞ୍ଜୁବାଳା ମହାନ୍ତି, ସୁକାନ୍ତି ନାୟକ, ସୁମିତ୍ରା ପ୍ରଧାନଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେଇଥିଲା। ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରଯାଇଥିଲା। ଛାତ୍ରୀମାନଙ୍କ ଦ୍ୱାରା ନୀଳମାଧବ ନାଟକ ମଞ୍ଚସ୍ଥ ହୋଇଥିଲା। ଶିକ୍ଷକ ରିଆଜ ଖାଁଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଥିଲା।



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥିଗଣ।

## ମନମୋହିଲା ଶାସ୍ତ୍ରୀୟ ନୃତ୍ୟ ଓ ସଙ୍ଗୀତ

### 'ଉତ୍ସାହ ୨୦୨୬'ର ତୃତୀୟ ଦିବସ

ବାଲେଶ୍ୱର, ୨୯।୧ (ବାଞ୍ଛାନିଧି ଦେ)

ଭାରତୀୟ ବିଶ୍ୱବିଦ୍ୟାଳୟ ସଂଘ (ଏଆଇୟୁ)ର ମିଳିତ ସହଯୋଗରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଆୟୋଜିତ ୩୯ତମ ପୂର୍ବାଞ୍ଚଳ ଆନ୍ତଃ-ବିଶ୍ୱବିଦ୍ୟାଳୟ ଯୁବ ମହୋତ୍ସବ 'ଉତ୍ସାହ ୨୦୨୬' ଗୁରୁବାର ତୃତୀୟ ଦିବସରେ ପଦାର୍ପଣ କରିଛି। ବିଭିନ୍ନ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଭା ଓ ସୃଜନଶୀଳତାର ଅଦ୍ଭୁତ ପ୍ରଦର୍ଶନ ଦେଖିବାକୁ ମିଳିଛି।

ଶାସ୍ତ୍ରୀୟ ସଙ୍ଗୀତ (ତାଳ ବାଦ୍ୟ ସହ), ଇଂରାଜୀ ବିତର୍କ, କାର୍ଟୁନ୍ ଅଙ୍କନ, ଏକାଙ୍କ ନାଟକ, ଭାରତୀୟ ଶାସ୍ତ୍ରୀୟ ନୃତ୍ୟ, ପଶ୍ଚିମାତ୍ୟ ଯନ୍ତ୍ର ସଙ୍ଗୀତ (ଏକକ), ହିନ୍ଦୀ ବକ୍ତୃତା, ପୋଷ୍ଟର ନିର୍ମାଣ, ସ୍କିଟ୍ / ଛୋଟ ନାଟିକା ଓ ଲାଇଟ୍ ଭୋକାଲ୍ (ଏକକ) ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।




ପ୍ରତିଯୋଗୀମାନେ ସଙ୍ଗୀତ ପରିବେଷଣ କରୁଛନ୍ତି।

ଅଂଶଗ୍ରହଣକାରୀ ଛାତ୍ରୀଛାତ୍ର ନିଜ ନିଜ ପ୍ରତିଭାର ସର୍ବୋତ୍କୃଷ୍ଟ ପ୍ରଦର୍ଶନ କରି ଦର୍ଶକଙ୍କୁ ଅଭିଭୂତ କରିଥିଲେ। ଏଥିସହ ଚାନ୍ଦିପୁରସ୍ଥିତ ଡିଆରଡିଓ ସୌଜନ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ବୋଫର୍ସ ସହିତ ବିଭିନ୍ନ ଆଧୁନିକ ଯୁଦ୍ଧାସ୍ତ୍ର ଓ ପ୍ରତିରକ୍ଷା ପ୍ରଯୁକ୍ତି ପ୍ରଦର୍ଶିତ ହୋଇଥିଲା। ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଓ ବିହାରରୁ ଆସିଥିବା ଛାତ୍ରୀଛାତ୍ରଙ୍କ ପାଇଁ ଏହି ପ୍ରଦର୍ଶନୀ ଅତ୍ୟନ୍ତ ଆକର୍ଷଣୀୟ ଓ ଶିକ୍ଷାଦାୟକ ଅଟେ। ଯୁବ ମହୋତ୍ସବର ଆବାହକ ତଥା ଏଫ୍‌ଏମ୍‌ୟୁ ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ନିହାର ରଞ୍ଜନ ରାଉତ, ଆୟୋଜକ ସଚିବ ଡ. ଅସୀମ ଅମିତାଭ ପ୍ରଧାନ ବିଶ୍ୱବିଦ୍ୟାଳୟ ପରିସରକୁ ସୁବିଧାଜନକ, ସୁସଙ୍ଗଠିତ ଓ ଅନୁକୂଳ ରଖିବା ନିମନ୍ତେ ଗ୍ରହଣ କରାଯାଇଥିବା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଇଥିଲେ। ଉତ୍ସବର ସଫଳ ଆୟୋଜନ ଓ ସୁଚାରୁ ରୂପାୟନ ଦିଗରେ ସମସ୍ତଙ୍କ ସାମୂହିକ ସହଯୋଗ ପାଇଁ ଧନ୍ୟବାଦ ଜଣାଇଛନ୍ତି।

## ସଂକ୍ଷେପରେ

### ରଣଜିତ ଜିଲା କଂଗ୍ରେସ ସାଧାରଣ ସମ୍ପାଦକ

ଢେଙ୍କିକୋଟ,୨୯।୧(ନୀଳମଣି ମଣ୍ଡଳ): କେନ୍ଦୁଝର ଜିଲା କଂଗ୍ରେସ ସାଧାରଣ ସମ୍ପାଦକଭାବେ ଢେଙ୍କିକୋଟର



ଯୁବନେତା ରଣଜିତ ଜେନା ମନୋନିତ ହୋଇଛନ୍ତି। ରଣଜିତ ଛାତ୍ର ଜୀବନରୁ କଂଗ୍ରେସ ଦଳରେ କାର୍ଯ୍ୟ କରିଛନ୍ତି। ନୂତନ ଦାୟିତ୍ୱ ପାଇଁ ସେ ରାଜ୍ୟ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନାଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ଖବରଦାତାଙ୍କୁ ମରଣାନ୍ତକ ଆକ୍ରମଣ

କେନ୍ଦୁଝର,୨୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ଯୋଡ଼ା ଅଞ୍ଚଳର ଖବରଦାତା ସୁଶାନ୍ତ କରଙ୍କୁ ମରଣାନ୍ତ ଆକ୍ରମଣ ହୋଇଛି। ସୁଶାନ୍ତ ବୁଧବାର ସନ୍ଧ୍ୟାରେ କେନ୍ଦୁଝର ଆରଟିଓ ଅଫିସକୁ ଆସିଥିଲେ। କାମ ସାରି ଫେରୁଥିବା ବେଳେ ସନ୍ଧ୍ୟା ୬ଟାରେ କେତେଜଣ ଦୁର୍ବୃତ୍ତ ଅଟକାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମରଣାନ୍ତକ ଆକ୍ରମଣ କରିଥିଲେ। ଟାଉନ ପୋଲିସ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନା ନେଇ ଚିକିତ୍ସିତ କରିଥିଲା। ଗୁରୁବାର ଟାଉନ ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ମାମଲା (ନଂ.୭୭/୨୦୨୬) ରୁଜୁ କରି ଯାଞ୍ଚ କରୁଛି।

### ଫେବୃଆରୀ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ

କେନ୍ଦୁଝର,୨୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲା ପ୍ରଶାସନ ପକ୍ଷରୁ ଫେବୃଆରୀ ନିମନ୍ତେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଘୋଷଣା କରାଯାଇଛି। ଜିଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ଉପସ୍ଥିତିରେ ଫେବୃଆରୀ ୨ ତାରିଖରେ ଜିଲାପାଳଙ୍କ କାର୍ଯ୍ୟାଳୟ, ୯ରେ ଘଷିପୁରା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ୧୬ରେ ଚମ୍ପୁଆ ପଞ୍ଚାୟତ ସମିତିକାର୍ଯ୍ୟାଳୟ, ୨୩ରେ ହରିଚନ୍ଦନପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ସମସ୍ତ ଶୁଣାଣି ପୂର୍ବାହ୍ନ ୧୦ ଟାରେ ଆରମ୍ଭ ହୋଇ ଅପରାହ୍ନ ୦୧ଟା ପର୍ଯ୍ୟନ୍ତ ଚାଲିବ ବୋଲି ସୂଚନା ଦିଆଯାଇଛି।

### ଚିତ୍ତରଞ୍ଜନ କଂଗ୍ରେସର ଜିଲା ଉପସଭାପତି, ବିକାଶ ସମ୍ପାଦକ ମନୋନୀତ

ହାଟଡିହୀ/ ବଉଳା,୨୯।୧(ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ହାଟଡ଼ିହୀ ବ୍ଲକ୍ ଜଳକଳଙ୍ଗ ଗ୍ରାମର ଚିତ୍ତରଞ୍ଜନ ପାତ୍ରଙ୍କୁ ଜିଲା କଂଗ୍ରେସ କମିଟିର ଉପସଭାପତିଭାବେ ଦାୟିତ୍ୱ ମିଳିଛି। ସେହିପରି ସୋସୋ ଅଞ୍ଚଳର ବିକାଶ ବଳଙ୍କୁ ସମ୍ପାଦକ ଦାୟିତ୍ୱ ପ୍ରଦାନ କରାଯାଇଛି। ନୂତନ ଭାବେ ଜିଲା ଦାୟିତ୍ୱ ମିଳିଥିବାରୁ ଚିତ୍ତରଞ୍ଜନ ଏବଂ ବିକାଶ ଉଭୟ ନିଜର ନିର୍ବାଚନ ମଣ୍ଡଳୀ ନେତା ତଥା ପୂର୍ବତନ ପିସିସି ସଭାପତି ଜୟଦେବ ଜେନା ଏବଂ ଅନ୍ୟ ନେତୃ ମଣ୍ଡଳୀକୁ ଶୁଭେଚ୍ଛା ଏବଂ କୃତଜ୍ଞତା ଜ୍ଞାପନ କରିଛନ୍ତି। ଚିତ୍ତରଞ୍ଜନ ୨୦୦୪ ରୁ ୨୦୧୧ ପର୍ଯ୍ୟନ୍ତ ହାଟଡ଼ିହୀ ବ୍ଲକ୍ ଛାତ୍ର କଂଗ୍ରେସ ସଭାପତି, ୨୦୧୧ରୁ ୨୦୧୮ ବ୍ଲକ୍ ଯୁବ କଂଗ୍ରେସ ସଭାପତି, ୨୦୧୮ ରୁ ୨୦୨୧ ବ୍ଲକ୍ କଂଗ୍ରେସ କମିଟି ସଭାପତି ଭାବେ ଦାୟିତ୍ୱ ତୁଲାଇଛନ୍ତି।

### ଆନନ୍ଦପୁର ଉପ ଜିଲାପାଳ ସମ୍ମାନିତ

ବଞ୍ଚୋ,୨୯।୧(ପ୍ରଦୋଷ କୁମାର ବିଶ୍ୱାଳ)

ନିର୍ବାଚନ ପରିଚାଳନା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଆନନ୍ଦପୁର ଉପ ଜିଲାପାଳ ତଥା ନିର୍ବାଚନ ପଞ୍ଜିକରଣ ଅଧିକାରୀ ନୀଳମାଧବ ସୁନା ପ୍ରଥମ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ଭୁବନେଶ୍ୱରସ୍ଥିତ ଷ୍ଟେଟ୍ କନ୍‌ଭେନସନ ସେଣ୍ଟରଠାରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ୧୬ତମ ରାଜ୍ୟସ୍ତରୀୟ ଜାତୀୟ ଭୋଟର ଦିବସ ପାଳନ ଅବସରରେ ଉକ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ 'ମ୍ୟାପିଂ ଅଫ୍ ଇଲେକ୍ଟର୍ସ' ଏବଂ 'ଏସ୍ଆଇଆର' କାର୍ଯ୍ୟକ୍ରମରେ ଅତ୍ୟନ୍ତ ନିଷ୍ଠାର ସହ କାର୍ଯ୍ୟ କରିଥିବାରୁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି।

**ନିର୍ବାଚନ ପରିଚାଳନାରେ ଉଲ୍ଲେଖନୀୟ ଅବଦାନ**

# ଦୁର୍ଗମ ବନାଞ୍ଚଳରେ ଅଫିମ ଚାଷ

## ୨ ଏକର ଜମିରେ ହୋଇଥିବା ଚାଷ ନଷ୍ଟକଲା ପୋଲିସ

ଯୋଡ଼ା/ବଡ଼ବିଲ,୨୯।୧
(ମାନସ ମହାନ୍ତି/ଜୟନ୍ତୀ ରଣା)

କେନ୍ଦୁଝର ଜିଲାର ଦୁର୍ଗମ ଅଞ୍ଚଳରେ ଏବେ ଅବାଧରେ ଅଫିମ ଚାଷ ହେଉଛି। ଗୁରୁବାର କେନ୍ଦୁଝର ପୋଲିସ ଅଫିମ ଚାଷ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏକ ଟିମ୍ ବଡ଼ବିଲ ଥାନା ତଥା ଯୋଡ଼ା ବ୍ଲକ୍ ଅନ୍ତର୍ଗତ ରୋଇଡ଼ା ପଞ୍ଚାୟତ ମାଙ୍କଡ଼ହାଟିଂ ସୁନାନଦୀ ଅବବାହିକାରେ ଥିବା ଏକ ପରିତ୍ୟକ୍ତ ଦୁର୍ଗମ ବନାଞ୍ଚଳରେ ଚଢ଼ାଉକରି ପ୍ରାୟ ୨ ଏକର ପରିମିତ ଜମିରେ ହୋଇଥିବା ଅଫିମ ଚାଷକୁ ମୂଳୋତ୍ପାଟନ କରିଛି। ଘଟଣାରେ କାହାରିକୁ ଗିରଫ କରାଯାଇ ନ ଥିବା ବେଳେ ପୋଲିସ ତଦନ୍ତ ଆରମ୍ଭ କରିଥିବା ସୂଚନା ମିଳିଛି।

ସୂଚନା ଅନୁଯାୟୀ, ଦୁର୍ଗମ ଅଞ୍ଚଳରେ ଅଫିମ ଚାଷ ହେଉଥିବା କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନୀତିନ୍ କୁଶଲକର ଗୁପ୍ତ ସୂଚନା ପାଇଥିଲେ। ଏସ୍‌ପିଙ୍କ ନିର୍ଦ୍ଦେଶ ପରେ ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆଙ୍କ ନେତୃତ୍ୱରେ ବଡ଼ବିଲ ଆଇଆଇସି ଅଶୋକ କୁମାର ନାୟକ ଓ ପୋଲିସ ଫୋର୍ସ ଗୁରୁବାର



ପୋଲିସ ଅଫିମ ଗଛ ଉପାଡ଼ି ଗଦା କରିଛି।

ସକାଳ ୯ଟାରେ ଚଢ଼ାଉ କରିଥିଲା। ପ୍ରାୟ ୨ ଏକର ପରିମିତ ଜମିରେ ଅଫିମ ଗଛର ଫୁଲ ଏବଂ ସମ୍ପୂର୍ଣ୍ଣ ଗଛକୁ ପୋଲିସ ଫୋର୍ସ ମୂଳୋତ୍ପାଟନକରି ନଷ୍ଟ କରିଦେଇଥିଲେ। ନଷ୍ଟ କରାଯାଇଥିବା ଗଛରୁ ପ୍ରାୟ ୫ କୋଟିରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ଅଫିମ ଅମଳ ହୋଇଥାଆନ୍ତା ବୋଲି ବନ ବିଭାଗ ଅନୁମାନ କରୁଛି। ଏପରିକି ଅଫିମରୁ ମର୍ଫିନ ସଂଗ୍ରହ କରାଯାଇ ମାରାତ୍ମକ ନିଶା ହେରୋଇନ ତିଆରି ହେଉଥିବା କୁହାଯାଉଛି। ବଡ଼ବିଲ ଅତିରିକ୍ତ ତହସିଲଦାର ସନ୍ତୋଷ କୁମାର କର ଓ ଜୋନ୍‌ସୋନ କିଣ୍ଡୁ ମାଜିଷ୍ଟ୍ରେଟ ଡ୍ୟୁଟିରେ ଥିଲେ। ସ୍ଥାନୀୟ ଲୋକ ନାମକୁ ଗୋପନ ରଖି କହିଛନ୍ତି, ବାହାର ଅଞ୍ଚଳର କେତେଜଣ ହିନ୍ଦୀ ଭାଷୀ ଯୁବକ ଏଠାକୁ ଆସି ଏହାର ରକ୍ଷଣାବେକ୍ଷଣ କରୁଥିଲେ। ଚଳିତ ଋତୁରେ ଥଣ୍ଡାର ପ୍ରଭାବ ଅଧିକ ଥିବାରୁ ଅଫିମ ଗଛ ଶୀଘ୍ର ବଢ଼ିଛି। ଏହାର ଅମଳ ମାର୍ଚ୍ଚରେ ହୋଇଥାନ୍ତା ବୋଲି ଗ୍ରାମବାସୀ ଆଶଙ୍କା କରିଛନ୍ତି। ରୋଇଡ଼ା ବନାଞ୍ଚଳରେ ବନ ବିଭାଗ ପକ୍ଷରୁ ବନ ସୁରକ୍ଷା କର୍ମୀ ଥାଇ ମଧ୍ୟ କିପରି ଏତେ ବଡ଼ ବିସ୍ତୀର୍ଣ୍ଣ ବନାଞ୍ଚଳରେ ଅଫିମ ଚାଷ ହୋଇ ଗଛ ପୂର୍ଣ୍ଣ ବିକଶିତ ହେଲା ଏହାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖଣି ପରିବେଷ୍ଟିତ ଏହି ଅଞ୍ଚଳରେ ଖଣି ବିଭାଗ, ବିଭିନ୍ନ ସରକାରୀ କଳ, ବନ ବିଭାଗ ଗସ୍ତରେ ଆସୁଥିବା ସତ୍ତ୍ୱେ ଅଫିମ ଚାଷ ସଂଗଠିତ ଭାବେ କରାଗଲା। ଏହାକୁ ନେଇ ସଂସ୍ଥାଗୁଡ଼ିକ ଉପରେ ଜନସାଧାରଣ ସନ୍ଦିହାନ ହୋଇପଡ଼ିଛନ୍ତି। ଜିଲାରେ ପ୍ରଥମଥର ପାଇଁ ମାରାତ୍ମକ ଅଫିମ ନିଶା ଗଛ ପୋଲିସ ଠାବ କରିଥିବା ବେଳେ ଚାଷରେ ଆନ୍ତଃରାଜ୍ୟ ବେପାରୀ ସାମିଲଥିବା ପୋଲିସ ସନ୍ଦେହ କରୁଛି। ତଦନ୍ତରେ ବାଧା ଉପୁଜିବା ଆଶଙ୍କାରେ ଅଧିକ ସୂଚନା ଦେବାକୁ ବଡ଼ବିଲ ଏସ୍‌ଡିପିଓ ପିଙ୍ଗୁଆ ମନାକରି ଦେଇଥିଲେ।



କେନ୍ଦୁଝର ଜିଲା ପାଟଣା ରେଞ୍ଜ ସିଲିପଦା ରାସ୍ତାଗଡ଼ ଏକ କାଜୁଗଛରେ ବିରାଟ ଅଜଗର ସାପ ଗୁଡ଼େଇ ହୋଇ ରହିଥିଲା। ବନ ବିଭାଗ ସାପଟିକୁ ଉଦ୍ଧାର କରି ସଂରକ୍ଷିତ ଜଙ୍ଗଲରେ ଛାଡ଼ିଛି। (ଫଟୋ– ବୀର କିଶୋର ଦାଶ)

# ନିଜଆଡୁ ମାମଲା ରୁଜୁକଲା ଓରେରା

## ମାଷ୍ଟର ପ୍ଲାନ୍ ଅଞ୍ଚଳରେ ପ୍ଲଟିଂ ହୋଇ ଜମି ବିକ୍ରି ଘଟଣା

କେନ୍ଦୁଝର,୨୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ମାଷ୍ଟର ପ୍ଲାନ୍ ଅଞ୍ଚଳରେ ଓଡ଼ିଶା ସ୍ଥାବର ସମ୍ପତ୍ତି ନିୟାମକ ପ୍ରାଧିକରଣ(ଓରେରା)ଠାରୁ ଅନୁମତି ନ ନେଇ ପ୍ଲଟିଂ କରି ଜମି ବିକ୍ରି ମାମଲାରେ ଓରେରା ନିଜ ଆଡୁ ମାମଲା ରୁଜୁ କରିଛି। ଏସଓ ୨୨/୨୦୨୫ରେ ଓରେରା ନିଜଆଡୁ ମାମଲା ରୁଜୁ କରିବା ପରେ ଅଧିକାରୀ ଅଡୁଆରେ ପଡ଼ିଛନ୍ତି।

ସୂଚନାଯୋଗ୍ୟ, କେନ୍ଦୁଝର ମାଷ୍ଟର ପ୍ଲାନ୍‌ର ୬୩ଟି ମୌଜା ରହିଛି। ମାଷ୍ଟର ପ୍ଲାନ୍ ଅଞ୍ଚଳରେ ଓରେରାଠାରୁ ଅନୁମତି ନ ନେଇ ସେନ୍‌ସିଟିଭ ଜୋନ୍, ୟେଲୋ ଜୋନ୍, ଗ୍ରୀନ ଜୋନ୍‌ରେ ପ୍ଲଟିଂ ହୋଇ ବିକ୍ରି ହୋଇଛି। କେନ୍ଦୁଝର ସଦର ତହସିଲ ସଦର ରାଜସ୍ୱ ନୀରିକ୍ଷକ–୨ ଅନ୍ତର୍ଗତ ନିଜଗଡ଼ ୟୁନ ନମ୍ବର–୨ ମୌଜାର ଖାନା ନମ୍ବର ୮ରେ ୨ ଏକର ସାରଦ–୧ ଏବଂ ସାରଦ–୨ କିସମ ଜମି ପ୍ଲଟିଂ ହୋଇ ବିକ୍ରି କରାଯାଇଛି। ଏଭଳି ଅନେକ ଏକର ଜମି ମାଷ୍ଟର ପ୍ଲାନ୍ ଅଞ୍ଚଳରେ ୨୦୨୪–୨୫ ରେ ବିକ୍ରି ହୋଇଛି। ଏ ନେଇ ଓରେରା ନିଜ ଆଡୁ ମାମଲା ରୁଜୁ କରିବା ପରେ କାର୍ଯ୍ୟକୁ ପ୍ରୋତ୍ସାହନ ଦେଇଥିବା ଅଧିକାରୀଙ୍କ ମଧ୍ୟରେ ଛନକା ପଶିଛି। ବେଆଇନ ଭାବରେ କେନ୍ଦୁଝର ସହର ଓ ଆଖପାଖ ଅଞ୍ଚଳରେ ବେଆଇନ ଚାଷ ଜମିକୁ ପ୍ଲଟିଂ କରି କିଣାବିକା କରାଯାଉଛି। ଏହାକୁ ସରକାରୀ କଳ ସହାୟତା କରୁଥିବାରୁ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ପୂର୍ବତନ ବିଧାୟକ ଉତ୍ତମ ସାହୁ ଦାବି କରିଛନ୍ତି।

# ନିକଲସନ ବନବିଦ୍ୟାଳୟ ପରିଦର୍ଶନ କଲେ ମନ୍ତ୍ରୀ





ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି।

ଚମ୍ପୁଆ,୨୯।୧(ମହେଶ୍ୱର ଦାସ)

କେନ୍ଦୁଝର ଜିଲା ଚମ୍ପୁଆ ସଦରମହକୁମାସ୍ଥିତ ୧୯୨୭ ମସିହାରେ ସ୍ଥାପିତ ନିକଲସନ ବନ ବିଦ୍ୟାଳୟ ଗୁରୁବାର ଜଙ୍ଗଲ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ପରିଦର୍ଶନ କରିଛନ୍ତି। ବଡ଼ବିଲଗସ୍ତ କ୍ରମରେ ମନ୍ତ୍ରୀ ଅଚାନକ ବନବିଦ୍ୟାଳୟ ପରିଦର୍ଶନ କରିବା ସହିତ ନବନିର୍ମିତ ଜିମ, ଅଡିଟରିୟମ, ଇନ୍‌ଡୋର ଷ୍ଟାଡିୟମ, ଲାଇବ୍ରେରି ଆଦି ବୁଲିଦେଖିଥିଲେ। ଏପରିକି ରିଫ୍ରେସ ପ୍ରଶିକ୍ଷାର୍ଥୀଙ୍କ ସହ ଆଲୋଚନା କରିଥିଲେ। ଏସିଏଫ ଅକ୍ଷୟ ଛତ୍ରିୟା ଓ ଏସିଏଫ ଅଶୋକ ଦାସ ମନ୍ତ୍ରୀଙ୍କ ଗସ୍ତ ସୂଚନା ପାଇବା ପରେ କେନ୍ଦୁଝର ଓ ମୟୂରଭଞ୍ଜ ସିମାବର୍ତ୍ତି ଅଞ୍ଚଳରେ ଶ୍ରୀ ଖୁଣ୍ଟିଆଙ୍କୁ ସ୍ୱାଗତ କରିବା ସହ ବନବିଦ୍ୟାଳୟକୁ ପାଛୋଟି ଆଣିଥିଲେ। ଗସ୍ତ କାର୍ଯ୍ୟକ୍ରମରେ ଜିଲା ବନଖଣ୍ଡ ଅଧିକାରୀ ଏଚ୍‌ଡି ହନୁମନ୍ତ ଉପସ୍ଥିତ ରହିଥିଲେ।

### ସ୍ୱାମ ଶାସନରେ ବିଶ୍ୱଶାନ୍ତି ଗୀତାଯଜ୍ଞ

ପାଟଣା,୨୯।୧(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ବଡ଼ ପାଟଣା ପଞ୍ଚାୟତ ସ୍ୱାମ ଶାସନରେ ଗୁରୁବାର ବଡ଼ ଏକାଦଶୀ ଅବସରରେ ବିଶ୍ୱଶାନ୍ତି ଗୀତାଯଜ୍ଞ ଅନୁଷ୍ଠିତ ହୋଇଛି। ଗ୍ରାମର ସୋମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାଧା, ଶ୍ରୀ କୃଷ୍ଣ, ରାମ, ଲକ୍ଷ୍ମଣ, ସୀତା, ହନୁମାନଙ୍କ ମୂର୍ତ୍ତି ରଖି ଗିତାର ୭ ଶହ ଶ୍ଳୋକରେ ପୂର୍ଣ୍ଣାହୁତି ସହ ବିଭିନ୍ନ ଦେବଦେବୀ, ସୂର୍ଯ୍ୟ, ଗ୍ରାମଦେବତୀଙ୍କ ଉଦ୍ଦେଶ୍ୟ ରେ ପୂର୍ଣ୍ଣାହୁତି ଦେଇଥିଲେ। ମୁଖ୍ୟ ପୂଜକଭାବେ ପଣ୍ଡିତ ସୁଶାନ୍ତ ଶେଖର ଦାଶ, ରବି ନାରାୟଣ ଦାଶ, କର୍ତ୍ତାଭାବେ ଅଜିତ ଦାଶ, ସହଯୋଗୀ ରାଜ ବଲ୍ଲଭ ମିଶ୍ର, ହିଂମାଶୁ ଶେଖର ମିଶ୍ର, ମନୋରଞ୍ଜନ ଦାଶ, ଦେବ ନୀତି ସମ୍ପାଦନ କରିଥିଲେ। ଜ୍ଞାନେନ୍ଦ୍ର ମିଶ୍ର, ବୀରମୋହନ ଦ୍ୱିବେଦୀ, ସୁମିତ୍ ପତି, ଶିବ ପ୍ରସାଦ ଦାଶ, ଗୌରୀ ରଞ୍ଜନ ମିଶ୍ର, ସୌମ୍ୟ ରଞ୍ଜନ ଦାଶ, କଳ୍ପତରୁ କର, ଶଶିଭୂଷଣ ପତି, ବଳଭଦ୍ର କର, ଦୈତ୍ୟାରି ଶତପଥୀ, ପ୍ରଦୀପ ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସଫଳ ବ୍ୟକ୍ତିତ୍ୱଙ୍କୁ ସିଟିଜେନ ସମ୍ମାନ

କେନ୍ଦୁଝର,୨୯।୧(ଦୀପକ ମିଶ୍ର)

କେନ୍ଦୁଝର ଜିଲା ପାର୍କ ଲାଇନ ଅଡିଟୋରିୟମରେ ଭଏସ୍ଅଫ କେନ୍ଦୁଝର ପକ୍ଷରୁ ରବିବାର ସନ୍ଧ୍ୟାରେ ଜିଲା ତଥା ରାଜ୍ୟର ସଫଳ ବ୍ୟକ୍ତିବିଶେଷଙ୍କୁ କେନ୍ଦୁଝର ସିଟିଜେନ ସମ୍ମାନ(ଆୱାର୍ଡସ) ପ୍ରଦାନ କରାଯାଇଛି। କେନ୍ଦୁଝର ଡେଭେଲପମେଣ୍ଟ କାଉନ୍‌ସିଲ ଓ ଭଏସ୍ଅଫ କେନ୍ଦୁଝର ପକ୍ଷରୁ ଅଡିଟୋରିୟମରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥିଭାବେ ପାଟଣା ବିଧାୟକ ଅଖିଳ ଚନ୍ଦ୍ର ନାୟକ, ତେଲକୋଇ ବିଧାୟକ ଡା. ଫକୀର ମୋହନ ନାୟକ, କେନ୍ଦୁଝରଗଡ଼ ପୌରାଧ୍ୟକ୍ଷା ନିକୁ ସାହୁ, ଧରଣୀଧର ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର୍ ସୁଶ୍ରୀ ପ୍ରତିଭା ପୃଷ୍ଟି, କେନ୍ଦୁଝରଗଡ଼ ପୌରନିର୍ବାହୀ ଅଧିକାରୀ ଲଳିତ ନାଏକ, ଅବସରପ୍ରାପ୍ତ ଡିଏଫ୍‌ଓ ଅକ୍ଷୟ ନାୟକ, ବିଶିଷ୍ଟ ସିନେବ୍ୟକ୍ତିତ୍ୱ ଧୀର ମଲ୍ଲିକ ଉଦ୍‌ଘାଟନ କରିଥିଲେ। ଗୁଗୁଲ ନାମାଙ୍କନ ମାଧ୍ୟମରେ ବିଶିଷ୍ଟ ପ୍ରତିଭା ଡା. ଚନ୍ଦ୍ର ଶେଖର ବସାକ, ଡା. ତୁଷାର ରଞ୍ଜନ କର, ରୂପଶ୍ରୀ ଗନ୍ତାୟତ, ପ୍ରସନ୍ନ ମିଶ୍ର, ଡା. ଗଣେଶ୍ୱର ମହାନ୍ତ, ସରିତା ନାୟକ, ରାଜଲକ୍ଷ୍ମୀ ସ୍ୱାଇଁ, ପ୍ରଧାନ କର, ଡା. ସୁନୀଲ ମାଝୀ, ପ୍ରଗତିକା ମହାନ୍ତି, ଡ. ସୁରେଶ ଚନ୍ଦ୍ର ଖଟୋଇ, ଡା. ସଞ୍ଜୀବ ଓତା, ସରୋଜ ପଟ୍ଟନାୟକ, ଡ. ପ୍ରୀତିମଞ୍ଜରୀ ମିଶ୍ର, ଦେବୀଶଙ୍କର ଦାଶ, ଦେବାଶିଷ ମିଶ୍ର, ସୁରେଶ ଚନ୍ଦ୍ର ପାତ୍ର, ରିଶାନ୍ତ ସାମନ୍ତ, ଶ୍ୟାମ ସୁନ୍ଦର ପଣ୍ଡା, ରାଜେଶ ସେଠୀ, ନାଗରିକ ଫୋରମ ଓ ୱାକର୍ସ କ୍ଲବ୍‌ଙ୍କୁ ଆୱାର୍ଡସ ପ୍ରଦାନ କରାଯାଇଥିଲା। ସେହିପରି ଅନନ୍ୟା ପଟ୍ଟନାୟକଙ୍କ ନେତୃତ୍ୱରେ ପଟ୍ଟନାୟକ ଅଜିତ ନିଶାମଣି ପ୍ୟାନ ଫାଉଣ୍ଡେଶନ ଆୱାର୍ଡ ଡ. ଅଭୟ ରଞ୍ଜନ ପଟ୍ଟନାୟକ, ସେବତୀ ସିଂହ, ନରୋତ୍ତମ ମହାକୁଡ଼, ବବିତା ରାମ ଓ ଡ. ସନ୍ଦୀପ ପଟ୍ଟନାୟକଙ୍କୁ ପ୍ରଦାନ କରାଯାଇଥିଲା। ସିନେ ଓ ଥିଏଟର ବ୍ୟକ୍ତିତ୍ୱ ଧୀର ମଲ୍ଲିକ ଓ ଆହାନ ୱାସିମ ନାୟାର ବି ସମ୍ମାନିତ ହୋଇଥିଲେ। ଦେବାଶିଷ ମିଶ୍ର ଓ ଶୋଭନା ଆଚାର୍ଯ୍ୟ ମଞ୍ଚ ସଂଯୋଜନା କରିଥିବା ବେଳେ ଡ. ସନ୍ଦୀପ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟ ଅପରାଧୀଙ୍କୁ ଧରିବାରେ ପୋଲିସ ଫେଲ୍

## ବଡ଼ବିଲ ବ୍ୟାଙ୍କ ଡକାୟତି ଘଟଣାକୁ ବିତିଲା ୧୧ ଦିନ

ବଡ଼ବିଲ,୨୯।୧ (ଜୟନ୍ତୀ ରଣା)

କେନ୍ଦୁଝର ଜିଲା ବଡ଼ବିଲସ୍ଥିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ବଡ଼ବିଲ ଶାଖା ଷ୍ଟ୍ରଙ୍ଗ୍ ରୁମ୍‌ରୁ ଗତ ୧୯ ତାରିଖରେ ୬ ଜଣ ଦୁର୍ବୃତ୍ତ ବନ୍ଧୁକ ମୁନ୍‌ରେ ୬ କିଲୋ ୪ ଶହ ଗ୍ରାମ୍ ସ୍ୱର୍ଣ୍ଣ ଅଳଙ୍କାର ଏବଂ ନଗଦ ୪ ଲକ୍ଷ ୩୮ ହଜାର ୭ ଶହ ଟଙ୍କା ଲୁଟ୍ ଘଟଣାକୁ ୧୧ ଦିନ ବିତିଲା। ଘଟଣାରେ ପୋଲିସ ଅପରାଧୀଙ୍କ ସହଯୋଗୀ ଦର୍ଶାଇ ୩ ଜଣଙ୍କୁ ଗିରଫକରି ଜନସାଧାରଣଙ୍କ ଆସ୍ଥାଭାଜନ ହେବାକୁ ଉଦ୍ୟମ କରିଛି। ମାତ୍ର ଆଜି ପର୍ଯ୍ୟନ୍ତ ମୁଖ୍ୟ ଅଭିଯୁକ୍ତଙ୍କୁ ଧରିବାରେ ଫେଲ୍ ମାରିଛି।

ସୂଚନା ଥାଉକି, ବ୍ୟାଙ୍କ ଡକାୟତି ଘଟଣା ପରେ ସୁରକ୍ଷାକୁ ନେଇ ଲୋକେ ଭୟଭୀତ ହୋଇପଡ଼ିଛି। ଘଟଣାକୁ ୧୧ ଦିନ ପରେ ମଧ୍ୟ ମୁଖ୍ୟ ଅପରାଧୀ ଗିରଫ ନ ହେବା ପୋଲିସର ପାରିବାପଣିଆକୁ ଦର୍ଶାଇଛି। ଏପଟେ ପୋଲିସ ଗତ ୨୪ ତାରିଖରେ ଧାନବାଦ ପୋଲିସ ସହାୟତାରେ ଝାଡ଼ଖଣ୍ଡ ରାଜ୍ୟର ନିରସା ଓ ସିନ୍ଦ୍ରି ଥାନା ଅଞ୍ଚଳରେ ୨ ଜଣ ସହଯୋଗୀ ତଥା ସ୍କର୍ପିଓ ଚାଳକ ଧାନବାଦ ଥାନା ଚାସନାଲା ଗ୍ରାମରେ ରହୁଥିବା ବିହାର ଜାମୁଇ ଅଞ୍ଚଳର ରାଜା କୁମାର ସିଂହ ଏବଂ ଲୁଟ୍ ସ୍ୱର୍ଣ୍ଣ ଅଳଙ୍କାର କ୍ରେତା ତଥା ଜୁଏଲେରି ମାଲିକ ଧାନବାଦସ୍ଥିତ ନିରସା ଅଞ୍ଚଳର କୁନାଲ ରାଜ୍ ବର୍ମାଙ୍କୁ ଗିରଫ କରିଥିଲା। ସେମାନଙ୍କଠାରୁ ୨୮୮ ଗ୍ରାମ ସ୍ୱର୍ଣ୍ଣ ଅଳଙ୍କାର, ୨ଟି ସ୍କର୍ପିଓ ଓ ୪ଟି ମୋବାଇଲ ଜବତ କରିଥିଲା। ଗତ ବୁଧବାର ରାତିରେ ଲୁଟେରାଙ୍କୁ ସହାୟତା କରିଥିବା ଧାନବାଦ ଜିଲା ସିନ୍ଦ୍ରି ଥାନା ଅନ୍ତର୍ଗତ ତସରା ଗ୍ରାମର ଅଭିରଞ୍ଜନ କୁମାରଙ୍କୁ ପୋଲିସ ଗିରଫକରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ଡିସେମ୍ବର ୨୯ରେ ଏକ ସ୍କର୍ପିଓ ଯୋଗେ ବଡ଼ବିଲକୁ ଆସି ଲୁଟ୍ ଘଟଣାର ମାଷ୍ଟର ପ୍ଲାନ୍ ତିଆରି କରିଥିଲେ। ଏହି ସମୟରେ ଅପରାଧୀମାନେ ଯୋଡ଼ା ଥାନା ଅନ୍ତର୍ଗତ ବିଲେଇପଦାରେ ରହୁଥିବା ଅଭିରଞ୍ଜନ କୁମାରଙ୍କ ଘରେ ରହିଥିଲେ। ଅଭିରଞ୍ଜନ ଲୁଟ୍ ପରେ ଖସିଯିବା ନିମନ୍ତେ ଅଭିଯୁକ୍ତଙ୍କୁ ରାସ୍ତା ଦେଖାଇଥିଲେ। ଘଟଣା ପରେ ଅଭିରଞ୍ଜନ ବିଲଇେପଦା ଛାଡ଼ି ପଳାୟନ କରିଥିଲେ। ବଡ଼ବିଲ ଏସ୍‌ଡିପିଓ ଦେବେନ୍ଦ୍ରନାଥ ପିଙ୍ଗୁଆ କହିଛନ୍ତି, ଅପରାଧୀଙ୍କ ପରିଚୟ ମିଳିସାରିଛି, ପୋଲିସ ଟିମ୍ ଉଦ୍ୟମ ଜାରି ରଖିଛି, ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ।

# ମନଇଚ୍ଛା ଜରିମାନାକୁ ଟ୍ରାକ୍ଟର ମାଲିକଙ୍କ ବିରୋଧ

ପାଟଣା,୨୯।୧(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ଓ ସାହାରପଡ଼ା ବ୍ଲକ୍‌ର ଟ୍ରାକ୍ଟର ମାଲିକଙ୍କୁ ନେଇ ଗଠିତ ବୈତରଣୀ ଟ୍ରାକ୍ଟର ମାଲିକ ସଂଘର ଗୁରୁବାର ପାଟଣା ଷ୍ଟାଡ଼ିୟମରେ ସଭା ଅନୁଷ୍ଠିତ ହୋଇଯାଇଛି। ସଭାରେ ସଂଘର ସଭାପତି କୃଷ୍ଣଚନ୍ଦ୍ର ମହାନ୍ତ ଅଧ୍ୟକ୍ଷତା କରିଥିଲେ। ସଦସ୍ୟ ଉପସ୍ଥିତ ରହି ପ୍ରଶାସନ ପକ୍ଷରୁ ମନଇଚ୍ଛା ଜରିମାନା ଆଦାୟକ ବିରୋଧ କରାଯାଇଥିଲା। ଏଥିସହ ପାଟଣା ଓ ସାହାରପଡ଼ା ତହସିଲ ଅଞ୍ଚଳରେ ନାମକୁ ମାତ୍ର କେତୋଟି ବାଲି ଉତ୍ସକୁ ସୀକୃତି ମିଳିଛି। ୮୦ ଭାଗ ଉତ୍ସ ଅନୁମତି ହୋଇ ନ ଥିବାରୁ ଲୋକେ ଗୃହନିର୍ମାଣ ପାଇଁ ବାଲି, ପଥର, ମେଟାଲ ନ ପାଇ ହଇରାଣ ହେଉଛନ୍ତି। ଅନ୍ୟପକ୍ଷରେ ଖଣି ବିଭାଗ, ପୋଲିସ, ବନ ବିଭାଗ, ତହସିଲ ଅଧିକାରୀ ଚାଢ଼ାଉ କରି ଟ୍ରାକ୍ଟର ପିଛା ଲକ୍ଷାଧିକ ଟଙ୍କା ଜରିମାନା ଓ ଟ୍ରାକ୍ଟର ଜବତ ଥାନା ଓ ରେଞ୍ଜ କାର୍ଯ୍ୟାଳୟରେ ରଖିବାକୁ ବୈଠକରେ ନିନ୍ଦା କରାଯାଇଥିଲା। ଅସ୍ଥାୟୀ ଟ୍ରାଞ୍ଜିଟ ପାଶ, ଜବତ ଟ୍ରାକ୍ଟରକୁ ଛାଡ଼ିବା ଦାବିରେ ଫେବ୍ରୁଆରୀ ୨ କେନ୍ଦୁଝର ଜିଲାପାଳଙ୍କ ଅଭିଯୋଗ ଶୁଣାଣିରେ ଦାବିପତ୍ର ଦେବାକୁ ସଭାରେ ନିଷ୍ପତ୍ତି ହୋଇଛି। ସଂଘ ଉପ ସଭାପତି ଅମିତାଭ ସେଠୀ, ସମ୍ପାଦକ ଦିବ୍ୟଲୋଚନ ମହାନ୍ତ, ସହ ସମ୍ପାଦକ ରବି ନାରାୟଣ ସାହୁ, କୋଷାଧ୍ୟକ୍ଷ ସୁନୀଲ ସେଠୀ, ପରାମର୍ଶଦାତା ପ୍ରହଲ୍ଲାଦ ପଲେଇ, ଘନଶ୍ୟାମ ସାହୁଙ୍କ ସହ ଶତାଧିକ ଟ୍ରାକ୍ଟର ମାଲିକ ସାମିଲ ହୋଇଥିଲେ।



ଟ୍ରାକ୍ଟର ମାଲିକ ସଂଘର ସଦସ୍ୟ।

# 'ସୁନାର ଓଡ଼ିଶା' ଗଠନରେ ଯନ୍ତ୍ରପାତିର ବ୍ୟବହାର ଅପରିହାର୍ଯ୍ୟ

## ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଘାଟିତ

କେନ୍ଦୁଝର,୨୯।୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସଦର ମହକୁମାସ୍ଥିତ କାଳୀପଡ଼ିଆଠାରେ ଗୁରୁବାର ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆରମ୍ଭ ହୋଇଛି। କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ମୁଖ୍ୟ ଅତିଥିଭାବେ ମେଳାକୁ ଉଦ୍‌ଘାଟନ କରିଥିଲେ।

ଜିଲା ମୁଖ୍ୟ କୃଷି ଅଧିକାରୀ ପୃଥୀରାଜ ମଣ୍ଡଳ ସ୍ୱାଗତ ଅଭିଭାଷଣ ଦେଇ କହିଥିଲେ, ବିକ୍ରେତା ଓ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ। ମେଳାରେ କୃଷି ଯନ୍ତ୍ରପାତି କିଣିବା ଉପରେ ଚାଷୀଙ୍କୁ ୪୦%ରୁ ୭୫% ପର୍ଯ୍ୟନ୍ତ ରିହାତି ପ୍ରଦାନ କରାଯାଉଛି। ୨୦୩୬ ସୁଦ୍ଧା ଓଡ଼ିଶାକୁ 'ସୁନାର ଓଡ଼ିଶା'ରେ ପରିଣତ କରିବା ଲକ୍ଷ୍ୟରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଅପରିହାର୍ଯ୍ୟ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ. ସୁକାନ୍ତ ସାହୁ, କୃଷି ଗବେଷଣା ଓ ଜ୍ଞାନ କୌଶଳ ସମ୍ପ୍ରସାରଣ କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ କିଶୋର ଚନ୍ଦ୍ର ସାହୁ, ଜଳବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ ସେନାପତି କୃଷି ଜ୍ଞାନ କୌଶଳ, କୃଷି ଯନ୍ତ୍ରପାତିର ବ୍ୟବହାର, ଉପଲବ୍ଧ ରିହାତି ବିଷୟରେ ତଥ୍ୟ ରଖିଥିଲେ। କୃଷି ଅଧିକ୍ଷଣଯନ୍ତ୍ରୀ ନରେନ୍ଦ୍ର ପଣ୍ଡା କେନ୍ଦୁଝରର ଚାଷୀଙ୍କ ଆଧୁନିକ ପ୍ରଣାଳୀରେ ଚାଷ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଜିଲାରେ ଯନ୍ତ୍ରପାତି କିଣିବା ହାର ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅନେକ ବୃଦ୍ଧି ପାଇଛି। ସମ୍ମାନିତ ଅତିଥି ଚମ୍ପୁଆଙ୍କ ବିଧାୟକଙ୍କ ପ୍ରତିନିଧି ସଞ୍ଜୀବ ବେହେରା ଗବେଷଣା ଲବ୍ଧ ଜ୍ଞାନ କୌଶଳ ଓ ସରକାରୀ ଯୋଜନାର ସୁବିଧା ଉପଯୋଗ କରି ଲାଭନ୍ୱିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଶ୍ରୀ ଅନ୍ନ ଅଭିଯାନରେ ୩ଟି ମହିଳା ଗୋଷ୍ଠୀଙ୍କୁ 'ମିଲେଟ ଟିଫିନ ସେଣ୍ଟର' ପାଇଁ କାର୍ଯ୍ୟାଦେଶ, ଆମ୍ବ ଯୋଜନାର ୪ଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମୂଳପାଣ୍ଠି ବାବଦରେ ୨୫ ହଜାର ଟଙ୍କାର ଚେକ୍, ଯନ୍ତ୍ରପାତି ବିତରଣରେ ୪ ଜଣ ହିତାଧିକାରୀଙ୍କୁ କୃଷି ଯନ୍ତ୍ରପାତିର ଚାବି ହସ୍ତାନ୍ତର କରାଯାଇଥିଲା। ସଭାରେ କେନ୍ଦୁଝରର ଅଗ୍ରଣୀ ନାଟ୍ୟସଂସ୍ଥା ସୁରନିକେତନର କଳାକାରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ଶେଷରେ କୃଷି ଜିଲା ଅଧିକାରୀ ଚମ୍ପୁଆ ସତ୍ୟବାନ ସୋରେନ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବ୍ଲକ୍‌ରୁ ପରିଭ୍ରମଣରେ ଆସି ଥିବା କୃଷକ ଭଉଣୀ, ଭାଇ, ସାମ୍ପ୍ରସାରଣକର୍ମୀ, କୃଷୀ ବୈଜ୍ଞାନିକ ଓ ସାଧାରଣ ଜନତା, ମେଳାରେ ଛବିଶ ଗୋଟି ଯନ୍ତ୍ରପାତି ବିକ୍ରେତା ଏବଂ ଆଠ ଗୋଟି ସରକାରୀ ବିଭାଗ ତରଫରୁ ଖୋଲାଯାଇଥିବା ୭୦ ପ୍ରଦର୍ଶନ ମଣ୍ଡପକୁ ବୁଲି ଦେଖିଥିଲେ। ଅପରାହ୍ନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।



ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥିମାନେ।

# ନାବାଳକଙ୍କୁ ବାଲିରେ ପୋତି ଭିଡିଓ ଭାଇରାଲ, ୩ ଗିରଫ

## ବାଳସୁଧାର ଗୃହକୁ ଗଲେ ୩ ଅଭିଯୁକ୍ତ

ଗୁଣପୁର,୨୯।୧ (ସୁଜାତା ପାଢ଼ୀ/ସଙ୍କେତ ପାତ୍ର)

ଟ୍ରାକ୍ଟରରେ ନଦୀରୁ ବାଲି ଉଠାଣ କରିବାକୁ କହିଲେ। ଏହାକୁ ମନା କରିବାରୁ ଜଣେ ନାବାଳକଙ୍କୁ ନଦୀ ବାଲି ପଠାରେ ବେକ ପର୍ଯ୍ୟନ୍ତ ପୋତିଦେଲେ। କଷ୍ଟରେ ନାବାଳକ ଛଟପଟ ହେଉଥିବାବେଳେ ତାଙ୍କୁ ବାଲିରୁ ଉଦ୍ଧାର କରିବା ପରିବର୍ତ୍ତେ ଏହାର ଭିଡିଓ ଉତ୍ତୋଳନ କରି ପରିହାସ କରୁଥିବା ଭଳି ଏକ ଅଭାବନୀୟ ଘଟଣା ରାୟଗଡ଼ା ଜିଲା ଗୁଣପୁର ବ୍ଲକ୍ ଅନ୍ତର୍ଗତ ଘନାନ୍ତ୍ରୀ ପଞ୍ଚାୟତର ମେରିଙ୍ଗ ଗ୍ରାମରେ ଦେଖିବାକୁ ମିଳିଛି। ଭିଡିଓ ଭାଇରାଲ ହେବା ପରେ ଏହାକୁ ଦେଖି ନାବାଳକଙ୍କ ମା' ବାପା ଗୁରୁବାର ଗୁଣପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଅଧାରରେ ପୋଲିସ ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବାବେଳେ ଅନ୍ୟ ୩ ନାବାଳକଙ୍କୁ ଧରି ରାୟଗଡ଼ା ଜୁଭେନାଇଲ କୋର୍ଟରେ ହାଜର କରାଯିବାରେ ବାଳସୁଧାର ଗୃହକୁ ପଠାଯାଇଛି।



ନାବାଳକଙ୍କୁ ନଦୀ ବାଲିରେ ବେକ ପର୍ଯ୍ୟନ୍ତ ପୋତା ଯାଇଥିବାର ଦୃଶ୍ୟ।

ପୋଲିସରେ ହୋଇଥିବା ଅଭିଯୋଗ ଅନୁଯାୟୀ, ପଦ୍ମପୁର ବ୍ଲକ୍ ଖିଲାପଦର ଗ୍ରାମର ରମେଶ ଶବରଙ୍କ ପୁଅ ଓମ୍ ଶବର ମେରିଙ୍ଗ ଗ୍ରାମର ନିଜ ଅଜାଘରେ ରହି ୫ମ ଶ୍ରେଣୀରେ ପାଠ ପଢୁଥିଲେ। ଗତ ୨୫ ତାରିଖ ସନ୍ଧ୍ୟାରେ ମେରିଙ୍ଗ ଗ୍ରାମର ଅଜୁ ଶବର, ମିଟୁ ଶବର, ଶୁକ୍ଲାଙ୍ଗ ଶବରଙ୍କ ସମେତ ଆଉ ୩ ଜଣ ନାବାଳକ ଓମ୍‌ଙ୍କୁ ସାଙ୍ଗରେ ନେଇ ମେରିଙ୍ଗ ନିକଟ ସାନନଦୀରୁ ବାଲି ଉଠାଣ ପାଇଁ ଯାଇଥିଲେ। ଓମ୍‌ଙ୍କୁ ବାଲି ଉଠାଇବା ପାଇଁ ସେମାନେ କହିଥିଲେ, ହେଲେ ସେ ମନାକରିବାରୁ ଉତ୍ୟକ୍ତ ହୋଇ ସେମାନେ ଓମ୍‌ଙ୍କୁ ନଦୀ ବାଲିରେ ବେକ ପର୍ଯ୍ୟନ୍ତ ପୋତି ଦେଇଥିଲେ। ଓମ୍ ପ୍ରାଣ ବିକଳରେ ଛଟପଟ ହେଉଥିବା ଦେଖି ସେମାନେ ତାଙ୍କୁ ବାଲିରୁ ଉଦ୍ଧାର କରିବା ପରିବର୍ତ୍ତେ ଉପହାସ କରି ଏହାର ଭିଡିଓ ଉତ୍ତୋଳନ କରିଥିଲେ। ପରେ ଓମ୍‌ଙ୍କ ସହ ୬ଜଣ କିଛି ସର୍ତ୍ତ ରଖିଥିଲେ। ଓମ୍ ଉକ୍ତ ସର୍ତ୍ତରେ ରାଜିହେବା ପରେ ସେମାନେ ତାଙ୍କୁ ବାଲି ଭିତରୁ ବାହାର କରିଥିଲେ। ତେବେ ଦୀର୍ଘ ସମୟ ଧରି ଓମ୍ ଦେଖା ନ ଯିବାରୁ ଅଜାଘର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ। ରାତି ପ୍ରାୟ ୧୦ଟାରେ ଓମ୍ ଘରେ ପହଞ୍ଚି ଭୟରେ କାନ୍ଦୁଥିଲେ। ବାଲି ଭିତରେ ପୋତି ରଖିଥିବା ଓମ୍‌ଙ୍କ ଭିଡିଓ ଭାଇରାଲ ହେବା ପରେ ବାପା ରମେଶ ଦେଖି ଗୁରୁବାର ଗୁଣପୁର ଥାନାରେ ଅଭିଯୋଗ କରିଥିଲେ।

# ଶାଳକଙ୍କୁ ଠେଙ୍ଗାରେ ପିଟି ହତ୍ୟା ପରେ ଭିଣୋଇଙ୍କ ଆତ୍ମସମର୍ପଣ

ଗୁଣପୁର,୨୯।୧ (ସୁଜାତା ପାଢ଼ୀ/ସଙ୍କେତ ପାତ୍ର)

ଭିଣୋଇଙ୍କ ଠେଙ୍ଗାମାଡ଼ରେ ତାଙ୍କ ଶାଳକଙ୍କର ମୃତ୍ୟୁ ଘଟିଛି। ରାୟଗଡ଼ା ଜିଲା ଗୁଣପୁର ମେଡିକାଲ କଲୋନିରେ ଗୁରୁବାର ଅପରାହ୍ନ ପ୍ରାୟ ୧ଟା ୩୦ରେ ଏହି ହତ୍ୟାକାଣ୍ଡ ଘଟିଛି। ମୃତକ ହେଲେ ରମେଶ ଚୌଧୁରୀ (୪୦)। ହତ୍ୟାକାଣ୍ଡ ପରେ ଭିଣୋଇ ନାଗ୍ମାପିଲି ମୁରଲୀ (୫୦) ଗୁଣପୁର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି।

ସୂଚନା ଅନୁଯାୟୀ, ରମେଶ ଗତ ୨ ଦିନ ତଳେ ତାଙ୍କ ଭଉଣୀ ଲକ୍ଷ୍ମୀ ଚୌଧୁରୀଙ୍କ ଘରକୁ ବୁଲିବାକୁ ଆସିଥିଲେ। ଲକ୍ଷ୍ମୀ ଗୁଣପୁର ଉପଖଣ୍ଡ ଚିକିତ୍ସାଳୟରେ ନର୍ସ ଭାବେ କାର୍ଯ୍ୟରତ ଅଛନ୍ତି। କୌଣସି କଥାକୁ ନେଇ ନାଗ୍ମାପିଲିଙ୍କ ସହ ରମେଶଙ୍କର ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ନାଗ୍ମାପିଲି ଏକ ଠେଙ୍ଗାରେ ରମେଶଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ। ଫଳରେ ତାଙ୍କ ମୁଣ୍ଡ ଫାଟିବା ସହ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ଗୁଣପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ଗୁଣପୁର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପାରିବାରିକ କଳହକୁ ନେଇ ଏଭଳି ହତ୍ୟାକାଣ୍ଡ ହୋଇଥିବା ଜଣାପଡ଼ିଛି।

# ଯୁକ୍ତ ୨ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ

## ଆକ୍ରମଣରେ ଚେତାଶୂନ୍ୟ ଛାତ୍ରୀଙ୍କୁ ବ୍ରହ୍ମପୁର ସ୍ଥାନାନ୍ତର

ଦିଗପହଣ୍ଡି,୨୯।୧ (ଅଶେଷ ନାଥ ମିଶ୍ର)

ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପୋଡ଼ାମାରି ବିଜ୍ଞାନ କଲେଜକୁ ଯାଉଥିବାବେଳେ ଜଣେ ଛାତ୍ରୀଙ୍କୁ ୨ଯୁବକ ଅପହରଣ କରି ନେବାକୁ ଉଦ୍ୟମ କରି ବିଫଳ ହେବା ପରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ଫଳରେ ସେ ଚେତାଶୂନ୍ୟ ହୋଇପଡିଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଛି। ଖବର ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସମ୍ପୃକ୍ତା ଛାତ୍ରୀ ହେଲେ ପାଟପୁର ଥାନା ହରିଣା ଗ୍ରାମର ପ୍ରତାପ ମହାଙ୍କୁଡଙ୍କ ଝିଅ ଶୁଭସ୍ମିତା ମହାଙ୍କୁଡ (୧୭)।

ପୋଡ଼ାମାରି ବିଜ୍ଞାନ କଲେଜରେ ଯୁକ୍ତ୨ କଳା ପ୍ରଥମ ବର୍ଷ ପଢୁଥିବା ଶୁଭସ୍ମିତା ଗୁରୁବାର ପୂର୍ବାହ୍ନରେ କଲେଜ ଯାଉଥିଲେ। କଲେଜରେ ପହଞ୍ଚିବାକୁ ଆଉ ୫୦ ମିଟର ଦୂର ଥିବାବେଳେ, ଏକ ବାଇକ୍‌ରେ ୨ଜଣ ଯୁବକ ଆସି ତାଙ୍କୁ ଅଟକାଇ କଥାବାର୍ତ୍ତା କରିଥିଲେ। ପରେ କୌଣସି କଥାକୁ ନେଇ ଶୁଭସ୍ମିତାଙ୍କ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ପରେ ଦୁଇଯୁବକ ତାଙ୍କୁ ବାଇକ୍‌ରେ ଅପହରଣ କରିନେବାକୁ ଚାହିଁଥିଲେ। ଶୁଭସ୍ମିତା ପ୍ରବଳ ବିରୋଧ କରିବାରୁ ସେମାନେ ତାଙ୍କୁ ନେଇ ନ ପାରି ଆକ୍ରମଣ କରିଥିଲେ। ସେ ଚେତା ଶୂନ୍ୟ ହୋଇ ପଡିଯିବାରୁ ଉଭୟ ଯୁବକ ସେଠାରୁ ଫେରାର ହୋଇଯାଇଥିଲେ। ଏନେଇ ଖବରପାଇ ଛାତ୍ରୀଛାତ୍ର, ଅଧ୍ୟାପକମାନେ ଘଟଣାସ୍ଥଳରେ ପହଞ୍ଚି ତାଙ୍କୁ ଉଦ୍ଧାର କରିଥିଲେ। ପ୍ରଥମେ ପୋଡ଼ାମାରି ସ୍ୱାସ୍ଥ୍ୟକେନ୍ଦ୍ର ପରେ ତାଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ଆସିବାରୁ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ସେଠାରେ ସେ ଚିକିତ୍ସାଧୀନ ଥିବା ଜଣାପଡିଛି। ଖବର ପାଇ ପାଟପୁର ଥାନା ପୋଡ଼ାମାରି ଫାଣ୍ଡି ପୋଲିସ ପହଞ୍ଚି ସିସିଟିଭି ଫୁଟେଜ ଯାଞ୍ଚ କରି ଏହାର ତଦନ୍ତ ଆରମ୍ଭ କରିଛି। ଆକ୍ରମଣର କାରଣ ଜଣାପଡିନି। ଏନେଇ ଥାନାରେ ଅଭିଯୋଗ ହୋଇ ନ ଥିବା ପୋଲିସ କହିଛି।

# ମୁଖ୍ୟ ଅଭିଯୁକ୍ତଙ୍କୁ ଆଜୀବନ ଜେଲ

## ଡବଲ ମର୍ଡର ମାମଲା

ବ୍ରହ୍ମପୁର,୨୯।୧ (ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଦିଗପହଣ୍ଡି ଥାନା ନବରଙ୍ଗପୁର ଗ୍ରାମରେ ୨୦୨୨ ପଞ୍ଚାୟତ ନିର୍ବାଚନ ପରେ ହୋଇଥିବା ଡବଲ ମର୍ଡର ମାମଲାର ରାୟ ପ୍ରକାଶ ପାଇଛି। ଗୁରୁବାର ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ- ୩) ବିବସ୍ୱତ ଗୌତମ ମାମଲାର ମୁଖ୍ୟ ଅଭିଯୁକ୍ତ ବିଜୟ ଗୌଡ଼ ଓରଫ ତୁଫାନ (୨୬)ଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୬ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଅନ୍ୟତମ ଅଭିଯୁକ୍ତ ମୟୂର ଗୌଡ଼(୪୩) ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି।

୨୦୨୨ ପଞ୍ଚାୟତ ନିର୍ବାଚନ ବେଳେ ଏକ ନିର୍ଦ୍ଦିଷ୍ଟ ଦଳର ୨ ସମର୍ଥକ ଗୋଷ୍ଠୀ ମଧ୍ୟରେ ବିବାଦ ଲାଗି ରହିଥିଲା। ସେହି ବର୍ଷ ମେ ୨୯ ତାରିଖ ରାତି ୮ଟାରେ ନବରଙ୍ଗପୁର ଗ୍ରାମର ପ୍ରଦୀପ ସାହୁ(୨୬) ଓ ତାଙ୍କ ସାଙ୍ଗ ବାବୁ ଗୌଡ଼ (୩୮) ପୋଖରୀରୁ ଗାଧୋଇ ଘରକୁ ଫେରୁଥିଲେ। ରାଜନୈତିକ ହିଂସାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀ ପକ୍ଷରୁ ଉଭୟଙ୍କୁ ଗାଁ ଦାଣ୍ଡରେ ଖଣ୍ଡା ଓ କାତିରେ ହାଣି ହତ୍ୟା କରାଯାଇଥିଲା। ଏ ନେଇ ମୃତ ପ୍ରଦୀପଙ୍କ ଭାଇ ଆପନା ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୧୮୫/୨୨ରେ ମାମଲା ରୁଜୁ କରିଥିଲା। ତତ୍କାଳୀନ ତଦନ୍ତକାରୀ ଅଧିକାରୀ ଦୀପ୍ତିରଞ୍ଜନ ବେହେରା ମୁଖ୍ୟ ଅଭିଯୁକ୍ତ ତୁଫାନଙ୍କୁ ୨୦୨୨ ଜୁନ୍ ୧୯ରେ ଗିରଫ କରିଥିଲେ। ଅନ୍ୟ ଅଭିଯୁକ୍ତ ମୟୂର ଫେରାର ଥିବା ବେଳେ ତାଙ୍କୁ ମଧ୍ୟ ମୁମ୍ବାଇରୁ ଗିରଫକରି କୋର୍ଟ ଚାଲାଣ କରାଯାଇଥିଲା। ମାମଲାର ବିଚାର ବେଳେ ୩୩ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ଏପିପି ରଜତ କୁମାର ଦାଶ ମାମଲା ପରିଚାଳନା କରୁଥିଲେ।

# ଭିଜିଲାନ୍ସ ଜାଲରେ ଏସ୍‌ସିବି ମେଡିକାଲ ପ୍ରଫେସର

କଟକ,୨୯।୧(କାର୍ତ୍ତିକ ସାହୁ)

ଏସ୍‌ସିବି ମେଡିକାଲ କଲେଜର ହେପାଟୋଲୋଜି ବିଭାଗ ଆସୋସିଏଟ୍ ପ୍ରଫେସର ଡାକ୍ତର ସନାତନ ବେହେରା ଗୁରୁବାର ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଭିଜିଲାନ୍ସ ଅଧିକାରୀମାନେ ତାଙ୍କଠାରୁ ୨.୬୩ ଲକ୍ଷ ଟଙ୍କା ଜବତ କରିଛନ୍ତି। ଡାକ୍ତର ବେହେରାଙ୍କ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ତଦନ୍ତ କରାଯାଉଛି। ଏନେଇ କଟକ ଭିଜିଲାନ୍ସ ଥାନାରେ ମାମଲା (ନଂ.୦୪/୨୦୨୬) ରୁଜୁ ହୋଇଛି।

ସୂଚନାନୁସାରେ, ଏସ୍‌ସିବି ମେଡିକାଲର ହେପାଟୋଲୋଜି ବିଭାଗକୁ ମେଡିକାଲ ଯନ୍ତ୍ରପାତି ଯୋଗାଇବା ପାଇଁ ଟେଣ୍ଡରରେ ଭାଗ ନେଇଥିବା ସଂସ୍ଥାଠାରୁ ବେଆଇନ ଭାବେ ଡାକ୍ତର ବେହେରା ଉକ୍ତ ଟଙ୍କା ନେଇଥିବା ବିଶ୍ୱସ୍ତ ସୂତ୍ରରୁ ଭିଜିଲାନ୍ସକୁ ଖବର ମିଳିଥିଲା। ତେଣୁ ଭିଜିଲାନ୍ସ ଅଧିକାରୀମାନେ ଡାକ୍ତର ବେହେରାଙ୍କୁ ଧରିବା ଲାଗି ଯୋଜନା କରିଥିଲେ। ସେ ସରକାରୀ ବାସଭବନକୁ ସ୍କୁଟରରେ ଯାଉଥିବା ବେଳେ କାଠଗୋଲାସାହି-ମେଡିକାଲ ରୋଡ୍‌ରେ ଭିଜିଲାନ୍ସ ଟିମ୍ ଧରିଥିଲା। ସ୍କୁଟରରେ ରଖିଥିବା ଟଙ୍କାର ହିସାବ ଭିଜିଲାନ୍ସ ଅଧିକାରୀଙ୍କୁ ଡାକ୍ତର ବେହେରା ଦେଇ ନ ପାରିବାରୁ ଉକ୍ତ ଟଙ୍କା ଜବତ କରିଥିଲେ।

# ସ୍ତ୍ରୀ ଶୋଇଥିବାବେଳେ ଟାଙ୍ଗିଆରେ ହାଣି ହତ୍ୟା

ରାୟଗଡ଼ା,୨୯।୧ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା କୁମ୍ଭିକୋଟା ଫାଣ୍ଡି ଅଞ୍ଚଳରେ ପାରିବାରିକ ବିବାଦକୁ ନେଇ ବୁଧବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ତ୍ରୀ ଘରେ ଶୋଇଥିବାବେଳେ ସ୍ୱାମୀ ଟାଙ୍ଗିଆରେ ହାଣି ତାଙ୍କୁ ହତ୍ୟା କରିଛନ୍ତି। ମୃତ ମହିଳା ହେଲେ ମଳତା ମେଲେକା (୫୧)। ଗୁରୁବାର ସକାଳେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରିବା ସହ ଘଟଣାର ତଦନ୍ତ କରୁଛି। ହତ୍ୟାକାରୀ ସ୍ୱାମୀ ରଘୁ ମେଲେକାଙ୍କୁ ପୋଲିସ ଅଟକ ରଖି ପଚରାଉଚରା କରୁଛି।

ରାୟଗଡ଼ା ବ୍ଲକ୍ ନାକଟି ପଞ୍ଚାୟତ ଇର୍ପିପୁଟ ଗ୍ରାମର ରଘୁ ମେଲେକା ଓ ତାଙ୍କ ସ୍ତ୍ରୀ ମଳତାଙ୍କ ମଧ୍ୟରେ କୌଣସି କାରଣକୁ ନେଇ ବୁଧବାର ରାତିରେ ବିବାଦ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ରଘୁ ସ୍ତ୍ରୀ ମଳତା ଶୋଇଥିବା ଅବସ୍ଥାରେ ବେକ ଓ ମୁଣ୍ଡକୁ ହାଣିଦେଇଥିଲେ। ଘଟଣାସ୍ଥଳରେ ହିଁ ମଳତାଙ୍କର ମୃତ୍ୟୁ ଘଟିଥିଲା। ଘଟଣା ସମ୍ପର୍କରେ ପରିବାର ଲୋକେ କୁମ୍ଭିକୋଟା ଫାଣ୍ଡିରେ ସୂଚନା ଦେବା ପରେ ଏସ୍‌ଡିପିଓ ଗୌରହରି ସାହୁ, ଆଇଆଇସି ପ୍ରସନ୍ନ କୁମାର ବେହେରା, ଫାଣ୍ଡି ଅଧିକାରୀ ଗୟାସଉଦ୍ଦିନ ଖାନ ଓ ଅନ୍ୟ ପୋଲିସ ଅଧିକାରୀ ଗୁରୁବାର ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା କୁମ୍ଭିକୋଟା ଫାଣ୍ଡି ଅଧିକାରୀ ଖାନ ପ୍ରକାଶ କରିଛନ୍ତି। ହତ୍ୟା ପାଇଁ ବ୍ୟବହୃତ ଟାଙ୍ଗିଆକୁ ମଧ୍ୟ ପୋଲିସ ଜବତ କରିଛି।

# ବାଡ଼ିରେ କୁଟା ପଡ଼ିବାରୁ ଯୁବକଙ୍କ ତଣ୍ଟି ଚିପି ହତ୍ୟା

ତିହିଡ଼ି,୨୯।୧(ସଞ୍ଜିତ ବଳ)

ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଗୋପାଳସାହି ଗ୍ରାମରେ ବାଡ଼ିରେ ଧାନ ପିଟା ମେଶିନ କୁଟା ପଡ଼ିବାରୁ ବୁଧବାର ସନ୍ଧ୍ୟାରେ ଜଣେ ଯୁବକଙ୍କ ତଣ୍ଟି ଚିପି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ବିଜୟ ବେହେରା(୩୫)। ଏନେଇ ମୃତ ବିଜୟଙ୍କ କକା ପୁଅ ସୁରେନ୍ଦ୍ର ବେହେରା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା (ନଂ.୨୭/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

ଅଭିଯୋଗ ଅନୁଯାୟୀ, ବିଜୟ ଏବଂ ତାଙ୍କ ପରିବାର ଲୋକେ ବୁଧବାର ସନ୍ଧ୍ୟାରେ ମେଶିନ ସହାୟତାରେ ଧାନ ପିଟୁଥିଲେ। ମେଶିନରୁ ଧୂଳି ଓ କୁଟା ଉଡ଼ି ଜଣେ ପଡ଼ୋଶୀଙ୍କ ବାଡ଼ିରେ ପଡ଼ିଥିଲା। ଏହାକୁ ନେଇ ଉକ୍ତ ପଡ଼ୋଶୀଙ୍କ ପରିବାର ଲୋକେ ବିଜୟଙ୍କୁ ମେଶିନ ବନ୍ଦ କରିବାକୁ କହିଥିଲେ। ମାତ୍ର ମେଶିନ ବନ୍ଦ ନ କରିବାରୁ ଉଭୟ ପକ୍ଷ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ପଡ଼ୋଶୀଙ୍କ ପରିବାର ଲୋକେ ମିଳିତ ଭାବେ ବିଜୟଙ୍କ ତଣ୍ଟି ଚିପି ହତ୍ୟା କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଗୁରୁତର ଅବସ୍ଥାରେ ବିଜୟଙ୍କୁ ତିହିଡ଼ି ଡାକ୍ତରଖାନା ନିଆଯାଇଥିଲା। ପରେ ସେଠାରୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।


## ତହସିଲଦାରଙ୍କ କାର୍ଯ୍ୟାଳୟ:ଏରସମା

**ନୋଟିସ**

No.XXV-03:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମାନ୍ୟବର ଜିଲ୍ଲାପାଳ ଓ ଦଣ୍ଡାଧୀଶକାରୀ ଜଗତ୍‌ସିଂହପୁର ଓ.ପି.ଡି.ଆର ସାର୍ଟିଫିକେଟ ନଂ.୦୧/୨୦୧୮ ର ଆଦେଶ ମୁତାବକ ଜଗନ୍ନାଥ ନାୟକଙ୍କ ଠାରୁ ଦେୟ ଟ.୬୮,୨୭,୬୬୦/- (ଅଢ଼ଷଠି ଲକ୍ଷ ସତେଇଶି ହଜାର ଛଅଶହ ଷାଠିଏ ଟଙ୍କା) ମାତ୍ର ଆଦାୟ ନିମନ୍ତେ ମୌଜା ମଲ୍ଲିପୁର, ଖାତା ନଂ.୭୯, ପ୍ଲଟ ନଂ.୮୪, ରକବା- ଏ.୦.୪୭ ଡି, କିସମ ଘରବାରି ଓ ମୌଜା ମହିମାଦେଇପୁର ଖାତା ନଂ. ୩୨୦/୫୨, ପ୍ଲଟ ନଂ.୨୯୫, ରକବା -ଏ୦.୦୫ ଡି କିସମ ଘରବାରି, ଖାତା ନଂ.୩୨୦/୪୧ ପ୍ଲଟ ନଂ.୬୨୫ ରକବା-ଏ ୦.୫୧ ଡି କିସମ ଘରବାରି, ଖାତା ନଂ.୩୨୦/୩୫ ପ୍ଲଟ ନଂ. ୩୧୨ ରକବା- ଏ ୦.୦୯.୫୦୦ ବକ କିସମ ସାରଦ ଦୋଫସଲିକୁ ନିଲାମ ନିମନ୍ତେ ଜବତ କରାଯାଇଅଛି ।

ଏଣୁ ସର୍ବସାଧାରଣଙ୍କର ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଉକ୍ତ ଜମିକୁ ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ ତା.୧୭.୦୨.୨୦୨୬ ରିଖ ଦିବା ୧୧ ଘଣ୍ଟା ସମୟରେ ତହସିଲ କାର୍ଯ୍ୟାଳୟଠାରେ ଉପସ୍ଥିତ ହୋଇ ନିଲାମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଗଲା ।

OIPR- ସ୍ୱା./-ତହସିଲଦାର, ଏରସମା



## OFFICE OF THE CDM & PHO-CUM-DMD, KHORDHA

District Programme Management Unit, National Health Mission

**Corrigendum**

No.1298 Date:27.1.26

**No.E-703:** In pursuance to the Short Tender Call Notice No.650, Date-13.01.2026 published in the daily Odia Newspaper "Dharitri" and the English paper "The Times of India" on date 16.01.2026 for **"Supply of MMDP Kits Under NHM, Khordha"** that the "Tender shall follow the Odisha Procurement Preference Policy" under MSME, Govt. of Odisha. The other term and conditions of tender will be remain unchanged and same vide above mentioned Short Tender Call Notice.

OIPR- Sd./- CDM&PHO, Khordha



## OFFICE OF THE MUNICIPAL COUNCIL : KEONJHARGARH

email - keonjharm.hud@rediffmail.com

**Invitation for Bids (IFB) 'e' Procurement NOTICE**
**Bid Identification No. ODULB_KGM-22/2025-26**
**Letter No.1835/KGM/Date.27.01.2026**

**No.C-2175** : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Double cover system through e-Procurement.

1. Nature of work : **Civil Work**
2. No. of Work : **01 No.**
3. Value of works : **Rs.54,83,000/-**
4. Date & Time of availability of Bid document in the portal : From **31.01.2026** at 11.00 A.M. up to **10.02.2026** at 5.30 P.M.
5. Date of Opening of bid in portal : **11.02.2026** at 11.00 A.M.
6. Name & address of the officer Inviting Bid : EO, Keonjhargarh Municipality

Further details can be seen from Website : www.tendersorissa.gov.in

OIPR- Sd./- Executive Officer, Keonjhargarh Municipality


# ଡାହାଣୀ ସନ୍ଦେହରେ ମା'ଙ୍କୁ ହତ୍ୟା

## ପୁଅ ଗିରଫ

ମୋରଡ଼ା, ୨୯।୧(ସ୍ମାରକ ମାଝୀ)

ମୟୂରଭଞ୍ଜ ଜିଲା ମୋରଡ଼ା ବ୍ଲକ୍ ତଥା ବେତନଟୀ ଥାନା ଅନ୍ତର୍ଗତ ଭାଲିଆଡିହା ପଞ୍ଚାୟତ କଲରାପୁଲିଆ ଗ୍ରାମରେ ଗୁରୁବାର ଏକ ଅଭାବନୀୟ ଘଟଣା ଘଟିଛି। ଡାହାଣୀ ସନ୍ଦେହରେ ମା'ଙ୍କୁ କଟୁରିରେ ଆକ୍ରମଣକରି ହତ୍ୟା କରିଛନ୍ତି ପୁଅ। ମୃତ ମହିଳା ହେଲେ ରାଇମଣି ସିଂ। ଏନେଇ ପୋଲିସ ଏକ ମାମଲା(ନଂ.୪୧/୨୬) ରୁଜୁକରି ଅଭିଯୁକ୍ତ ପୁଅ ତପନ ସିଂଙ୍କୁ ଗିରଫ ପରେ କୋର୍ଟଚାଲାଣ କରିଛି।



ଗିରଫ ଅଭିଯୁକ୍ତ।

ସୂଚନା ଅନୁଯାୟୀ, ତପନଙ୍କ ସ୍ତ୍ରୀଙ୍କ ଗର୍ଭରେ ଥିବା ପିଲା କୌଣସି କାରଣରୁ ନଷ୍ଟ ହୋଇଯିବାରୁ ସେ ତାଙ୍କ ମା' ରାଇମଣିଙ୍କୁ ଡାହାଣୀ ସନ୍ଦେହକରି ଆସୁଥିଲେ। ପ୍ରତିଦିନ ନିଶାସକ୍ତ ଅବସ୍ଥାରେ ଘରକୁ ଫେରିବା ସହ କଳିଝଗଡ଼ା କରୁଥିଲେ। ମାରପିଟ କରିବାରୁ ତାଙ୍କ ସ୍ତ୍ରୀ କିଛି ଦିନ ହେବ ବାପଘରେ ରହୁଛନ୍ତି। ରାଇମଣି ମଜୁରି ଲାଗି ଯାହା ଅର୍ଥ ଆଣନ୍ତି ସେଥିରେ ମା' ପୁଅ ଚଳନ୍ତି। ତେବେ ଗୁରୁବାର ସକାଳେ ରାଇମଣି ରୋଷେଇ କରୁଥିବାବେଳେ ତପନ ତାଙ୍କ ସହ ପାଟିତୁଣ୍ଡ କରିଥିଲେ। ପରେ ତପନ ଉତ୍କ୍ଷିପ୍ତ ହୋଇ ଏକ କଟୁରିରେ ମା'ଙ୍କ ମୁଣ୍ଡକୁ ଆକ୍ରମଣ କରିବାରୁ ଘଟଣାସ୍ଥଳରେ ରାଇମଣିଙ୍କ ମୃତ୍ୟୁ ଘଟିଥିଲା। ଗ୍ରାମବାସୀଙ୍କଠାରୁ ଖବର ପାଇ ପୋଲିସ ପହଞ୍ଚି ତପନଙ୍କୁ ଗିରଫକରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ଡାହାଣୀ ସନ୍ଦେହରେ ତପନ ତାଙ୍କ ମା'ଙ୍କୁ ହତ୍ୟା କରିଥିବା ନେଇ ସ୍ୱୀକାର କରିଥିବା ପୋଲିସ ସୂଚନା ଦେଇଛି।

# ୮ ଦୋଷୀଙ୍କୁ ୧୦ ବର୍ଷ ଲେଖାଏ ଜେଲ

## ବହୁଚର୍ଚ୍ଚିତ ମଲ୍ଲୀ ଜେନା ହତ୍ୟା ଘଟଣା

ଆନନ୍ଦପୁର/ ବଞ୍ଜୋ,୨୯।୧ (ସୁଶାନ୍ତ କୁମାର ସାହୁ/ ପ୍ରଦୋଷ କୁମାର ବିଶ୍ୱାଳ)

କେନ୍ଦୁଝର ଜିଲା ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଶାଳଦେଇ ଗାଁର ବହୁ ଚର୍ଚ୍ଚିତ ମଲ୍ଲୀ ଜେନା ହତ୍ୟାକାଣ୍ଡର ଗୁରୁବାର ଆନନ୍ଦପୁର ଅତିରିକ୍ତ ଜିଲା ଓ ଦୌରା ଜଜ୍‌ଙ୍କ କୋର୍ଟରେ ରାୟ ପ୍ରକାଶ ପାଇଛି। ଜଜ୍ ଦେବଦତ୍ତ ଦାସ ମହାପାତ୍ର ମାମଲାର ଶୁଣାଣି କରି ଅଭିଯୁକ୍ତ ମଦନ ମୋହନ ସାହୁ, ହରେକୃଷ୍ଣ ବୋଇତେଇ, ଅମରେଶ ରାଉତ, ସନ୍ତୋଷ ସାହୁ, ବଳରାମ ବେହେରା, ମାନସ ରଞ୍ଜନ ବେହେରା, ଭାଗୀରଥି ପଲ୍ଲେଇ, ଅଞ୍ଜନ ରାଉତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ୧୦ବର୍ଷ ଲେଖାଏ ଜେଲଦଣ୍ଡ ଶୁଣାଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଲେଖାଏ ଜରିମାନା, ଅନାଦାୟେ ଅତିରିକ୍ତ ୩ ମାସ ଦଣ୍ଡାଦେଶ ଦେଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆନନ୍ଦପୁର ଉପଖଣ୍ଡ ରାମଚନ୍ଦ୍ରପୁର ଥାନା ଶାଳଦେଇ ଗାଁରେ ୨୦୨୩ ମାର୍ଚ୍ଚ ୨୨ରେ ଶାଳଦେଇ ବାଲିଘାଟକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିଲା। ଘଟଣାରେ ଉତ୍କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ବିଭିନ୍ନ ମାରଣାସ୍ତ୍ର ଧରି ମଲ୍ଲୀ ଜେନାଙ୍କ ଘରେ ପଶି ଆକ୍ରମଣ କରିଥିଲେ। ଏଥିରେ ସେ ଗୁରୁତର ହୋଇଥିବା ବେଳେ ପ୍ରଥମେ ତାଙ୍କୁ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାର୍ଚ୍ଚ ୨୯ରେ ମଲ୍ଲୀଙ୍କ ମୃତ୍ୟୁ ଘଟିଥିଲା। ଏ ନେଇ ରାମଚନ୍ଦ୍ରପୁର ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ସମସ୍ତ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟଚାଲାଣ କରିଥିଲା। ଜଜ୍ ପୋଲିସ ତଦନ୍ତ ରିପୋର୍ଟ ଓ ସାକ୍ଷୀଙ୍କ ବୟାନ ଆଧାରରେ ଉପରୋକ୍ତ ରାୟ ଶୁଣାଇଥିବା ମାମଲା ପରିଚାଳନା କରୁଥିବା ଆଡିସନାଲ ପିପି ସୌମିତ୍ରୀ କୁମାର ରାଉତ ସୂଚନା ଦେଇଛନ୍ତି।


## OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, KHORDHA
(Department of Health & FW, Govt. of Odisha)

Advt. No.1286 Date:27.1.26

**ADVERTISEMENT / NOTICE**

**No.E-701:** The Walk-in-Interview of eligible candidates for filling upto below mentioned post under National Health Mission, Khordha on contractual basis till 31.03.2027 subject to renewal on satisfactory performance or till the end of the project period, which-ever is earlier. Age of the candidate shall not be less than 21 years and upto 67 years as on 01.01.2026.

| Sl.No. | Name of the Post | Vacancy | Monthly Base Remuneration | Qualification | Remarks |
|---|---|---|---|---|---|
| 01 | Medical Officer, DTC/MC, (NTEP) | 02 | Rs.65,009/- & Other Allowances as Applicable | details can be downloaded from the district website https://khordha.odisha.gov.in | Walk-in-Interview on 12.02.2026 |

The above position is purely temporary and co-terminus with the scheme. Selection for the above posts shall be made strictly on merit basis. Canvassing in any form will render the candidate disqualified for the position. Application Form & Other details can be downloaded from the district website https://khordha.odisha.gov.in interested candidates fulfilling the eligibility criteria may attend the Walk-in-Interview at the District Training Unit (DTU), O/o CDM & PHO, Khordha on the date as mentioned above. Application form alongwith self-attested photocopy of all the Mark Sheet, Certificates, Regd. & relevant document showing age, qualification and experience prove. The candidates are requested to register their name from 10.00 AM to 12.00 Noon to attend the Walk-in-Interview as per the schedule date mentioned above. The authority reserves the right to cancel any or all applications without assigning any reason thereof.

OIPR- Sd./- CDM & PHO, Khordha



## ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ
(ଓଡ଼ିଶା ସରକାରଙ୍କ ପୂର୍ତ୍ତ ବିଭାଗ ଅଧୀନର ଏକ ଉଦ୍ୟୋଗ)

## ODISHA BRIDGE & CONSTRUCTION CORPORATION LIMITED
(A Government of Odisha Undertaking under Works Department)

ବିକାଶ ଭବନ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨, ଦୂରଭାଷ-୦୬୭୪-୨୩୯୦୦୪୩, CIN-U45203OR1983SGC001153
Vikash Bhavan, Nayapalli, Bhubaneswar-751012, Tel : 0674-2390043, Website : www.obcc.in, Email : md@obcc.in;info@obcc.in

No.598 Date. 27.01.2026
File : SMT-2033 (Vol-IV)
No.CAD-3116

**NOTICE INVITING TENDER**

| Sl. No. | Name of work | Bid Identification No. | Date of availability of bid document in e-procurement portal | Last date and time of receipt of online bid | Bid Processing Fee (Through Demand Draft) | Period of Completion | Class of Contractor |
|---|---|---|---|---|---|---|---|
| 1 | "Widening & Strengthening of Double Lane to 4-laning of Bhawanipatna Khariar Road (SH-16) from 2/000 Km to 70/000 Km in the district of Kalahandi." | 48/Tender/ OBCC /2025-26 | From 04.02.2026 | On or before 5.30 PM of 24.02.2026 | ₹ 4,32,800/- (Including GST) | 36 (Thirty Six) Calendar Months | 'Super Class |

2. Further details with any addendum, corrigendum, cancellation can be seen from the e-procurement portal https://www.tendersodisha.gov.in.
3. OBCC has the right to accept or reject the Notice / RFP without assigning any reasons thereof.

OIPR- Sd./- Chief Engineer-I



## ODISHA HYDRO POWER CORPORATION LTD
CIN: U40101OR1995SGC003963
(GOVERNMENT OF ODISHA UNDERTAKING)

## OFFICE OF THE GENERAL MANAGER (EL.)
CHIPLIMA HYDRO ELECTRIC PROJECT, CHIPLIMA
At/PO – CHIPLIMA, VIA-C.A. CHIPLIMA – 768025, DIST-SAMBALPUR (ODISHA)
WEB: www.ohpcltd.com ☎ (0663) 2460661,
Email-hpschiplima@yahoo.in, Fax No. (0663) 2460505

No.CHEP/TW-47 (Vol.-IV)/374 Date: 27.01.2026

**'e'-Procurement Notice**
**TENDER CALL NOTICE NO.CHEP-55/2025-26**

**No.CAD-3106 : Unit Head, CHEP, Chiplima invites percentage rate tenders in two parts** for the civil works mentioned below, from the 'D' & 'C' Class of Contractors registered with the State Govt. of Odisha and contractors of equivalent grade / class registered with Central Govt. / MES / Railway for execution of civil works.

| Name of the Work | Estimated Cost / EMD | Cost of Tender Specification | Completion Period |
|---|---|---|---|
| Renovation of Compound Wall around Main Store and Voith Store at Chiplima Power House | Rs.11,36,531.00 / EMD = Rs.11,370.00 | Rs.7,080.00 (Rs.6,000.00 + GST@18%) | 45 Days |

1. Availability of bids **ONLINE: from 11:00 AM of dtd.30.01.2026 up to 05:00 PM of dtd.09.02.2026**.
2. The date & time of opening of tender: **At 11:30 AM of dtd.10.02.2026**.

For further details and downloading of tender documents, Terms & Conditions, eligibility, corrigendum if any, please visit website **https://tendersodisha.gov.in**.

OIPR- Sd./- Unit Head, CHEP, Chiplima



## ODISHA HYDRO POWER CORPORATION LTD.
(A GOVT. OF ODISHA UNDERTAKING)
CIN: U40101OR1995SGC003963
REGD.OFFICE: OHPC Corporate Office, Bhoi Nagar, Janpath, Bhubaneswar-751022
Phone: 91-0674-2542983, 2542802, 2545526, Fax- 2542102
E-mail: ohpc.co@gmail.com

No. OHPC: TECH: C&P:62/2025-26/657 Date: 27.01.2026

**INVITATION FOR EXPRESSION OF INTEREST**

**No.CAD-3107** : Odisha Hydro Power Corporation Ltd (OHPC), on behalf of its JV Company Odisha Thermal Power Corporation Ltd. (OTPCL), invites Expression of Interest (EOI) from eligible Chartered Accountant/ Cost Accountant/ Company Secretary firms, having their head office at Bhubaneswar with minimum 15 years of existence from the date of registration as on dt.01.01.2026, for **Engagement as Transaction Advisor**, to provide the services relating to valuation of the assets, liquidation and other Legal/ Secretarial/ Taxation advisory services etc., for winding-up of OTPCL.

**For details of the EOI, terms and conditions please visit/ refer our website www.ohpcltd.com from Dt. 31.01.2026 onwards.**

OIPR- C & P Head



## OFFICE OF THE DIRECTOR ACHARYA HARIHAR POST GRADUATE INSTITUTE OF CANCER
(Formerly: Acharya Harihar Regional Cancer Centre)
CUTTACK-753007 (Odisha)
Tel.No : 0671-2304264, Fax No. : 0671-2304683
Email: ahrccdirector@gmail.com

No. 313 /AHPGIC, Cuttack Date: 20.01.2026
S-07/2023-25

**No.E-694** : Sealed tenders are invited in two-bid system by the Director, Acharya Harihar Post Graduate Institute of Cancer, Cuttack-753007 for supply of small instruments on rate contract basis for a period of two years. The bid documents and all details can only be downloaded from the website of AHPGIC, www.ahpgic.in.
The tender schedule dates are as mentioned below :

| Sl. No. | Particulars | Date & Time |
|---|---|---|
| 1 | Last date & time of tender submission (by speed post/registered post) | 10.02.2026 by 5.00 P.M. |
| 2 | Last date & time of receipt of pre-bid queries | 29.01.2026 at 1.00 P.M. |
| 3 | Date and time of pre-bid meeting | 30.01.2026 at 12.30 P.M. |
| 4 | Date & time of opening of technical bid (in presence of bidders/their authorized agents) | 11.02.2026 at 12.30 P.M. |
| 5 | Date of opening of price bid | To be informed to qualified bidders |

The authority reserves the right to accept/reject any/all bids without assigning any reason thereof.

NB :
1. **If any of the dates above fall on a holiday, then the next working day shall be the last date of submission of bids, date of pre-bid meeting, or date of opening of bids.**
2. **If any changes/modifications are made in the tender paper, then the corrigendum issued of any shall only be uploaded in the website of AHPGIC and no advertisement in newspapers shall be published in this regard.**

OIPR- Sd./- Director, AHPGIC, Cuttack

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କୁ ଭେଟିଲେ ପରମେଶ୍ୱର ଫୁଙ୍କୱାଲ




**ଭୁବନେଶ୍ୱର, ୨୯।୧ (ଅନୁରାଧା ମହାରଣା)**

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁଙ୍କୁ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଗୁରୁବାର ଭେଟିଛନ୍ତି। ଏହି ଅବସରରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ରାଜ୍ୟର ପ୍ରମୁଖ ରେଳ ଭିତ୍ତିଭୂମି ଏବଂ ବିକାଶମୂଳକ ପ୍ରକଳ୍ପଗୁଡିକର ଅଗ୍ରଗତିର ଆକଳନ କରାଯାଇଥିଲା। ବୈଠକରେ ପୂର୍ବତଟ ରେଳପଥ, ଦକ୍ଷିଣ କେନ୍ଦ୍ରୀୟ ରେଳପଥ ଏବଂ ଦକ୍ଷିଣତଟ ରେଳପଥର ମହାପ୍ରବନ୍ଧକ ମାନେ ଯୋଗଦେଇଥିଲେ। ଆର୍ଥିକ ଅଭିବୃଦ୍ଧି, ଯାତ୍ରୀ ସୁବିଧା ଏବଂ ପଣ୍ୟ ପରିବହନକୁ ସମର୍ଥନ କରିବା ପାଇଁ ରେଳ ଭିତ୍ତିଭୂମିକୁ ସୁଦୃଢ଼ କରିବା, ଲାଇନ କ୍ଷମତା ବୃଦ୍ଧି କରିବା ଏବଂ ସଂଯୋଗୀକରଣରେ ଉନ୍ନତ କରିବା ଉପରେ ଆଲୋଚନା କରାଯାଇଥିଲା। ଏଥିରେ କୋଟଭାଲସା-କୋରାପୁଟ ରେଳଲାଇନର ଦୋହରୀକରଣ, କୋଟଭାଲସା ଏବଂ ବିଜୟନଗରମ ମଧ୍ୟରେ ଚତୁର୍ଥ ଲାଇନ ଏବଂ ବ୍ୟସ୍ତବହୁଳ ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସହ ବିଜୟନଗରମ ଏବଂ ନୌପଡ଼ା ମଧ୍ୟରେ ତୃତୀୟ ଏବଂ ଚତୁର୍ଥ ଲାଇନର ମଧ୍ୟ ସମୀକ୍ଷା କରାଯାଇଥିଲା। ଓଡ଼ିଶା ଏବଂ ଆନ୍ଧ୍ର ପ୍ରଦେଶ ମଧ୍ୟରେ ସଂଯୋଗକୁ ସୁଦୃଢ଼ କରିବାରେ ଗୁରୁତ୍ୱପୂର୍ଣ୍ଣ ବିଜୟନଗରମ ଟିଟିଲାଗଡ଼ ତୃତୀୟ ଲାଇନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାସହ ବିଶ୍ୱସ୍ତରୀୟ ଯାତ୍ରୀ ସୁବିଧା ଏବଂ ଆଧୁନିକ ଷ୍ଟେଶନ ଭିତ୍ତିଭୂମି ଯୋଗାଇବା ପାଇଁ କରାଯାଉଥିବା ବିଶାଖାପାଟଣା ରେଳ ଷ୍ଟେଶନର ପ୍ରମୁଖ ଉନ୍ନତୀକରଣ ଆଲୋଚନାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥିଲା। ମୁଖ୍ୟମନ୍ତ୍ରୀ ପ୍ରକଳ୍ପଗୁଡ଼ିକୁ ଠିକ୍ ସମୟରେ ଶେଷ କରିବା ଲାଗି ରାଜ୍ୟ ସରକାର ଏବଂ ଭାରତୀୟ ରେଳପଥ ମଧ୍ୟରେ ସମନ୍ୱୟ ଉପରେ ଗୁରୁତ୍ୱାରୋପ କରିଥିଲେ ଏବଂ ଆବଶ୍ୟକ ବୈଧାନିକ ମଞ୍ଜୁରି ପ୍ରଦାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲାଗି ରାଜସ୍ୱ ଓ ଜଙ୍ଗଲ ସମେତ ସମ୍ପୃକ୍ତ ବିଭାଗ ଗୁଡ଼ିକୁ ପରାମର୍ଶ ଦେଇଥିଲେ।

# ପଶ୍ଚିମବଙ୍ଗରେ ନିର୍ମାଣ ହେବ ୬ ନୂଆ ରେଳପଥ

**ଭୁବନେଶ୍ୱର, ୨୯।୧ (ଅନୁରାଧା ମହାରଣା)**




ଭାରତୀୟ ରେଳ ବୋର୍ଡ ଦ୍ୱାରା ଅନୁମୋଦିତ ପଶ୍ଚିମବଙ୍ଗରେ ୬ଟି ନୂଆ ରେଳପଥ ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ। ଦକ୍ଷିଣ ପୂର୍ବ ରେଳପଥ ଦ୍ୱାରା ଏହି ପ୍ରକଳ୍ପଗୁଡ଼ିକ କାର୍ଯ୍ୟକାରୀ ହେବ। ଏହାଦ୍ୱାରା ଅଞ୍ଚଳର ସଂଯୋଗ ବୃଦ୍ଧି ପାଇବା ସହ ସ୍ଥାନୀୟ ଅର୍ଥନୀତି ବୃଦ୍ଧି ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କୁ ଉନ୍ନତ ଯାତାୟାତ ସୁବିଧା ମିଳିବ। କାନ୍ଥି-ଏଗ୍ରା ନୂଆ ରେଳପଥ ପ୍ରକଳ୍ପର ଦୈର୍ଘ୍ୟ ୨୬.୨ କିଲୋମିଟର ହୋଇଥିବାବେଳେ ଏହାର ଆନୁମାନିକ ମୂଲ୍ୟ ୨୪୭.୨୮ କୋଟି ଟଙ୍କା ରହିଛି। ପୂର୍ବ ମେଦିନୀପୁର ଜିଲାରେ ନନ୍ଦକୁମାର-ବଲାଇପାଣ୍ଡା ନୂଆ ରେଳପଥ ଦୈର୍ଘ୍ୟ ୨୮ କିଲୋମିଟର ରହିଛି। ଏହାର ଆନୁମାନିକ ମୂଲ୍ୟ ୨୭୫.୧୪ କୋଟି ଟଙ୍କା। ନନ୍ଦିଗ୍ରାମ-କନ୍ଦିଆମାରି (ନୟାଚର) ନୂଆ ରେଳପଥ ଆନୁମାନିକ ମୂଲ୍ୟ ୭୫.୬୨ କୋଟି ଟଙ୍କା ରହିଛି। ପୂର୍ବ ବର୍ଦ୍ଧମାନ ଓ ହୁଗ୍‌ଲି ଜିଲାରେ ନିର୍ମାଣ ହେବାକୁ ଥା ବୋଇଚନ୍ଦି-ଆରାମବାଗ ନୂଆ ରେଳପଥର ଦୈର୍ଘ୍ୟ ୩୧ କିଲୋମିଟର ରହିଛି। ଏହାର ଆନୁମାନିକ ମୂଲ୍ୟ ୨୬୭.୩୭ କୋଟି ଟଙ୍କା। ଏହି ରେଳପଥ ନିର୍ମାଣ ହେଲେ ବୋଇଚନ୍ଦି ଓ ଆରାମବାଗ ମଧ୍ୟରେ ରେଳ ଦୂରତା ପ୍ରାୟ ୯୦ କିଲୋମିଟର କମିଯିବ। ପୂର୍ବ ବର୍ଦ୍ଧମାନ ଜିଲାରେ ନିର୍ମାଣ ହେବାକୁ ଥିବା ବୋଇଚନ୍ଦି-ଖନା ନୂଆ ରେଳପଥ ଦୈର୍ଘ୍ୟ ୨୪.୪ କିଲୋମିଟର ରହିଥିବାବେଳେ ଆନୁମାନିକ ମୂଲ୍ୟ ୩୮.୯୨ କୋଟି ଟଙ୍କା। ଏହାଦ୍ୱାରା ବୋଇଚନ୍ଦି ଓ ଖନା ମଧ୍ୟରେ ରେଳ ଦୂରତା ପ୍ରାୟ ୬୪ କିଲୋମିଟର ହ୍ରାସ ପାଇବ। ବାଙ୍କୁଡ଼ା (କଳାବତୀ)-ପୁରୁଲିଆ ବା ହୁରା ମଧ୍ୟରେ ନୂଆ ରେଳପଥ ପାଇଁ ପ୍ରାୟ ୨୯୪.୮୯ କୋଟି ଟଙ୍କା ଖର୍ଚ୍ଚ ହେବ।

# ଓଡ଼ିଶାରେ ଗ୍ରୀନ୍ ମିଥାନଲ ସୁବିଧା ପ୍ରତିଷ୍ଠା କରିବ ଏସିଏମ୍‌ଇ

**ଭୁବନେଶ୍ୱର, ୨୯।୧**

ଓଡ଼ିଶାରେ ୨୦୦ କେଟିପିଏ କ୍ଷମତା ବିଶିଷ୍ଟ ଏକ ଗ୍ରୀନ୍ ମିଥାନଲ ଉତ୍ପାଦନ ସୁବିଧା ପ୍ରତିଷ୍ଠା କରିବାକୁ ଏସିଏମ୍‌ଇ ଗ୍ରୁପ୍ ଯୋଜନା କରୁଛି। ଇଣ୍ଡଷ୍ଟ୍ରିଆଲ ପ୍ରମୋସନ ଆଣ୍ଡ ଇନ୍‌ଭେଷ୍ଟମେଣ୍ଟ କର୍ପୋରେଶନ ଅଫ୍ ଓଡ଼ିଶା ଲିମିଟେଡ୍ (ଇପିକଲ) ସହ ଏସିଏମ୍‌ଇ ହାତ ମିଳାଇଛି। ଗ୍ରୀନ୍ ମିଥାନଲ ସୁବିଧା ଏସିଏମ୍‌ଇ ଗ୍ରୀନ୍ ହାଇଡ୍ରୋଜେନ ବ୍ୟବସାୟର ଏକ ଅଂଶ ଏବଂ ଏସିଏମ୍‌ଇ ଅକ୍ଷୟ ଏନର୍ଜି ପ୍ରାଇଭେଟ୍ ଲିମିଟେଡ୍ ନାମକ ଏକ ସ୍ୱତନ୍ତ୍ର ପ୍ରକଳ୍ପ ଯାନ ଅଧୀନରେ ପ୍ରତିଷ୍ଠା ହେବ। ଏହି ପ୍ରକଳ୍ପ ଓଡ଼ିଶାର କେନ୍ଦ୍ରାପଡ଼ା ଜିଲାରେ ପ୍ରାୟ ୧୧୦୦ ନିଯୁକ୍ତି ସୁଯୋଗ ସୃଷ୍ଟି କରିବି। ଏସିଏମ୍‌ଇ ଗ୍ରୁପ୍ ଏବଂ ଇପିକଲ ଗ୍ରୀନ୍ ମିଥାନଲ ପ୍ରକଳ୍ପର ଶୀଘ୍ର କାର୍ଯ୍ୟକାରିତା ପାଇଁ ଜଣେ ନୋଡାଲ ଅଧିକାରୀଙ୍କୁ ଚିହ୍ନଟ କରିବେ ବୋଲି ଏସିଏମ୍‌ଇ ଗ୍ରୀନ୍ ହାଇଡ୍ରୋଜେନ ଏବଂ ଆମୋନିଆ ବ୍ୟବସାୟ ୟୁନିଟ୍‌ର ମୁଖ୍ୟ ପରିଚାଳନା ଅଧିକାରୀ ଅନିଲ ଟାପାରିଆ କହିଛନ୍ତି।


**Crystal Anniversary**



**Aswini & Jyotsna**
**IRC Village, Bhubaneswar**
**"Thank you for an incredible year together."**
**Best wishes from:**
**Arshit & Family**

ଧ-୩୨୩୯



# Classified Everyday
0674-2580101, 9692975378

## REAL ESTATE SALE



ଭୁବନେଶ୍ୱର GITA Engineering College ନିକଟ Infocity- 2 ପାଖରେ ଘରବାରି, Boundary ଥାଇ ପ୍ଲଟ୍ ବିକ୍ରିହେବ। 6372753860, 7008095537. D-3215


ଭୁବନେଶ୍ୱର ବରମୁଣ୍ଡାରୁ 48km farmhouse land ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। 8144706560. D-3199

Own Gharabari Residential Plot 3100sqft. with Compoundwall & Electricity at Brahmanjharilo, 7km from Phulnakhara, Cuttack & 12km from Bhubaneswar. Total Rs.41Lakhs (Including Registr ation charges). 7809525452. D-208

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା Sum-2 ଏବଂ Grand Bazar (NH-16) ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି SC general plot କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। 9658562429. D-3194

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ KEC ପାଖରେ ready to move 2/3BHK flat ବିକ୍ରି ହେବ। 8327785834 D-3178



GROUND FLOOR 1800SQFT. NEAR CHINTAMANISWAR TEMPLE BHUBANESWAR BOTH SIDE ROAD FOR GODOWN/ COMMERCIAL. 7008506934/ 7978968374. D-3237


## LOST

Missing of Sale deed No.- 713 (Date- 13.06.2007) executed by Laxamannath Nayak in favour of Binshu Mohan Kar and Udaynath Kar. Khata No.- 189/161, Plot No.- 383, Mouza- Jagannathpur, Tahasil- Hatadihi, Dist.- Keonjhar, Secretary- St Xavier High School, Udayanath Kar. D-3236

## AFFIDAVIT



By virtue of an affidavit sworn before the Executive Magistrate, Bhubaneswar, dtd.- 16.01.2026, I, Tanmay Kumar Nayak, S/o.- Kamala Kanta Nayak, Adress: At/P.O.- Odasingh, P.S.- Salipur, Dist.- Cuttack, PIN- 754201, Odisha declare that I have changed my name from Tanmoya Nayak to Tanmay Kumar Nayak. Henceforth, I shall be known as Tanmay Kumar Nayak for all purpose.
Tanmay Kumar Nayak
D-3228

By virtue of an affidavit dtd.- 21.01.2026 sworn before Executive Magistrate, Bhadrak, I, Jaeda Bibi, W/o.- SK Hamajad, Vill.- Chhadakmahala, Sultan Nagar, P.O./P.S.- Purunabazar, Dist.- Bhadrak, Odisha, PIN- 756100 declare that I have changed my name from Jaena Bibi to Jaeda Bibi. Henceforth, I shall be known as Jaeda Bibi for all future purposes. D- 3234

By virtue of an affidavit dtd. 22.01.2026 sworn before Executive Magistrate, Bhadrak, I, Hemanta Das, S/o.- Ekadasi Das, Vill.- Dagarasahi, P.O.- Baralapokhari, P.S./ Dist.- Bhadrak, Odisha, PIN- 756101 declare that I have changed my son's name from OMM RAJNANDAN to OMMRAJ NANDAN DAS. Henceforth, he shall be known as OMMRAJ NANDAN DAS for all future purposes. D-3235

ମୁଁ, ଗଜେନ୍ଦ୍ର ନାୟକ, ପିତା- ଛାଟିଆ ନାୟକ, ଗ୍ରାମ/ପୋଷ୍ଟ- ବାଉରୀ ସାହି, ରାଜରଣପୁର, ଥାନା- ରଣପୁର, ଜିଲ୍ଲା- ନୟାଗଡ଼ ଆଗରୁ ମୋର ନାମ କେତେକ କାଗଜପତ୍ରରେ ଗଜି ନାୟକ ଥିଲା। ସତ୍ୟପାଠ କରି ତା।୦୪।୧୦।୨୦୨୫ରିଖରେ ମୋର ପୂର୍ବ ନାମ ଗଜି ନାୟକ ପରିବର୍ତ୍ତେ ଗଜେନ୍ଦ୍ର ନାୟକ ନାମରେ ପରିଚିତ ହେବି। ଗଜି ନାୟକ ଓ ଗଜେନ୍ଦ୍ର ନାୟକ ଜଣେ ବ୍ୟକ୍ତି ଅଟନ୍ତି। ଏଣିକି ମୋର ପ୍ରତ୍ୟେକ କାମରେ ମୁଁ ଗଜେନ୍ଦ୍ର ନାୟକ ନାମରେ ପରିଚିତ ହେବି। ଧ-୩୨୩୩

By virtue of an affidavit sworn before Notary Public, Ungamaha, dated- 09.07.2025, I, Ayush Majhi, Address: At- Ungamaha, P.O.- Kurtamgarh, Block- Tumudibandha, P.S.- Tumudibandha, Dist.- Kandhamal, State-Odisha declare that I have changed my name from Pilata Majhi to Ayush Majhi. Henceforth, I shall be known as Ayush Majhi for all purposes.
Ayush Majhi
D-3232

By virtue of an affidavit sworn before Executive Magistrate, Puri, dated- 09.01.2026, I, P L Jayashree alias Pradeep Lilima Jayashree, D/o.- Pradeep Kumar Tripathy and Lilima Satapathy and W/o.- Bijaya Kumar Nanda residing at Kasinath Niwas, Jali Sahi, Seabeach, P.S.- Puri(M), Odisha PIN- 752002 declare that I have changed my name from P L Jayashree alias Pradeep Lilima Jayashree to Jayashree Nanda. Henceforth, I shall be known as Jayashree Nanda for all purposes. D-76893

By virtue of an affidavit sworn before Executive Magistrate, Puri, dated- 15.01.2026, I, Sekhar Shrestha, S/o.- Late Krishna Kumar Shrestha residing At- Jolko, P.O.- Boria, P.S.- Kesinga, Dist.- Kalahandi, Odisha, PIN- 766012 declare that I have correct my name from Sekhar Shrestha. to Sekahar Shrestha. Henceforth, I shall be known as Sekahar Shrestha for all purposes. D-76892

By virtue of an affidavit sworn before the Notary, Berhampur, Ganjam, I, Sweta Shree Akuaready, W/o.- Arpit Vibhute, D/o.- A Surya Narayan Rao, resident of Flat No. A-302, Block A, Savy Ville De, Raj Nagar Extension, Ghaziabad, Uttar Pradesh- 201017 declare by this affidavit No.- A-860, Dated- 16.01.2026 that I have changed my name from Sweta Shree Akuaready to Urvi V Vibhute. Henceforth, I shall be known as Urvi V Vibhute for all future purposes. D-3229


ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ରିଭିଜନ ଅଦାଲତ ନମ୍ବର - ୧
ଶ୍ରୀମତୀ କନକଚମ୍ପା ମେହେର, ଓଡ଼ିଶା ପ୍ରଶାସନିକ ସେବା, (ଏସ୍.ଏ.ଜି)
ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍. କେସ୍ ନଂ.- ୨୫୮୪/୨୦୧୬
(ଦେୱାନୀ କାର୍ଯ୍ୟ ବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ତାପସ ମହାପାତ୍ର ...............ବାଦୀ
ବନାମ
ସନସାଇନ ଆଇଫେକ୍ସ ପ୍ରାଇଭେଟ ଲିମିଟେଡ୍ ଏବଂ ଅନ୍ୟମାନେ ...........ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଓ ଠିକଣା

ପ୍ରତିବାଦୀ: ୧. ସନସାଇନ ଆଇଫେକ୍ସ ପ୍ରାଇଭେଟ ଲିମିଟେଡ୍ ତରଫ ମ୍ୟାନେଜିଙ୍ଗ ଡିରେକ୍ଟର ସୁକୁମାର ଦାଶ, ପିତା- ସୁଧାଂଶୁ କୁମାର ଦାଶ, ଏନ୍-୨/୮୦, ଆଇ.ଆର.ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର- ୭୫୧୦୧୫। ୫. ପ୍ରଫୁଲ୍ଲ ଚନ୍ଦ୍ର ପଟ୍ଟନାୟକ, ପିତା- ପଦ୍ମଚରଣ ପଟ୍ଟନାୟକ, ଗ୍ରାମ/ପୋ- ଯାଆଁଳା, ଥାନା- ଜଟଣୀ।

ଏତଦ୍ୱାରା ପ୍ରତିବାଦୀ ନଂ.୧ ଓ ୫ଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ, ଉପରୋକ୍ତ ମୋକଦ୍ଦମାରେ ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ବୃତାନ୍ତ ପ୍ରକାଶନର ରେକର୍ଡ ରିଭିଜନ ନିମନ୍ତେ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର- ୧ରେ ଦାଖଲ କରିଛନ୍ତି। ପ୍ରତିବାଦୀଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା, କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଯାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୧, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଇଜିଲାସରେ ଆସନ୍ତା ତା ୦୯.୦୩.୨୦୨୬ ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଅଛି।

ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା- ଜଟଣୀ, ମୌଜା- ହରପୁର, ସାବକ: ଖାତା ନମ୍ବର- ୫୫/୧୯, ପ୍ଲଟ ନମ୍ବର- ୪/୧୭୮/୨୦୧, କିସମ- ଘରବାରି, ରକବା- ଏ ୦.୨୦୦ ଡି. ସମ୍ବନ୍ଧ ରୁ ଏ ୦.୧୦୦ ଡି., ସ୍ୱତ୍ୱ- ସ୍ଥିତିବାନ୍। ହାଲ୍: ଖାତା ନମ୍ବର- ୮୮, ପ୍ଲଟ ନମ୍ବର- ୫୧, କିସମ- ଘରବାରି, ରକବା- ଏ ୦.୧୯୮ ଡି. ସମ୍ବନ୍ଧ ରୁ ଏ ୦.୧୦୦ ଡି., ସ୍ୱତ୍ୱ- ସ୍ଥିତିବାନ୍।

ଏଣୁ ଉପରୋକ୍ତ ମୋକଦ୍ଦମାର ପ୍ରତିବାଦୀମାନେ ନିଜେ କିମ୍ବା ସେମାନଙ୍କର ଉତ୍ତରାଧିକାରୀମାନେ ତାଙ୍କରି କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଧାର୍ଯ୍ୟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ନିୟମ ଅନୁଯାୟୀ ଉକ୍ତ ମୋକଦ୍ଦମା ବିଚାର କରାଯିବ।

ତା. ୨୭।୦୧।୨୦୨୬ — ଅତିରିକ୍ତ ଆୟୁକ୍ତଙ୍କ ଆଦେଶ ଅନୁଯାୟୀ
ଭୁବନେଶ୍ୱର — ଏନ୍. ରାଜୁ
ସ୍ୱା./- କୋର୍ଟ ଅଫିସର
ଧ-୩୨୩୮

## ମନେ ପଡ଼ନ୍ତି

### ଏକାଦଶାହ ଉପଲକ୍ଷେ



**୰ରମାମଣୀ ସାହୁ**
ମହଙ୍ଗପଡ଼ା, ନିଆଳି, କଟକ
ଆବିର୍ଭାବ: ୦୬।୧୧।୧୯୪୭
ତିରୋଧାନ: ୨୦।୦୧।୨୦୨୬

ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ଏବେବି ବିଶ୍ୱାସ ହେଉନାହିଁ ଯେ, ତୁମେ ଆମ୍ଭମାନଙ୍କୁ ଛାଡ଼ି ସବୁଦିନ ପାଇଁ ଚାଲି ଯାଇଛ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଶୀର୍ବାଦ ଆମ ପାଇଁ ପ୍ରେରଣା ଦାୟକ ହେଉ। ତୁମର ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ହତଭାଗ୍ୟ ପୁତ୍ରମାନେ:
ଦିଲିପ କୁମାର ସାହୁ, ପ୍ରଦୀପ କୁମାର ସାହୁ, ପ୍ରତାପ କିଶୋର ସାହୁ, ବନ୍ଧୁ ଓ ପରିବାରବର୍ଗ
ଧ-୩୨୪୧

### ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**୰ଉଲ୍ଲାସ ମଞ୍ଜରୀ ମହାନ୍ତି**
କୁସୁପୁର ସାରଡ଼ ମହାନ୍ତି ସାହି, ଗୋପ, ପୁରୀ
ଆବିର୍ଭାବ: ୦୨।୦୧।୧୯୩୯
ତିରୋଧାନ: ୨୦।୦୧।୨୦୨୬

ତୁମେ ଆମ୍ଭମାନଙ୍କୁ ଛାଡିଯିବା ୧୧ ଦିନ ବିତିଲାଣି। ତୁମ ବିୟୋଗ ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।

ଶୋକସନ୍ତପ୍ତ:- ହତଭାଗ୍ୟ ସ୍ୱାମୀ- ଲକ୍ଷ୍ମୀଧର ମହାନ୍ତି, ପୁତ୍ର- ଚିତ୍ତରଞ୍ଜନ, ନିରଞ୍ଜନ, ଜ୍ୟୋତିରଞ୍ଜନ, ମାନସ ରଞ୍ଜନ, ସମୀର ରଞ୍ଜନ, ନାତି- ଚନ୍ଦନ, ତୁଷାର, କୁକୁ, କାହ୍ନା, ଓ ଶୋକସନ୍ତପ୍ତ ପରିବାରବର୍ଗ ସହିତ ଝିଅ, ଜ୍ୱାଇଁ, ସ୍ୱର୍ଗତ ମଞ୍ଜୁଲା ମହାନ୍ତି, ସ୍ୱର୍ଗତ ଭଗବତୀ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ମହାନ୍ତି, କଲ୍ୟାଣୀ ମହାନ୍ତି, ଲଲାଟେନ୍ଦୁ ରାୟ, ମମତା ମହାନ୍ତି, ଦିଲ୍ଲୀପ କୁମାର ଚୌଧୁରୀ, ସବିତା ମହାନ୍ତି, ଯଶୋବନ୍ତ ମହାନ୍ତି ଓ ସଂଯୁକ୍ତା ମହାନ୍ତି।
ଧ-୩୨୪୦

# ପଛୁଆ ଅଞ୍ଚଳରେ ସ୍ଥାୟୀ ନିଯୁକ୍ତି ବୃଦ୍ଧି ଉପରେ ଗୁରୁତ୍ୱ

**ଭୁବନେଶ୍ୱର, ୨୯।୧ (ଅନୁରାଧା ମହାରଣା)**

କେନ୍ଦ୍ର ବଜେଟ ୨୦୨୬-୨୭ ପୂର୍ବରୁ ଓଡ଼ିଶାର ପଛୁଆ ଅଞ୍ଚଳ, ବିଶେଷକରି ଦକ୍ଷିଣ-ପଶ୍ଚିମ ଅଞ୍ଚଳ, କଳାହାଣ୍ଡି ଏବଂ ରାୟଗଡ଼ା ଭଳି ଜିଲାଗୁଡ଼ିକରେ ଗତ ବର୍ଷର ୯,୧୭୬ କୋଟି ଟଙ୍କାର ଅତିରିକ୍ତ ପାଣ୍ଠି ସହାୟତାକୁ ବଜାୟ ରଖିବା ସହ ସ୍ଥାୟୀ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବାକୁ ଏକ ବେସରକାରୀ ସଂଗଠନ ପ୍ରହାର ପକ୍ଷରୁ ଅର୍ଥ ମନ୍ତ୍ରଣାଳୟକୁ ଅନୁରୋଧ କରାଯାଇଛି। ପ୍ରହାରର ସଭାପତି ଏବଂ ଜାତୀୟ ସଂଯୋଜକ ଅଭୟ ରାଜ ମିଶ୍ର କହିଛନ୍ତି, ଓଡ଼ିଶା ଭଳି ଖଣିଜ ସମୃଦ୍ଧ ରାଜ୍ୟରେ ଆନୁଷ୍ଠାନିକ କ୍ଷେତ୍ର ନିଯୁକ୍ତି ସୃଷ୍ଟି କରିବା ପାଇଁ ନିରନ୍ତର ପ୍ରଗତି ସେତେବେଳେ ଆସିବ ଯେତେବେଳେ ବିକାଶ ଖର୍ଚ୍ଚ ଶିଳ୍ପାୟନ ଏବଂ ଉତ୍ପାଦନ ଅଭିବୃଦ୍ଧି ସହିତ ମିଶ୍ରିତ ହେବ। ଉପକୂଳ ଏବଂ ପୂର୍ବ ଜିଲାଗୁଡ଼ିକରେ ବୃହତ ଶିଳ୍ପ ନିବେଶ, ଡାଉନଷ୍ଟ୍ରିମ ଇକୋସିଷ୍ଟମ ଏବଂ କ୍ୟାପ୍ଟିଭ ମାଇନିଂରୁ ଲାଭ ପାଇଥିଲେ ମଧ୍ୟ ପ୍ରଚୁର ଖଣିଜ ସଂରକ୍ଷଣ ସତ୍ତ୍ୱେ ଦକ୍ଷିଣ-ପଶ୍ଚିମ ବେଲ୍ଟରେ ସମାନ ସୁଯୋଗ ସୃଷ୍ଟି ହୋଇନାହିଁ। ସ୍ୱତନ୍ତ୍ର ଶିଳ୍ପ ଯାନବାହନ, ଖଣିଜ ସମ୍ପଦର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଏବଂ ଫିଡର ଏବଂ ଡାଉନଷ୍ଟ୍ରିମ ଶିଳ୍ପର ବିକାଶ ଏହି ଅସନ୍ତୁଳନକୁ ସଂଶୋଧନ କରିପାରିବ ଏବଂ ପ୍ରକୃତରେ ବିକଶିତ ଓ ଦୃଷ୍ଟିକୋଣ ସହ ଦକ୍ଷିଣ ଏବଂ ପଶ୍ଚିମ ଓ ସମାନ ବିକାଶକୁ ସକ୍ଷମ କରିପାରିବ ବୋଲି ସେ କହିଛନ୍ତି।

# ୩୧ରେ ଡ୍ରିମ୍ସର ସମାବର୍ତ୍ତନ ଉତ୍ସବ

**ଭୁବନେଶ୍ୱର, ୨୯।୧ (ଅନୁରାଧା ମହାରଣା)**

ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ୨ୟ ସମାବର୍ତ୍ତନ ଉତ୍ସବ ଜାନୁଆରୀ ୩୧ରେ ଅନୁଷ୍ଠିତ ହେବାକୁ ଯାଉଛି। ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଏହି ଉତ୍ସବରେ ପୌରୋହିତ୍ୟ କରିବେ। ମୁଖ୍ୟ ଅତିଥି ଭାବେ ଭାରତ ସରକାରଙ୍କ ପୂର୍ବତନ ବୈଦେଶିକ ସଚିବ ଲଳିତ ମାନସିଂହ ଯୋଗଦେବେ। ଏହି ଅବସରରେ ଜାତୀୟସ୍ତରରେ ସୁନାମ ଅର୍ଜନ କରିଥିବା ତଥା ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ତୁଳସୀ ମୁଣ୍ଡା ଓ ଦମୟନ୍ତୀ ବେଶ୍ରାଙ୍କୁ ଜୀବନ ବ୍ୟାପୀ ସାଧନା ପାଇଁ 'ସମ୍ମାନସୂଚକ' ଡକ୍ଟରେଟ ପ୍ରଦାନ କରାଯିବ। ଏଥି ସହିତ ଡ୍ରିମ୍ସ୍ ବିଶ୍ୱବିଦ୍ୟାଳୟ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନର ୧୮ ଜଣ ଶ୍ରେଷ୍ଠ ସ୍ନାତକ ଛାତ୍ରୀଛାତ୍ରଙ୍କୁ ସ୍ୱର୍ଣ୍ଣ ପଦକ ଏବଂ ୪୦୦ରୁ ଅଧିକ ଛାତ୍ରୀଛାତ୍ର ଡିଗ୍ରୀ ପ୍ରଦାନ କରାଯିବ। ସମାରୋହରେ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର କୃଷ୍ଣପ୍ରସାଦ ପତି, ସହ ଅଧକ୍ଷ ଇଂ ଦୁର୍ଗା ପ୍ରସାଦ ରଥଙ୍କ ସମେତ ବୋର୍ଡ ଅଫ୍ ଗଭର୍ନର୍ସ, ବୋର୍ଡ ଅଫ୍ ମ୍ୟାନେଜମେଣ୍ଟ ଏବଂ ଏକାଡେମିକ କାଉନସିଲର ସଦସ୍ୟାସଦସ୍ୟ ଉପସ୍ଥିତ ରହିବେ। ସୂଚନାଥାଉକି, ଇଞ୍ଜିନିୟରିଂ ସ୍ନାତକ ପାଠ୍ୟକ୍ରମରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଇତିମଧ୍ୟରେ ଏମ୍‌ବିବିଏସ୍, ପିଜି, ସ୍କୁଲ ଅଫ୍ ନର୍ସିଂ, ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ସ୍କୁଲ ଅଫ୍ ପ୍ରଫେସନାଲ ଷ୍ଟଡିଜ୍ ସ୍କୁଲ ଅଫ୍ ଆପ୍ଲାଏଡ୍ ଆଣ୍ଡ ହେଲ୍‌ଥ କେୟାର ସାଇନ୍ସ ସ୍କୁଲ ଅଫ୍ ନର୍ସିଂ, ସ୍କୁଲ ଅଫ୍ ମ୍ୟାନେଜମେଣ୍ଟ, ସ୍କୁଲ ଅଫ୍ ଫ୍ୟାଶନ୍ ପାଠ୍ୟକ୍ରମ ଯୋଡ଼ି ହୋଇଛି।

# ଚର୍ଚ୍ଚାରେ ଇଭା ଜୋଭିକ୍

ଦିନକୁ ଦିନ ଭଲ ପ୍ରଦର୍ଶନ କରୁଥିବା ଆମେରିକାର ଟିନ୍ ଏଜ୍ ସେନ୍‌ସେଶନ ମହିଳା ଟେନିସ ପ୍ରତିଭା ଇଭା ଜୋଭିକ୍ ଏବେ ଚର୍ଚ୍ଚାରେ। ପୂର୍ବରୁ କେବେହେଲେ କୌଣସି ଗ୍ରାଣ୍ଡସ୍ଲାମର ତୃତୀୟ ରାଉଣ୍ଡ ଅତିକ୍ରମ କରିପାରି ନ ଥିବା ୧୮ ବର୍ଷୀୟ ଜୋଭିକ୍ ଏଥର ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମର ମହିଳା ସିଙ୍ଗଲ୍ସ କ୍ୱାର୍ଟର ଫାଇନାଲରେ ପହଞ୍ଚି ନିଜ ଉଜ୍ଜ୍ୱଳ ଭବିଷ୍ୟତର ସୂଚନା ଦେଇଛନ୍ତି। ନିଜର ଏହି ପ୍ରଥମ ଗ୍ରାଣ୍ଡସ୍ଲାମ କ୍ୱାର୍ଟର ଫାଇନାଲରେ ଯଦିଓ ବିଶ୍ୱର ନମ୍ବରୱାନ ଖେଳାଳି ଆରିନା ସାବାଲେଙ୍କାଙ୍କ ନିକଟରୁ ସେ ପରାସ୍ତ ହୋଇଛନ୍ତି ତେବେ ଜଣେ ଉଦୀୟମାନ ପ୍ରତିଭାଭାବେ ନିଜକୁ ପ୍ରମାଣିତ କରିଛନ୍ତି। ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ପୁରୁଷ ଖେଳାଳି ନୋଭାକ୍ ଜୋକୋଭିଚ୍ ଏହି ଆମେରିକୀୟ ଖେଳାଳିଙ୍କୁ ଭବିଷ୍ୟତର ନମ୍ବର ୱାନଭାବେ ଅବିହିତ କରିଛନ୍ତି। ଆଗାମୀ ଦିନରେ ସେ ନିଶ୍ଚିତ ଚାମ୍ପିୟନ ହୋଇପାରିବେ ବୋଲି ମଧ୍ୟ ଜୋକୋଭିଚ୍ ଭବିଷ୍ୟବାଣୀ କରିଛନ୍ତି। ଜୋଭିକ୍ ଦ୍ୱିତୀୟ ସର୍ବକନିଷ୍ଠ ମହିଳା ଖେଳାଳିଭାବେ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମର କ୍ୱାର୍ଟର ଫାଇନାଲରେ ଖେଳିଥିଲେ। ୧୯୯୮ରେ ମାତ୍ର ୧୭ ବର୍ଷରେ କ୍ୱାର୍ଟର ଫାଇନାଲ ଖେଳି ଭେନସ ୱିଲିୟମ୍ସ ଆମେରିକୀୟ ରେକର୍ଡର ଅଧିକାରୀ ଅଛନ୍ତି। ୧୨ ମାସ ପୂର୍ବରୁ ଡବ୍ଲ୍ୟୁଟିଏ ର୍‍ୟାଙ୍କିଙ୍ଗ୍‌ର ୧୯୧ତମ ସ୍ଥାନରେ ଥିବା ଜୋଭିକ୍ ଏବେ ୨୭ତମ ସ୍ଥାନରେ ପହଞ୍ଚି ଯାଇଛନ୍ତି। ଜଣେ ସିଡେଡ ଖେଳାଳିଭାବେ ମଧ୍ୟ ସେ କ୍ୟାରିୟରର ପ୍ରଥମ ଗ୍ରାଣ୍ଡସ୍ଲାମ ଏଥର ଖେଳିଛନ୍ତି। ୨୦୦୭ ଡିସେମ୍ବର ୬ରେ କାଲିଫର୍ନିଆର ଟୋରାନ୍ସରେ ଜନ୍ମିତ ଜୋଭିକ୍‌ଙ୍କ ବାପା ବୋଜାନ ଜଣେ ସର୍ବୀୟ ଏବଂ ମା' ଜେଲେନା କ୍ରୋଏସିଆର।



# ଅଲ୍ ଫର୍ମାଟ୍ କ୍ୟାପ୍‌ଟେନ

ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳର ବାମହାତୀ ସ୍ପିନର ସୋଫି ମୋଲିନକ୍ସଙ୍କୁ ଗୁରୁଦାୟିତ୍ୱ ଦିଆଯାଇଛି। ସେ ସମସ୍ତ ଫର୍ମାଟ୍‌ରେ ଅଷ୍ଟ୍ରେଲିଆ ମହିଳା ଦଳର ଅଧିନାୟିକା ହୋଇଛନ୍ତି। ଆଲିସା ହିଲି ଫେବୃଆରୀ-ମାର୍ଚ୍ଚରେ ଭାରତ ବିପକ୍ଷରେ ହେବାକୁ ଥିବା ସିରିଜ୍‌ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେବେ ବୋଲି ଘୋଷଣା କରିଛନ୍ତି। ତେଣୁ ସମସ୍ତ ଫର୍ମାଟଲାଗି ମୋଲିନକ୍ସଙ୍କୁ ଅଷ୍ଟ୍ରେଲିଆ ଦଳର ଅଧିନାୟିକା ଘୋଷଣା କରାଯାଇଛି। ଭାରତ ବିପକ୍ଷରେ ଅଷ୍ଟ୍ରେଲିଆ ମହିଳା କ୍ରିକେଟ ଦଳ ୩ ଟି୨୦, ୩ ଦିନିକିଆ ଓ ଗୋଟିଏ ଟେଷ୍ଟ ଖେଳିବ। ମୋଲିନକ୍ସଙ୍କ ନେତୃତ୍ୱରେ ଅଷ୍ଟ୍ରେଲିଆ ଟି୨୦ ସିରିଜ ଖେଳିବ। ଅନ୍ୟପକ୍ଷରେ କ୍ୟାରିୟର ଅପରାହ୍ନରେ ପହଞ୍ଚିଥିବା ଆଲିସା ହିଲି ଦିନିକିଆ ଓ ଟେଷ୍ଟରେ ଶେଷଥର ଲାଗି ନିଜ ନେତୃତ୍ୱର ଯାଦୁ ଦେଖାଇବେ। ଏହାପରେ ସମସ୍ତ ଫର୍ମାଟ୍‌ର ଦାୟିତ୍ୱ ମୋଲିନକ୍ସଙ୍କ ହାତକୁ ଆସିବ। ୨୮ ବର୍ଷୀୟା ମୋଲିନକ୍ସଙ୍କ ବ୍ୟତୀତ ତାହିଲା ମ୍ୟାକଗ୍ରା ଅଧିନାୟିକା ଦୌଡ଼ରେ ଥିଲେ। ହେଲେ ସମ୍ଭବତଃ ଖରାପ ଫର୍ମ କାରଣରୁ ତାଙ୍କୁ ଅଣଦେଖା କରାଯାଇ ଥାଇପାରେ। ଏଥିଯୋଗୁ ଆଗାମୀ ଭାରତ ବିପକ୍ଷ ସିରିଜ୍ ଲାଗି ଅଷ୍ଟ୍ରେଲିଆ ଦଳ ଘୋଷଣା କରାଯିବା ସହ ମୋଲିନକ୍ସଙ୍କୁ ଭବିଷ୍ୟତର ଅଲ୍-ଫର୍ମାଟ ଲିଡରଭାବେ ବଛାଯାଇଛି। ଆଗାମୀ ଟି୨୦ ସିରିଜରେ ତାହିଲା ମ୍ୟାକଗ୍ରା ଓ ଆଶ୍ ଗାର୍ଡନର ଉପଅଧିନାୟିକା ମନୋନୀତ ହୋଇଛନ୍ତି। ଦିନିକିଆ ଓ ଟେଷ୍ଟରେ ଆଲିସା ହିଲିଙ୍କ ଡେପୁଟି ରହିବେ ମୋଲିନକ୍ସ।



# ନିଜକୁ ଭାଗ୍ୟବାନ୍ ମଣୁଛନ୍ତି ସର୍ଫରାଜ

ମୁମ୍ବାଇ ବ୍ୟାଟର ସର୍ଫରାଜ ଖାଁ ଆଗାମୀ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ଭାରତୀୟ କିମ୍ବଦନ୍ତୀ ମହେନ୍ଦ୍ର ସିଂ ଧୋନୀଙ୍କ ସହ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ପାଇଁ ଖେଳିବେ। ଭାରତୀୟ ଟେଷ୍ଟ ଦଳରେ ଅଧିକ ସୁଯୋଗ ପାଇ ନ ଥିବା ସର୍ଫରାଜ ସିଏସ୍‌କେ କ୍ୟାମ୍ପରେ ନିଜକୁ ପ୍ରମାଣ କରିବା ସହ ଅନେକ କିଛି ଶିକ୍ଷା କରିବାକୁ ଲକ୍ଷ୍ୟ ରଖିଛନ୍ତି। ପୂର୍ବରୁ ନିଜ ଓଜନ କାରଣରୁ ଖୁବ ଟ୍ରୋଲ ହେଉଥିବା ଏହି ମୁମ୍ବାଇ ଖେଳାଳି ନିଜ ଫିଟ୍‌ନେସ ଓ ଫର୍ମ ଉପରେ ଖୁବ କାମ କରିଛନ୍ତି। ଏହାର ପ୍ରମାଣ ହେଉଛି ଘରୋଇ କ୍ରିକେଟରେ ତାଙ୍କ ପ୍ରଦର୍ଶନ। ଗତ ହାଇଦ୍ରାବାଦ୍ ବିପକ୍ଷ ମ୍ୟାଚ୍‌ରେ ସେ କ୍ୟାରିୟରର ପଞ୍ଚମ ଦ୍ୱିଶତକ ହାସଲ କରିବା ସହ ପ୍ରଥମଶ୍ରେଣୀ କ୍ରିକେଟରେ ୫ ହଜାର ରନ ପୂରଣ କରିଛନ୍ତି। ସିଏସ୍‌କେରେ ଧୋନୀଙ୍କ ସହ ଖେଳିବା ସୁଯୋଗ ପାଇଥିବାରୁ ନିଜକୁ ଭାଗ୍ୟବାନ ମନେ କରୁଛନ୍ତି ସର୍ଫରାଜ। "ମୁଁ ବର୍ତ୍ତମାନ ଥଣ୍ଡା ମିଜାଜ୍‌ରେ ରହିବାକୁ ଉଦ୍ୟମ କରୁଛି। ଆସନ୍ତା କାଲି କ'ଣ ହେବ, ମୋତେ ଜଣା ନାହିଁ। ମୋତେ କେବଳ ଜଣା ଅଛି ଯେ, ମୋତେ ଘରକୁ ଯିବାର ଅଛି ଓ ବାପାଙ୍କ ସହ ସମୟ ବିତାଇବାର ଅଛି। ମୁଁ ଭବିଷ୍ୟତ ବିଷୟରେ ଅଧିକ ଚିନ୍ତା କରେ ନାହିଁ। ମୁଁ ଯାହା ଦୀର୍ଘ ବର୍ଷ ହେଲା କରିଆସୁଛି ତାହା ମୋତେ ଜଣା ଅଛି। ସିଏସ୍‌କେ ଦଳରେ ନିଆଯାଇଥିବାରୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି। କଦାପି ସିଏସ୍‌କେ ପାଇଁ ଖେଳିବି ବୋଲି ଚିନ୍ତା କରି ନ ଥିଲି। ଧୋନୀଙ୍କ ଭଳି କିମ୍ବଦନ୍ତୀଙ୍କ ସହ ଖେଳିବା ମୋର ସ୍ୱପ୍ନ। ମୁଁ ଆର୍‌ସିବିରେ ବିରାଟ କୋହଲିଙ୍କ ସହ ଖେଳିଛି। ରୋହିତ ଶର୍ମାଙ୍କ ସହ ଟେଷ୍ଟ ମ୍ୟାଚ୍ ଖେଳିଛି। ଧୋନୀ ଭାରତୀୟ ଦଳ ଛାଡ଼ିବା ପରେ ତାଙ୍କ ସହ କଦାପି ଖେଳିବାକୁ ସୁଯୋଗ ପାଇବି ଚିନ୍ତା କରି ନ ଥିଲି। କିନ୍ତୁ ଅକ୍ସନରେ ମୁଁ ଅନସୋଲ୍ଡ ରହିବା ପରେ ସିଏସ୍‌କେ ମୋତେ ବାଛିଥିଲା। ଏଥିଯୋଗୁ ମୁଁ ନିଜକୁ ଭାଗ୍ୟବାନ ମନେ କରୁଛି'' ବୋଲି ସର୍ଫରାଜ କହିଛନ୍ତି।



# ବିଚକ୍ଷଣ ଗୋଲକିପର



ଭାରତୀ ଭୂଷଣ ମିଶ୍ର

## ଅଲିମ୍ପିକ୍ସ ହକିରେ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ପଦକ ହାସଲ ସବୁ ଖେଳାଳିଙ୍କ ଭାଗ୍ୟରେ ସମ୍ଭବ ହୋଇ ନ ଥାଏ। ମାତ୍ର ଏପରି ସୌଭାଗ୍ୟର ଅଧିକାରୀ ଥିଲେ କ୍ୟାପ୍‌ଟେନ ଶଙ୍କର ଲକ୍ଷ୍ମଣ। ସେ ଥିଲେ ଜଣେ ବିଚକ୍ଷଣ ଗୋଲ୍‌କିପର...

(ଭାଗ-୭)

ଭାରତୀୟ ହକିକୁ ଯେଉଁ ମହାନ୍ ଖେଳାଳିମାନେ ମହତ୍ତର ଅବଦାନ ଦେଇଛନ୍ତି ସେମାନଙ୍କୁ ମନେ ପକାଇବା ଅବସରରେ 'ହକି ଜଗତର ଉଜ୍ଜ୍ୱଳ ତାରକା' ଭାଗ-୧ରେ ହକି ଯାଦୁକର ମେଜର ଧ୍ୟାନ ଚାନ୍ଦ, ୨ରେ ଲେସ୍‌ଲି କ୍ଲଡିୟସ ଓ ଉଦ୍ଧାମ ସିଂ କୁଲର, ୩ରେ ରିଚାର୍ଡ ଜେମ୍‌ସ ଆଲେନ୍ ଓ ରଣଧୀର ସିଂ ଜେଣ୍ଟଲ୍, ୪ରେ କୁଅଁର ଦିଗ୍‌ବିଜୟ ସିଂ ବାବୁ ଓ ଭାଗ-୫ରେ ବଲବୀର ସିଂ ସିନିୟର, ୬ରେ ରଙ୍ଗନାଥନ୍ ଫ୍ରାନ୍ସିସଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରକାଶିତ ହୋଇଛି। ସେହିକ୍ରମରେ ଏଥର ସପ୍ତମ ଭାଗରେ ଶଙ୍କର ଲକ୍ଷ୍ମଣ...

ଭାରତୀୟ ହକି ଆଜି ପର୍ଯ୍ୟନ୍ତ ଯେତେଜଣ ପ୍ରସିଦ୍ଧ ଗୋଲ୍‌କିପରଙ୍କର ଦକ୍ଷତାକୁ ନେଇ ସମୃଦ୍ଧ ହୋଇଛି ସେମାନଙ୍କ ମଧ୍ୟରେ କ୍ୟାପ୍‌ଟେନ୍ ଶଙ୍କର ହେଉଛନ୍ତି ଅନ୍ୟତମ। ତତ୍କାଳୀନ ବ୍ରିଟିଶ ଶାସନାଧୀନ ଭାରତର ମାଳବ ଅଞ୍ଚଳ ଅନ୍ତର୍ଗତ ଇନ୍ଦୋର ଜିଲାରେ ମହୁ ଥିଲା ଗୋଟିଏ କ୍ୟାଣ୍ଟନମେଣ୍ଟ କ୍ଷୁଦ୍ର ସହର। ସେହିଠାରେ ରାଜସ୍ଥାନର ଶେଖାୱତ ସମ୍ପ୍ରଦାୟର କେତେକ ପରିବାର ଆସି ବସବାସ କରୁଥିଲେ। ସେଥିରୁ ଗୋଟିଏ ପରିବାରରେ ୧୯୩୩ ଜୁଲାଇ ୭ରେ ଶଙ୍କର ଲକ୍ଷ୍ମଣଙ୍କର ଜନ୍ମ। ସେଠାରେ ତାଙ୍କର ବିଦ୍ୟାଳୟ ଶିକ୍ଷା ସମାପ୍ତ ହୋଇଥିଲା। ବିଦ୍ୟାଳୟରେ ପଢ଼ିବା ସମୟରେ ସେ ଫୁଟ୍‌ବଲ୍ ଖେଳ ପ୍ରତି ଆକୃଷ୍ଟ ହୋଇ ଖେଳିବା ଆରମ୍ଭ କଲେ। ଅତି ଅଳ୍ପ ଦିନ ମଧ୍ୟରେ ସେ ଏଥିରେ ନିଜର ଦକ୍ଷତା ପ୍ରମାଣିତ କରି ମହୁସ୍ଥିତ କୋଡାରିଆ ଗାଁର ଫୁଟ୍‌ବଲ୍ ଦଳର ଅଧିନାୟକ ବନିଗଲେ। ୧୯୪୭ରେ ଭାରତୀୟ ସେନାରେ ପଦାତିକ ବାହିନୀରେ ଜଣେ ବ୍ୟାଣ୍ଡବାଦକ ଭାବେ ଯୋଗଦେଲେ ଓ ପଞ୍ଚମ ମରାଠା ଲାଇଟ୍ ଇନ୍‌ଫ୍ୟାଣ୍ଟ୍ରି ବାଟାଲିଅନ୍‌ରେ କାର୍ଯ୍ୟାରମ୍ଭ କଲେ।

ସେତେବେଳେ ଭାରତୀୟ ସେନାରେ ହକି ଖେଳକୁ ଯଥେଷ୍ଟ ଗୁରୁତ୍ୱ ଦିଆଯାଉଥିଲା। ସେନାରେ ଯୋଗ ଦେଲା ପରେ ସେ ଭାବିଲେ ଯେ ହକିରେ ନିଜର ଭବିଷ୍ୟତ ଗଢ଼ିବେ। ୧୯୫୫ରେ ସେ ସର୍ଭିସେସ୍ ପାଇଁ ଖେଳିବାର ସୁଯୋଗ ପାଇଲେ ଜଣେ ଗୋଲ୍‌କିପର ଭାବେ । ଅତିଶୀଘ୍ର ନିଜର ଗୋଲ୍‌ରକ୍ଷଣ ଦକ୍ଷତା ପାଇଁ ଯଥେଷ୍ଟ ପ୍ରଶଂସା ସାଉଁଟିଲେ। ଜାତୀୟ ମନୋନାୟନକର୍ତ୍ତାଙ୍କର ଶୁଭଦୃଷ୍ଟି ତାଙ୍କ ଉପରେ ପଡ଼ିଲା ଓ ଅତିଶୀଘ୍ର ୧୯୫୬ ମେଲ୍‌ବୋର୍ନ ଅଲିମ୍ପିକ୍ ପାଇଁ ଭାରତୀୟ ହକି ଦଳରେ ସ୍ଥାନ ପାଇଲେ।

ସେତେବେଳେ ଦଳର ମ୍ୟାନେଜର ଥିଲେ ଏୟାର କମାଣ୍ଡର ଓମ୍‌ପ୍ରକାଶ ମେହେରା ଓ ପ୍ରଶିକ୍ଷକ ଥିଲେ ସରଦାର ହର୍‌ବେଲ ସିଂ। ବଲ୍‌ବୀର ସିଂ ଥିଲେ ଦଳର ଅଧିନାୟକ। ମୋଟ ୧୨ଟି ଦେଶଏହି ଅଲିମ୍ପିକ୍‌ର ହକି ଇଭେଣ୍ଟରେ ଭାଗ ନେଇଥିଲେ। ଏହା ପୂର୍ବରୁ ସ୍ୱାଧୀନ ଭାରତ ୧୯୪୮ ଓ ୧୯୫୨ ଅଲିମ୍ପିକ୍ସରେ ସ୍ୱର୍ଣ୍ଣପଦକ ହାସଲ କରିସାରିଥିଲା। ମେଲ୍‌ବୋର୍ନ ଷ୍ଟାଡିୟମ୍‌ରେ ଚିରାଚରିତ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ସହ ଫାଇନାଲ୍ ମୁକାବିଲା ହେଲା। ଶଙ୍କର ଲକ୍ଷ୍ମଣ ପାକିସ୍ତାନୀ ଫରୱାର୍ଡମାନଙ୍କର ସମସ୍ତ ଆକ୍ରମଣକୁ ଦୃଢ଼ ଭାବେ ପ୍ରତିହତ କରିବାରୁ ପ୍ରଥମାର୍ଦ୍ଧ ଗୋଲ୍ ଶୂନ୍ୟଭାବେ ଶେଷହେଲା। ଦ୍ୱିତୀୟାର୍ଦ୍ଧର ଅଧା ଖେଳ ସମାପ୍ତ ହୋଇଥାଏ। ଭାରତକୁ ଗୋଟିଏ

### ହକି ଜଗତର ଉଜ୍ଜ୍ୱଳ ତାରକା

ଶର୍ଟକର୍ନର ମିଳିଗଲା ଓ ରଣଧୀର ସିଂ ଜେଣ୍ଟଲ ତାକୁ ଗୋଲରେ ପରିଣତ କରିବାରେ କୌଣସି ତ୍ରୁଟି କଲେ ନାହିଁ। ସେହି ଏକମାତ୍ର ଗୋଲ୍‌ରେ ଭାରତ ବିଜୟୀ ହୋଇ ସ୍ୱାଧୀନତା ପ୍ରାପ୍ତି ପରେ କ୍ରମାଗତ ତୃତୀୟ ସ୍ୱର୍ଣ୍ଣ ପଦକ କଲା ହକିରେ। ଶଙ୍କର ଲକ୍ଷ୍ମଣ ତାଙ୍କର ବିଚକ୍ଷଣ ଗୋଲ୍ ରକ୍ଷଣ ପାଇଁ ଉଚ୍ଚ ପ୍ରଶଂସିତ ହେଲେ ସମସ୍ତ କ୍ରୀଡ଼ାପ୍ରେମୀଙ୍କ ମହଲରେ।

ଏହାପରେ ୧୯୫୮ରେ ଟୋକିଓ ସହରରେ ଅନୁଷ୍ଠିତ ହେଲା ଏସୀୟ କ୍ରୀଡ଼ା। ଶଙ୍କର ଲକ୍ଷ୍ମଣ ମଧ୍ୟ ଜାତୀୟ ଦଳରେ ସ୍ଥାନ ପାଇ ଏହି ପ୍ରତିଯୋଗିତାରେ ସାମିଲ ହେଲେ। ଭାରତ, ପାକିସ୍ତାନ, ଦକ୍ଷିଣ କୋରିଆ, ମାଳୟ (ମାଲେସିଆ) ଓ ଜାପାନ ଆଦି ପାଞ୍ଚଟି ଦେଶ ଏଥିରେ ଅଂଶଗ୍ରହଣ କଲେ। ରାଉଣ୍ଡ ରବିନ୍ ପଦ୍ଧତିରେ ଟୁର୍ନାମେଣ୍ଟ ଖେଳାଗଲା। ସ୍ୱର୍ଣ୍ଣ ପଦକର ନିର୍ଣ୍ଣୟ ମ୍ୟାଚ ୦-୦ ଗୋଲ୍‌ରେ ଅମୀମାଂସିତ ରହିଲା ଭାରତ ଓ ପାକିସ୍ତାନ ମଧ୍ୟରେ। ଯଦିଓ ଉଭୟ ଭାରତ ଓ ପାକିସ୍ତାନ ୩ଟି ବିଜୟ ଓ ଗୋଟିଏ ଡ୍ର ହାସଲ କରିଥିଲେ କିନ୍ତୁ ଉନ୍ନତ ଗୋଲ୍ ବ୍ୟବଧାନ ପାଇଁ ପାକିସ୍ତାନକୁ ବିଜେତା ଘୋଷଣା କରାଗଲା। ପ୍ରଥମ ଥର ପାଇଁ ଭାରତକୁ ହକିରେ ରୌପ୍ୟପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଲା। ଏହିଠାରୁ ଅନ୍ତର୍ଜାତୀୟ ହକିରେ ପାକିସ୍ତାନର ଉତ୍‌ଥାନ ହେଲା ବୋଲି ଧରାଯାଏ। ଭାରତର ଆଧିପତ୍ୟ ହାସଲ ନିମନ୍ତେ ପାକିସ୍ତାନ ପ୍ରଧାନ ପ୍ରତିବନ୍ଧକ ରୂପେ ପରିଗଣିତ ହେଲା। ୧୯୬୦ରେ ଇଟାଲୀର ରୋମ୍ ନଗରୀରେ ଅନୁଷ୍ଠିତ ହେଲା ପରବର୍ତ୍ତୀ ଅଲିମ୍ପିକ୍ କ୍ରୀଡ଼ା। ହକି ଯାଦୁକର ଧ୍ୟାନଚାନ୍ଦଙ୍କ ପ୍ରଶିକ୍ଷଣ ଓ ଆଙ୍ଗ୍ଲୋ-ଭାରତୀୟ ତାରକା ଲେସ୍‌ଲି ୱାଲ୍‌ଟର କ୍ଲଡିୟସଙ୍କ ଅଧିନାୟକତ୍ୱରେ ଭାରତୀୟ ହକି ଦଳ ଏଥିରେ ଅଂଶଗ୍ରହଣ କଲା। ମୋଟ ୧୬ଗୋଟି ଦେଶ ଏଥିରେ ଅଂଶଗ୍ରହଣ କଲେ ହକିରେ। ସେପ୍ଟେମ୍ବର ୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହେଲା। ପ୍ରଥମାର୍ଦ୍ଧର ୧୨ଶ ମିନିଟ୍‌ରେ ନାଜିର୍ ଅହମ୍ମଦଙ୍କ ଗୋଲ ବଳରେ ପାକିସ୍ତାନ ବିଜେତା ହେଲା। ଭାରତୀୟମାନଙ୍କ ପାଇଁ ଏହା ଏକ ଜାତୀୟ ଦୁଃଖ ଭାବେ ପରିଗଣିତ ହେଲା ଓ ପ୍ରଥମଥର ପାଇଁ ଭାରତ ଅଲିମ୍ପିକ୍ ହକିରେ ସ୍ୱର୍ଣ୍ଣପଦକୁ ବଞ୍ଚିତ ହୋଇ ରୌପ୍ୟ ପଦକରେ ସନ୍ତୁଷ୍ଟ ହେଲା। ପରେ ୧୯୬୪ରେ ଜାପାନର ଟୋକିଓ ନଗରୀରେ ଅନୁଷ୍ଠିତ ହେଲା ପରବର୍ତ୍ତୀ ଅଲିମ୍ପିକ କ୍ରୀଡ଼ା। ଇନ୍ଦର ମୋହନ ମହାଜନଙ୍କ ତତ୍ତ୍ୱାବଧାନ ଓ ଚରଣଜିତ୍ ସିଂଙ୍କ ଅଧିନାୟକତ୍ୱରେ ଭାରତୀୟ ହକି ଦଳ ଏଥିରେ ଅଂଶଗ୍ରହଣ କରିଥିଲା। ଏହି ଅଲିମ୍ପିକ୍‌ରେ ଭାରତୀୟ ଦଳର ସ୍ୱର୍ଣ୍ଣପଦକ ହାସଲ କରିବା ଉପରେ ପ୍ରଶ୍ନଚିହ୍ନ ଲାଗି ସାରିଥିଲା। କାରଣ ୧୯୬୨ରେ ଇଣ୍ଡୋନେସିଆର ଜାକର୍ତ୍ତାଠାରେ ଅନୁଷ୍ଠିତ ଏସୀୟ କ୍ରୀଡ଼ାରେ ଭାରତକୁ ୨-୦ ଗୋଲ୍‌ରେ ପରାସ୍ତ କରି ପାକିସ୍ତାନ କ୍ରମାଗତ ଦ୍ୱିତୀୟ ଥର ପାଇଁ ଏସୀୟ କ୍ରୀଡ଼ା ସ୍ୱର୍ଣ୍ଣପଦକ ହାସଲ କରିଥିଲା। ତେଣୁ ଭାରତୀୟ କ୍ରୀଡ଼ା ପ୍ରେମୀମାନେ ଆଶଙ୍କାରେ ଥିଲେ। ୧୯୬୪ ଅକ୍ଟୋବର ୨୩ରେ ଭାରତ-ପାକିସ୍ତାନ ଫାଇନାଲ ଅନୁଷ୍ଠିତ ହେଲା। ଦ୍ୱିତୀୟାର୍ଦ୍ଧରେ ମ୍ୟାଚ୍ ଶେଷ ହେବାକୁ ଆଉ ପାଞ୍ଚମିନିଟ୍ ବାକି ଥାଏ। ପାକିସ୍ତାନର ମୁନିର ଅହମ୍ମଦ ଦାର ତାଙ୍କ ପାଦରେ ଗୋଟିଏ ଓ ଶଟ୍‌କୁ ଅଟକାଇବାରୁ ଦଣ୍ଡ ସ୍ୱରୂପ ଭାରତକୁ ଗୋଟିଏ ପେନାଲ୍ଟି ଶୁଟ୍ ମିଳିଲା। ଭାରତର ମହିନ୍ଦର ଲାଲ୍ ତାକୁ ଗୋଲ୍‌ରେ ପରିଣତ କରିବାରୁ ଦୀର୍ଘ ପ୍ରତୀକ୍ଷାର ଅନ୍ତ ଘଟାଇ ଭାରତ ତା'ର ସପ୍ତମ ସ୍ୱର୍ଣ୍ଣ ପଦକ ହାସଲ କଲା। ଭାରତୀୟ ହକିଦଳର ଦଳଗତ ପ୍ରୟାସ ବିଶେଷତଃ ରକ୍ଷଣଭାଗ ଖେଳାଳି ପ୍ରିଥିପାଲ୍ ସିଂ ଯେ କି ଟୁର୍ନାମେଣ୍ଟରେ ୧୧ଟି ଗୋଲ୍ ଦେଇଥିଲେ ଓ ଶଙ୍କର ଲକ୍ଷ୍ମଣଙ୍କର ବିଚକ୍ଷଣ ଗୋଲ୍ ରକ୍ଷା ପ୍ରଶଂସନୀୟ ଥିଲା। ଲକ୍ଷ୍ମଣ ଏହି ଫାଇନାଲ୍‌ର ମ୍ୟାନ୍ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ଏହିପରି ଭାବରେ ଶଙ୍କର ଲକ୍ଷ୍ମଣ ଦୁଇଟି ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ଏପରି ୩ଗୋଟି ଅଲିମ୍ପିକ୍ ପଦକ ହାସଲ କରିବାର ଗୌରବ ଅର୍ଜନ କରିଛନ୍ତି। ଏତଦ୍ ବ୍ୟତୀତ ସେ ମଧ୍ୟ ୧୯୬୬ର ବ୍ୟାଙ୍କକ୍ ଏସୀୟ କ୍ରୀଡ଼ାରେ ଭାରତୀୟ ହକି ଦଳର ନେତୃତ୍ୱ ନେଇ ପାକିସ୍ତାନକୁ ହରାଇ ଭାରତକୁ ଏସୀୟ କ୍ରୀଡ଼ାରେ ପ୍ରଥମ ହକି ସ୍ୱର୍ଣ୍ଣ ପଦକ ହାସଲ କରିବାରେ ପ୍ରମୁଖ ଭୂମିକା ନିଭାଇଥିଲେ। ଜଣେ ଗୋଲ୍ ରକ୍ଷକ ଭାବେ କୌଣସି ଏକ ଅନ୍ତର୍ଜାତୀୟ ହକି ଦଳର ଅଧିନାୟକ ହେବାରେ ସେ ହେଲେ ବିଶ୍ୱର ପ୍ରଥମ ଖେଳାଳି। ୧୯୬୮ରେ ମେକ୍ସିକୋ ଅଲିମ୍ପିକ୍ ପାଇଁ ଭାରତୀୟ ହକି ଦଳରେ ତାଙ୍କୁ ସ୍ଥାନ ନ ମିଳିବାରୁ ମନ ଦୁଃଖରେ ସେ ହକି ଖେଳରୁ ଅବସର ନେଇଥିଲେ। ଜୀବନର ଅନ୍ତିମ ପର୍ଯ୍ୟାୟରେ ତାଙ୍କର ଗୋଟିଏ ଗୋଡ଼ରେ ଘାଆ ହୋଇ ତାହା ଶୁଖିବାର କୌଣସି ସୂଚନା ଦେଲାନି। ଡାକ୍ତରମାନେ ସେହି ଗୋଡ଼କୁ ଅସ୍ତ୍ରୋପଚାର କରି କାଟିବା ପାଇଁ ପରାମର୍ଶ ଦେଇଥିଲେ ମଧ୍ୟ ସେ ତାକୁ ଗ୍ରହଣ ନ କରି ପ୍ରାକୃତିକ ଚିକିତ୍ସା ଜାରି ରଖିଲେ, କିନ୍ତୁ ପରିଶେଷରେ ତାହା ହିଁ ତାଙ୍କ ମୃତ୍ୟୁର କାରଣ ହେଲା। ୨୦୦୬ ଏପ୍ରିଲ ୨୯ରେ ଏହି ମହାନ୍ ଖେଳାଳି ପରଲୋକ ଗମନ କରିଥିଲେ।

### ସମ୍ବର୍ଦ୍ଧନା ଓ ସମ୍ମାନ

* ୧୯୬୪ରେ ସମ୍ମାନଜନକ ''ଅର୍ଜୁନ ପୁରସ୍କାର'' ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକୃଷ୍ଣନଙ୍କଠାରୁ ଗ୍ରହଣ କରିଥିଲେ।
* ୧୯୬୭ ମସିହାରେ ସମ୍ମାନ ଜନକ 'ପଦ୍ମଶ୍ରୀ' ପୁରସ୍କାର ତତ୍କାଳୀନ ରାଷ୍ଟ୍ରପତି ଡକ୍ଟର ଜାକିର ହୁସେନ୍‌ଙ୍କଠାରୁ ଗ୍ରହଣ କରିଥିଲେ।
* ୨୦୧୬ରେ ହକି ଇଣ୍ଡିଆ ଦ୍ୱାରା ତାଙ୍କୁ ମରଣୋତ୍ତର ଭାବେ ମେଜର ଧ୍ୟାନଚାନ୍ଦ ଲାଇଫ ଟାଇମ୍ ଆଚିଭ୍‌ମେଣ୍ଟ ପୁରସ୍କାର ପ୍ରଦାନ କରାଯାଇଥିଲା, ଯାହାକି ପୁତ୍ର ମନୋହର ସିଂ ଶେଖାୱତ୍ ଗ୍ରହଣ କରିଥିଲେ।
* ନିଜର ଅପୂର୍ବ ଗୋଲ୍‌ରକ୍ଷଣ ଦକ୍ଷତା ପାଇଁ ସେ 'Rock of Gibraltor' ନାମରେ ଅନ୍ତର୍ଜାତୀୟ କ୍ଷେତ୍ରରେ ପରିଚିତ ଥିଲେ।
* ମହୁର ଗ୍ୟାରିସନ୍ ଗ୍ରାଉଣ୍ଡକୁ ସେଠାକାର ଇନ୍‌ଫ୍ୟାଣ୍ଟ୍ରି ସ୍କୁଲ୍ ଅନରାରି କ୍ୟାପ୍‌ଟେନ୍ ଶଙ୍କର ଲକ୍ଷ୍ମଣ ଷ୍ଟାଡିୟମ ଭାବେ ନାମିତ କରିଛନ୍ତି।
* ୧୯୬୪ ମସିହାର ପାକିସ୍ତାନ ବିପକ୍ଷ ଅଲିମ୍ପିକ୍ ହକି ଫାଇନାଲ୍ ପୂର୍ବରୁ ପାକିସ୍ତାନର ଚିଫ୍ ଡି ମିଶନ ମେଜର ଜେନେରାଲ ମୁଷା ମତବ୍ୟକ୍ତ କରିଥିଲେ ଯେ ''ଆମକୁ ଯୋଗୀନ୍ଦର ଓ ଶଙ୍କର ଲକ୍ଷ୍ମଣଙ୍କୁ ଦେଇଦିଅ ଆମ୍ଭେମାନେ ତୁମକୁ ହରାଇ ଦେବୁ।''
* ଅଷ୍ଟ୍ରେଲିଆର ଗୋଟିଏ ହକି ମାଗାଜିନ "Hockey Circle" ଲେଖିଥିଲା ଲକ୍ଷ୍ମଣଙ୍କ ପାଇଁ ଯେପରି ହକି ବଲ୍‌ଟି ଗୋଟିଏ ଫୁଟ୍‌ବଲ୍ ଭଳି ଥିଲା।
* ''ପାନ୍ ସିଂ ତୋମାର'' ଚଳଚ୍ଚିତ୍ରରେ ତାଙ୍କର ବିଶେଷ ନାମୋଲ୍ଲେଖ କରାଯିବା ତାଙ୍କ ପ୍ରତିଥିଲା କ୍ରୀଡ଼ାପ୍ରେମୀଙ୍କର ଭଲ ପାଇବାର ଅଶେଷ ନିଦର୍ଶନ।



ଶଙ୍କର ଲକ୍ଷ୍ମଣ



୧୯୬୪ ଅଲିମ୍ପିକ୍ସରେ ଭାରତୀୟ ଦଳ ସ୍ୱର୍ଣ୍ଣ ପଦକ ଜିତିବାପରେ ପୋଡିୟମରେ ଅଭିବାଦନ ଗ୍ରହଣ କରୁଛନ୍ତି ଭାରତୀୟ ଦଳର ଅଧିନାୟକ ଚରଣଜିତ୍ ସିଂ।

### ଫ୍ୟୁଜ୍

ଆଇସିସି ଟି୨୦ ୱାର୍ଲଡ କପ
ଫ୍ୟୁଜ ବାଙ୍ଗଲା ମୁଣ୍ଡ
ଭାରତରେ ଅନସେଫ ତା' ଖେଳାଳି
କହିଥିଲା ଖୋଲି ତୁଣ୍ଡ
ଶୁଣି ଭ୍ୟାଲୁ ଲେସ କାଣ୍ଡ
ଆଇସିସି ଶେଷେ କଳସ ଢାଳିଲା
ଭାଗ୍ୟବାନ ସ୍କଟଲାଣ୍ଡ।

ମଦ ପିଇ ଗାଡି ଚଳାଇ ଭାରତ
ପୂର୍ବତନ କ୍ରିକେଟର
ଜାକବ ମାର୍ଟିନକୁ ଗିରଫ କରିଛି
ଆକୋଟା ପୋଲିସ ବୀର
ଏଠି ଫ୍ରି'ରେ ବୁଲେ ଚୋର
ପେଟ୍ରୋଲ ପରିକା ମଦ ନ ପିଇଲେ
ଚଳେ ନାହିଁ ଗୋଡ଼ କା'ର।

ଟ୍ରାଏଲରେ ଟିମ ଇଣ୍ଡିଆର ପୁଣି
ଫ୍ୟୁଜ ସଞ୍ଜୁ ସାମସନ



ତିଲକର ଅସ୍ତ୍ରୋପଚାରକୁ ନେଇ
ଉଣା ଆମ ସୂର୍ଯ୍ୟ ମନ
ଟିମ ସଦା ବଳୀୟାନ
ଟି ଟ୍ୱେଣ୍ଟିରେ ପୁଣି ଟିମ ଇଣ୍ଡିଆ
ହୋଇବ ନମ୍ବର ୱାନ।

–ସୁବାସ ଚନ୍ଦ୍ର ପ୍ରଧାନ

ଧରିତ୍ରୀ
DHARITRI
ଧରିତ୍ରୀ 52 Years
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୩୦/୨୦୨୬ Bhubaneswar, Friday, January 30/ 2026

# ରିବାକିନା-ସାବାଲେଙ୍କା ଫାଇନାଲ



ମ୍ୟାଚ୍ ଜିତିବା ପରେ ଆରିନା ସାବାଲେଙ୍କା।

ମେଲବୋର୍ନ,୨୯।୧

**ଅଷ୍ଟ୍ରେଲିଆନ୍ ଓପନ ଟେନିସ**

ଚଳିତ ବର୍ଷର ପ୍ରଥମ ଟେନିସ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନର ମହିଳା ସିଙ୍ଗଲ୍ସରେ ଗୁରୁବାର ଟାଇଟଲ ମୁକାବିଲା ସ୍ପଷ୍ଟ ହୋଇଯାଇଛି। ଶନିବାର ଖେଳାଯିବାକୁ ଥିବା ଫାଇନାଲରେ ୱାର୍ଲ୍ଡ ନଂ-୧ ତଥା ୪ ଥରର ଗ୍ରାଣ୍ଡସ୍ଲାମ ଚାମ୍ପିୟନ ଆରିନା ସାବାଲେଙ୍କା ଓ ପୂର୍ବତନ ୱିମ୍ବେଲଡନ ଚାମ୍ପିୟନ ତଥା ପଞ୍ଚମ ସିଡ୍ ଏଲିନା ରିବାକିନା ପରସ୍ପରକୁ ଭେଟିବେ।

ଗୁରୁବାର ରଡ୍ ଲାଭର ଏରେନାରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସ ସେମିଫାଇନାଲରେ ସାବାଲେଙ୍କା ୬-୨, ୬-୩ ସିଧାସଳଖ ସେଟ୍‌ରେ ୟୁକ୍ରେନର ୧୨ତମ ସିଡ୍ ଏଲିନା ସ୍ୱିତୋଲିନାଙ୍କୁ ପରାସ୍ତ କରିଛନ୍ତି। ଏହି ବିଜୟ ସହ ସାବାଲେଙ୍କା ୨୦୦୨ରେ ମାର୍ଟିନା ହିଙ୍ଗିସଙ୍କ ପରେ ପ୍ରଥମ ମହିଳା ଭାବେ ଲଗାତର ଚତୁର୍ଥ ଥର ପାଇଁ ଅଷ୍ଟ୍ରେଲିଆନ ଓପନ ଫାଇନାଲ ଖେଳିବାକୁ ଯାଉଛନ୍ତି। ହିଙ୍ଗିସ ୧୯୯୭ରୁ ୨୦୦୨ ପର୍ଯ୍ୟନ୍ତ ଲଗାତର ରେକର୍ଡ ୬ ଥର ଅଷ୍ଟ୍ରେଲିଆନ ଓପନ ଫାଇନାଲ ଖେଳିଥିଲେ। ବେଲାରୁସର ସାବାଲେଙ୍କା ଚଳିତ ଟୁର୍ନାମେଣ୍ଟରେ ଏପର୍ଯ୍ୟନ୍ତ ଗୋଟିଏ ବି ହେଲେ ସେଟ୍ ହରାଇ ନାହାନ୍ତି। ଗତ ୧୦ ମ୍ୟାଚ୍‌ରେ ଏହା ତାଙ୍କର ଦଶମ ସିଧାସଳଖ ବିଜୟ, ଯାହାକି ତାଙ୍କ ପ୍ରଭୁତ୍ୱକୁ ଦର୍ଶାଉଛି। ଦ୍ୱିତୀୟ ସେମିଫାଇନାଲରେ ରିବାକିନା ୬-୩, ୭-୬(୯/୭) ସେଟ୍‌ରେ ଜେସିକା ପେଗୁଲାଙ୍କୁ ହରାଇଛନ୍ତି। ଏହି ବିଜୟ ଯୋଗୁ ରିବାକିନାଙ୍କୁ ୨୦୨୩ ସଂସ୍କରଣ ଫାଇନାଲରେ ସାବାଲେଙ୍କାଙ୍କଠାରୁ ମିଳିଥିବା ପରାଜୟର ପ୍ରତିଶୋଧ ନେବାକୁ ସୁଯୋଗ ମିଳିଛି।

# ଆର୍‌ସିବିର ପ୍ରଭାବୀ ବୋଲିଂ

ଭଦୋଦରା,୨୯।୧

ଚଳିତ ଓମେନ୍ସ ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଗୁରୁବାର ଖେଳାଯାଇଥିବା ଏକ ଗୁରୁତ୍ୱପୂର୍ଣ୍ଣ ଲିଗ୍ ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଓ ୟୁପି ୱାରିଅର୍ସ ପରସ୍ପରକୁ ଭେଟିଛନ୍ତି। ପ୍ରଥମେ ବ୍ୟାଟିଂ କରିଥିବା ୟୁପି ୱାରିଅର୍ସ ଦୀପ୍ତି ଶର୍ମାଙ୍କ ଅର୍ଦ୍ଧଶତକ ବଳରେ ପ୍ରତିପକ୍ଷ ଆର୍‌ସିବି ସମ୍ମୁଖରେ ୧୪୪ ରନର ଟାର୍ଗେଟ ଛିଡ଼ା କରିଛି।

ପ୍ଲେଅଫ୍‌କୁ କ୍ୱାଲିଫାଏ କରିବା ପାଇଁ ନିଶ୍ଚିତ ବିଜୟ ଆବଶ୍ୟକ କରୁଥିବା ୟୁପି ଆମନ୍ତ୍ରଣ ପାଇ ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ପାଇଁ ଅଧିନାୟିକା ମେଗ ଲାନିଂ ଓ ଦୀପ୍ତି ଶର୍ମା ଭଲ ଆରମ୍ଭ ଦେଇଥିଲେ। ଦୁହେଁ ଓପନିଂ ଉଇକେଟରେ ୮.୧ ଓଭରରେ ୭୪ ରନ ଯୋଡ଼ିଥିଲେ। ନବମ ଓଭରରେ ଲାନିଂ (୪୧ ରନ, ୬ ଚୌକା ଓ ୧ ଛକା)ଙ୍କୁ ନାଦିନେ ଡି କ୍ଲର୍କ ଆଉଟ୍ କରି ଆର୍‌ସିବିକୁ ଗୁରୁତ୍ୱପୂର୍ଣ୍ଣ ବ୍ରେକଥ୍ରୁ ଆଣି ଦେଇଥିଲେ। ଏହି ଯୋଡ଼ି ଭାଙ୍ଗିବା ପରେ ଗୋଟିଏ ପଟେ ଦୀପ୍ତି ଭଲ ବ୍ୟାଟିଂ କରୁଥିବା ବେଳେ ଅନ୍ୟ ପଟେ ଉଇକେଟ ପତନ ଜାରି ରହିଥିଲା। ଦୀପ୍ତି ଅର୍ଦ୍ଧଶତକ ପୂରଣ କରିବା ପରେ ୧୯ତମ ଓଭରରେ ଷଷ୍ଠ ବ୍ୟାଟର ଭାବେ ଆଉଟ୍ ହୋଇଥିଲେ। ସେ ଆଉଟ୍ ହେବା ପୂର୍ବରୁ ୪୩ ବଲରେ ୬ ଚୌକା ଓ ୧ ଛକା ସହିତ ୫୫ ରନ କରିଥିଲେ। ତାଙ୍କ ବ୍ୟତୀତ ହର୍ଲିନ ଦେଓଲ ୧୪ ଓ ସିମରନ ଶେଖ (୧୦)ଙ୍କୁ ଛାଡ଼ି ଦେଲେ ଅନ୍ୟ କେହି ଦୁଇ ଅଙ୍କ ସ୍କୋର ଛୁଇଁପାରି ନଥିଲେ। ଫଳରେ ୟୁପି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ହରାଇ ୧୪୩ ରନ କରିବାକୁ ସକ୍ଷମ ହୋଇଥିଲା। ଆର୍‌ସିବି ପାଇଁ ନାଦିନେ ଡି କ୍ଲର୍କ ସର୍ବାଧିକ ୪ ଉଇକେଟ ନେଇଥିବା ବେଳେ ଗ୍ରେସ ହାରିସ ୨ ଉଇକେଟ ହାତେଇଥିଲେ।



ଅର୍ଦ୍ଧଶତକୀୟ ଇନିଂସ୍ ଅବସରରେ ଦୀପ୍ତି ଶର୍ମା।

**ସଂକ୍ଷିପ୍ତ ସ୍କୋର**

ୟୁପି ୱାରିଅର୍ସ: ୨୦ ଓଭରରେ ୧୪୩/୮ (ଦୀପ୍ତି ଶର୍ମା-୫୫, ମେଗ ଲାନିଂ-୪୧, ନାଦିନେ ଡିନ କ୍ଲର୍କ-୪/୨୨, ଗ୍ରେସ ହାରିସ-୨/୨୨)।


# ଚମକିଲେ ଓଡ଼ିଶା ନାଭାଲ୍ ଟାଟା ହକି ଏଚ୍‌ପିସି କ୍ୟାଡେଟ୍

ଭୁବନେଶ୍ୱର, ୨୯।୧, (ବିଜୟ ରଣା)

**ହକି ଇଣ୍ଡିଆ ଲିଗ**

ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍) ୨୦୨୬ରେ ଓଡ଼ିଶା ନାଭାଲ୍ ଟାଟା ହକି ହାଇ ପରଫର୍ମାନ୍ସ ସେଣ୍ଟର (ଓଏନ୍‌ଟିଏଚ୍‌ଏଚ୍‌ପିସି)ର କ୍ୟାଡେଟ୍‌ମାନେ ଚମତ୍କାର ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏଚ୍‌ଆଇଏଲ୍‌ର ଏହି ସିଜନ୍‌ରେ ଏକାଡେମୀର ମୋଟ ୮ ଜଣ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିବାବେଳେ ସେମାନଙ୍କ ମଧ୍ୟରୁ ୫ ଜଣ ପଦକ ଜିତିବାରେ ସଫଳ ହୋଇଛନ୍ତି।

ଚଳିତ ସିଜନର ଚାମ୍ପିୟନ 'ବେଦାନ୍ତ କଳିଙ୍ଗ ଲାନ୍ସର୍ସ' ଦଳରେ ଓଏନ୍‌ଟିଏଚ୍‌ଏଚ୍‌ପିସିର ତିନି ପ୍ରତିଭାବାନ କ୍ୟାଡେଟ୍ ରୋହିତ କୁଲୁ, ଦୀପକ ପ୍ରଧାନ ଏବଂ ରୋଶନ କୁଜୁର ସାମିଲ ଥିଲେ। ଏଥିସହିତ ରନର୍ସ ଅପ୍ ଦଳ 'ରାଞ୍ଚି ରୟାଲ୍ସ' ପକ୍ଷରୁ ଅନ୍‌ମୋଲ ଏକ୍କା ଏବଂ ବ୍ରୋଞ୍ଜ ପଦକ ବିଜେତା 'ହାଇଦ୍ରାବାଦ ତୁଫାନ୍ସ' ପକ୍ଷରୁ ଇରେଙ୍ଗବାମ ରୋହିତ ସିଂ ଚମତ୍କାର ଖେଳ ପ୍ରଦର୍ଶନ କରିଥିଲେ। ଅଦ୍ରୋହିତ ଏକ୍କା 'ତାମିଲନାଡୁ ଡ୍ରାଗନ୍ସ' ପକ୍ଷରୁ ଖେଳି ହକି ଇଣ୍ଡିଆ ଲିଗ୍‌ରେ ନିଜର ପ୍ରଥମ ଗୋଲ୍‌ସ୍କୋର କରିଛନ୍ତି। ସେହିପରି ଗୋଲକିପର ବିବେକ ଲାକ୍ରା 'ଶ୍ରାଚୀ ବେଙ୍ଗଲ ଟାଇଗର୍ସ' ପକ୍ଷରୁ ଖେଳି ସେ ଏଚ୍‌ଆଇଏଲ୍ ଇତିହାସରେ ସବୁଠାରୁ କମ୍ ବୟସ୍କଖେଳାଳି ଭାବେ ରେକର୍ଡ କଣ୍ଟ୍ରାକ୍ଟ କରି ଇତିହାସ ରଚିଛନ୍ତି। ପ୍ରଦୀପ ମଣ୍ଡଳ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ପକ୍ଷରୁ ଖେଳି ଏକାଡେମୀର ଗୌରବ ବଢ଼ାଇଛନ୍ତି। ଏହି ସଫଳତା ସମ୍ପର୍କରେ ଓଏନ୍‌ଟିଏଚ୍‌ଏଚ୍‌ପିସିର ପ୍ରୋଜେକ୍ଟ ଡାଇରେକ୍ଟର ଗୁର୍‌ମିତ ସିଂ ରାଓ କହିଛନ୍ତି,'ଆମ କ୍ୟାଡେଟ୍‌ମାନେ କଠିନ ପରିସ୍ଥିତିରେ ଯେଉଁଭଳି ପ୍ରଦର୍ଶନ କରିଛନ୍ତି, ତାହା ସମଗ୍ର ଏକାଡେମୀ ପାଇଁ ଏକ ଗର୍ବର ବିଷୟ। ଶୃଙ୍ଖଳିତ ପ୍ରଶିକ୍ଷଣ ଏବଂ କୋଚ୍, ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କ କଠିନ ପରିଶ୍ରମ ଯୋଗୁ ସେମାନେ ଜାତୀୟସ୍ତରରେ ପରିଚୟ ପାଇପାରିଛନ୍ତି। ହକି ଇଣ୍ଡିଆ ଲିଗ୍‌ରେ କ୍ୟାଡେଟ୍‌ଙ୍କ ଏହି ସଫଳତା ପାଇଁ ଓଏନ୍‌ଟିଏଚ୍‌ଏଚ୍‌ପିସି ସେମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ଏଭଳି ଏକ ଉଚ୍ଚସ୍ତରୀୟ ପ୍ରତିଯୋଗିତାମୂଳକ ମଞ୍ଚ ପ୍ରଦାନ କରିଥିବାରୁ ଏଚ୍‌ଆଇଏଲ୍ ଫ୍ରାଞ୍ଚାଇଜ୍‌ସମୂହକୁ ସାଧୁବାଦ ଜଣାଯାଇଛି।



ପଦକ ସହ ନାଭାଲ୍ ଟାଟା ହକି ଏଚ୍‌ପିସିର ୩ ଖେଳାଳି।



ଅଭ୍ୟାସ ଅବସରରେ ଓଡ଼ିଶା ନାନ୍‌ଚାକୁ ଦଳର ଖେଳାଳିମାନେ।

# ଜାତୀୟ ନାନ୍‌ଚାକୁ ପ୍ରତିଯୋଗିତାରେ ଓଡ଼ିଶା ଭାଗନେବ

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ନନ୍‌ଚାକୁ ଆସୋସିଏଶନ ଅଫ ଇଣ୍ଡିଆ ଆନୁକୂଲ୍ୟରେ ଚଳିତ ମାସ ୩୦ରୁ ଫେବୃଆରୀ ୧ ପର୍ଯ୍ୟନ୍ତ ୪ର୍ଥ ଜାତୀୟ ନନ୍‌ଚାକୁ ପ୍ରତିଯୋଗିତା ଉତ୍ତର ପ୍ରଦେଶର କାନପୁରରେ ଅନୁଷ୍ଠିତ ହେବ। ଏଥିରେ ଅଂଶଗ୍ରହଣ ପାଇଁ ଓଡ଼ିଶା ରାଜ୍ୟ ନାନ୍‌ଚାକୁ ସଂଘର ସମ୍ପାଦକ ଦୀପକ କୁମାର ସାମନ୍ତରା, ସନ୍ତୋଷ କୁମାର ମହାରଣା ଓ କୋଷାଧ୍ୟକ୍ଷ ସପନ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ିଶା ଦଳ କାନପୁର ଯାତ୍ରା କରିଛି। ଓଡ଼ିଶା ପୁରୁଷ ଓ ମହିଳା ପ୍ରତିଯୋଗୀମାନେ ହେଲେ ମୁକୁନ୍ଦ ବର୍ଦ୍ଧନ, ଗୋପାଳ ଚନ୍ଦ୍ର କହଁର, କ୍ରିଷ୍ଣା ଶିକାରୀ, ରଞ୍ଜନ କୁମାର ପୃଷ୍ଟି, ବାଇଲୋଚନ ମଲିକ, ଆୟୁଷ ପ୍ରସାଦ ରଥ, ଶୁଭମ୍ ଦଳାଇ, ପ୍ରିୟାଂଶୁ ଶେଖର, କୁନାଲ ପଟ୍ଟନାୟକ, ହାର୍ଦ୍ଦିକ ଦାସ, କ୍ଷୀତିଶ କୁମାର ଯାଦବ, ଓମ୍ ସାଇ ପ୍ରସାଦ, ହରିହର ମହାପାତ୍ର, ଆୟୁଷ୍ମାନ ପୃଷ୍ଟି, ସାନ୍‌ଭି ମିଶ୍ର, ପ୍ରଜ୍ଞା ବର୍ଦ୍ଧନ, ଅଭ୍ୟର୍ଥନା ବରାଳ, ଆରାଧନା ନାୟକ ଓ ମନୁଶ୍ରୀ ବରାଳ। ଅଫିସିଆଲ୍ ଭାବେ ସପନ କୁମାର ମିଶ୍ର ଓ ସୁବାସ ଚନ୍ଦ୍ର ଦଳାଇ ଦଳ ସହ ଯାତ୍ରା କରିଛନ୍ତି। ଉତ୍କଳ କରାଟେ ସ୍କୁଲର ପ୍ରତିଷ୍ଠାତା ହରି ପ୍ରସାଦ ପଟ୍ଟନାୟକ ପ୍ରତିଯୋଗୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମାସ୍କ ପିନ୍ଧି ଖେଳିଲେ ମୁମ୍ବାଇ ଖେଳାଳି

**ମୁମ୍ବାଇ,୨୯।୧(ପି.ଟି.):** ଦିଲ୍ଲୀ ବିପକ୍ଷ ରଣଜୀ ଟ୍ରଫି ମ୍ୟାଚ୍‌ରେ ମୁମ୍ବାଇ ଖେଳାଳି ଅତ୍ୟଧିକ ପ୍ରଦୂଷଣ କାରଣରୁ ମାସ୍କ ପିନ୍ଧି ଖେଳିଥିଲେ। ମ୍ୟାଚ୍‌ର ପ୍ରଥମ ଦିନରେ ଏମ୍‌ସିଏ-ବିକେସି ଗ୍ରାଉଣ୍ଡ ପାଖରେ ନିର୍ମାଣକାର୍ଯ୍ୟ କାରଣରୁ ପ୍ରଦୂଷଣର ସ୍ତର ବୃଦ୍ଧି ପାଇଥିଲା। ଏଥିଯୋଗୁ ମୁମ୍ବାଇ ବ୍ୟାଟର ସର୍ଫରାଜ ଖାନ, ତାଙ୍କ ସାନଭାଇ ମୁଶିର ଖାନ ଓ ସ୍ପିନର ହିମାଂଶୁ ସିଂ ଦିନର ତୃତୀୟ ସେସନରେ ମାସ୍କ ପିନ୍ଧି ଫିଲ୍ଡିଂ କରୁଥିବା ନଜର ଆସିଥିଲେ। ମୁମ୍ବାଇ ସହରର ଏକ୍ୟୁଆଇ(ଏୟାର କ୍ୱାଲିଟି ଇଣ୍ଡେକ୍ସ) ଗୁରୁବାର ୧୬୦ ଥିଲା, ଯାହା କି ପରିସ୍ଥିତିକୁ ଅସ୍ୱାସ୍ଥ୍ୟକର କରି ଦେଇଥିଲା।

# ସମ୍ଭାବ୍ୟ ଖେଳାଳି ତାଲିକାରେ ଓଡ଼ିଶାରୁ ୫

ନୂଆଦିଲ୍ଲୀ,୨୯।୧ (ପି.ଟି.)

**ହକି ପ୍ରୋ ଲିଗ୍**

**ବାଦ୍ ପଡ଼ିଲେ ମନପ୍ରୀତ୍**

ଆସନ୍ତା ମାସରେ ରାଉରକେଲାରେ ଖେଳାଯିବାକୁଥିବା ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ସିଜନ ପାଇଁ ଜାତୀୟ ସିନିୟର ପୁରୁଷ କୋଚିଂ କ୍ୟାମ୍ପର ଆୟୋଜନ କରାଯାଇଛି। ଏଥିପାଇଁ ୩୩ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ପ୍ରକାଶ ପାଇଛି। ଏଥିରେ ଓଡ଼ିଶାର ୫ ଖେଳାଳି ଯଥା ଅମିତ ରୋହିଦାସ, ନିଲମ ସଞ୍ଜୀପ ଖେସ୍, ଅମନଦୀପ ଲାକ୍ରା, ରୋସନ କୁଜୁର ଓ ଶିଳାନନ୍ଦ ଲାକ୍ରାଙ୍କୁ ସ୍ଥାନ ମିଳିଛି।

ଭାରତୀୟ ହକିର ଅନ୍ୟତମ ଜଣାଶୁଣା ଚେହେରା ତଥା ମିଡ୍‌ଫିଲ୍ଡ ଷ୍ଟଲୱାର୍ଟ ମନପ୍ରୀତ୍ ସିଂଙ୍କୁ କିନ୍ତୁ ଦଳରେ ନିଆଯାଇନି। ୩୩ ବର୍ଷୀୟ ଏହି ପୂର୍ବତନ ଭାରତ ଅଧିନାୟକ ଦୁଇ ଅଲିମ୍ପିକ ବ୍ରୋଞ୍ଜ ପଦକ ବିଜେତା ଭାରତୀୟ ଦଳରଯ ଅନ୍ୟତମ ସଦସ୍ୟ ଥିଲେ। ସେ ଆଉ ଗୋଟିଏ ଗେମ୍ ଖେଳିଥିଲେ ସର୍ବାଧିକ ଅନ୍ତର୍ଜାତୀୟ ମ୍ୟାଚ ଖେଳିବାରେ ହକି ଇଣ୍ଡିଆ ସଭାପତି ଦିଲୀପ ତିର୍କୀ(୪୧୨ମ୍ୟାଚ୍)ଙ୍କ ରେକର୍ଡ ସମକକ୍ଷ ହୋଇ ପାରିଥାନ୍ତେ। ଏଫ୍‌ଆଇଏଚ୍ ପ୍ରୋ-ଲିଗ୍ ମ୍ୟାଚ୍‌ଗୁଡ଼ିକ ରାଉରକେଲାରେ ଫେବୃଆରୀ ୧୦ରୁ ୧୫ ପର୍ଯ୍ୟନ୍ତ ଖେଳାଯିବ। ଏହା ପୂର୍ବରୁ କ୍ୟାମ୍ପ ଫେବୃଆରୀ ୧ରୁ ୭ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଦଳରେ ସ୍ଥାନ ପାଇ ନ ଥିବା ଅନ୍ୟ ଜଣାଶୁଣା ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ଗୋଲ୍‌କିପର କ୍ରିଶନ ବାହାଦୂର ପାଠକ। ଗତବର୍ଷ ରାଜଗିରିଠାରେ ଅନୁଷ୍ଠିତ ଜୁନିୟର ଏସିଆକପ୍ ଚାମ୍ପିୟନ ଭାରତୀୟ ଦଳରେ ପ୍ରଭାବୀ ପ୍ରଦର୍ଶନ କରିଥିବା ପ୍ରିନ୍ସଦୀପଙ୍କୁ ସିନିୟର ଦଳକୁ ପଦୋନ୍ନତି ମିଳିଛି। ଦଳରେ ନୂତନ ଖେଳାଳି ଭାବେ ସ୍ଥାନ ପାଇଥିବା ଅନ୍ୟ ଖେଳାଳିମାନଙ୍କ ମଧ୍ୟରେ ଅଛନ୍ତି ପୁଭାନ୍ନା ଚନ୍ଦୁରା ବବି, ୟଶଦୀପ ସିୱାଚ୍ ଓ ଅମନଦୀପ ଲାକ୍ରା।

# ଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ କଟକ

ବନ୍ତ,୨୯।୧ (ହରି ନାରାୟଣ ମହାନ୍ତି)

**ବନ୍ତ କପ୍**

ଭଦ୍ରକ ଜିଲା ବନ୍ତ ବ୍ଲକ୍ ପୁରୁଷୋତ୍ତମପୁରସ୍ଥିତ ନେତାଜୀ ଷ୍ଟାଡିୟମ୍‌ରେ ଚାଲିଥିବା ସର୍ବଭାରତୀୟ କିଶୋର ନାୟକ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ (ବନ୍ତ କପ୍-୨୦୨୬)ର ଗୁରୁବାର ଥିଲା ପ୍ରଥମ ସେମିଫାଇନାଲ ମ୍ୟାଚ୍। ରାଇଜିଂ ଷ୍ଟୁଡେଣ୍ଟ କଟକ ଓ ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ରେଲ୍‌ୱେ ଭଦ୍ରକକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ କଟକ ଫାଇନାଲକୁ ପ୍ରବେଶ କରିଛି। ଟସ୍ ଜିତି ରାଇଜିଂ ଷ୍ଟୁଡେଣ୍ଟ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ୍ ହରାଇ ୧୬୯ ରନ୍ କରିଥିଲା। ଦଳ ପକ୍ଷରୁ ଐଶୁ ଖ୍ରୀଷ୍ଟୋପର ୪୬ ବଲ୍‌ରେ ୭୨ ଓ ସୂର୍ଯ୍ୟକାନ୍ତ ପ୍ରଧାନ ୧୫ ବଲ୍‌ରେ ୩୩ ରନ୍ କରିଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେର ବୋଲର ସାହିଲ ଖାନ୍ ୩ ଉଇକେଟ ନେଇଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେ ୧୪ ଓଭରରେ ସମସ୍ତ ଉଇକେଟ ହରାଇ ୭୩ ରନ୍ କରିଥିଲା। ରାଇଜିଂ ଷ୍ଟୁଡେଣ୍ଟର ବୋଲର ସୂର୍ଯ୍ୟକାନ୍ତ ୪ ଉଇକେଟ ନେଇଥିଲେ। ୯୬ ରନ୍‌ର ବୃହତ୍ ବିଜୟ ସହ ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲକୁ ଉନ୍ନୀତ ହୋଇଛି। ଅଲ୍‌ରାଉଣ୍ଡର ଖେଳ ପ୍ରଦର୍ଶନ ପାଇଁ ରାଇଜିଂ ଷ୍ଟୁଡେଣ୍ଟର ସୂର୍ଯ୍ୟକାନ୍ତଙ୍କୁ ମୁଖ୍ୟ ଅତିଥି ଇଂ. କ୍ଷୀରୋଦ ସାହୁ, ଅନ୍ୟତମ ଅତିଥି ବିଡିଓ ସୀତାକାନ୍ତ ରାଉତ ଓ ନବରଙ୍ଗପୁର ସିଡିଏମ୍‌ଓ ଡା. ମଳୟ କୁମାର ପ୍ରଧାନ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଲଲାଟ କେଶରୀ ନନ୍ଦ, ସେକ୍ ୟାକତ୍ ଅଲ୍ଲୀ, ପୂର୍ଣ୍ଣେନ୍ଦୁ ଜେନା ଓ ମାନସ ବେହୁରିଆ ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସଞ୍ଜୟ କୁମାର ମଜୁମଦାର, ମାନସ ରଞ୍ଜନ ଭୋଇ, ଉତ୍ତମ ନାୟକ, ସ୍କୋରର ଭାବେ ଗୁରୁଦେବ ସେଠୀ, ଜ୍ୟୋତିରଞ୍ଜନ ଜେନା ଓ ପ୍ରକାଶ ଜେନା ଦାୟିତ୍ୱ ତୁଲାଇଥିଲେ।




ଅତିଥିଙ୍କଠାରୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଗ୍ରହଣ କରୁଛନ୍ତି ରାଇଜିଂ ଷ୍ଟୁଡେଣ୍ଟର ସୂର୍ଯ୍ୟକାନ୍ତ ପ୍ରଧାନ।

# ରଣଜୀ ଟ୍ରଫି: ଓଡ଼ିଶା ୨୪୨/୬

ଭୁବନେଶ୍ୱର, ୨୯।୧ (ତପନ ସ୍ୱାଇଁ)

ରଣ୍‌ଜୀ ଟ୍ରଫି କ୍ରିକେଟ ସିଜନ ୨୦୨୫-୨୬ର ଅନ୍ତିମ ଲିଗ୍ ମ୍ୟାଚ ଗୁରୁବାରଠାରୁ ଆରମ୍ଭ ହୋଇଛି। ଜାମସେଦପୁରର କିନାନ୍ ଷ୍ଟାଡିୟମରେ ଅନୁଷ୍ଠିତ ଝାଡ଼ଖଣ୍ଡ ବିପକ୍ଷ ଏଲିଟ ଗ୍ରୁପ୍ 'ଏ' ମ୍ୟାଚରେ ଓଡ଼ିଶା ପ୍ରଥମ ଦିବସ ଶେଷ ବେଳକୁ ୬ ଉଇକେଟ ହରାଇ ୨୪୨ ରନ ସଂଗ୍ରହ କରିଛି। ସ୍ୱସ୍ତିକ ସାମଲ ଓ ଗୋବିନ୍ଦ ପୋଦ୍ଦାର ଅର୍ଦ୍ଧଶତକ ହାସଲ କରି ଓଡ଼ିଶା ସମ୍ମାନ ରଖିଛନ୍ତି। ସୟଦ ତୁଫେଲ ଅହମଦ ଏହି ମ୍ୟାଚରେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି। ଦଳର ସିନିୟର ଖେଳାଳି ବିପ୍ଳବ ସାମନ୍ତରାୟ ତାଙ୍କୁ ଓଡ଼ିଶା ଦଳର କ୍ୟାପ୍ ପ୍ରଦାନ କରିଛନ୍ତି।

## ସ୍ୱସ୍ତିକ-ପୋଦ୍ଦାରଙ୍କ ଶତକୀୟ ଭାଗୀଦାରି

ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିବା ଓଡ଼ିଶା ୩୮ ରନ ମଧ୍ୟରେ ୨ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ଓପନର ସନ୍ଦୀପ ପଟ୍ଟନାୟକ ୭ ଓ ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୦ ରନ କରିବାକୁ ସକ୍ଷମ ହୋଇଥିଲେ। ତେବେ ସ୍ୱସ୍ତିକ ସାମଲ ଓ ଗୋବିନ୍ଦ ପୋଦ୍ଦାର ଶତକୀୟ ଭାଗୀଦାରି ଗଢ଼ି ଇନିଂସ ସମ୍ଭାଳି ନେଇଥିଲେ। ଦୁହେଁ ୩ୟ ଉଇକେଟରେ ୨୨୭ ବଲ୍‌ରୁ ୧୨୨ ରନର ପାର୍ଟନରଶିପ୍ ଗଢ଼ିଥିଲେ। ପୋଦ୍ଦାର ୬୪ ରନ କରିଥିବାବେଳେ ସୌରଭ ଶେଖରଙ୍କ ବଲ୍‌ରେ ଉଇକେଟ କିପର କୁମାର କୁଶାଗ୍ରଙ୍କୁ କ୍ୟାଚ ଦେବାରୁ ଯୋଡ଼ି ଭାଙ୍ଗିଥିଲା। ଆତ୍ମବିଶ୍ୱାସର ସହ ଖେଳି ଶତକ ଆଡ଼କୁ ମୁହାଁଇଥିବା ସ୍ୱସ୍ତିକ କିନ୍ତୁ ୭୯ ରନ କରିଥିବାବେଳେ ସୌରଭଙ୍କ ତୃତୀୟ ଶିକାର ହୋଇଥିଲେ। ମିଡିଲ ଅର୍ଡରରେ ଅନିଲ ପରିଡ଼ା ୧୦ ଓ ସମ୍ବିତ ବରାଳ ୧୦ ରନକରି ଆଉଟ ହେବାରୁ ୨୨୦ ରନ ମଧ୍ୟରେ ଓଡ଼ିଶାର ୬ଷ୍ଠ ଉଇକେଟ ପତନ ଘଟିଥିଲା। ତେବେ ବିପ୍ଳବ ସାମନ୍ତରାୟ ୩୮ ଓ ସାୱନ ପହାରିଆ ୧୨ ରନରେ ଅପରାଜିତ ରହି ଓଡ଼ିଶା ଇନିଂସକୁ ଆଗକୁ ବଢ଼ାଇଛନ୍ତି। ଦୁହେଁ ଅସମାପ୍ତ ୭ମ ଉଇକେଟରେ ୨୨ ରନ ଯୋଗ କରିଛନ୍ତି। ଝାଡ଼ଖଣ୍ଡ ପକ୍ଷରୁ ଦ୍ରୁତ ବୋଲର ସୌରଭ ଶେଖର ୩ଟି, ଅଫ୍ ସ୍ପିନର ଆଦିତ୍ୟ ସିଂ ୨ଟି ଏବଂ ବାମହାତୀ ସ୍ପିନର ଅନୁକୂଳ ରୟ ଗୋଟିଏ ଉଇକେଟ ନେଇଛନ୍ତି। ପିଚ୍ କ୍ରମେ ସ୍ପିନରଙ୍କୁ ସୁହାଉଥିବାରୁ ତୁଫେଲ ନିଜ ପଦାର୍ପଣ ମ୍ୟାଚକୁ ସ୍ମରଣୀୟ କରିବା ସମ୍ଭାବନା ରହିଛି।



ଝାଡ଼ଖଣ୍ଡ ବିପକ୍ଷରେ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଥିବା ସୟଦ ତୁଫେଲ ଅହମଦଙ୍କୁ ବିପ୍ଳବ ସାମନ୍ତରାୟ ଓଡ଼ିଶା ଦଳର କ୍ୟାପ୍ ପ୍ରଦାନ କରୁଛନ୍ତି।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୪୨/୬ (ସ୍ୱସ୍ତିକ ସାମଲ-୭୯, ଗୋବିନ୍ଦ ପୋଦ୍ଦାର-୬୪, ବିପ୍ଳବ ସାମନ୍ତରାୟ-୩୮*, ସୌରଭ ଶେଖର-୩/୩୪, ଆଦିତ୍ୟ ସିଂ-୨/୨୪, ଅନୁକୂଳ ରୟ-୧/୭୮)।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ